ପୃଷ୍ଠା–୧୨+୮ 48

# ଧରିତ୍ରୀ
DHARITRI

୪୮

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୭/୨୦୨୧ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, November 27/2021 | ★★★★★★

୪୮ଶ ଭାଗ ୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





୫୪ **ଧରିତ୍ରୀ** DHARITRI ୪୮

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୭/୨୦୨୧ | Bhubaneswar, Saturday, November 27/2021 | ପୃଷ୍ଠା-୧


# ‘ଏବେ ତୋର ପାଳି’

*ପ୍ରେମ ପାଇଁ ରାକ୍ଷସ ସାଜିଲେ ୨ ସାଙ୍ଗ। ସେମାନେ ଜଣେ ସାଙ୍ଗକୁ ମାରିବା ପରେ ପୋଡ଼ିବାର ଲାଇଭ୍ ରେକର୍ଡିଂ କରିଛନ୍ତି। ନୃଶଂସତା କେବଳ ଏତିକି ନୁହେଁ, ସେମାନେ ଆଉ ଜଣଙ୍କୁ ମଧ ହତ୍ୟା କରିବାକୁ ଧମକ ଦେଇଛନ୍ତି। ‘ଅବ୍ ତେରି ବାରି’ (ଏବେ ତୋର ପାଳି) ବୋଲି ହତ୍ୟା ଅଭିଯୁକ୍ତ କହୁଥିବା ଭିଡିଓ ଭାଇରାଲ ହୋଇଛି। ଗତ ମଙ୍ଗଳବାର ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟେ ଘଟିଥିବା ହତ୍ୟାକାଣ୍ଡର ଭିଡିଓ ଛାତି ଥରାଇ ଦେଉଛି।*


ଭାଇରାଲ ଭିଡିଓରେ ଅଭିଯୁକ୍ତ ଶୁଭମ୍ ସିଂ ହତ୍ୟାରେ ବ୍ୟବହୃତ ଗୁପ୍ତି ଦେଖାଇବାର ଦୃଶ୍ୟ।

**ବଲାଙ୍ଗୀର ଅଫିସ,୨୬।୧୧**

ବଲାଙ୍ଗୀର ସହର ସୁଦପଡ଼ା ନିବାସୀ ବିଶ୍ୱଦେବ ସାହୁ (୨୦)ଙ୍କୁ ହତ୍ୟା କରିଛନ୍ତି ତାଙ୍କର ଦୁଇଜଣ ସାଙ୍ଗ। ସେମାନେ ମୃତଦେହ ଉପରେ ପେଟ୍ରୋଲ ଢାଳି ପୋଡ଼ି ଦେବାର ଦୃଶ୍ୟକୁ ମୋବାଇଲ ଫୋନରେ ରେକର୍ଡିଂ କରି ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ତାହା ମୋବାଇଲରୁ ମୋବାଇଲ ଘୂରି ବୁଲୁଛି। ଭିଡିଓରେ ଦୁଇ ଅଭିଯୁକ୍ତ ସାଙ୍ଗଙ୍କ ତଣ୍ଟି କାଟିବା ପାଇଁ ବ୍ୟବହାର କରିଥିବା ଗୁପ୍ତିକୁ ଦେଖାଇ ଅନ୍ୟ ଜଣେ ଯୁବକଙ୍କୁ ଧମକ ଦେଉଥିବା ଦେଖାଯାଇଛି।

ଗତ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟ ପାଚେରି ନିକଟରେ ଏକ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ତଦନ୍ତ ପରେ ମୃତଦେହ ସୁଦପଡ଼ା ନିବାସୀ ବିଶ୍ୱଦେବ ସାହୁଙ୍କର ବୋଲି ଜଣାପଡିଥିଲା। ତଦନ୍ତ ପରେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୁଇଜଣ ଯୁବକ ସୁଦପଡ଼ାର ଶୁଭମ୍ ସିଂ (୧୯) ଓ ଖଇରାପଡ଼ାର ଅମିତ୍ ମନହୀରା (୨୨)ଙ୍କୁ ☞ପୃଷ୍ଠା–୨

**ହତ୍ୟାକାଣ୍ଡର ଭିଡିଓ ଭାଇରାଲ**

- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟେ ଯୁବକଙ୍କୁ ହତ୍ୟା
- ଦୁଇ ଅଭିଯୁକ୍ତ ଗିରଫ
- ହତ୍ୟା ପଛରେ ପ୍ରେମ, ପୂର୍ବ ଶତ୍ରୁତା

# ଦକ୍ଷିଣ ଆଫ୍ରିକା, ବୋତ୍ସ୍ୱାନା, ହଂକଂରୁ ଆସିଲେ ଟେଷ୍ଟିଂ ବାଧ୍ୟତାମୂଳକ

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ଦକ୍ଷିଣ ଆଫ୍ରିକାରେ କରୋନାର ନୂଆ ଭାରିଆଣ୍ଟ ବା ପ୍ରଜାତି ଚିହ୍ନଟ ହେବାପରେ ଏବେ ଭାରତ ପାଇଁ ଚିନ୍ତା ବଢ଼ିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଓ ରାଜ୍ୟ ସରକାର ସତର୍କ କରାଇଛନ୍ତି। ଡିଏମ୍ଇଟି ରମା ରମଣ ମହାନ୍ତି କହିଛନ୍ତି, ଏବେ ଆନ୍ତର୍ଜାତିକ ଗମନାଗମନ ସ୍ୱାଭାବିକ ହୋଇଥିବାରୁ ଆମ ଦେଶକୁ ଏହି ପ୍ରଜାତି ଆସିବାର ସମ୍ଭାବନା ରହିଛି। ତେବେ ଗାଇଡ୍‌ଲାଇନ ଅନୁସାରେ, ଦକ୍ଷିଣ ଆଫ୍ରିକା, ବୋତ୍ସ୍ୱାନା ଓ ହଂକଂରୁ ଆସିଲେ ସେମାନଙ୍କ ପାଇଁ ଟେଷ୍ଟିଂକୁ ବାଧ୍ୟତାମୂଳକ କରାଯାଇଛି। ଟେଷ୍ଟିଂ ପରେ ଅତି କମ୍‌ରେ ୧୦ ଦିନ ଆଇସୋଲେଶନରେ ରହିବାକୁ ପଡ଼ିବ। ଯଦି କେହି ପଜିଟିଭ୍ ଚିହ୍ନଟ ହୁଅନ୍ତି, ତେବେ ପ୍ରଜାତି ଯାଞ୍ଚ ପାଇଁ ନମୁନା ପଠାଯିବ। ଏପରି ହେଲେ ନୂଆ ପ୍ରଜାତିର ସଂକ୍ରମଣକୁ ରୋକିପାରିବା। ତେବେ ପ୍ରଜାତି ନୂଆ ☞ପୃଷ୍ଠା–୨

**କରୋନାର ନୂଆ ପ୍ରଜାତିକୁ ନେଇ ସତର୍କ କଲେ ସରକାର**






# ନିବେଶକଙ୍କ କ୍ଷତି ୭.୩୫ ଲକ୍ଷ କୋଟି

**ପୁଞ୍ଜିବଜାରକୁ କୋଭିଡ୍ ଭୟ**

**ମୁମ୍ବାଇ, ୨୬।୧୧**

କୋଭିଡ୍–୧୯ର ନୂଆ ଭାରିଆଣ୍ଟ ସାରା ବିଶ୍ୱ ଲାଗି ପୁଣି ଥରେ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ବିଦେଶରେ ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଥିବା ବେଳେ ଏହାର ପ୍ରଭାବ ଶୁକ୍ରବାର ଭାରତୀୟ ପୁଞ୍ଜିବଜାର ଉପରେ ଗଭୀର ଭାବେ ପ୍ରତିଫଳିତ ହୋଇଛି। ବମ୍ବେ ଷ୍ଟକ୍ ବଜାରର (ବିଏସ୍ଇ) ସେନ୍‌ସେକ୍ସ ଏଭଳି କାରଣ ଯୋଗୁ ୧,୬୮୮ ପଏଣ୍ଟ ଖସିଯାଇଛି। ଫଳରେ ନିବେଶକଙ୍କୁ ୭.୩୫ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। ବିଶେଷକରି ବିଦେଶୀ ପୁଞ୍ଜିନିବେଶକମାନେ ସେମାନଙ୍କ ନିବେଶ ଅର୍ଥ ପ୍ରତ୍ୟାହାର କରିବା ଏବଂ ପ୍ରଫିଟ ବୁକିଂ ଯୋଗୁ ବଜାରକୁ ଝଟକା ଲାଗିଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୧୬୮୭.୯୪ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

**ପୁନର୍ଗଠନ ଚିନ୍ତା**







**ଆଜିର ମନ୍ତବ୍ୟ**

ଶାସକ ଦଳ ହୁଅନ୍ତୁ ଅଥବା ବିରୋଧୀ ପ୍ରତ୍ୟେକ ଏମ୍‌ପି ପାର୍ଲାମେଣ୍ଟର ମର୍ଯ୍ୟାଦା ରକ୍ଷାକାରୀ। ପ୍ରତିଦ୍ୱନ୍ଦ୍ୱିତାକୁ ଶତ୍ରୁତା ବିବେଚନା କରିବା ଅନୁଚିତ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:...................................
ଜନ୍ମ ତାରିଖ: ...............................


ରାଜଶ୍ରୀ
ପରିବାରବର୍ଗ


ଆହ୍ଲାଦିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତରଭୁଜ**
**ପୂରୁବ କଥାକୁ ମନେ ହେଜ**
**ପାସୋର ଗଲାଣି କୁଣ୍ଡା ବୋଝ**
**କୁଲା ବିକି ହେଲା ଚାତର**
**ବାପ ବିକୁଥିଲା କୁଲା, ଟୋକେଇ**
**ମାଆ ବିକୁଥିଲା ପତରା।**

ବ୍ୟକ୍ତି ନିଜ ଅତୀତକୁ ଭୁଲି ନ ଯିବା ଉଚିତ। ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇ ଉଠେ, ସେତେବେଳେ ସେ ତା ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରିବସେ। ତେବେ ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରିଆସିଛି, ତାହା ସେ ସ୍ମୃତିରେ ଆଣିବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତୁଣ୍ଡ ଶୁଣେଇ ଯାଉଥାଅ**
**ଭାଇବୋହୂ ହେ ଆଡ଼େଇ ଯାଅ ।**

ସ୍ୱାମୀଙ୍କ ବଡ଼ ଭାଇ ମାନ୍ୟତାରେ ଦେଢ଼ଶୁର ହୋଇଥାନ୍ତି। ତାଙ୍କୁ ସମ୍ମାନ ଜଣାଇ ଭାଇବୋହୂ ମୁଣ୍ଡରେ ଓଢଣୀ ଦେଇଥାଏ। ଲଜ୍ଜାବଶତଃ ମୁହଁ ଉଠେଇ କଥା କହି ନ ଥାଏ, ସାମନାକୁ ଆସିବାରେ ସଂକୋଚ ମଧ୍ୟ କରିଥାଏ। ଭାଇବୋହୂ ସାମନାରେ ନିଜର ଉପସ୍ଥିତି ଜାହିର କରିବା ସହ ସଚେତନ କରେଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ୨ ବାଇକ୍ ଧକ୍କା, ଜଣେ ମୃତ

ଛେଣ୍ଡିପଦା,୨୬।୧୧(ସ୍ୱ.ପ୍ର.)- କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଜରପଡା ଥାନା ସାନ୍ତରାପୁର ଛକଠାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ମରାତିରା ଗ୍ରାମର ସୁବ୍ରତ ବିଶ୍ୱାଳ। ଗୁରୁତରମାନେ ହେଲେ ଡେରଜାଙ୍ଗ ଦେହୁରୀସାହିର ଗୋବିନ୍ଦ ସାହୁ, ଜେରେଙ୍ଗର ବିକାଶ ସାହୁ ଓ ରାଉତାଳ ଗାଁର ବାସୁଦେବ ସାହୁ। ସୂଚନା ଅନୁସାରେ, ବିକାଶ ଓ ଗୋବିନ୍ଦ କୌଣସି କାମରେ ଅନୁଗୋଳରୁ ବାଇକ୍‌ରେ ଘରକୁ ଫେରୁଥିଲେ। ବିପରୀତ ଦିଗରୁ ବାସୁଦେବ ଓ ସୁବ୍ରତ ବାଇକ୍‌ରେ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା।

# ୯୬,୫୦୦ ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

## ଏନ୍‌ଆଇଟି ୱାରଙ୍ଗଲରେ ପଢ଼ିବେ ତାରାଚାନ୍

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ବଲାଙ୍ଗୀର ଜିଲାର ପ୍ରତିଭାବାନ ଛାତ୍ର ତାରାଚାନ୍ ରଣାଙ୍କ ଇଞ୍ଜିନିୟରିଂ ପଢ଼ିବା ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି। ଅର୍ଥାଭାବରୁ ତାଙ୍କ ନାମଲେଖା ପ୍ରକ୍ରିୟାରେ ବାଧା ଉପୁଜିଥିଲା। ଏହା ଜାଣିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କ ପାଇଁ ୯୬,୫୦୦ ଟଙ୍କା ମଞ୍ଜୁର କରିଛନ୍ତି। ତାରାଚାନ୍‌ଙ୍କ ଅର୍ଥାଭାବ ଦୂର ହୋଇଥିବାବେଳେ ୱାରଙ୍ଗଲ୍‌ସ୍ଥିତ ଏନ୍‌ଆଇଟିରେ ପାଠପଢ଼ିବା ପାଇଁ ରାସ୍ତା ପରିଷ୍କାର ହୋଇଛି।

ବଲାଙ୍ଗୀର ଜିଲା ସିନ୍ଧେକେଲା ଅଞ୍ଚଳ ବଡ଼ପଡ଼ା ଗ୍ରାମର ମେଧାବୀ ଛାତ୍ର ହେଉଛନ୍ତି ତାରାଚାନ୍। ବାପା ଉପସୁ ରଣାଙ୍କ ବାର୍ଷିକ ରୋଜଗାର ମାତ୍ର ୪୫ ହଜାର ଟଙ୍କା। ତଥାପି ନିଜର ସ୍ୱପ୍ନ ପୂରଣ କରିବା ପାଇଁ ତାରାଚାନ୍ ଅବିରତ ଉଦ୍ୟମ କରି ଚାଲିଥିଲେ। ଚଳିତବର୍ଷ ଇଞ୍ଜିନିୟରିଂ ପାଇଁ ପ୍ରବେଶିକା ପରୀକ୍ଷା ଜେଇଇ ମେନ୍‌ରେ ୯୯.୩୫% ନମ୍ବର ରଖି ଏନ୍‌ଆଇଟି ୱାରଙ୍ଗଲରେ ପଢ଼ିବା ପାଇଁ ସେ କୃତକାର୍ଯ୍ୟ ହୋଇଛନ୍ତି। ହେଲେ ନାମଲେଖାରେ ଅର୍ଥ ମୁଖ୍ୟ ବାଧକ ସାଜିଥିଲା। ବିଭିନ୍ନ ସୂତ୍ରରୁ ଟଙ୍କା ସଂଗ୍ରହ କରି ସେ ନାମ ଲେଖା ପାଇଁ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି। ବାକି ଅର୍ଥ ଲାଗି ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହା ଜାଣିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କର ଆଡ୍‌ମିଶନ ପ୍ରକ୍ରିୟା ପୂରଣ କରିବା ପାଇଁ ୯୬,୫୦୦ ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରତିଭାବାନ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଏସ୍‌ଡିଜେଏମ୍ କୋର୍ଟରେ ପିଟିଶନ୍, ଆଜି ଶୁଣାଣି

## ନ୍ୟାୟ ପାଇଁ ତପସ୍ୱିନୀଙ୍କ ଧାରଣା ଜାରି

ବ୍ରହ୍ମପୁର ଅଫିସ,୨୬।୧୧-ସ୍ୱାମୀଙ୍କୁ ଫେରି ପାଇବା ଦାବିରେ ବ୍ରହ୍ମନଗରଠାରେ ଶ୍ୱଶୁର ଘର ଆଗରେ ଧାରଣା ଜାରି ରଖିଛନ୍ତି ବୋହୂ ତପସ୍ୱିନୀ ଦାଶ। ତପସ୍ୱିନୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପିଟିସନ୍ ରୁଜୁ କରି ଶ୍ୱଶୁର ଘରେ ରହିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ବ୍ରହ୍ମପୁର ଏସଡିଜେଏମ୍ ଉକ୍ତ ପିଟିସନ୍ ଗ୍ରହଣ କରିଛନ୍ତି। ଶନିବାର ଏହା ଉପରେ ଶୁଣାଣି କରାଯିବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ଶନିବାର କୋର୍ଟରେ ଉଭୟ ପକ୍ଷ ଉପସ୍ଥିତ ରହିବେ। ଛତ୍ରପୁରର ତପସ୍ୱିନୀ ଓ ବ୍ରହ୍ମପୁରର ଯୁବ ଡାକ୍ତର ସୁମିତ କୁମାର ସାହୁ ଗତବର୍ଷ କୋର୍ଟରେ ବିବାହ କରିବା ସହ ଏକାଠି ରହିଥିଲେ। ଗତକିଛି ମାସ ହେବ ଶାଶୁଘର ଲୋକେ ନିର୍ଯାତନା ଦେଇଥିବା ନେଇ ତପସ୍ୱିନୀ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ପରେ ଡାକ୍ତରଙ୍କ ପରିବାର ଲୋକେ ମାମଲା ଉଠାଇବା ପାଇଁ ବୋହୂକୁ ମନାଇବା ସହ ବାହାଘର କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଲଗ୍ନ ଧାର୍ଯ୍ୟ ହେଇଥିବା ଗତ ୨୨ ତାରିଖରେ ବାହାଘର ନ ହେବାରୁ ତପସ୍ୱିନୀ ବଧୂ ବେଶ ହୋଇ ଶ୍ୱଶୁର ଘର ଆଗରେ ଧାରଣା ଦେଇଛନ୍ତି।

# ୟୁପିରେ ବିକାଶର ଗଙ୍ଗା ପ୍ରବାହିତ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ): ଉତ୍ତରପ୍ରଦେଶରେ ଗରିବ କଲ୍ୟାଣ, ସର୍ବସମାଜର ବିକାଶ ଏବଂ ସାଧାରଣ ଲୋକଙ୍କୁ ମିଳିଥିବା ସୁରକ୍ଷାକୁ ନେଇ ଭାଜପା ଚଳିତ ନିର୍ବାଚନ ଲଢ଼ିବ। ଶୁକ୍ରବାର ଉତ୍ତରପ୍ରଦେଶର ମୀରଟଠାରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା ପ୍ରକାଶ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଭାଜପା ଶାସନରେ ଉତ୍ତରପ୍ରଦେଶରେ ଆଇନ ବ୍ୟବସ୍ଥା ଏବଂ ବିକାଶର ନୂଆ ଗଙ୍ଗା ପ୍ରବାହିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ୟୁପି ଜନତା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ସୌଭାଗ୍ୟ ଯୋଜନାରେ ବିଜୁଳି, ପାଇପ୍ ଯୋଗେ ସ୍ୱଚ୍ଛ ପାଣି, କରୋନା ସମୟରେ ନିଃଶୁଳ୍କ ରାଶନ ସହ ଅନେକ ଜନକଲ୍ୟାଣକାରୀ ଯୋଜନାରେ ଲାଭାନ୍ୱିତ ହେଉଛନ୍ତି। ଗରିବ ଲୋକମାନେ ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସାଥିରେ ଅଛନ୍ତି। ଯେଉଁମାନେ ପିଢି ପରେ ପିଢ଼ି ଶାସନ କରିବା ପରେ ମଧ୍ୟ କିଛି ବିକାଶର କାମ କରିନାହାନ୍ତି, ସେମାନେ ଏବେ ଭାଜପା ବିରୋଧରେ ଅପପ୍ରଚାର କରୁଛନ୍ତି। ଦେଶରେ ଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ହୋଇଥିବା ବେଳେ କୃଷକଙ୍କ ଠାରୁ ଧାନ ଓ ଗହମ କିଣାଯାଉଛି। ପିଏମ୍ କୁସୁମ ଯୋଜନାରେ ଚାଷୀଙ୍କୁ ସୋଲାର ପମ୍ପ ଦେବାର ବ୍ୟବସ୍ଥା କରାଯାଇଛି। ଏହିସବୁ ଯୋଜନାକୁ ଚାଷୀ ବୁଝିସାରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ବନ୍ଧୁକ ମୁନରେ ୨୯ଲକ୍ଷ ଲୁଟ୍

ଭଦ୍ରକ ଅଫିସ - ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ଲକ୍ଷ୍ମୀ ନାରାୟଣ ମନ୍ଦିର ନିକଟ ଏସ୍‌ବିଆଇ ଏଟିଏମରେ ଟଙ୍କା ଲୋଡ ବେଳେ ଦୁର୍ବୃତ୍ତମାନେ ଶୁକ୍ରବାର ସନ୍ଧ୍ୟାରେ ବନ୍ଧୁକ ମୁନରେ ୨୯ଲକ୍ଷ ଲୁଟି ନେଇଥିବା ଅଭିଯୋଗ ହୋଇଛି। ୩ ବାଇକ୍‌ରେ ୬ ଲୁଟେରା ଆସି ବନ୍ଧୁକ ଓ ଭୁଜାଲି ଦେଖାଇ ଏହି ଲୁଟ କରିଛନ୍ତି। ଟଙ୍କା ଲୋଡ୍ କରୁଥିବା ୪ କର୍ମଚାରୀଙ୍କୁ ଟାଉନ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି।


**classifieds Everyday 0674-2580101, 2549302**



**SALE**

Vehicle for sale Deal No.- OCY00190G, registration No.- OD 18G0680, PIAGGIO passenger-2019. Contact: Indusind Bank Ltd. (CFD). Tel- 0674-2548977, Mob- 9078076923. D-22383



**SALE**

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22388

**Duplex for sale At- Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22126

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71909

ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । **8908122121.** D-71729

Gharabari residential plot for sale at Balianta, 5k.m. distance from Hanspal, 11k.m. distance from Vani Vihar, immediate possession and registration. 7789912004, 9348577408. D-68284

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

**Bhubaneswar, Patia, Bigbazar 2.5.k.m.distance 1200sqft. 8,40,000/-. Conatct: 8328864710.** D-71740

6BHK duplex 52,00,000/- finishing Hanspal, ready to move simplex 34,00,000/-: 9668194157. D -70977

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1, 2, 3 BHK Simplex / Duplex ଅଛି । 8327785834, 9658122456.** D-71731

**Sum Hospital** ପାଖ ଘଙ୍ଗାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। **7653997595.** D-71737

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Bhubaneswar infocity-2 200ft. road side near Cancer Hospital ପାଖରେ yellowzone ପ୍ଲଟ୍ ମିଳୁଛି। 9337284117.** D-71741

Bhubaneswar ବରମୁଣ୍ଡାରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- (୨୦ଟା ପ୍ଲଟ୍ ବିକ୍ରିହେବ)। 9938016295. D-71745



Single rooms attached toilet near Sisupalgada College, Bhubaneswar. 9437764734, 9556856822. D-70758

10BHK independent house within large compound in Khandagiribari Bhubaneswar for Office/ Hostel/ Godown. 9437055725, 9861067046. D-22391

**To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040.** D-22211

Semi Furnished 2BHK, attached Bathroom near Lingaraj Temple, Bhubaneswar 8,000/-. 9437388990. D-70759

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Ashirvaad Saloon and SPA get good massage for your health tha best therapy. 7077181074. D-71823

Newly open full body massage ladies and gents. 8327740003. D-71824

One hour any therapy by expert therapist @800 only. 9078484455. D-71443

Newly open SPA Offer price @ 599/-, positively health benefits. 8455987557. D-71442

Refreshing your mind and body with the best therapy. 7873794731. D-71907

@1199 full body massage, mind refreshing joint pain, positively give health benefit by expert therapist, ladies/gents. Contact: 7205058838. D-71910

Newly Open Saikrupa Panchakarma Spa positively health benefits with Expert. 8984068077. D-22247


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ନିବେଶକଙ୍କ କ୍ଷତି ...

ପଏଣ୍ଟ (୨.୮୭%) ନିମ୍ନରେ ରହିବା ଯୋଗୁ ୫୭,୧୦୭.୧୫ ପଏଣ୍ଟ ସ୍ତରକୁ ଖସି ଆସିଛି। ଦିନ ମଧ୍ୟରେ ଏହା ୧୮୦୧.୨ ପଏଣ୍ଟ(୩.୦୬%) ନିମ୍ନରେ ଥିଲା। ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୭.୩୫ ଲକ୍ଷ କୋଟି ଟଙ୍କା ହ୍ରାସ ହେବା ଯୋଗୁ ୨୫୮ ଲକ୍ଷ କୋଟି ଟଙ୍କା ସ୍ତରରେ ରହିଛି। ଶୁକ୍ରବାର ୟୁଏସ୍ ଶେୟାର ବଜାର ବନ୍ଦ ରହିଥିବା ବେଳେ ଆଫ୍ରିକୀୟ ଦେଶଗୁଡ଼ିକରେ କରୋନା ନୂଆ ଭାରିଆଣ୍ଟ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ରହିଥିବା ଶେୟାର ବଜାରର କାରବାରକୁ କ୍ଷତି ପହଞ୍ଚାଇଛି ବୋଲି ବିଶେଷଜ୍ଞ କହିଛନ୍ତି। ଭାରତୀୟ ଶେୟାର ବଜାରର ସେନ୍‌ସେକ୍ସ ଏବଂ ନିଫ୍ଟି କାରବାର ପ୍ରାୟ ୩% ନିମ୍ନରେ ରହିଛି। ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ଶେୟାର ୬.୦୧% ହ୍ରାସ ହୋଇଥିବା ବେଳେ ମାରୁତି, ଟାଟା ଷ୍ଟିଲ୍, ଏନ୍‌ଟିପିସି, ବଜାଜ ଫାଇନାନ୍ସ ଏବଂ ଏଚ୍‌ଡିଏଫ୍‌ସି ଭଳି କମ୍ପାନୀଗୁଡ଼ିକର ଶେୟାର ୫.୨୭% ନିମ୍ନରେ ରହିଛି। ନୂଆ ଭାରିଆଣ୍ଟ ବ୍ୟାପିବାକୁ ନେଇ ୟୁରୋପୀୟ ୟୁନିୟନ ଦକ୍ଷିଣ ଆଫ୍ରିକାରୁ ସାମୟିକ ଲାଗି ବିମାନ ଚଳାଚଳ ବନ୍ଦ କରିଛି। ସେହିଭଳି ୟୁରୋପିଆନ ୟୁନିୟନର କିଛି ଦେଶରେ ସମ୍ପୂର୍ଣ୍ଣ ଲକ୍‌ଡାଉନ ଭଳି ସ୍ଥିତି ଦେଖାଯାଇଛି। ନୂଆ ଭାରିଆଣ୍ଟ ବିଶ୍ୱ ବଜାରର ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ସଙ୍କଟ ସ୍ଥିତିକୁ ଠେଲିଦେବ ବୋଲି ନିବେଶକମାନେ ଆଶଙ୍କାରେ ରହିଥିବା ମୋତିଲାଲ ଓସ୍ୱାଲ ଫାଇନାନ୍ସିଆଲ ସର୍ଭିସେସ୍‌ର ଷ୍ଟ୍ରାଟେଜି ମୁଖ୍ୟ ହେମାଙ୍ଗ ଜାନି କହିଛନ୍ତି। ବିଏସ୍‌ଇର ଉଭୟ ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍ ସୂଚକାଙ୍କ ୩.୨୩% ଲେଖାଏ ହ୍ରାସ ହୋଇଛି।

## 'ଏବେ ତୋର ...

ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା। ପ୍ରେମ ବ୍ୟାପାର ଏବଂ ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସଦର ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଥିଲେ। ବିଶ୍ୱଦେବ, ଶୁଭମ୍ ଓ ଅମିତ୍ ହେଉଛନ୍ତି ତିନି ସାଙ୍ଗ। ଏସ୍‌ଡିପିଓ ବାଗ୍‌ଙ୍କ କହିବା ମୁତାବକ ବିଶ୍ୱଦେବ ଓ ଅମିତ୍ ଗୋଟିଏ ଝିଅକୁ ଭଲ ପାଉଥିଲେ। ଏହି ତ୍ରିକୋଣୀୟ ପ୍ରେମ ହିଁ ଉଭୟଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି କରିଥିଲା। ଏହା ସହିତ ଶୁଭମ୍‌ଙ୍କ ଗୋଟିଏ ଭଉଣୀ କିଛିଦିନ ପୂର୍ବରୁ କୁଆଡ଼େ ପଳାଇ ଯାଇଥିଲେ। ଏଥିରେ ବିଶ୍ୱଦେବଙ୍କ ଭୂମିକା ରହିଥିବା ଶୁଭମ୍ ସନ୍ଦେହ କରିଥିଲେ। ତାହାକୁ ନେଇ ଶୁଭମ୍ ଓ ବିଶ୍ୱଦେବଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି ହୋଇଥିଲ। ପରବର୍ତ୍ତୀ ସମୟରେ ଶୁଭମ୍ ଓ ଅମିତ୍ ବିଶ୍ୱଦେବଙ୍କୁ ମାରିଦେବାକୁ ଯୋଜନା କରିଥିଲେ। ତଦନୁଯାୟୀ ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୮ଟାରେ ଶୁଭମ୍ ଏକ ସ୍କୁଟି (ଓଡି୦୩ଜେ ୭୭୫୦)ରେ ବିଶ୍ୱଦେବଙ୍କ ଘରକୁ ଯାଇ ତାଙ୍କୁ ବସାଇ ଆଣିଥିଲେ। ଏହାପରେ ଉକ୍ତ ସ୍କୁଟିରେ ଅମିତ୍‌ଙ୍କୁ ନେଇ ତିନିଜଣ ଯାକ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟ ପାଚେରି ନିକଟ ଜଙ୍ଗଲ ଭିତକୁ ଯାଇଥିଲେ। ସେଠାରେ ଶୁଭମ୍‌ଙ୍କ ସହ କଥାବାର୍ତ୍ତାବେଳେ ବିଶ୍ୱଦେବଙ୍କ ମୁଣ୍ଡକୁ ଅମିତ୍ ଏକ ସକବ୍‌ଜରରେ ପିଟି ଦେଇଥିଲେ। ଏହାପରେ ସେମାନେ ଗୁପ୍ତିରେ ବିଶ୍ୱଦେବଙ୍କ ତଣ୍ଟି କାଟି ହତ୍ୟା କରିବା ସହ ପେଟ୍ରୋଲ ପକାଇ ମୃତଦେହକୁ ପୋଡ଼ି ଦେଇଥିଲେ। ପୋଡ଼ିବା ଦୃଶ୍ୟକୁ ଅଭିଯୁକ୍ତ ଶୁଭମ୍ ମୋବାଇଲ ଫୋନରେ ରେକର୍ଡିଂ କରି ମାରଣାସ୍ତ୍ର ଦେଖାଉଥିବା ଓ ଅନ୍ୟ ଜଣକୁ ଏବେ ତୋର ପାଳି ବୋଲି ଧମକ ଦେଇଥିବା ଦେଖାଯାଇଛି। ବଲାଙ୍ଗୀର ପରି ଛୋଟିଆ ସହରରେ ଏଭଳି ଅପରାଧ ଏବଂ ସୋସିଆଲ ମିଡିଆରେ ଭାଇରାଲ ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଦିଗରେ ପୋଲିସ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

## ଦକ୍ଷିଣ ଆଫ୍ରିକା ...

ହୋଇଥିବାରୁ ଏହାର ଭୟାବହତା ଓ ତୀବ୍ରତା ଜଣାପଡ଼ିନାହିଁ। ତେଣୁ ସତର୍କ ରହିବାକୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ସବୁ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ସେହିଭଳି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ୍ୟ ସମସ୍ତ ଦେଶକୁ ଏ ବାବଦରେ ସୂଚନା ଦେବା ସହ ସତର୍କ କରିଛି। ଯାତାୟାତ କଟକଣାକୁ କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି। ତେବେ ଏସବୁ ଭିତରେ ଓଡ଼ିଶାର ସ୍ଥିତି ଏବେ ଭଲ ଅଛି ବୋଲି ରମା ରମଣ ମହାନ୍ତି କହିଛନ୍ତି। ସେପଟେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪ କୋଟି ୨୫ ଲକ୍ଷ ଡୋଜ୍ କୋଭିଡ଼ ଟିକା ଦିଆଯାଇଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୪ କୋଟି ୨୫ ଲକ୍ଷ ଡୋଜ୍ କୋଭିଡ୍ ଟିକା ମଧ୍ୟରୁ ପ୍ରଥମ ଡୋଜ୍ ୮୫ ପ୍ରତିଶତ ଓ ଦ୍ୱିତୀୟ ଡୋଜ୍ ୪୬ ପ୍ରତିଶତ ରହିଛି। ଅପରପକ୍ଷେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୫୮୧୭୫ ନମୁନା ପରୀକ୍ଷା କରାଯାଇଥିବା ବେଳେ ୨୦ ଜିଲାରୁ ୨୧୯ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ୩୨ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ କହିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୯୬ଜଣ ଥିବାବେଳେ ବାକିସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୫ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୪୮,୨୨୮କୁ ବୃଦ୍ଧି ପାଇଛି। ସେହିଭଳି ରାଜ୍ୟରେ ଆଉ ୨ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଜଣେ ଭୁବନେଶ୍ୱରର ଥିବାବେଳେ ଅନ୍ୟ ଜଣଙ୍କ ଝାରସୁଗୁଡ଼ାର ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୦୩ରେ ପହଞ୍ଚିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୃତ୍ତିକା ନକ୍ଷତ୍ର ସକାଶେ ଜଣେ ବାଲ୍ୟବନ୍ଧୁ ମିଶିବାକୁ ଆସିବାର ସୂଚନା ରହିଛି ; ଯଦ୍ଦ୍ୱାରା କି ଆପଣଙ୍କ କାମ ତାହାଙ୍କ ଦ୍ୱାରା ହାଲୁକା ହୋଇଯିବାର ବହୁତ ସମ୍ଭାବନା ରହିଛି। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଶାରୀରିକ ଅସୁସ୍ଥତା କେତେକ ପ୍ରତିବନ୍ଧକର କାରଣ ହୋଇପାରେ।

**ବୃଷ**
ରୋହିଣୀ ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ପରିସ୍ଥିତି ଜଟିଳ ହେବ ନାହିଁ। ପୂର୍ବଯୋଜନା ଅନୁସାରେ ପ୍ରିୟଜନମାନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ବହୁପୂର୍ବରୁ ପରିକଳ୍ପିତ ନୂତନ ଯୋଜନାରେ କୃତକାର୍ଯ୍ୟ ହେବେ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ରୋହିଣୀ ନକ୍ଷତ୍ର ସକାଶେ ଆଜି ବହୁତ ଭଲ ରହିବ।

**ମିଥୁନ**
ସମ୍ପର୍କୀୟଙ୍କ ସହାୟତାରେ ପାରିବାରିକ ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ ପ୍ରତି ନଜର ଦେଇ କାମ କରନ୍ତୁ, ଅନ୍ୟଥା ପରେ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ପାଖ,ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇଲେ ମଧ୍ୟ କିଛି ଅସୁବିଧା ହେବନି। ଆର୍ଦ୍ରା ନକ୍ଷତ୍ର ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**କର୍କଟ**
ପୁନର୍ବସୁ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ଦିଗରୁ ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିବ। ପରିବାରର ଅନାବଶ୍ୟକ ଖର୍ଚ୍ଚ ସଙ୍ଗକୁ ବିଳମ୍ବିତ କର୍ମ ସକାଶେ ଚିନ୍ତିତ ରହିପାରନ୍ତି। କର୍ମକ୍ଷେତ୍ରରେ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିପାରିଲେ କାମ ହାସଲରେ ସମର୍ଥ ହେବେ।

**ସିଂହ**
ପ୍ରିୟବନ୍ଧୁଟି ସାଧାରଣ କଥାରେ ଅଭିମାନ କରି ଅନ୍ୟ କାହା ମାଧ୍ୟମରେ ଆପଣଙ୍କୁ ମିଶିବାର ପ୍ରଯତ୍ନ କରିବ। ପ୍ରିୟଜନଙ୍କ ସହ ସାଧାରଣ ଟିକିଏ କଥା ହେବା ପାଇଁ ମଧ୍ୟ ଅବସର ପାଇବେ ନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ପୂର୍ବାଫାଲଗୁନୀ ସ୍ୱାର୍ଥତ୍ୟାଗ ପୂର୍ବକ ନିରଳସ କାମ ଜରିଆରେ ପ୍ରଶଂସା ପାଇପାରନ୍ତି।

**କନ୍ୟା**
ଆପଣଙ୍କର କର୍ମକ୍ଷେତ୍ର, ପାରିବାରିକ ସ୍ଥିତି, ବ୍ୟବସାୟ ଓ ଯାତ୍ରା ପ୍ରଭୃତି ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ ହେବ। ଚିତ୍ରା ନକ୍ଷତ୍ର କେତେକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଚିନ୍ତା କରିଥିବା କାମଗୁଡ଼ିକ ଓଲଟା ହେବାର ଆଶଙ୍କା ରହିଛି। ଅନ୍ୟମନସ୍କତା ମଧ୍ୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**ତୁଳା**
ଶୁଭଭାବସ୍ଥ ବୃହସ୍ପତିଙ୍କ ପ୍ରଭାବରୁ ଅର୍ଥ, ସମ୍ମାନ ପ୍ରାପ୍ତି ସହ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆଜି ବିଶାଖା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଅର୍ଥ ସମସ୍ୟାକୁ କେନ୍ଦ୍ରକରି ଟେନ୍ସନ ବଢ଼ିଯିବ। ପରିବାର ଭିତରେ କିଛି କହି ପାରୁ ନ ଥିବେ କିମ୍ବା କରିବାର ମଧ୍ୟ ଉପାୟ ନ ଥିବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ।

**ବିଛା**
ଅନୁରାଧା ନକ୍ଷତ୍ର ସକାଶେ ଅତୀତର କୃତ କର୍ମ ସକାଶେ ଅନୁତାପ କରିବାକୁ ପଡ଼ିବ। ପୁନଶ୍ଚ ଘରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପୂର୍ବରାଗକୁ ଶୁଖାଇବାକୁ ଯାଇ ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ।

**ଧନୁ**
ମଳା ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ ଏବଂ କୌଣସି କାମ କରିବାକୁ ଇଚ୍ଛା ମଧ୍ୟ ନ ହୋଇପାରେ। କୌଣସି ଯୋଜନାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଅଫିସ୍‌ରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର**
ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇପାରେ। ଉତ୍ତରଷାଢ଼ା ନକ୍ଷତ୍ରର କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଜମିଜମା ବିବାଦର ସମାଧାନ ଆଜି ଅପରାହ୍ନରେ ହୋଇପାରିବ।

**କୁମ୍ଭ**
ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଏବଂ ଆନୁଷଙ୍ଗିକ ସୁବିଧା ସୁଯୋଗ ଅବଶ୍ୟ ପାଇବେ। ପୂର୍ବଭାଦ୍ରବ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଆର୍ଥିକ ସ୍ଥିତି ସୁଦୃଢ ରହିବ। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମୀନ**
ସକାଳୁ ସକାଳୁ ଶୁଭ ଖବର ପାଇ ମନୋବଳ ବୃଦ୍ଧି ପାଇବ। କିନ୍ତୁ ଉତ୍ତରଭାଦ୍ରବ ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁଁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପ୍ରତ୍ୟେକ ସ୍ତରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି ।

ଧରିତ୍ରୀ DHARITRI
ଶନିବାର, ୨୭ ନଭେମ୍ବର, ୨୦୨୧

ପ୍ରେମର ସାମର୍ଥ୍ୟ ଯୋଗୁ ଏବଂ ଆତ୍ମଦାନର ପ୍ରେରଣା ଯୋଗୁ ମନୁଷ୍ୟ ଦେବତାମାନଙ୍କ ସହ ସମାନ କ୍ଷମତାର ଅଧିକାରୀ ହୋଇପାରେ। କିନ୍ତୁ ସେ ଯେତେବେଳେ ନିଜର ଅହଂକାର ଓ ସ୍ୱାର୍ଥପରତାରୁ ମୁକ୍ତ ହୁଏ– ସେତେବେଳେ ସେ ଦେବତାଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ହୋଇପାରେ। –ଶ୍ରୀମା



# ପୁନର୍ଗଠନ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍ଓ) ନୀତି ଆୟୋଗ ଉପରେ କଡ଼ା ନଜର ରଖିଛି ଓ ଗଠନ ହେବାର ୬ ବର୍ଷ ମଧ୍ୟରେ ଏହାର ପ୍ରଦର୍ଶନ କିଭଳି ରହିଛି ସେ ସମ୍ପର୍କରେ ସମୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଇଛି। ଗଠନ ସମୟରେ ନୀତି ଆୟୋଗର ଲକ୍ଷ୍ୟ ଯାହା ଥିଲା ତଦନୁଯାୟୀ ଏହା କାର୍ଯ୍ୟ କରିପାରୁ ନାହିଁ ବୋଲି ମତ ପ୍ରକାଶ ପାଉଥିବାରୁ ଏହା ଉପରେ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି। ସରକାର ଏକ ସମୀକ୍ଷା କମିଟି ଗଠନ କରି ଏଥିରେ ଦକ୍ଷ ତଥା ସ୍ୱଚ୍ଛ ପ୍ରତିଭାମାନଙ୍କୁ ସ୍ଥାନ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ପୂର୍ବତନ ଦୂରସଞ୍ଚାର ସଚିବ ଅରୁଣ ସୁନ୍ଦରାଜନ ଏବଂ ପରିବେଶ ସଚିବ ରାମେଶ୍ୱର ଗୁପ୍ତାଙ୍କ ସହ କ୍ୱାଲିଟି କାଉନ୍ସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଅଦିଲ ଜୈନୁଲଭାଇ, ବେନ୍ କ୍ୟାପିଟାଲର ଅମିତ ଚନ୍ଦ୍ରା, ଅଭାନ୍ସା କ୍ୟାପିଟାଲ୍‌ର ଅଞ୍ଜଳି ବନ୍‌ସାଲ ଏବଂ ଗ୍ଲୋବାଲ ଆଲାଏନ୍ସ ଫର୍ ମାସ୍ ଏଣ୍ଟରପ୍ରାଇଜେସ୍‌ର ରବି ଭେଙ୍କଟେସନଙ୍କ ଭଳି କର୍ପୋରେଟ ଲିଡରମାନେ ଅନ୍ତର୍ଭୁକ୍ତ। ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିଆ ଅଚାନକ ଇସ୍ତଫା ଦେବା ପରେ ରାଜୀବ କୁମାରଙ୍କୁ ସେହି ପଦବୀରେ ନିଯୁକ୍ତି ଦିଆଯାଇଥିଲା ଓ ସେତେବେଳେ ନୀତି ଆୟୋଗର ପୁନର୍ଗଠନ କରାଯାଇଥିଲା। ୨୦୧୯ରେ ରାଜୀବ କୁମାରଙ୍କ କାର୍ଯ୍ୟକାଳ ମଧ୍ୟ ବୃଦ୍ଧି କରାଯାଇଥିଲା। ଏହା ପୂର୍ବରୁ ସରକାର ସିଇଓ ଅମିତାଭ କାନ୍ତଙ୍କ କାର୍ଯ୍ୟକାଳ ଜୁନ ୨୦୨୨ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ନୀତି ପ୍ରସଙ୍ଗରେ ଉଭୟ କୁମାର ଏବଂ କାନ୍ତଙ୍କ ପ୍ରମୁଖ ଭୂମିକା ରହିଆସିଛି। ସ୍ପଷ୍ଟ ଜଣାପଡୁଛି, ପ୍ରସ୍ତାବିତ ପୁନର୍ଗଠନ କେବଳ ନବାଗତଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ସମୀକ୍ଷା ଶେଷ ହେବାମାତ୍ରେ ନୀତି ଆୟୋଗରେ ସାମିଲ ହେବେ। ବିଶେଷ କରି ଶିଳ୍ପ ବିକାଶ, ଟେକ୍ନୋଲୋଜି ଏବଂ ନିବେଶ ଉପରେ କୁମାର ଓ କାନ୍ତଙ୍କର ମୁଖ୍ୟ ଭୂମିକା ରହିଛି। କିନ୍ତୁ ସରକାର ଏବେ ଅନୁଭବ କରୁଛନ୍ତି ଯେ ନୀତି ଓ ଯୋଜନା ବିଷୟରେ ନୀତି ଆୟୋଗ ପୂର୍ବାପେକ୍ଷା ରାଜ୍ୟଗୁଡ଼ିକ ସହ ଅଧିକ ଜଡ଼ିତ ହେବା ଆବଶ୍ୟକ। ସରକାର ତାଙ୍କ ଦ୍ୱିତୀୟ ପାଳିର ଦ୍ୱିତୀୟାର୍ଦ୍ଧରେ ପ୍ରବେଶ କରିଥିବାରୁ ବର୍ତ୍ତମାନ ଏକ ଅଧିକ ସକ୍ରିୟ ନୀତି ଆୟୋଗର ପରିକଳ୍ପନା କରାଯାଉଛି। ବାହାର ବିଶେଷଜ୍ଞଙ୍କ ସହ ବିଚାର ବିମର୍ଶ କରି ଏହାକୁ ଏକ ଜ୍ଞାନଭଣ୍ଡାର ଭାବେ ଗଢ଼ିବାର ପଥ ଉନ୍ମୁକ୍ତ ରହିଛି,ଯାହା ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପାଇଁ ଉପଯୋଗୀ ହେବ। ତେବେ ଏହାର ପରାମର୍ଶଗୁଡ଼ିକୁ ବିଶେଷଜ୍ଞ କମିଟି ଚୂଡ଼ାନ୍ତ କରୁଥିବାରୁ ଯେ କୌଣସି ସମ୍ଭାବ୍ୟ ପୁନର୍ଗଠନର ଶେଷ ନିଷ୍ପତ୍ତି ସ୍ପଷ୍ଟତଃ ପିଏମ୍ଓ ଉପରେ ହିଁ ନିର୍ଭର କରେ।

### ନିଯୁକ୍ତି ଅପେକ୍ଷାରେ...

ସରକାର ବର୍ତ୍ତମାନ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ପାଇଁ ଜଣେ ନୂଆ ଅଧ୍ୟକ୍ଷ ଏବଂ ଜଣେ ସଦସ୍ୟ ( ଫାଇନାନ୍ସ) ଚୟନ ଉପରେ ଧ୍ୟାନ ଦେଉଛନ୍ତି। ମୋଦି ସରକାରଙ୍କ ମୂଲ୍ୟାୟନରେ ଏନ୍ଏଚ୍ଏଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜପଥଗୁଡ଼ିକର ଦ୍ରୁତ ନିର୍ମାଣ ସରକାରଙ୍କ ସଫଳତା ହେବ ଏବଂ ସରକାର ଲୋକଙ୍କୁ ଏହା ଦର୍ଶାଇପାରିବେ। ସେଥିପାଇଁ ଏନ୍ଏଚ୍ଏଆଇର ଅଧ୍ୟକ୍ଷ ପଦବୀ ସହ ଅନ୍ୟ ମୁଖ୍ୟ ପଦବୀଗୁଡ଼ିକରେ ନିଯୁକ୍ତିର ଅଧିକ ଅବଶ୍ୟକତା ରହିଛି। ଏନ୍ଏଚ୍ଏଆଇରେ ୨୦୧୫ ଠାରୁ ମୋଟରେ ୮ ଜଣ ଅଧ୍ୟକ୍ଷ ରହିଛନ୍ତି। ଶେଷ ଅଧ୍ୟକ୍ଷ ଥିଲେ ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଏସ.ଏସ୍. ସାନ୍ଧୁ। ସେ ଜୁଲାଇରେ ତାଙ୍କ ମୂଳ କ୍ୟାଡର୍ ଉତ୍ତରାଖଣ୍ଡକୁ ମୁଖ୍ୟ ଶାସନ ସଚିବ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଉ କେତେ ଜଣ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ପ୍ରାୟ କିଛି ମାସ ମଧ୍ୟରେ ଶେଷ ହୋଇଯାଇଥିଲା। ତେବେ ସଦସ୍ୟ( ଫାଇନାନ୍ସ) ପଦବୀ ଦୁଇ ବର୍ଷ ହେବ ଖାଲି ପଡ଼ିଛି। ବିଶେଷ ସୂତ୍ରରୁ ଜଣାପଡ଼ିଛି, ଚୟନ ଲାଗି ନାମ ସୁପାରିସ ପ୍ରକ୍ରିୟା ଚୟନ କମିଟି ଚୂଡ଼ାନ୍ତ କରିବାକୁ ଥିଲେ ବି ସରକାର ଏହି ପ୍ରକ୍ରିୟାକୁ ଅଣଦେଖା କରି ୧୯୯୦–୧୯୯୩ ବ୍ୟାଚ୍ ଅଧିକାରୀମାନଙ୍କ ମଧ୍ୟରୁ ଜଣଙ୍କୁ ନୂଆ ସଦସ୍ୟ (ଫାଇନାନ୍ସ) ଭାବେ ନିଯୁକ୍ତି ଦେଇପାରନ୍ତି। ସେହିଭଳି ଆଜିପର୍ଯ୍ୟନ୍ତ ଏନ୍ଏଚ୍ଏଆଇର କେହି ଜଣେ ହେଲେ ଅଧ୍ୟକ୍ଷ ଚୟନ କମିଟି ବାଟ ଦେଇ ଆସିନାହାନ୍ତି। ଏଥର ମଧ୍ୟ ଅପଏଣ୍ଟମେଣ୍ଟ କମିଟି ଅଫ୍ ଦି କ୍ୟାବିନେଟ୍(ଏସିସି) ଦ୍ୱାରା ସିଧାସଳଖ ନିଯୁକ୍ତି ହେବେ ବୋଲି ଅଧିକ ଆଶା କରାଯାଉଛି।

### ବିନିବେଶରେ ବ୍ୟସ୍ତ

ଏୟାର ଇଣ୍ଡିଆର ବିନିବେଶ ପ୍ରକ୍ରିୟା ଶେଷ ହୋଇଛି। ହେଲେ ବିନିବେଶ ସଚିବ ତୁହିନ କାନ୍ତ ପାଣ୍ଡେଙ୍କୁ ଫୁରସତ ନାହିଁ। ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ସମେତ ପାଞ୍ଚଟି ରାଷ୍ଟ୍ରାୟତ୍ତ କମ୍ପାନୀ ଘରୋଇକରଣ ଟ୍ରାକ୍‌ରେ ରହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହାକୁ ଶେଷ କରାଯିବାର ଲକ୍ଷ୍ୟ ରଖାଯାଇଛି ଓ ଏହି ଦାୟିତ୍ୱର ମୁଖ୍ୟରେ ପାଣ୍ଡେ ଅଛନ୍ତି। ବନସାଲି ଇଞ୍ଜିନିୟରିଂ ପଲିମର୍ସ ଲିମିଟେଡ(ବିଇପିଏଲ୍) ଏବଂ ଶିପିଂ କର୍ପୋରେଶନ ଅଫ୍ ଇଣ୍ଡିଆ( ଏସ୍‌ସିଆଇ)ର ଘରୋଇକରଣ ଶୀଘ୍ର ଶେଷ ହେବ ଏବଂ ୨୦୨୨ ମାର୍ଚ୍ଚ ସୁଦ୍ଧା ଲାଇଫ୍ ଇନ୍‌ସ୍ୟୁରାନ୍ସ କର୍ପୋରେଶନ (ଏଲ୍ଆଇସି) ସ୍ଥାନୀୟ ଶେୟାର ବଜାର ଆଧାରରେ ସୂଚୀଭୁକ୍ତ ହେବ ବୋଲି ପାଣ୍ଡେ ନିଶ୍ଚିତ ଅଛନ୍ତି। ଶେୟାର ବଜାର ଏବେ ଉଚ୍ଚ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଲ୍ଆଇସିର ଆଇପିଓକୁ ଆଗକୁ ବଢାଇନେବା ଲାଗି ଚାହୁଁଛନ୍ତି। କାରଣ,ସରକାରଙ୍କୁ ୪୦,୦୦୦ କୋଟିରୁ ୧ ଟ୍ରିଲିୟନ ପାଣ୍ଠି ଯୋଗାଡ଼ କରିବାରେ ଏହା ସାହାଯ୍ୟ କରିବ। ତେବେ ଶେୟାର ବଜାର ସୂଚୀଭୁକ୍ତ ପ୍ରକ୍ରିୟା ଅତ୍ୟନ୍ତ କଠିନ ଏବଂ ଏହାର ଦାୟିତ୍ୱ ପାଣ୍ଡେ ଓ ଅର୍ଥ ମନ୍ତ୍ରଣାଳୟରେ ତାଙ୍କ ସାଥୀ ଓ ଅନ୍ୟ ମନ୍ତ୍ରଣାଳୟ ଉପରେ ରହିଛି।

Email: dilipcherian@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | | 2 | | |
| 7 | | 9 | | 2 | | | | |
| 2 | 1 | | | | | 8 | 6 | |
| | 6 | | | | | 9 | 2 | |
| 3 | | | | | | | | |
| | 2 | | 6 | 4 | | 7 | | |
| | 9 | | | | | 6 | 7 | |
| 6 | | 5 | | | 7 | 3 | | 9 |
| | | | | | | | | 5 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 4 | 6 | 3 | 9 | 8 | 1 | 7 |
| 6 | 1 | 3 | 8 | 7 | 5 | 9 | 4 | 2 |
| 9 | 8 | 7 | 1 | 2 | 4 | 5 | 6 | 3 |
| 3 | 5 | 6 | 2 | 4 | 8 | 1 | 7 | 9 |
| 2 | 4 | 9 | 7 | 6 | 1 | 3 | 8 | 5 |
| 8 | 7 | 1 | 5 | 9 | 3 | 4 | 2 | 6 |
| 1 | 9 | 2 | 3 | 8 | 7 | 6 | 5 | 4 |
| 4 | 6 | 8 | 9 | 5 | 2 | 7 | 3 | 1 |
| 7 | 3 | 5 | 4 | 1 | 6 | 2 | 9 | 8 |

ଗତକାଲିର ଉତ୍ତର

# ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ସଂସାର ବଡ଼ ବିଚିତ୍ର। ମୁଦ୍ରାର ଦୁଇ ପାର୍ଶ୍ୱ ପରି ଏ ସଂସାରରେ ଉଭୟ ଭଲ ଲୋକ ଏବଂ ଖରାପ ଲୋକ ଅଛନ୍ତି। କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି ଯେ ଭଲ ଲୋକଙ୍କ ସଂଖ୍ୟା ଆସ୍ତେ ଆସ୍ତେ କମିବାକୁ ଯାଉଛି। ଦ୍ରୁତ ଜନସଂଖ୍ୟା ବୃଦ୍ଧି ହେତୁ ମନ୍ଦଲୋକଙ୍କ ପାଖରେ ଭଲ ଲୋକଙ୍କ ପ୍ରାବଲ୍ୟ କମିଯାଉଛି।

ନିକଟ ଅତୀତରେ ଗଣମାଧ୍ୟମରେ ପ୍ରକାଶିତ ଏକ ଖବର ଆମ ମନକୁ ଆନ୍ଦୋଳିତ କଲା। ମିନତୀ ପଟ୍ଟନାୟକ କଟକ ସହରର ସୁତାହାଟ ଅଞ୍ଚଳର ସ୍ଥାୟୀ ବାସିନ୍ଦା। ସେ ଉଭୟ ସ୍ୱାମୀ ଓ ଝିଅକୁ ହରାଇଛନ୍ତି। କିନ୍ତୁ ତାଙ୍କର ଦୁଃଖ ବେଳେ ବାପ ଘର ଲୋକଠାରୁ ଆରମ୍ଭ କରି ଶ୍ୱଶୁର ଘର ଲୋକ କେବେ ବି ସାହା ଭରସା ହୋଇ ନାହାନ୍ତି। କେବଳ ଏକମାତ୍ର ଗୋଟିଏ ରିକ୍ସାବାଲା ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କର ସାହା ଭରସା ହୋଇଆସିଛି। ମିନତୀ ନିଜେ ମଧ୍ୟ କହନ୍ତି ଯେ, ସେ ରିକ୍ସାବାଲା ଓ ତାଙ୍କ ପରିବାରର ସାହାଯ୍ୟ ସହଯୋଗକୁ ଭୁଲି ପାରିବେ ନାହିଁ। ମୃତ୍ୟୁ ପୂର୍ବରୁ ଓକିଲଙ୍କ ପରାମର୍ଶ କ୍ରମେ ସେ ନିଜର ଏକକୋଟି ଟଙ୍କାର କୋଠାଘର ସହିତ ଅନ୍ୟ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସେହି ରିକ୍ସାବାଲାଙ୍କ ନାମରେ ଉଇଲ୍ କରିଯାଇଛନ୍ତି। ତାଙ୍କର ଆଶା ଓ ବିଶ୍ୱାସ ଯେ ତାଙ୍କ ସ୍ୱାମୀ / ଝିଅ ଥିବାବେଳେ ଆପଦ ବିପଦରେ ଏହି ରିକ୍ସାବାଲା ଯେପରି ସାହାଯ୍ୟ କରୁଥିଲେ ; ଭବିଷ୍ୟତରେ ମଧ୍ୟ ସେପରି କରିବେ।

ଯାଜପୁର ଅଞ୍ଚଳର ନନ୍ଦମାଷ୍ଟ୍ରଙ୍କ କଥା କିଏ ନ ଜାଣେ! ତାଙ୍କୁ ୧୦୨ ବର୍ଷ ବୟସ। ବାର୍ଦ୍ଧକ୍ୟ ତାଙ୍କୁ ଅଟକାଇ ପାରିନାହିଁ। ଆଜିକାଲିର ଶିକ୍ଷକମାନଙ୍କୁ ଦେଖିଲେ ସେ ଏକ ନିଆରା ବ୍ୟକ୍ତିତ୍ୱ ବୋଲି ମନେହୁଏ। ଏହି ପରିଣତ ବୟସରେ ସେ ଛୋଟ ପିଲାମାନଙ୍କୁ ଏବଂ ନିରକ୍ଷର ଲୋକମାନଙ୍କୁ ବିନା ପାରିଶ୍ରମିକରେ ପାଠ ପଢ଼ାଉଛନ୍ତି। ନିକଟ ଅତୀତରେ ମହାମହୀମ ରାଷ୍ଟ୍ରପତି ତାଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କଲାବେଳେ ସେ ମଧ୍ୟ ରାଷ୍ଟ୍ରପତିଙ୍କୁ ଆଶୀର୍ବାଦ କଲେ ଏବଂ ରାଷ୍ଟ୍ରପତି ମୁଣ୍ଡ ନୁଆଁଇ ଏହାକୁ ସ୍ୱୀକାର କଲେ।

ମହାତ୍ମା ଟଲଷ୍ଟୟଙ୍କ ଗୋଟିଏ ଗପ ଆମ ମନକୁ ଖୁବ୍ ଛୁଇଁଛି ଏବଂ ପ୍ରଭାବ ମଧ୍ୟ ପକାଇଛି। ଗପଟିର ଶୀର୍ଷକ ହେଉଛି ''ଗୋଟିଏ ଲୋକ ପାଇଁ ଛ'ଫୁଟ ଜମି''। ଜଣେ ବ୍ୟକ୍ତିଙ୍କୁ କୁହାଗଲା ସେ ସୂର୍ଯ୍ୟଉଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାଲି ଚାଲି ଯେତିକି ବାଟ ଅତିକ୍ରମ କରିବେ ; ସେତିକି ଜମି ତାଙ୍କର ହିଁ ହେବ। ଲୋଭ ବଶତଃ ଲୋକଟି ସ୍ୱାସ୍ଥ୍ୟକୁ ଭ୍ରୁକ୍ଷେପ ନ କରି ଅଧିକ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ତାଙ୍କର ଚାଲିବା ଜାରି ରଖିଲେ। ଠିକ୍ ସୂର୍ଯ୍ୟାସ୍ତ ବେଳକୁ ସେ ଟଳି ପଡ଼ିଲେ। ଏତେ ଜମି ଅଧିଗ୍ରହଣ କଲେ କିନ୍ତୁ ମଲାବେଳକୁ ମାତ୍ର ଛ'ଫୁଟ ଜମିରେ ତାଙ୍କୁ କବର ଦିଆଗଲା। ଏହି ଗଳ୍ପର ସାରମର୍ମ ହେଉଛି ଯେ, ମଣିଷ ଯେତେ ସମ୍ପତ୍ତି ଅଧିଗ୍ରହଣ କଲେ ମଧ୍ୟ ମଲାବେଳକୁ ଯେପରି ଶୂନ୍ୟ ହସ୍ତରେ ଆସିଛି ସେହିପରି ଶୂନ୍ୟ ହସ୍ତରେ ଏହି ସଂସାରରୁ ବିଦାୟ ନେବ।

ସେଦିନ ଦୟାନଦୀ ସନ୍ନିକଟରେ ହୋଇଥିବା କଳିଙ୍ଗ ଯୁଦ୍ଧର ଭୟାବହତାକୁ ଅନୁଭବ କରି ସମ୍ରାଟ ଅଶୋକଙ୍କ ମନରେ ଭାବାନ୍ତର ହୋଇଥିଲା ଏବଂ ଅବଶିଷ୍ଟ ଜୀବନ ପାଇଁ ସେ ବୌଦ୍ଧଧର୍ମ ଗ୍ରହଣ କରି ଶାନ୍ତି ଓ ଅହିଂସାର ବାଣୀ ପ୍ରଚାର କରିଥିଲେ। ଆମର ଏହି କଥା କହିବାର ଉଦ୍ଦେଶ୍ୟ ହେଲା କରୋନା ମହାମାରୀ ଦ୍ୱାରା ବହୁଲୋକଙ୍କର ଜୀବନ ଓ ଜୀବିକା ଉଜୁଡ଼ି ଯାଇଛି। କେତେ ନାରୀ ବିଧବା ହୋଇଛନ୍ତି ଏବଂ କେତେ ଅବଳା ନିଜ ପିତାମାତାଙ୍କୁ ହରାଇ ଦୁଃଖରେ ଜୀବନ ଅତିବାହିତ କରିଛନ୍ତି। ଏହାର ପରିସଂଖ୍ୟାନ ଦେବାକୁ ଆମେ ଉଚିତ ମନେକରୁନୁ। ଯାହା ହେଉନା କାହିଁକି ଆମ ସମାଜରେ ଏପରି କିଛି ଲୋକ ଅଛନ୍ତି ; ସେମାନଙ୍କ ମନକୁ ଉପରଲିଖିତ ଭଲ ଲୋକଙ୍କ କଥା ବା କରୋନା ମହାମାରୀ ବିଷୟ ସତେ ଯେପରି ସ୍ପର୍ଶ କରୁନାହିଁ। ପ୍ରତ୍ୟେକ ଦିନ ଖବରକାଗଜ ଓଲଟାଇଲେ ଆମେ ଦେଖୁଛୁ କୋଟିପତି ଅଫିସର ଓ କିରାଣିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ। ସେମାନେ କମ୍ ସମୟରେ କମ୍ ଦରମାରେ କିଭଳି କୋଟି କୋଟି ଟଙ୍କା ଓ ବିପୁଳ ସମ୍ପତ୍ତିର ଅଧିକାରୀ ହୋଇପାରିଲେ ତାହା ଦୁର୍ନୀତି ନିବାରଣ ବିଭାଗ କର୍ତ୍ତୃପକ୍ଷଙ୍କୁ ଆଚମ୍ବିତ କରିଛି।

ଏଠାରେ ଏକ ସତ୍ୟ ଘଟଣାର ଅବତାରଣା କରୁଛି, ପ୍ରସିଦ୍ଧ କଥାକାର ସୁରେନ୍ଦ୍ର ମହାନ୍ତିଙ୍କୁ ଜଣେ ଶିକ୍ଷକ କହିଥିଲେ, ଆଜ୍ଞା! ମୁଁ ଜଣେ ସଚ୍ଚୋଟ ଶିକ୍ଷକ। ଏହାର ଉତ୍ତରରେ ପରିହାସ ଛଳରେ ସ୍ୱର୍ଗତ ମହାନ୍ତି କହିଥିଲେ ବଳଦ ପ୍ରସବ କରିବା ଯାହା ; ତୁମେ ସଚ୍ଚୋଟହେବା ସେଇୟା। ତୁମ ପାଖରେ ଦୁର୍ନୀତି କରିବା ପାଇଁ ସୁଯୋଗ ନାହିଁ ବୋଲି ଏକଥା କହୁଛ। କିନ୍ତୁ ଆଜି ଯଦି ସୁରେନ୍ଦ୍ର ମହାନ୍ତି ବଞ୍ଚିଥାଆନ୍ତେ ସେ ନିଜ ଭ୍ରମସଂଶୋଧନ କରିବାକୁ ବାଧ୍ୟ ହୋଇଥାଆନ୍ତେ ବୋଲି ଆମେ କହୁଛୁ। ମଧ୍ୟାହ୍ନଭୋଜନରେ ଶିକ୍ଷକମାନଙ୍କର ଭୂମିକା ଏବଂ ସ୍କୁଲ ବିଶେଷରେ କାର୍ଯ୍ୟାଳୟ କଣ୍ଟିଜେନ୍ସିକୁ କିଛି ଶିକ୍ଷକ ହଡ଼ପ କରିବା କଥା ଗଣମାଧ୍ୟମରେ ପ୍ରକାଶ ପାଇଛି। ଆମେ ସେ ବିଷୟରେ ଅଧିକା କିଛି କହିବାକୁ ଚାହୁଁନାହୁଁ କିନ୍ତୁ ଏତିକି ମାତ୍ର କହିପାରୁ ସରକାରଙ୍କର ଏପରି କୌଣସି ବିଭାଗ ନାହିଁ ; ଯାହା ଦୁର୍ନୀତିମୁକ୍ତ।

ଆଉ ଗୋଟିଏ ଖବର ମଧ୍ୟ ଆମର ଦୃଷ୍ଟି ଆକର୍ଷଣ କରୁଛି। ପୋଲିସ ଚାକିରି ଦେବା ନାଁରେ ବହୁ କୋଟି ଟଙ୍କା ଠକେଇ ହୋଇଛି ଏବଂ ଠକେଇ କରିଥିବା ଦୁଇଜଣଙ୍କୁ ଗୃହ ବିଭାଗର ଅର୍ଥନୀତି ଅପରାଧ ଶାଖା ଗିରଫ କରିଛି। ଏହିପରି ଭାବେ ଧରା ପଡୁଥିବା ଲାଞ୍ଚୁଆ କିରାଣି, ଅଫିସରଙ୍କ ତାଲିକା ଖୁବ୍ ଲମ୍ବା। ସେଦିନ ଆଲୋଚନା ପ୍ରସଙ୍ଗରେ ମୋ ସହକର୍ମୀ (ବର୍ତ୍ତମାନ ଅବସରପ୍ରାପ୍ତ) ବଟବାବୁ କହିଲେ, ଦୁର୍ନୀତିଟା କୋଉ ନୂଆ କଥା ଯେ, ଆପଣ ଏତେ ବ୍ୟସ୍ତ ବିବ୍ରତ ହେଉଛନ୍ତି। ଟିକିଏ ଅତୀତକୁ ଫେରିଯାଆନ୍ତୁ। ଲର୍ଡ କ୍ଲାଇଭ୍ ମଧ୍ୟ ଲାଞ୍ଚ ଦେଇ ସିରାଜଉଦ୍ଦଲାଙ୍କ ଲୋକଙ୍କୁ କରଗତ କଲାପରେ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତ ଉପରେ ବିଜୟଲାଭ କରିବା ସମ୍ଭବ ହୋଇଥିଲା। ସେ କହିଲେ ଭାଇ! ଯେ ଧରା ପଡୁଛି ସେ ହିଁ ଚୋର। ଲୋକ ପକେଟ୍‌ମାରକୁ ଧରି ଛେଚୁଛନ୍ତି କିନ୍ତୁ ସ୍ପଷ୍ଟ ଦିନ ଦ୍ୱିପ୍ରହରରେ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଲାଞ୍ଚୁଆ ରାଜନେତା ଓ ଅଫିସରଙ୍କୁ ଧରିବା କଷ୍ଟକର ହୋଇପଡୁଛି। କହିବା କଥା ଯେ, ଏମାନଙ୍କ ଆୟ ବହିର୍ଭୂତ ସମ୍ପତ୍ତିକୁ ଧଳା କରିବାକୁ ଯାଇ ବିଭିନ୍ନ ଫନ୍ଦି ଫିକର କରିଥାଆନ୍ତି। ସବୁ ଜାଣୁଥିଲେ ମଧ୍ୟ କେହି ତାଙ୍କର କେଶାଗ୍ର ସ୍ପର୍ଶ କରିପାରନ୍ତି ନାହିଁ। ସେ ପୁଣି କହିଲେ, ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ବହୁ ଦାଗୀ ଅଫିସରଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି ଅଥବା ବାଧ୍ୟତାମୂଳକ ଅବସର ଦେଇଛନ୍ତି। କିନ୍ତୁ ଘଟଣାଟି ଏତିକିରେ ଶେଷହୋଇନାହିଁ। ଆମ ଚାରିପାଖରେ କେତେ ଯେ ଏମିତି ଅପରିଣାମଦର୍ଶୀ ଓ ବିବେକଶୂନ୍ୟ ଲୋକ ଅଛନ୍ତି ତା'ର ସବିଶେଷ ବିବରଣୀ ଆମ ପ୍ରଶାସନ ଦେଇପାରିବ କି ନାହିଁ ସନ୍ଦେହ। ଲୋକେ ନିଜେ ସଚେତନ ନ ହେଲେ ସରକାର ଚାହିଁଲେ ମଧ୍ୟ ଏ ଦିଗରେ ବିଶେଷ କିଛି ସଫଳତା ହାସଲ କରିପାରିବେ ବୋଲି ଆମର ବିଶ୍ୱାସ ହେଉନାହିଁ। ଯୋଉ ଲୋକ ଧରାପଡି ଜେଲ୍ ଯାଉଛନ୍ତି, ସେମାନଙ୍କ ଇଜ୍ଜତ ତ ବାରଣ୍ଡା ଦି'କଡା ହେଉଛି କିନ୍ତୁ ଏହାର ପ୍ରଭାବ ଅନ୍ୟ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ଉପରେ ପଡୁଛି କି? କହିବା ବାହୁଲ୍ୟ ସେମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅବଶ୍ୟ ଏତିକି ଆମେ କହିପାରୁ ଯେ ଭିଜିଲାନ୍ସ ପାଖରେ ଠୋସ୍ ପ୍ରମାଣ ନ ଥିଲେ ସେ ଏପରି ଧରପଗଡ଼ କରନ୍ତେ ନାହିଁ।

ଆମେ ଏତିକି ମାତ୍ର କହିପାରୁ ଯେ ଦସ୍ୟୁ ରତ୍ନାକର ମଧ୍ୟ ସମୟ କ୍ରମେ ବାଲ୍ମୀକି ଋଷିରେ ପରିଣତ ହୋଇଥିଲେ। ଈଶ୍ୱରଙ୍କ ନିକଟରେ ଏତିକି ମାତ୍ର ନିବେଦନ ଯେ ଆମମାନଙ୍କ ଚିନ୍ତା ଓ ଚେତନାରେ ତଥା ଆଭିମୁଖ୍ୟରେ ପରିବର୍ତ୍ତନ ଆସୁ ଏବଂ ସୁନ୍ଦର ସବୁଜ ସଂସାର ଗଠନ ଦିଗରେ ଆମର ଭୂମିକା ରହୁ।

**ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର, ମୋ:୯୪୩୮୦୭୨୮୫୦**

### ଏଇ ଭାରତରେ

ଆଭିଏଶନ କ୍ୟାରିୟର ଛାଡ଼ି ବଳାତ୍କାର ପୀଡ଼ିତାଙ୍କ ପାଇଁ ନ୍ୟାୟିକ ଲଢ଼େଇ କରୁଛନ୍ତି ଦିଲ୍ଲୀର ଯୋଗିତା ଭାୟାନା। ସେ ବିପର୍ଯ୍ୟୟ ପରିଚାଳନାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ କିଙ୍ଗ୍‌ଫିଶର ଏୟାରଲାଇନରେ ଭଲ ଚାକିରି ପାଇଥିଲେ। ନିର୍ଭୟା ଘଟଣା ପରେ ସେ ଏହି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇ ଚାକିରି ଛାଡ଼ିଥିଲେ। ପରେ ପିପୁଲ ଏଗେନ୍‌ଷ୍ଟ ରେପ୍ ଇନ୍ ଇଣ୍ଡିଆ(ପିଏଆର୍‌ଆଇ–ପରି) ସଂସ୍ଥା ଗଠନ କରି ବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ପ୍ରାପ୍ତି ପାଇଁ ସହଯୋଗ କରୁଛନ୍ତି। ସେ ବହୁ ବଳାତ୍କାର ପୀଡ଼ିତାଙ୍କୁ ସାହାଯ୍ୟ କରିସାରିଲେଣି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଥଇଥାନ ମଧ୍ୟ କରିଛନ୍ତି। ଏହା ପୂର୍ବରୁ ଯୋଗିତା ଡାସ୍ ଚାରିଟେବ୍‌ଲ ଫାଉଣ୍ଡେଶନ ଗଠନ କରି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରୁଥିଲେ। ହେଲେ ନିର୍ଭୟା ଘଟଣା ପରେ ସେ ବିଭିନ୍ନ ଅଞ୍ଚଳର ବଳାତ୍କାର ପୀଡ଼ିତାଙ୍କ ପକ୍ଷରେ କୋର୍ଟରେ ସାକ୍ଷୀ ଭାବେ ଉପସ୍ଥିତ ରହୁଛନ୍ତି ଓ ସେମାନଙ୍କୁ କ୍ଷତିପୂରଣ ପାଇବାରେ ସାହାଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ଆର୍ଥିକ ସ୍ତରରେ ଦୁର୍ବଳ ଥିବା ୧,୦୦୦ରୁ ଅଧିକ ମହିଳାଙ୍କୁ 'ପରି' ମାଧ୍ୟମରେ ଟ୍ୟାକ୍ସି ଡ୍ରାଇଭର ପ୍ରଶିକ୍ଷଣ ଦେଇ ଯୋଗିତା ସେମାନଙ୍କୁ ରୋଜଗାରକ୍ଷମ କରିପାରିଛନ୍ତି।

# ଶବ୍ଦ ପ୍ରଦୂଷଣରୁ ମୁକ୍ତି କେବେ



ଈପ୍ସିତା ମହାନ୍ତି

ଆମ ଦେଶରେ ଯାନବାହନର ହର୍ନ ଓ ବିବାହ ଶୋଭାଯାତ୍ରା ବେଳେ ଡିଜେରୁ ବାହାରୁଥିବା କାନଫଟା ସଙ୍ଗୀତ, ପର୍ବପର୍ବାଣି ଓ ଯାନିଯାତ୍ରା ସମୟର ବାଦ୍ୟଯନ୍ତ୍ର ଓ ଡାକବାଜି ଯନ୍ତ୍ରର ଶବ୍ଦ ଲୋକଙ୍କୁ କେବଳ ବିଚଳିତ କରୁନାହିଁ ବରଂ ଜିଇବା ମୁସ୍କିଲ୍ କରିଚାଲିଛି। ଏସବୁ ଶବ୍ଦ ବା ଧ୍ୱନି ସମସ୍ତ ନୀତିନିୟମକୁ ଗିଳିଦେଇ ସାଧାରଣ ଲୋକଙ୍କ ସୁଖଶାନ୍ତିକୁ ଭଙ୍ଗ କରୁଛି। ଧୀର ବିଷକ୍ରିୟା ଭଳି ଏସବୁ ଶବ୍ଦ ଆମକୁ ପ୍ରତି ମୁହୂର୍ତ୍ତରେ ମାରି ଚାଲିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ବିଷୟରେ ଆମେ ସମ୍ପୂର୍ଣ୍ଣ ଅଜ୍ଞ। ଅଧିକ ଶବ୍ଦ ଯୋଗୁ ଲୋକେ ଆଜି ଆତଙ୍କିତ, ଅବସାଦଗ୍ରସ୍ତ, ଚିନ୍ତାଗ୍ରସ୍ତ ହେବା ସହ ଉଚ୍ଚ ରକ୍ତଚାପ, ଉଦାସୀନତା, ଭୁଲାପଣ ଓ ହୃଦୟ ସମ୍ପର୍କିତ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏକ ତଥ୍ୟ ଅନୁସାରେ ଦିଲ୍ଲୀରେ ପ୍ରତି ୪ଜଣରୁ ଜଣେ ବ୍ୟକ୍ତି ସମୟ ପୂର୍ବରୁ ନିଜ ଶ୍ରବଣ ଶକ୍ତି ହରାଉଛନ୍ତି। ଅର୍ଥାତ ଏଠାରେ ୧୫ବର୍ଷ ବୟସ ହେବା ପୂର୍ବରୁ ଲୋକେ କର୍ଣ୍ଣ ସହ ଜଡ଼ିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେହିଭଳି ସାରାଦିନ ଟ୍ରାଫିକର କୋଳାହଳ ମଧ୍ୟରେ କାର୍ଯ୍ୟ କରୁଥିବାରୁ ମୁମ୍ବାଇର ପ୍ରତି ୧୦ଜଣରୁ ୪ଜଣ ଟ୍ରାଫିକ ପୋଲିସ ଠିକ୍ ଭାବେ ଶୁଣି ପାରନ୍ତି ନାହିଁ। ଆମ ଦେଶର ପ୍ରତ୍ୟେକଟି ଛୋଟବଡ଼ ସହରର ସ୍ଥିତି ଆଜି ଏଭଳି। ସହରଗୁଡ଼ିକରେ ହେଉଥିବା ଶବ୍ଦ ବା ଧ୍ୱନି ପ୍ରଦୂଷଣର ୭୦% କାରଣ ହେଉଛି ଯାନବାହନର ପେଁ ପାଁ ଶବ୍ଦ। କେବେ, କିପରି ଓ କେଉଁଠି ହର୍ନ ବଜାଇବାକୁ ହେବ ବା ନ ହେବ, ସେ ବିଷୟରେ ଅଧିକାଂଶ ଭାରତୀୟ ଜାଣନ୍ତି ନାହିଁ। ରାସ୍ତାରେ ଗଲାବେଳେ ବସ୍, ଟ୍ରକ ଭଳି ଯାନବାହନର ପଛରେ ବଡ଼ବଡ଼ ଅକ୍ଷରରେ ହର୍ନ ପ୍ଲିଜ୍ ଲେଖାଥିବା ଦେଖିଥିବେ। ହର୍ନ ବଜାଇବା ପ୍ରବୃତ୍ତିକୁ ଭାରତୀୟ ଚାଳକ ଯେ କେତେ ଭଲ ପାଆନ୍ତି, ତାହା ଏଥିରୁ ବୁଝିହୁଏ। ଅର୍ଥାତ ଯେଉଁମାନେ ହର୍ନ ବଜାନ୍ତି, ସେମାନଙ୍କୁ ହିଁ ଏଇମାନେ ଆଗକୁ ଯିବା ପାଇଁ ବାଟ ଛାଡନ୍ତି। ତା' ମାନେ ଏହା ହର୍ନ ବଜାଇବା ପାଇଁ ପ୍ରୋତ୍ସାହିତ କଲାଭଳି କଥା।

ବିନା କାରଣରେ ଅବିରତ ଭାବେ ହର୍ନ ବଜାଇବା ସବୁଠାରୁ ଖରାପ ଅଭ୍ୟାସ। ହର୍ନ ବଜାଇବା ସାଧାରଣ ଲୋକଙ୍କ ପାଇଁ ଏହା ଅଦୃଶ୍ୟ ଉତ୍ପୀଡ଼ନ। ଆର୍ଥ ସେଭିୟର୍ସ ଫାଉଣ୍ଡେଶନ୍ ନାମକ ସଂସ୍ଥାର ତଥ୍ୟ ଅନୁଯାୟୀ ଭାରତୀୟ ସହରଗୁଡ଼ିକରେ ହେଉଥିବା ଧ୍ୱନି ପ୍ରଦୂଷଣରେ ହର୍ନର ସହଭାଗିତା ୭୦%। ଅର୍ଥାତ ଲୋକେ ହର୍ନ ବଜାଇବା ପ୍ରବୃତ୍ତିରୁ ନିବୃତ୍ତ ରହିଲେ ଧ୍ୱନି ପ୍ରଦୂଷଣ ୭୦% କମିଯିବ। ମନୋବୈଜ୍ଞାନିକଙ୍କ ମତରେ ସୁରକ୍ଷିତ ଗାଡ଼ି ଚାଳନା ନାମରେ ଲଗାତର ଭାବେ ହର୍ନ ବଜାଇବା ପ୍ରବୃତ୍ତି ହେଉଛି ନିଜ କୁଣ୍ଠାବୋଧ ଓ ବିରକ୍ତି ଭାବନାକୁ ଲୁଚାଇବାକୁ ପ୍ରୟାସ କରିବା ଏବଂ ନିଜକୁ ଠିକ୍ ବୋଲି ପ୍ରତିପାଦନ କରିବାର ଏକ ଉପାୟ। ଯେଉଁମାନଙ୍କର ଆଦୌ ଧୈର୍ଯ୍ୟ ନ ଥାଏ ଅବା ଯେଉଁମାନେ ଘରୁ ବିଳମ୍ବରେ ବାହାରିବା ଅଭ୍ୟାସକୁ ଛାଡ଼ି ପାରି ନ ଥାନ୍ତି, ସେହି ଚାଳକମାନେ ହିଁ ଏହିଭଳି କାର୍ଯ୍ୟ କରିଥାନ୍ତି। ବିଳମ୍ବରେ ଘରୁ ବାହାରି ହର୍ନ ବଜାଇ ଆଗକୁ ଚାଲିଯିବାର ମାନସିକତା ଏମାନଙ୍କଠାରେ ଦେଖିବାକୁ ମିଳିଥାଏ। ଏହି ସମୟରେ ଚାଳକମାନେ ହର୍ନକୁ ଏକ ହତିଆର ଭଳି ବ୍ୟବହାର କରିଥାନ୍ତି। ପ୍ରକୃତରେ ଅତି ଜରୁରୀ କ୍ଷେତ୍ରରେ ଆମେ ହର୍ନକୁ ବ୍ୟବହାର କରିବା ଉଚିତ। କିନ୍ତୁ ଆମ ଦେଶର ଚାଳକମାନେ ହର୍ନକୁ ପିଲାଙ୍କ ଖେଳଣା ଭଳି ବ୍ୟବହାର କରିଥାଆନ୍ତି। କୌଣସି ଏକ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କଲାଭଳି ଚାଳକମାନେ ଆଜି ନିଜ ଯାନର ହର୍ନକୁ ବଜାଉଛନ୍ତି। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ ଓ ଧାର୍ମିକ ସ୍ଥଳୀ ନିକଟରେ ହର୍ନ ବଜାଇବା ଆଇନତଃ ନିଷେଧ। କିନ୍ତୁ ଭାରତରେ ଖୁବ୍ କମ୍ ସଂଖ୍ୟକ ଲୋକ ଏହି ନିୟମକୁ ପାଳନ କରନ୍ତି। ଭାରତରେ ଟ୍ରାଫିକ ସଂକେତ ସବୁଜ ହେବା କ୍ଷଣି ଚାଳକଗଣ ଧୈର୍ଯ୍ୟହରା ହୋଇ ଲଗାତର ଭାବେ ହର୍ନ ବଜାଇବା ଆରମ୍ଭ କରିଦିଅନ୍ତି। କେବଳ ଏତିକି ନୁହେଁ କେତେକ ଚାଳକ ତ ସବୁଜବତି ଜଳିବା ପର୍ଯ୍ୟନ୍ତ ବି ଅପେକ୍ଷା କରନ୍ତି ନାହିଁ। ଏମାନେ ଧୀରେଧୀରେ ଆଗକୁ ଯିବା ପ୍ରଚେଷ୍ଟାରେ ହର୍ନ ବଜାଇଥାନ୍ତି। ଉଚ୍ଚ ଧ୍ୱନି ବା କୋଳାହଳ ଯେ ଜୀବନ ନେଇପାରେ ଏ କଥାକୁ ହୁଏତ କେହି ବିଶ୍ୱାସ କରିବେ ନାହିଁ କିନ୍ତୁ ଏହା ନିରାଟ ସତ୍ୟ।

ସେହିଭଳି ଇଣ୍ଡିଆନ୍ ମେଡିକାଲ୍ ଆସୋସିଏଶନର ତଥ୍ୟ ଅନୁସାରେ ୮୦ଡେସିବଲ୍ ଠାରୁ ଅଧିକ ଶବ୍ଦ କେବଳ କର୍ଣ୍ଣର କ୍ଷତି ଘଟାଇ ନ ଥାଏ ବରଂ ଏହାର କୁପ୍ରଭାବ ଆମ ଶରୀର ଉପରେ ପଡିଥାଏ। ଅତ୍ୟଧିକ ଉଚ୍ଚ ଧ୍ୱନି ଯୋଗୁ ହୃଦୟର ଗତି ଓ ରକ୍ତଚାପ ବୃଦ୍ଧି ପାଇଥାଏ। ଶରୀରର ଆଭ୍ୟନ୍ତରରେ ଅସ୍ୱାଭାବିକ ରକ୍ତସ୍ରାବ ଘଟି ବିପଦ ସୃଷ୍ଟି କରିଥାଏ। ରାତ୍ରିକାଳୀନ କୋଳାହଳ ଗର୍ଭବତୀ ମହିଳା, ରୋଗୀ, ବୟସ୍କ ଓ ପିଲାଙ୍କ ନିଦ୍ରା ଉପରେ କୁପ୍ରଭାବ ପକାଏ। ଜଣେ ମାତ୍ରାଧିକ ସମୟ କୋଳାହଳ ମଧ୍ୟରେ ବିତାଉଥିଲେ ତା'ର ନିଜସ୍ୱ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଘଟିଥାଏ। ତାକୁ ଚିଡ଼ିଚିଡ଼ାପଣ ଗ୍ରାସ କରିନିଏ, ସେ ବଦରାଗୀ ହୋଇଉଠେ। ଉଚ୍ଚ ଧ୍ୱନି ଆମ କାର୍ଯ୍ୟ କରିବାର କ୍ଷମତାକୁ ବି ପ୍ରଭାବିତ କରିଥାଏ। କୋଳାହଳ କାରଣରୁ ଶରୀର ପ୍ରତି କ୍ଷତିକାରକ ଫ୍ରି ରେଡିକାଲ୍ ସଂଖ୍ୟାରେ ବୃଦ୍ଧି ଘଟେ।

ଅପ୍ରିୟ ହେଲେ ବି ସତ ଏୟା ଯେ, ରାତି ନ ପାହୁଣୁ ପ୍ରତ୍ୟେକଟି ଧାର୍ମିକ ଅନୁଷ୍ଠାନରୁ ଡାକବାଜି ଯନ୍ତ୍ର ଯୋଗେ ଶବ୍ଦ ବାହାରୁଛି ଓ ଏଥିପାଇଁ ସାଧାରଣ ଲୋକଙ୍କ ସହ ରୋଗୀମାନେ ଯନ୍ତ୍ରଣା ଭୋଗୁଛନ୍ତି। ଉଚ୍ଚ ଧ୍ୱନି ବା ଶବ୍ଦକୁ କେହିକେହି ପୌରାଣିକ ତ ଆଉ କେହିକେହି ଧାର୍ମିକ ଦୃଷ୍ଟିରେ ବିବେଚନା କରୁଛନ୍ତି। ନଚେତ୍ ଏଠାକାର ବିଭିନ୍ନ ପର୍ବପର୍ବାଣି, ସାମାଜିକ, ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ଅନାବଶ୍ୟକ ଭାବେ ଖୁବ୍ ଉଚ୍ଚ ଶବ୍ଦରେ ବାଦ୍ୟଯନ୍ତ୍ର ବାଜନ୍ତା ନାହିଁ କିମ୍ବା ଡାକବାଜି ଯନ୍ତ୍ରରୁ ବିକଟାଳ ଶବ୍ଦ ଶୁଭନ୍ତା ନାହିଁ। ଧର୍ମର ମହତ୍ତ୍ୱକୁ ବୁଝୁଥିବା ଲୋକେ ଏପରି କରନ୍ତି ନାହିଁ। ଈଶ୍ୱରଙ୍କ ଉପାସନା ପାଇଁ ଶାନ୍ତ ପରିବେଶ ସହ ଧ୍ୟାନ ଯେ ଆବଶ୍ୟକ ଏ କଥାକୁ ଆମେ ଭୁଲି ଯାଇଛେ। ବିଭିନ୍ନ ଧର୍ମଗୁରୁ ଓ ପଣ୍ଡିତମାନେ ମଧ୍ୟ ଏ ବିଷୟରେ ମତ ରଖିଛନ୍ତି। ମାତ୍ର ଆପରାଧିକ ଶ୍ରେଣୀଭୁକ୍ତ ହୋଇ ନ ଥିବାରୁ ଶବ୍ଦ ପ୍ରଦୂଷଣ ଜନିତ କୋଳାହଳକୁ କେହି ମାନନ୍ତି ନାହିଁ।

ପ୍ରତ୍ୟେକ ସ୍ଥାନରେ ନିଜ ଆଖପାଖରେ ବାଜୁଥିବା ଡିଜେର ଛାତିଥରା ଶବ୍ଦ, ଲାଉଡ ସ୍ପିକରର କର୍କଶ ଶବ୍ଦ, ଯାନବାହନର ହର୍ନ ଓ ଘର୍‌ଘର୍ ଶବ୍ଦ, ବିବାହ ସମୟର କାନଫଟା ସଙ୍ଗୀତ, ପର୍ବପର୍ବାଣି ଓ ଯାନିଯାତ୍ରା ବେଳର ବାଦ୍ୟଯନ୍ତ୍ର ଓ ଡାକବାଜି ଯନ୍ତ୍ରର ଶବ୍ଦ, ରାଜନୈତିକ ଏବଂ ଧାର୍ମିକ ଆୟୋଜନରୁ ଉତ୍ପନ୍ନ ହେଉଥିବା ଗଳାଫଟା ଚିତ୍କାର ଶୁଣିବା ପାଇଁ ଲୋକେ ଏକପ୍ରକାର ବାଧ୍ୟ ହେଉଛନ୍ତି। ଇତିମଧ୍ୟରେ ଏହି ଶବ୍ଦ କେତେକଙ୍କ ଜୀବନ ବି ନେଇ ଗଲାଣି। ଏଭଳି ପ୍ରବୃତ୍ତିଧାରୀ ଭାବି ନେଇଛନ୍ତି ଯେ, ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇବାରେ ଏସବୁ ହେଉଛି ଏକ କୌଶଳ। ତେଣୁ ସଡ଼କରୁ ସମାରୋହ ପର୍ଯ୍ୟନ୍ତ ଲୋକେ ହୋହଲ୍ଲା କରି ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ଜାଣିରଖିବା ଉଚିତ ଯେ ହୋହଲ୍ଲା ବା କୋଳାହଳ ମାନବଙ୍କ ପକ୍ଷେ ଆଦୌ ଶୋଚନୀୟ ନୁହେଁ। ଆଜିର ଦିନରେ ଡିଜେ ବଜାଇବା ବେନିୟମ। ପୁଣି ୬୫ଡେସିବଲ୍‌ରୁ ଅଧିକ ଶବ୍ଦ ସୃଷ୍ଟିକାରୀଙ୍କ ପାଇଁ ଆମ ଆଇନରେ କଠୋର କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି। ହେଲେ ଏହାକୁ ମାନୁଛି କିଏ ? ନା ପ୍ରଶାସନ ଏହାକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି, ନା ଲୋକେ ଆଇନକୁ ସମ୍ମାନ ଜଣାଇ ଏଥିରୁ ନିବୃତ୍ତ ରହୁଛନ୍ତି। ପ୍ରଶ୍ନ ଉଠେ, ଏଭଳି ସଂକଟରୁ ମାନବସମାଜ ମୁକୁଳିବ କିପରି ?

**ବୈପାରୀଗୁଡ଼ା, କୋରାପୁଟ**
**ମୋ – ୬୩୭୦୬୭୯୪୦୫**

### ୨୫ ବର୍ଷ ତଳର ଧରିତ୍ରୀ

୨୭ ନଭେମ୍ବର ୧୯୯୬

- କାଠମାଣ୍ଡୁଠାରୁ ୨୯୫ କିଲୋମିଟର ଦକ୍ଷିଣପୂର୍ବରେ ଦୁଇଟି ଯାତ୍ରୀବାହୀ ବସ୍ ମଧ୍ୟରେ ଧକ୍କା ହେବାରୁ ୨୭ ଯାତ୍ରୀଙ୍କ ପ୍ରାଣହାନି।
- ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏନ୍ ଭେଙ୍କଟଚେଲୟା ଜାତୀୟ ମାନବାଧିକାର କମିଶନ ଅଧ୍ୟକ୍ଷ ନିଯୁକ୍ତ।
- କଟକସ୍ଥିତ ଷ୍ଟେଟ୍‌ବ୍ୟାଙ୍କର ଏକ ଶାଖାରେ ରହିଥିବା ଜାତିର ଜନକଙ୍କ ଚିତାଭସ୍ମ ଭର୍ତ୍ତି କଳସ ମହାତ୍ମା ଗାନ୍ଧୀଙ୍କ ଅଣନାତି ତୁଷାର ଅରୁଣ ଗାନ୍ଧୀଙ୍କୁ ହସ୍ତାନ୍ତର କରିବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ।

### ଚିରନ୍ତନୀ

ଦୁନିଆ ବୁକୁରେ ଜାଳିଦେଇ ହୁତାଶନ
ସେହି ସେ ଆଘାତ ବାଜିଉଠେ ଘନ ଘନ
ସେହି ସେ ଆଘାତ ବାଜଇ ଜନନୀ ବୁକେ
ଚାହିଁ ଅନାହାର– ପୀଡିତ ତନୟ ମୁଖେ।
–(ତୁମେଟି ଚାଲିବା ଜାଣ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ହେଲ୍‌ମେଟ ଚେକିଂ ପ୍ରହସନ

ମହାଶୟ,

ରାସ୍ତାରେ ହେଲ୍‌ମେଟ ଚେକିଂ କରାଯିବାବେଳେ ବିନା ହେଲ୍‌ମେଟଧାରୀ ବାଇକ୍‌ଚାଳକଙ୍କୁ ଅର୍ଥ ଜରିମାନା କରାଯାଏ। ବାଇକ୍‌ଚାଳକ କୁହନ୍ତି– ସାର୍, ଦୁଇଶହ ଟଙ୍କା ନିଅନ୍ତୁ, ଫାଇନ୍ ରସିଦ୍ ଦରକାର ନାହିଁ, ଛାଡ଼ି ଦିଅନ୍ତୁ। ସେଇଆ ହୁଏ। ଚେକିଂ କରୁଥିବା ପୋଲିସ ପକେଟରେ କିଛି ଟଙ୍କା ପୂରାଇ ଦିଅନ୍ତି ବାଇକ୍‌ଚାଳକ। ଏଥିରେ ବାଇକ୍‌ଚାଳକ ଖୁସି ଓ ତା'ସହ ଚେକିଂବାଲା ମଧ୍ୟ। କାରଣ, ଉଭୟଙ୍କର ଲାଭ ହେଉଛି ବୋଲି ସେମାନେ ଭାବନ୍ତି। ସିସିଟିଭି କ୍ୟାମେରା ଅନୁଧ୍ୟାନ କରି ଏଭଳି ହାତଗୁଞ୍ଜା ଦେଇ ଖସିଯାଉଥିବା ଚାଳକ ଓ ଲାଞ୍ଚ ଗ୍ରହଣ କରୁଥିବା ଚେକିଂବାଲାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏହାର ପ୍ରତିକାର ପାଇଁ ପୋଲିସ ବିଭାଗ ଦୃଢ଼ ପଦକ୍ଷେପ ନେବା ସହ ହାତଗୁଞ୍ଜା ଦେଇ ଖସିଯାଉଥିବା ଚାଳକଙ୍କୁ ଧରି ଜେଲ୍ ପଠାଇବାର ବ୍ୟବସ୍ଥା କରିବା ଦରକାର।

**–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସଂସଦରେ ପ୍ରଭାବିତ ହେବ ବିରୋଧୀ ଏକତା

## କଂଗ୍ରେସ-ଟିଏମ୍‌ସି ମୁହାଁମୁହିଁ

**କଂଗ୍ରେସରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ନେତାଙ୍କ ଡିଆଁକୁ ନେଇ ଦୁଇ ବିରୋଧୀ ଦଳ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଆସନ୍ତା ୨୯ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଏହା ବିରୋଧୀ ଏକତାକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। କାରଣ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସଂସଦୀୟ ଦଳ ଅଧ୍ୟକ୍ଷା ମମତା ବାନାର୍ଜୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ପାଇଁ ଅନ୍ୟ ଦଳଗୁଡ଼ିକ ସହ ଗୃହରେ ସମନ୍ୱୟ ନେଇ ବଡ଼ ଭୂମିକା ଖୋଜୁଛନ୍ତି।**

ନୂଆଦିଲ୍ଲୀ,୨୬।୧୧

ଆସନ୍ତା ବର୍ଷ ଗୋଆ ଏବଂ ୨୦୨୩ରେ ମେଘାଳୟ ଓ ତ୍ରିପୁରାରେ ବିଧାନସଭା ନିର୍ବାଚନ ହେବ। ଉତ୍ତର-ପୂର୍ବର ଏହି ୩ ରାଜ୍ୟରେ କଂଗ୍ରେସର ସ୍ଥିତି ଦୋହଲିବାରେ ଲାଗିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିଏମ୍‌ସି ଏହାର ଫାଇଦା ନେଉଛି। ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ବିଧାୟକ ଦଳ ନେତା ମୁକୁଲ ସାଙ୍ଗମାଙ୍କ ସମେତ ୧୨ ଏମ୍‌ଏଲ୍‌ଏ ବୁଧବାର ଟିଏମ୍‌ସିରେ ଯୋଗଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାକ୍ରମ ପରେ ତ୍ରିପୁରା ବିଧାନସଭାରେ ବିରୋଧୀ ଦଳ ମାନ୍ୟତା କଂଗ୍ରେସ ହାତରୁ ଛଡ଼ାଇନେଇଛି ଟିଏମ୍‌ସି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବାମପନ୍ଥୀଙ୍କ ସହ ମେଣ୍ଟ କରି ପରାଜିତ ହୋଇଥିବା କଂଗ୍ରେସକୁ ମେଘାଳୟର ସଦ୍ୟ ରାଜନୈତିକ ଘଟଣାକ୍ରମ ଯୋଗୁ ଝଟ୍‌କା ଲାଗିଛି। କଂଗ୍ରେସ ସର୍ବପୁରାତନ ଦଳ ହୋଇଥିଲେ ସୁଦ୍ଧା ଏହାର ନେତ୍ରୀ ସୋନିଆ ଗାନ୍ଧୀ କିମ୍ବା ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ଗ୍ରହଣ କରିପାରୁ ନାହାନ୍ତି ମମତା ଦିଦି। ଏଥିଯୋଗୁ ଛୋଟ ବିରୋଧୀ ଦଳଗୁଡ଼ିକର ମଙ୍ଗ କିଏ ଧରିବ ତାକୁ ନେଇ କଂଗ୍ରେସ-ଟିଏମ୍‌ସି ମୁହାଁମୁହିଁ ଅବସ୍ଥାରେ। ସୋମବାର ଆରମ୍ଭ ହେଉଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଏହା ବିରୋଧୀ ଏକତାକୁ ପ୍ରଭାବିତ କରିପାରେ।

ବିରୋଧୀ ଏକତା ଭଙ୍ଗର ସମ୍ଭାବ୍ୟ ପ୍ରଥମ ଦୃଷ୍ଟାନ୍ତ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି ଶୁକ୍ରବାର। ପାର୍ଲାମେଣ୍ଟ ହାଉସ୍‌ରେ ସମ୍ବିଧାନ ଦିବସ ପାଳନକୁ ବର୍ଜନ କରିବା ପାଇଁ କଂଗ୍ରେସ ଆହ୍ୱାନ ଦେଇଥିବାବେଳେ ତୃଣମୂଳ କଂଗ୍ରେସ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଛି।



ସୋନିଆ ଗାନ୍ଧୀ



ମମତା ବାନାର୍ଜୀ

କଂଗ୍ରେସ କହିଛି, ରାଜ୍ୟ ସଭାରେ ବିପକ୍ଷ ନେତା ମଲ୍ଲିକାର୍ଜୁନ ଖାର୍ଗେ ବିରୋଧୀଙ୍କ ସହ ଯୋଗାଯୋଗ କରିବା ପରେ ୧୪ ବିରୋଧୀ ଦଳ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ। କିନ୍ତୁ ଟିଏମ୍‌ସି ଏହାର କୌଣସି ଏମ୍‌ପି ଦିଲ୍ଲୀରେ ନ ଥିବାରୁ ଭିନ୍ନ ଆଭିମୁଖ୍ୟ ନେଇ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲା। ଜଣେ ଟିଏମ୍‌ସି ଏମ୍‌ପି କହିଛନ୍ତି, ଏହା ଆମର ଆନୁଷ୍ଠାନିକ ଆଭିମୁଖ୍ୟ। ଆମେ କଂଗ୍ରେସକୁ କାହିଁକି ଶ୍ରେୟ ଦେବୁ? ଟିଏମ୍‌ସି ପାର୍ଲାମେଣ୍ଟରେ କେନ୍ଦ୍ରକୁ ଟାର୍ଗେଟ କରିବ କିନ୍ତୁ କଂଗ୍ରେସର ରଣନୀତିକୁ ଅନୁସରଣ କରିବ ନାହିଁ।

ରାଜ୍ୟ ସଭାରେ ସଂଖ୍ୟା ଦୃଷ୍ଟିରୁ କଂଗ୍ରେସ ସର୍ବବୃହତ୍ ଦଳ। ଉକ୍ତ ସଦନରେ କଂଗ୍ରେସ ସଦସ୍ୟଙ୍କ ସଂଖ୍ୟା ୩୪। ୧୩ ସଦସ୍ୟଙ୍କୁ ନେଇ ଟିଏମ୍‌ସି ହେଉଛି ଦ୍ୱିତୀୟ ବଡ଼ ଦଳ। ଏହି ଦୁଇ ଦଳ ମଧ୍ୟରେ ଥିବା ମତପାର୍ଥକ୍ୟ ସଂସଦର ଶୀତ ଅଧିବେଶନରେ ଦେଖିବାକୁ ମିଳିପାରେ ବୋଲି କେତେଜଣ ବିରୋଧୀ ଦଳ ନେତା ଅନୁଭବ କରୁଛନ୍ତି। କାରଣ କୃଷକ, ଦରଦାମ୍ ବୃଦ୍ଧି ଭଳି ପ୍ରସଙ୍ଗକୁ ନେଇ ଟିଏମ୍‌ସି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି। କିନ୍ତୁ ଫ୍ଲୋର୍ ଷ୍ଟ୍ରାଟେଜିରେ କଂଗ୍ରେସ ଟିକେ ପଛରେ ପଡ଼ିଯାଇଛି। ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରୁଥିବା ଜଣେ ବାମପନ୍ଥୀ ନେତା କହିଛନ୍ତି, ଦୁଇ ଦଳ ମଧ୍ୟରେ ଥିବା ମତଭେଦ ସଫା ସଫା ଦିଶୁଛି। କିନ୍ତୁ ଅଧିବେଶନ ସମୟରେ କ'ଣ ସବୁ ହେବାକୁ ଯାଉଛି ତାହା ଦେଖିବା ପାଇଁ ଆମକୁ ଅପେକ୍ଷା କରିବାକୁ ପଡ଼ିବ। ଅତୀତରେ ମଧ୍ୟ କଂଗ୍ରେସ ଡାକିଥିବା କେତେକ ବୈଠକରେ ଟିଏମ୍‌ସି ଯୋଗଦେଇ ନ ଥିଲା। ଅନ୍ୟ ଜଣେ ବିରୋଧୀ ଏମ୍‌ପି କହିଛନ୍ତି, ମୌସୁମୀ ଅଧିବେଶନରେ ଟିଏମ୍‌ସି ପେଗାସସ୍ ସ୍ପାଏୱେର ବିବାଦକୁ ମୁଖ୍ୟ ପ୍ରସଙ୍ଗ କରିବାକୁ ଚାହିଁଥିଲା। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଜିତିବା ପରେ ସେମାନେ ଏହା ଉପରେ ଜୋର୍ ଦେଇଥିଲେ। ଏପରି କି ପାର୍ଲାମେଣ୍ଟ ଚାଲିବାକୁ ଦେଇ ନ ଥିଲେ। କିନ୍ତୁ ଅନ୍ୟ କେତେକ ଛୋଟ ବିରୋଧୀ ଦଳ ଗୃହକାର୍ଯ୍ୟ ଚାଲୁ ବୋଲି ଚାହିଁଥିଲେ। ପ୍ରକାଶ ଯେ, ସୋନିଆଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ସଂସଦୀୟ ଦଳ ବୈଠକରେ ଖାର୍ଗେ, ଶର୍ମା ଓ ରାଜ୍ୟ ସଭାରେ କଂଗ୍ରେସ ମୁଖ୍ୟ ସଚେତକ ଜୟରାମ ରମେଶଙ୍କୁ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏକତା ପାଇଁ ସମନ୍ୱୟ ରଖିବାକୁ କୁହାଯାଇଥିଲା।



ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଗାଡ଼ି ଉପରକୁ କଂଗ୍ରେସ କର୍ମୀ ଅଣ୍ଡା ମାଡ଼ କରୁଛନ୍ତି।

## ଦୁଇ ମନ୍ତ୍ରୀଙ୍କୁ ଅଣ୍ଡାମାଡ଼

**ବାଲେଶ୍ୱର ଅଫିସ, ୨୬।୧୧:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବାଲେଶ୍ୱରଠାରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପରେ ଅପରାହ୍ନରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ନୀଳଗିରିକୁ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଲାଗି ଯାଉଥିବା ବେଳେ ସେରଗଡ ପାଖ ବିସିଇଟି କଲେଜ ସମ୍ମୁଖ ଏବଂ ଲେମ୍ବୁନଇ ପୋଲ ନିକଟରେ ଯୁବ କଂଗ୍ରେସ କର୍ମୀମାନେ ତାଙ୍କ ଗାଡ଼ି ପାର୍ଶ୍ୱରେ କଳା ପତାକା ଦେଖାଇବା ସହ ଅଣ୍ଡାମାଡ କରିଥିଲେ। ଏହାର ଅଳ୍ପ ସମୟ ପରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଫେରୁଥିବା ବେଳେ ସେହି ସ୍ଥାନରେ କଂଗ୍ରେସ କର୍ମୀମାନେ ଅଣ୍ଡା ମାଡ଼ କରିଥିଲେ।

## ବିରୋଧୀ ନେତାଙ୍କ ବୈଠକ ଡାକିଲା କଂଗ୍ରେସ

**ନୂଆଦିଲ୍ଲୀ, ୨୬।୧୧:** ପାର୍ଲାମେଣ୍ଟର ଶୀତ ଅଧିବେଶନ ପ୍ରଥମ ଦିନରେ ବିଭିନ୍ନ ବିରୋଧୀ ଦଳ ନେତାଙ୍କ ବୈଠକ ଡାକିଛି କଂଗ୍ରେସ। ସରକାରଙ୍କ ବିରୋଧରେ ମିଳିତ ରଣନୀତି ପାଇଁ ନଭେମ୍ବର ୨୯ ପୂର୍ବାହ୍ନରେ ଏହି ବୈଠକ ବସିବ। ଏଥିପାଇଁ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଉଭୟ ସଦନର ରାଜନୈତିକ ଦଳର ନେତାମାନଙ୍କୁ ପତ୍ର ଲେଖି ବୈଠକରେ ଯୋଗଦେବାକୁ ଅନୁରୋଧ କରିଛନ୍ତି। ସରକାରଙ୍କୁ ଘେରିବା ଲାଗି ବିରୋଧୀ ଆଣିବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ। ବୈଠକ ବିରୋଧୀଙ୍କୁ ଏକାଠି ହେବାରେ ଓ ସରକାରଙ୍କୁ ମିଳିତ ମୁକାବିଲା କରିବାରେ ସହାୟକ ହେବ ବୋଲି ଖାର୍ଗେ କହିଛନ୍ତି। ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ଶୀତ ଅଧିବେଶନ ସରଗରମ ହେବ। କୃଷି ଆଇନ, ତୈଳ ଓ ଗ୍ୟାସ ଦର ବୃଦ୍ଧି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ଉଦ୍ୟମ କରିବେ ବୋଲି ଜଣାପଡ଼ିଛି।

# ଅପରାଜିତାଙ୍କୁ ବିରୋଧ ଘଟଣାରେ ରାଜନୀତି ବଢୁଛି

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ବିଜେଡି-ଭାଜପା ମଧ୍ୟରେ ରାଜନୈତିକ ଲଢେଇ ଜୋର୍ ଧରିବାରେ ଲାଗିଛି। ଗୁରୁବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ଆଚାର୍ଯ୍ୟ ବିହାରରେ ବିଜେଡି କର୍ମୀମାନେ ଘେରି ବିରୋଧ କରିଥିଲେ। ଏହାପରେ ୪ ଘଣ୍ଟା ପରେ ପୋଲିସ ଡିସିପି ଉମାଶଙ୍କର ଦାଶଙ୍କ ସହାୟତାରେ ଅପରାଜିତାଙ୍କୁ ସେଠାରୁ ଉଦ୍ଧାର କରାଗଲା। ଏହି ଘଟଣାକୁ ନେଇ ବର୍ତ୍ତମାନ ବିଜେଡି-ଭାଜପା ମଧ୍ୟରେ ରାଜନୈତିକ ଲଢେଇ ଜୋର୍ ଧରିଛି। ଶହୀଦ ନଗର ପୋଲିସ ଏହି ଘଟଣାରେ ସାଇନ୍ସପାର୍କ ନିକଟସ୍ଥ ବସ୍ତିର ୨ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ସେହିପରି ଭାଜପା ଭୁବନେଶ୍ୱର ଜିଲା କମିଟି ପକ୍ଷରୁ ପ୍ରତିବାଦ କରାଯାଇଥିବା ବେଳେ ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଛି।

ଖବରଦାତା ସମ୍ମିଳନୀ ଜରିଆରେ ଅପରାଜିତା କହିଛନ୍ତି ଯେ, ସେ ସୁରକ୍ଷିତ ନୁହନ୍ତି। ମହିଳାଙ୍କ କ୍ଷେତ୍ରରେ ହେଉଥିବା ଅପରାଧ କ୍ଷେତ୍ରରେ ଓଡିଶାକୁ ନେଇ ଦେଶରେ ବିଜେଡି ଏକ ନମ୍ବର କରିବାକୁ ଚାହୁଁଛନ୍ତି। ଆକ୍ରମଣ ଘଟଣା ପାଇଁ ସେ ମୁଖ୍ୟମନ୍ତ୍ରୀ ଦାୟୀ ବୋଲି କହିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଶାସକ ବିଜେଡି ଦ୍ୱାରା ଅପରାଜିତା ଷଡଙ୍ଗୀଙ୍କୁ କରାଯାଇଥିବା ସଙ୍ଘବଦ୍ଧ ଆକ୍ରମଣ ଘଟଣା ଅତ୍ୟନ୍ତ ଲଜ୍ଜାଜନକ। ବିଜେଡି ଶାସନରେ ମହିଳାମାନେ ବିପଦରେ ଅଛନ୍ତି। ଏ କଥା ମହିଳା ସାଂସଦଙ୍କୁ ଆକ୍ରମଣ ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ଭାଜପା ସଭାପତିଙ୍କ ଖବରଦାତା ସମ୍ମିଳନୀର ଜବାବ୍‌ରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ବିଭିନ୍ନ ସମସ୍ୟା ନେଇ ଭୁବନେଶ୍ୱର ଏମ୍‌ପିଙ୍କୁ କିଛି ପ୍ରଶ୍ନ ପଚାରିବାକୁ ସ୍ଥାନୀୟ ବସ୍ତିର କେତେଜଣ ମହିଳାମାନେ ଯାଇଥିଲେ। ହେଲେ ସେମାନଙ୍କୁ ସାଂସଦଙ୍କ ସୁରକ୍ଷା ବାହିନୀ ଯେଉଁଭଳି ଆକ୍ରମଣ ଓ ଅସଦାଚରଣ କଲେ ତାହାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ଏଭଳି କାର୍ଯ୍ୟକୁ କେଉଁ ସ୍ୱାର୍ଥରେ ଭାଜପା ସଭାପତି ସମର୍ଥନ କରୁଛନ୍ତି। ପୂର୍ବରୁ ତାଙ୍କ ନିଜ ଦଳର କର୍ମୀମାନେ ମଧ୍ୟ ଅପରାଜିତାଙ୍କ ଏହି ଘରୋଇ ସୁରକ୍ଷା ଦାୟିତ୍ୱରେ ଥିବା ଗୁଣ୍ଡାମାନଙ୍କ ଆକ୍ରମଣରୁ ବର୍ତ୍ତି ନଥିବା ଲେନିନ୍ କହିଛନ୍ତି। ତେବେ ଭାଜପାର ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଶୁକ୍ରବାର ଏକ ବିଶାଳ ରାଲି ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକାଠି ହୋଇ ଏହାର ପ୍ରତିବାଦ କରିଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇବାରୁ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା।

## ଅଣ୍ଡା, ଢେଲାମାଡ଼ ଘଟଣା: ୨ ଗିରଫ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଆଚାର୍ଯ୍ୟ ବିହାର ଛକରେ ଗୁରୁବାର ଏମ୍‌ପି ଅପରାଜିତାଙ୍କୁ ଅଣ୍ଡା ଓ ଢେଲା ମାଡ ଘଟଣାରେ ଶହୀଦନଗର ଥାନା ପୋଲିସ ୩ଟି ମାମଲା ରୁଜୁ ତଦନ୍ତ ଜାରି ରଖିଛି। ଶୁକ୍ରବାର ପ୍ରଥମ ମାମଲା ନଂ.୪୭୮/୨୧ରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ବସ୍ତିର ମନୋଜ ଦିଗଲ(୩୧) ଓ ବିଶ୍ୱନାଥ ପ୍ରଧାନ(୨୭)। ଅନ୍ୟ ଦୁଇ ମାମଲାରେ (ନଂ.୪୭୯ ଓ ୪୮୦/୨୧)ରେ ତଦନ୍ତ ଚାଲିଥିବା ପୋଲିସ କହିଛି।


नालको NALCO
National Aluminium Company Limited
(A Government of India Enterprise)
NALCO Bhawan, Plot No-P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY

**Corrigendum to Recruitment Advt. No.10210112**

It is hereby brought to the notice of all concerned against the information published in the **Advertisement No.10210112,** that the maximum age limit in respect of E07 and E08 grades has been revised to 56 years.

Further, the last date of submission of online application is extended to **17.12.2021 (05:00 PM)**. Accordingly, the cutoff date for counting minimum years of Experience in relevant areas and upper age limit will be considered as **17/12/2021.**

Dy.General Manager(HRD)




ଭୁବନେଶ୍ୱର ଆଚାର୍ଯ୍ୟବିହାରଠାରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଉପରକୁ ହୋଇଥିବା ଆକ୍ରମଣ ପ୍ରତିବାଦରେ ଶୁକ୍ରବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରାକୁ ପୋଲିସ ଅଟକାଉଛି।

# ମହାରାଷ୍ଟ୍ରରେ ମାର୍ଚ୍ଚ ସୁଦ୍ଧା ଭାଜପା ସରକାର: ରାଣେ

ମୁମ୍ବାଇ/ନୂଆଦିଲ୍ଲୀ,୨୬।୧୧

ମହାରାଷ୍ଟ୍ରରେ ଖୁବ୍‌ଶୀଘ୍ର କ୍ଷମତା ପରିବର୍ତ୍ତନ ଦେଖିବାକୁ ମିଳିବ। ଏହି ପରିବର୍ତ୍ତନ ମାର୍ଚ୍ଚ ସୁଦ୍ଧା ହେବ ବୋଲି ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏନେଇ ରାଣେଙ୍କୁ ଅଧିକ ପଚରାଯିବାରୁ ଏହା ଏକ ଗୁପ୍ତ କଥା, ଯାହା ସର୍ବସାଧାରଣରେ ଆଲୋଚନା କରିବା ଅନୁଚିତ ବୋଲି ସେ କହିଛନ୍ତି। ରାଣେଙ୍କ ଏହି ମନ୍ତବ୍ୟ କେବଳ ମହାରାଷ୍ଟ୍ର ନୁହେଁ, ଜାତୀୟ ରାଜନୀତିରେ ମଧ୍ୟ ଚହଳ ପକାଇଛି।



କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେ

ଶିବସେନା ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରକୁ ଶନିବାର ଦୁଇବର୍ଷ ପୂରିବାକୁ ଯାଉଛି। ସେପଟେ ମହାରାଷ୍ଟ୍ର ବିଧାନସଭାର ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡ୍‌ନବିସ୍ ଓ ରାଜ୍ୟ ଭାଜପା ସଭାପତି ଚନ୍ଦ୍ରକାନ୍ତ ପାଟିଲ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଏବଂ ତାଙ୍କ ଦଳୀୟ ସହଯୋଗୀ ପ୍ରଫୁଲ ପଟେଲ ମଧ୍ୟ ଦିଲ୍ଲୀ ଗସ୍ତରେ ଥିବାରୁ ରାଜନୈତିକ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏଭଳି ସମୟରେ ଜୟପୁରରେ ଖବରଦାତାମାନଙ୍କୁ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରୀ ନାରାୟଣ ରାଣେ କହିଛନ୍ତି, ମହାରାଷ୍ଟ୍ରରେ ଆସନ୍ତା ମାର୍ଚ୍ଚ ସୁଦ୍ଧା ଭାଜପା ସରକାର ଗଠନ କରିବ। ସେ ଭିତର କଥା ପ୍ରଘଟ କରିବାକୁ ଚାହୁଁନାହାନ୍ତି। ସରକାର ଭାଙ୍ଗିବା ଓ ନୂଆ ସରକାର ଗଠନ କରିବା ପାଇଁ କିଛି ସିକ୍ରେଟ୍ ରଖିବାକୁ ପଡ଼ିଥାଏ। ଯଦି ସେ ସବୁ କଥା କହିଦେବେ ତେବେ ସରକାର ଗଠନ ବିଳମ୍ବ ହୋଇଯିବ। ତେବେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନାନା ପାଟୋଲ ନାଗପୁରରେ ଏହାକୁ ଖଣ୍ଡନ କରିବା ସହ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ସରକାର ପୂରା ୫ ବର୍ଷ ରହିବ ବୋଲି କହିଛନ୍ତି।

ପ୍ରକାଶ ଯେ, ମହାରାଷ୍ଟ୍ରରେ ୨୦୧୯ ବିଧାନସଭା ନିର୍ବାଚନ ପରେ କ୍ଷମତା ଭାଗବଣ୍ଟାକୁ ନେଇ ପୁରୁଣା ସହଯୋଗୀ ଶିବସେନା ନଭେମ୍ବରରେ ଭାଜପାଠାରୁ ଅଲଗା ହୋଇଥିଲା। ସେବେଠୁ ଏମ୍‌ଭିଏ ସରକାରରେ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ଅଛନ୍ତି। ୧୭ ବର୍ଷ ତଳେ ଶିବସେନା ଛାଡ଼ିଥିବା ରାଣେ ଭାଜପାରେ ସାମିଲ ହେବା ପରେ ତାଙ୍କୁ ମୋଦି ସରକାରଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। କିଛିମାସ ତଳେ ରାଣେ ଦେଶ ସ୍ୱାଧୀନତାର ବର୍ଷକୁ ନେଇ ଉଦ୍ଧବଙ୍କ ଅଜ୍ଞତା ପ୍ରସଙ୍ଗ ଉଠାଇ ତାଙ୍କୁ ଚାପୁଡ଼ା ମାରିବା କଥା କହିଥିଲେ। ଏହି ମାମଲାରେ ରାଣେ ଗିରଫ ହୋଇ ଜେଲ ମଧ୍ୟ ଯାଇଥଲେ। ଏହା ପୂର୍ବରୁ ୨୦ ବର୍ଷ ମଧ୍ୟରେ କୌଣସି କେନ୍ଦ୍ରମନ୍ତ୍ରୀ ଜେଲ ଯାଇ ନ ଥିଲେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସ୍‌ଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ : sbi.10027@sbi.co.in
**ଇ-ନିଲାମ/ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାର ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**କ**
ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୨୩.୧୨.୨୦୨୧ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା
ଅମାନତ ଜମା, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୪.୧୨.୨୦୨୧ରିଖ ପୂର୍ବରୁ କିମ୍ବା ସେହିଦିନ ଅପରାହ୍ନ ୪.୦୦ ଘଟିକା
ଇ-ନିଲାମ ତାରିଖ ଓ ସମୟ: ୨୮.୧୨.୨୦୨୧ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ଡିମାଣ୍ଡ ନୋଟିସ୍ ତାରିଖ | କ) ସଂରକ୍ଷିତ ମୂଲ୍ୟ / ଖ) ଅମାନତ ଜମା / ଗ) ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ନ୍ୟୁଟ୍ରୋସୋ ଫୁଡ୍ ଆଣ୍ଡ ବେଭେରେଜସ୍ ପ୍ରା. ଲିଃ., ପଞ୍ଜିକୃତ ଠିକଣା-ସା: ପ୍ଲଟ୍ ନଂ.: ୨୭୪୨/୯୧୫୫, ଖମ୍ବେଶ୍ୱରୀ ବିହାର, ପୋ: ତୁରାଙ୍ଗ, ଅନୁଗୁଳ-୭୫୯୧୨୩, ଓଡ଼ିଶା / ନିର୍ଦ୍ଦେଶକମାନେ: (୧) ଶ୍ରୀ ସଞ୍ଜୀବ କୁମାର ସାହୁ, ପିତା: ଉପେନ୍ଦ୍ର କୁମାର ସାହୁ, ସା: ଗଦାଧରପୁର, ପୋ: ମାଧପୁର, ଆଠମଲ୍ଲିକ, ଜିଲ୍ଲା: ଅନୁଗୁଳ-୭୫୯୧୨୫, (୨) ଶ୍ରୀ ହରଗୋବିନ୍ଦ ସାହୁ, ପିତା: ତୀର୍ଥବାସୀ ସାହୁ, ସା: ଡଅଁରା, ଡେରା କୋଲେରୀ, ତାଳଚେର-୭୫୯୧୦୩, ଜିଲ୍ଲା: ଅନୁଗୁଳ, ଓଡ଼ିଶା, (୩) ଶ୍ରୀ ଗମ୍ଭୀର ସିଂହ, ପିତା: ରମେଶ ସିଂହ, ଏନ୍‌ଏଚ୍-୫୫, ଗିଜ୍‌ହୋଡ଼େ, ପୋହରୀ ଷ୍ଟେସନ, ସେକ୍ଟର-୨୪, ନୋଏଡ଼ା, ୟୁପି-୨୦୧୩୦୪। ସିସି ଆକାଉଣ୍ଟ ନଂ.: ୩୬୬୧୪୩୬୮୨୭୮। | ଶ୍ରୀ ସଞ୍ଜୀବ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ଗଦାଧରପୁର, ଥାନା: ଆଠମଲ୍ଲିକ, ତହସିଲ: ଆଠମଲ୍ଲିକ, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୬୩/୫୯, ପ୍ଲଟ ନଂ.: ୫୫୯, କ୍ଷେତ୍ର: ଏକର ୦.୧୪ ଡିସିମିଲି, କିସମ: ଘରବାଡ଼ି। | ୦୧.୦୬.୨୦୨୦ ସୁଦ୍ଧା ଟ.୨୬,୧୩,୦୮୦.୦୦ + ୦୨.୦୬.୨୦୨୦ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୨.୦୬.୨୦୨୦ | କ) ଟ.୨୧,୧୧,୦୦୦/- ଖ) ଟ.୨,୧୧,୧୦୦/- ଗ) ଟ.୨୦,୦୦୦/- |
| ୨. | ଋଣଗ୍ରହୀତା: ମେସର୍ସ ସୋନାଲୀ ଆଇସ୍ ପ୍ଲାଣ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରସନ୍ନ କୁମାର ସାହୁ, ଜାମିନ୍‌ଦାର: ୰ ଅଦୈତ ଚରଣ ସାହୁ, ଆଇନଗତ ଉତ୍ତରାଧିକାରୀମାନେ: (୧) ଶ୍ରୀମତୀ ଶାନ୍ତିଲତା ସାହୁ, ସ୍ୱାମୀ: ୰ ଅଦୈତ ଚରଣ ସାହୁ, (୨) ଶ୍ରୀ ପ୍ରସନ୍ନ କୁମାର ସାହୁ, (୩) ଶ୍ରୀ ପ୍ରଶାନ୍ତ କୁମାର ସାହୁ, (୪) ଶ୍ରୀ ବସନ୍ତ କୁମାର ସାହୁ, (୫) ଶ୍ରୀ ଶିବ ଶଙ୍କର ସାହୁ, ସମସ୍ତଙ୍କ ପିତା: ୰ ଅଦୈତ ଚରଣ ସାହୁ, ସମସ୍ତଙ୍କ ଠିକଣା-ସା: ମୁଣ୍ଡମାଳ, କୁମ୍ଭାର ସାହି, ପୋ: ଚୌଦ୍ୱାର, ଜିଲ୍ଲା: କଟକ-୭୫୪୦୨୫, ଓଡ଼ିଶା, (୬) ଶ୍ରୀମତୀ ମିନତୀ ସାହୁ, ସ୍ୱାମୀ: ଧ୍ରୁବ ଚରଣ ସାହୁ, ସା: କଣ୍ଟାଳୋ, ଆଠଗଡ଼, ଜିଲ୍ଲା: କଟକ-୭୫୪୦୨୯, (୭) ଶ୍ରୀମତୀ ଝୁନୁବାଳା ସାହୁ, ସ୍ୱାମୀ: ଶିବ ପ୍ରସାଦ ସାହୁ, ବକ୍ସି ବଜାର, କଟକ-୭୫୩୦୦୧, (୮) ଶ୍ରୀମତୀ ଉର୍ମିଳା ସାହୁ, ସ୍ୱାମୀ: ପଦ୍ମ ଚରଣ ସାହୁ, ପୂର୍ଣ୍ଣାଗଡ, ଜିଲ୍ଲା: ଅନୁଗୁଳ-୭୫୯୧୨୨, ସିସି ଆକାଉଣ୍ଟ ନଂ. ୩୬୨୩୫୧୦୮୭୩୯, ଟିଏଲ୍ ଆକାଉଣ୍ଟ ନଂ. ୩୫୭୭୫୨୭୫୩୭୩। | ସମ୍ପତ୍ତି-୧: ପ୍ରସନ୍ନ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମୁଣ୍ଡମାଳ, ତହସିଲ: ଚୌଦ୍ୱାର, କଟକ, ଖାତା ନଂ.: ୧୮୨/୨୨୮, ପ୍ଲଟ ନଂ.: ୪୦୯, କ୍ଷେତ୍ର: ଏକର ୦.୦୬୦ ଡିସିମିଲି, କିସମ: ଘରବାଡ଼ି, ଚୌହଦୀ-ଉତ୍ତର: ନାରାୟଣ ସାହୁ, ଦକ୍ଷିଣ: ନରହରି ସାହୁ, ପୂର୍ବ: ରାସ୍ତା, ପଶ୍ଚିମ: ଅରକ୍ଷିତ ଦଳେଇ। ସମ୍ପତ୍ତି-୨: ୰ ଅଦୈତ ଚରଣ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚୌଦ୍ୱାର, ତହସିଲ: ଚୌଦ୍ୱାର, କଟକ, ଖାତା ନଂ.: ୫୩୪/୩୩, ପ୍ଲଟ ନଂ.: ୮୪୪/୧୯୩୯, କ୍ଷେତ୍ର: ଏକର ୦.୧୬୦ ଡିସିମିଲି, କିସମ: ଘରବାଡ଼ି, ଚୌହଦୀ-ଉତ୍ତର: ବାବାଜୀ ଦଳେଇ, ଦକ୍ଷିଣ: ରାସ୍ତା, ପୂର୍ବ: ସନାତନ ସାହୁ, ପଶ୍ଚିମ: ଅଲେଖ ସାହୁ ଏବଂ ବାବାଜୀ ଦଳେଇ। | ୩୧.୧୦.୨୦୧୯ସୁଦ୍ଧା ଟ.୪୨,୫୧,୯୬୨.୭୨ + ୦୧.୧୧.୨୦୧୯ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୩୧.୧୦.୨୦୧୯ | ସମ୍ପତ୍ତି-୧ କ) ଟ.୨୬,୪୫,୦୦୦/- ଖ) ଟ.୨,୬୪,୫୦୦/- ଗ) ଟ.୧୦,୦୦୦/- ସମ୍ପତ୍ତି-୨ କ) ଟ.୨୧,୬୮.୦୦୦/- ଖ) ଟ.୨,୧୬,୮୦୦/- ଗ) ଟ.୧୦,୦୦୦/- |
| ୩. | ଋଣଗ୍ରହୀତାମାନେ: (୧) ଶ୍ରୀମତୀ ସ୍ମିତା ନାୟକ, ସ୍ୱାମୀ: ଧର୍ନୁଜୟ ନାୟକ, (୨) ଶ୍ରୀ ଶଶାଙ୍କ ଶେଖର ନାୟକ, ପିତା: ଧର୍ନୁଜୟ ନାୟକ, (୩) ଶ୍ରୀମତୀ ଶତାବ୍ଦୀ ଅଭିପ୍ସା ନାୟକ, ସମସ୍ତଙ୍କ ଠିକଣା-ସା: ବନ୍ଧ ସାହି, ୱାର୍ଡ ନଂ.: ୧୧, ଉଦଳା, ପୋ: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୪୧, ସିସି ଆକାଉଣ୍ଟ ନଂ. ୩୬୧୬୧୨୫୮୩୪୮, ଟିଏଲ୍ ଆକାଉଣ୍ଟ ନଂ. ୩୬୨୬୨୫୪୪୭୫୨, ହୋମ ଟ-ଅପ୍ ଆକାଉଣ୍ଟ ନଂ. ୩୭୫୯୫୭୪୧୨୩୨, ଏଚ୍‌ଟିଏଲ୍ ଆକାଉଣ୍ଟ ନଂ. ୩୫୯୭୫୩୩୦୭୦୨। | ଶ୍ରୀମତୀ ସ୍ମିତା ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉଦଳା ଟାଉନ୍, ୟୁନଟ୍ ନଂ.: ୧୧, ଜଗନ୍ନାଥ, ଥାନା: ଉଦଳା, ତହସିଲ: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଖାତା ନଂ.: ୯୨/୧୮୨, ପ୍ଲଟ ନଂ.: ୩୧୨, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, କିସମ: ଘରବାଡ଼ି। | ୧୪.୦୭.୨୦୨୦ ସୁଦ୍ଧା ଟ.୯୧,୩୦,୯୭୦.୦୦ + ୧୫.୦୭.୨୦୨୦ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୪.୦୭.୨୦୨୦ | କ) ଟ.୧,୨୧,୮୭,୦୦୦/- ଖ) ଟ.୧୨,୧୯,୦୦୦/- ଗ) ଟ୧,୦୦,୦୦୦/- |

**ଖ**
ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୧୭.୧୨.୨୦୨୧ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା
ଅମାନତ ଜମା, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୧.୧୨.୨୦୨୧ରିଖ ପୂର୍ବରୁ କିମ୍ବା ସେହିଦିନ ଅପରାହ୍ନ ୪.୦୦ ଘଟିକା
ଇ-ନିଲାମ ତାରିଖ ଓ ସମୟ: ୨୨.୧୨.୨୦୨୧ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ଡିମାଣ୍ଡ ନୋଟିସ୍ ତାରିଖ | କ) ସଂରକ୍ଷିତ ମୂଲ୍ୟ / ଖ) ଅମାନତ ଜମା / ଗ) ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୪. | ଋଣଗ୍ରହୀତା: ମେସର୍ସ ଗଣେଶ ସାନିଟାରୀ ଆଣ୍ଡ ହାର୍ଡୱେର ଷ୍ଟୋର, ଅଂଶୀଦାରମାନେ: (୧) ଶ୍ରୀ ସୁଖପଦ ସାମଲ, ପିତା: ହେମେନ୍ଦ୍ର ସାମଲ, (୨) ଶ୍ରୀ ଲକ୍ଷ୍ମୀପଦ ସାମଲ, ପିତା: ହେମେନ୍ଦ୍ର ସାମଲ, ସମସ୍ତଙ୍କ ଠିକଣା-ସା: ପ୍ଲଟ୍ ନଂ.: ଜିଏ-୧୮୮, ଶୈଳଶ୍ରୀବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୧। | ଶ୍ରୀ ସୁଖପଦ ସାମଲ ଏବଂ ଶ୍ରୀ ଲକ୍ଷ୍ମୀପଦ ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ଘୋଲେଇ, ଥାନା: ରାଇବଣିଆ, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୨୦୪/୬୧, ପ୍ଲଟ ନଂ.: ୩୮୦/୭୮୫, କ୍ଷେତ୍ର: ଏକର ୦.୦୯୦ ଡିସିମିଲି, କିସମ: ଘରବାଡ଼ି। | ୧୯.୧୨.୨୦୧୯ ସୁଦ୍ଧା ଟ.୪୫,୩୮,୬୩୩.୦୦ + ୨୦.୧୨.୨୦୧୯ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୯.୧୨.୨୦୧୯ | କ) ଟ.୪,୭୭,୦୦୦/- ଖ) ଟ.୪୮,୦୦୦/- ଗ) ଟ.୧୦,୦୦୦/- |
| ୫. | ଋଣଗ୍ରହୀତାମାନେ: (୧) ରୋଜ ମହମ୍ମଦ, ପିତା: ଅବଦୁଲ୍ ସତାର, (୨) ସାହାନାଜ ବାନୋ, ସ୍ୱାମୀ: ରୋଜ ମହମ୍ମଦ, ଉଭୟଙ୍କ ଠିକଣା-ସା: ଜୁରୁଡ଼ି, ପୋ: ଜଡ୍ଡାଙ୍ଗ, ଭାୟା: ଯୋଡ଼ା, ଜିଲ୍ଲା: କେନ୍ଦୁଝର / ଆକାଉଣ୍ଟ ନଂ. ୩୦୯୬୧୮୩୩୮୬୬ | ରୋଜ ମହମ୍ମଦ ଏବଂ ସାହାନାଜ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ଜରୋଲି, ସା: ଜୁରୁଡ଼ି, ପୋ: ଜଡ୍ଡାଙ୍ଗ, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୮୬/୨୨୭, ପ୍ଲଟ ନଂ.: ୩୭୨/୭୪୩, କ୍ଷେତ୍ର: ଏକର ୦.୧୯ ଡିସିମିଲି, କିସମ: ଘରବାଡ଼ି। | ୩୦.୦୪.୨୦୧୬ ସୁଦ୍ଧା ଟ.୬୯,୬୫,୧୦୦.୦୦ + ୦୧.୦୫.୨୦୧୬ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୨.୦୫.୨୦୧୬ | କ) ଟ.୭୦,୦୦,୦୦୦/- ଖ) ଟ.୭,୦୦,୦୦୦/- ଗ) ଟ.୫୦,୦୦୦/- |

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ। (କ୍ରମ ନଂ. ୧, ୨ଏବଂ ୩ ପାଇଁ)

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ। (କ୍ରମ ନଂ. ୪ଏବଂ ୫ ପାଇଁ)

ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ନଳିନୀ କାନ୍ତ ପଣ୍ଡା (କ୍ଷମତାପ୍ରାପ୍ତଅଧିକାରୀ), ମୋ.: ୮୩୨୭୭ ୭୧୭୫୨ ଏବଂଶ୍ରୀମତୀ ପ୍ରମିଳା ଏକ୍କା (ସିଟି କେସ୍ ଅଫିସର), ମୋ.: ୭୯୭୮୩ ୫୧୯୯୮ (କ୍ରମ ନଂ. ୧ ଏବଂ ୨ ପାଇଁ), ଶ୍ରୀ ଶଙ୍କର ଚରଣ ସୋରେନ (ସିଟି କେସ୍ ଅଫିସର), ମୋ.: ୭୬୫୬୯ ୪୯୧୯୭ (କ୍ରମ ନଂ. ୩ ଏବଂ ୪ ପାଇଁ)।ଶ୍ରୀ ପ୍ରଦୀପ ମହାପାତ୍ର (ସିଟି କେସ୍ ଅଫିସର), ମୋ.: ୯୪୩୯୨ ୦୩୫୭୧,(କ୍ରମ ନଂ. ୫ ପାଇଁ)

ତାରିଖ : ୨୬.୧୧.୨୦୨୧, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## କହିଲ ଦେଖି

ମାର୍ଗଶିର ମାସ କୃଷ୍ଣ ଅଷ୍ଟମୀ
ପିଲାଏ ପିନ୍ଧନ୍ତି ନୂଆ
ବଡ଼ପିଲା ପାଇଁ ବନ୍ଦାପନା ହୁଏ
ଥୋଇ ଚାଉଳ ଗୁଆ,
ଓଡ଼ିଶା ବଙ୍ଗଳା ପରବ
କହିଦିଅ ଇଏ କେଉଁ ପରମ୍ପରା
ଆମ ସଂସ୍କୃତିର ଗୌରବ ?
ଉ- **ପ୍ରଥମାଷ୍ଟମୀ**

ବିରି ଚାଉଳର ପିଠଉରେ ହୁଏ
ହଳଦୀ ପତରେ ଗଢ଼ା,
ଖାଇବାକୁ ଲାଗେ ଭାରି ସୁଆଦିଆ
ଘରେ ଘରେ ହୁଏ ପିଲାଙ୍କୁ ବଢ଼ା
ମାଆ ଛେନା ପୁର ଦିଏ
ବରଷକେ ଥରେ ହୁଏ
କୁହ ଏଇ ଚିଜ କିଏ ?
ଉ- **ଏଣ୍ଡୁରି ପିଠା**



ପାଇ ପିଲାମାନେ ହୁଅନ୍ତି ଖୁସି
ଯାନି ଯାତରାରେ ଆଦର ବେଶି
ରଙ୍ଗ ବେରଙ୍ଗର ଦେହଟି ମୋର
ଏବେ ଦେଇଛନ୍ତି ମାମୁଙ୍କ ଘର,
କୁହ ଦେହକୁ କେ' ମାନେ,
ଖୋଜାପଡ଼େ ସବୁ ଦିନେ।
ଉ- **ପୋଷାକ**

**-କବିଜ୍ୟୋତି ନିରଞ୍ଜନ ପତି**
*ଗାନ୍ଧୀ ମାର୍ଗ, ଅନୁଗୋଳ*

## ତୁମ ପଢ଼ିବା ପାଇଁ

### ହଲାଣ୍ଡର ଲୋକକଥା




ପିଲାମାନେ ସାଧାରଣତଃ ଗପ, ଗୀତ, ପ୍ରବନ୍ଧ, ଲୋକକଥା ଆଦି ପଢ଼ିବାକୁ ଭଲ ପାଆନ୍ତି। ଏଥିରୁ ସେମାନେ ଅନେକ ନୀତିଶିକ୍ଷା ଗ୍ରହଣ କରିଥାନ୍ତି। ଏଭଳି ପ୍ରୟାସ କରାଯାଇଛି ଲଳିତ କୁମାର ଖୁଣ୍ଟିଆଙ୍କ ଦ୍ୱାରା ଲିଖିତ 'ହଲାଣ୍ଡର ଲୋକକଥା'ରେ। ଏଥିରେ ରହିଛି ବୋକା କିଏ, ଅରକ୍ଷିତକୁ ଦଇବ ସାହା, ଉପକାରୀ ବିଲୁଆ, ସୋନୁ ଆଉ ମୋନୁ, ବିପଦବେଳର ସାଥୀ ଭଳି ଅନେକ ଉପାଦେୟ ଲୋକକଥା। ଏହାର ମୂଲ୍ୟ ରହିଛି ମାତ୍ର ୨୦ଟଙ୍କା। ଯୋଗାଯୋଗ- ଲଳିତ କୁମାର ଖୁଣ୍ଟିଆ, ଶହୀଦ୍ ନଗର, ଭୁବନେଶ୍ୱର-୭।

## ଖିଲିଖିଲି ହସ

(ବନ୍ଧୁତ୍ୱ ଦିବସକୁ ନେଇ ଦୁଇ ବନ୍ଧୁ ଭିତରେ କଥାବାର୍ତ୍ତା...)

ପ୍ରଥମ ସାଙ୍ଗ-ଆରେ ସାଙ୍ଗ, ଆଉ ଦୁଇଦିନ ପରେ ବନ୍ଧୁତ୍ୱ ଦିବସ। ତୁ ମୋ ଠୁ କ'ଣ ଗିଫ୍ଟ ନବାକୁ ଚାହୁଁଛୁ?

ଦ୍ୱିତୀୟ ସାଙ୍ଗ-ଜାଣିନି। ହେଲେ ସେମିତି କିଛି ନାହିଁ।

ପ୍ରଥମ ସାଙ୍ଗ-ଆଚ୍ଛା ଠିକ୍ ଅଛି। ତତେ ଭାବିବା ପାଇଁ ମୁଁ ଗୋଟେ ବର୍ଷ ସମୟ ଦେଲି। ଆଗାମୀ ବର୍ଷ ବନ୍ଧୁତା ଦିବସ ଯାଏ ଭାବୁଥା...ମୋତେ କହିବୁ।

(ରାଜୁ ଓ ଶିକ୍ଷକ ମଧ୍ୟରେ କଥାବାର୍ତ୍ତା...)

ଶିକ୍ଷକ-ରାଜୁ, ତମକୁ କୁକୁର ଉପରେ ଯେଉଁ ରଚନା ଲେଖିବାକୁ କୁହାଯାଇଥିଲା, ସେଟା ତୁମ ଭାଇ ଲେଖିଥିବା ରଚନା ସହ ପୂରା ସମାନ। ତୁମେ ତା'ଠାରୁ କପି କରିଛ କି?

ରାଜୁ-ନାଁ ସାର୍। କଥା କ'ଣ କି...ଆମେ ଦି' ଜଣ ଗୋଟାଏ କୁକୁର ବିଷୟରେ ଲେଖିଛୁ ତ, ସେଥିପାଇଁ ସମାନ ହୋଇଯାଇଛି।



ଶ୍ରୀୟାନ୍
୫ ବର୍ଷ

# ଜ୍ୟେଷ୍ଠ ହିଁ ଶ୍ରେଷ୍ଠ



ପ୍ରଥମାଷ୍ଟମୀ ଓଡ଼ିଆଙ୍କର ଏକ ସୁପରିଚିତ ଓ ପାରମ୍ପରିକ ପର୍ବ। ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ। ପ୍ରଥମାର ଅପଭ୍ରଂଶ ହେଉଛି ପଢୁଆଁ। ପରିବାରରେ ଜ୍ୟେଷ୍ଠଙ୍କୁ ସମ୍ମାନ, ଦାୟିତ୍ୱବୋଧ ଓ ଆୟୁବୃଦ୍ଧିର କାମନା ସହ ମାମୁଘର ସହିତ ସମ୍ପର୍କକୁ ନିବିଡ଼ ଓ ଦୃଢୀଭୂତ କରାଇବା ଏହି ପର୍ବର ମୁଖ୍ୟ ବୈଶିଷ୍ଟ୍ୟ।

ଶାସ୍ତ୍ର ଏବଂ ପଣ୍ଡିତଙ୍କ ମତାନୁଯାୟୀ, ଏହି ପର୍ବ ଜ୍ୟେଷ୍ଠମାନଙ୍କର ଆୟୁବୃଦ୍ଧି ପାଇଁ କରାଯାଉଥିବାରୁ ଭଣଜା ଭାଣିଜୀ ଓ ଘରର ବଡ଼ ପୁଅଝିଅ ପଢୁଆଁ ହେବାର ପରମ୍ପରା ରହିଛି। ଜ୍ୟେଷ୍ଠ ସନ୍ତାନଗଣ ପିଣ୍ଡଦାନର ଅଧିକାରୀ, ପରିବାରର ପ୍ରତିପୋଷକ ଓ ପିତାମାତାଙ୍କର ହିତକାରୀ।

ଏହିଦିନ ପ୍ରତ୍ୟୁଷରୁ ଘରର ଜ୍ୟେଷ୍ଠ ପିଲାମାନଙ୍କୁ ହଳଦୀ ପାଣିରେ ଗାଧୋଇ ଦେଇ ନୂଆ ବସ୍ତ୍ର ପରିଧାନ କରାଇବା ପରେ ଅଗଣାରେ ଥିବା ତୁଳସୀ ଚଉଁରା ନିକଟରେ ପୂଜା କରାଯାଏ। ଏହାପରେ ମାମୁ ଘରୁ ଆସିଥିବା ନୂଆ ପୋଷାକ ପରିଧାନ କରି ମୁଣ୍ଡରେ ଚନ୍ଦନ ଟିପା ଲଗାଇ ବନ୍ଦାପନା ହୋଇ ପଢୁଆଁ ହୋଇଥାନ୍ତି। ଜଗନ୍ନାଥଙ୍କ ପାଇଁ ଏହି ପର୍ବ ପାଳନ ହେଉଥିବା ବେଳେ ଏହିଦିନ ମନ୍ଦିରରେ ବଡ଼ଭାଇ ବଳଭଦ୍ରଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇ ହଳଦୀ ପତ୍ରରେ ପ୍ରସ୍ତୁତ ସୁସ୍ୱାଦୁ ଏଣ୍ଡୁରି ପିଠା ଭୋଗ ଲାଗି କରାଯାଇଥାଏ।

ପ୍ରଥମାଷ୍ଟମୀର ଏଣ୍ଡୁରି ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର ଏକ ଅନନ୍ୟ ପରମ୍ପରା। ଆମ ସଂସ୍କୃତିରେ ହଳଦୀ ଏକ ଦିବ୍ୟ ଏବଂ ଶୁଭ ଦ୍ରବ୍ୟ। ହଳଦୀପତ୍ରରେ ବଟାଯାଇଥିବା ଉଆପାଖିଆ ଚାଉଳ ଏବଂ ବିରି ସହ ଏହି ପିଠାରେ ନଡ଼ିଆ, ଛେନା ଓ ଖସାପୁର ମଧ ଦିଆଯାଏ। ଗାଁ ଗହଳିରେ ଏହି ପିଠା ଅଷ୍ଟମୀ ଦିନରୁ ଆଠଦିନ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥାଏ ଏବଂ ଶେଷଦିନ ଯେଉଁ ପିଠା ପ୍ରସ୍ତୁତ ହୋଇଥାଏ ତାକୁ ଅଥାର ଭଙ୍ଗା ପିଠା ବୋଲି ମଧ କୁହାଯାଇଥାଏ। ପିଠା ହଳଦୀ ପତ୍ରରେ ତିଆରି ହୋଇଥିବାରୁ ଏହା ଜୀବାଣୁନାଶକ ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

ପ୍ରଥମାଷ୍ଟମୀର ଅନ୍ୟ ଏକ ନାମ ହେଉଛି 'ସୌଭାଗିନୀ ଅଷ୍ଟମୀ'। ଏହି ସମୟରେ କୃଷକ କ୍ଷେତ୍ରରୁ ପ୍ରଥମ ଧାନ ଅମଳ କରି ଘରକୁ ଆଣିଥାଏ। ଧାନ ହେଉଛି କୃଷକର ସୌଭାଗ୍ୟର ପ୍ରତୀକ। ଘର ଧନଧାନ୍ୟରେ ଭରପୂର ହେଲେ କୃଷକ ସର୍ବଦା ଖୁସିରେ ରହେ। ତେଣୁ ପ୍ରଥମାଷ୍ଟମୀକୁ ସୌଭାଗିନୀ ଅଷ୍ଟମୀ ବୋଲି କୁହାଯାଇଥାଏ। ତାନ୍ତ୍ରିକମାନେ ଏହି ଅଷ୍ଟମୀ ଦିନ କାଳ ଭୈରବୀଙ୍କ ବ୍ରତ ଉପବାସ କଲେ ମନୁଷ୍ୟ ସର୍ବ ପାପରୁ ମୁକ୍ତି ପାଇଥାଏ। ତେଣୁ ପ୍ରଥମାଷ୍ଟମୀକୁ 'କାଳଭୈରବାଷ୍ଟମୀ' ମଧ କୁହାଯାଏ। କେହି କେହି ଏହାକୁ ପାପନାଶିନୀ ଅଷ୍ଟମୀ ମଧ କହିଥାନ୍ତି।

**-ସାଇପ୍ରସାଦ ସାହୁ,** *ସିନ୍ଧେକେଲା, ବଲାଙ୍ଗୀର*
*ମୋ : ୯୯୩୭୦୩୪୭୪୨*




## ପ୍ରଥମାଷ୍ଟମୀ

ପ୍ରଥମାଷ୍ଟମୀ ମୁଁ ଆସିଅଛି ଦେଖ
ଏଇ ମାର୍ଗଶିର ମାସେ,
ଓଡ଼ିଆ ଘରର ପରବଟିଏ ମୁଁ
ପିଠାପଣା ଘରେ ବାସେ।

ଷଷ୍ଠୀ ବୁଢ଼ୀ ମାଆ ପୂଜା ପାଇଥାଏ
ଘରେ ଘରେ ଏହି ଦିନ,
କଳସୀ ବସାଇ ଘୃତ ଦୀପ ଜାଳି
ପୂଜିଥାନ୍ତି ସବୁ ଜନ।

ପିଢ଼ାରେ ବସାଇ ଜ୍ୟେଷ୍ଠ ସନ୍ତାନକୁ
ପିନ୍ଧାଇ ପୋଷାକ ନୂଆ,
ବନ୍ଦାପନା କରେ ଦୀର୍ଘାୟୁ ମନାସି
ଯତନରେ ତା'ର ମାଆ।

ହଳଦୀ ପତର ଏଣ୍ଡୁରି ଖାଇକି
ହୁଏ ନାନା ରୋଗ ଦୂର,
ମଣ୍ଡା ଗଢ଼ାହୁଏ ମୁଗ ଛେନା ରାଶି
ନଡ଼ିଆର ଦେଇ ପୂର।

ମିଳିମିଶି ସବୁ ପିଠା ଖିରି ଖାଇ
କରିବ ସଭିଏ ମଜା,
ଓଡ଼ିଆ ଜାତିର ଗଉରବ ମୁହିଁ
ପାଳି ମନ କର ତାଜା।

**-ଲକ୍ଷ୍ମୀଧର ନାୟକ**
*ବାଉଁଶିଆପଡା, ନୟାଗଡ଼*

## ମାଟିର ଘର

ଘର ନୁହେଁ ତ ସେ ସ୍ୱର୍ଗର ମନ୍ଦିର
ପବିତ୍ର ମାଟିରେ ହୋଇଛି ଛପର।
ଗୋବର ମାଟିରେ ଗଢ଼ା ହୋଇଛି
ଚାଉଳ ବଟାରେ ମୁରୁଜ ପଡ଼ିଛି ।
କି ସୁନ୍ଦର ଦିଶେ ଘରଟି ମୋର
ବାର ପୂଜାରେ ତେର ପରବ।
ଘରେ ପାଳୁଥାଏ ମୁଁ ସବୁଦିନ
ଘରଟି ମୋର କେତେ ଯେ ପବିତ୍ର।
ଝଡ଼ ତୋଫାନ ସହି ସମସ୍ତଙ୍କୁ ଦିଏ ଆଶ୍ରୟ
ମାଟି ଘରଟି ମୋର କରେ କେତେ
ଉପକାର।

**-ଗାୟତ୍ରୀ ଦାସ**
*ଗୋଳବାଇ, ଜଙ୍କିଆ, ଖୋର୍ଦ୍ଧା*



## ହଳଦୀ ପତରେ ଏଣ୍ଡୁରି

ମାର୍ଗଶିର ମାସ କୃଷ୍ଣ ଅଷ୍ଟମୀରେ
ପ୍ରଥମାଷ୍ଟମୀ ଯେ ଆସେ
ଏଣ୍ଡୁରି ପିଠାରେ ଓଡ଼ିଆଙ୍କ ଘର
ମହମହ ହୋଇ ବାସେ।

ହଳଦୀ ପତର ଉପରେ ସୋଦୁଅ
ଅତି ଯତନରେ ଦେଇ
ଛେନା, ରାଶି, ନାରିକେଳ ପୁର ଦିଅ
ତାହାରି ଭିତରେ ନେଇ।

ନୂତନ ଧାନର ଚାଉଳରୁ ଚୂନା
ନୂଆ ବିରି ବଟା ଯାଏ
ହଳଦୀ ପତର ସାହାଯ୍ୟରେ ପିଠା
ଏଣ୍ଡୁରି ହିଁ ହୋଇଥାଏ।

ପ୍ରତ୍ୟେକ ଘରର ଜ୍ୟେଷ୍ଠ ସନ୍ତାନ ହିଁ
ପଢୁଆଁ ହୁଅନ୍ତି ପରା
ନୂତନ ପୋଷାକ ପରିଧାନ କରି
ଦିଶୁଥାନ୍ତି ମନୋହରା।

ମାମୁଘର ପରା ପଢୁଆଁ କରନ୍ତି
ଚଳି ଆସୁଅଛି ବିଧି
ଭଣଜାଭାଣିଜୀ ମାମୁଘରେ ପରା
ହୋଇଥାନ୍ତି କୋଟିନିଧି।

**-ନିରଞ୍ଜନ ସାହୁ**, *ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ*

## ଶୀତ ଆସିଛି ବୋଲି

ଭାରିଭଲ ଦିଶେ ଦୂରୁ ସୁନାକ୍ଷେତ
ଶୀତଟା ଆସିଛି ବୋଲି
ଗଛଡାଳେ ଫୁଟି ଗେଣ୍ଡୁଫୁଲ ହସେ
ଶୋଭାର ପସରା ମେଲି ।

ସତେକି ମୁକୁତା ବିଞ୍ଚିଦେଇ ଅଛି
ରାତିର ଶିଶିରଟୋପା
ସଞ୍ଜଗଡ଼ିଗଲେ ପଦାରେ ବୁଲନା
ଆକଟ କରନ୍ତି ବାପା ।

କଅଁଳ ଖରାରେ ଅଜାବସି ମଜା
କରନ୍ତି ଚୋବାଇ ଖଜା
ଆଇ ନିଆଁପୋଇଁ ପକାଏ ପାଟିରେ
ମୁଢି ଓ ବାଦାମଭଜା ।

ମନ ଫୁଲାଣିଆ ଗୀତଗାଏ ଚଷା
ଦୋରସା କ୍ଷେତରେ ତା'ର
ବୋଉ ସଜାଡ଼ଇ ଅପାଘର ପାଇଁ
ପଢୁଆଁ ଅଷ୍ଟମୀ ଭାର ।

ପରବ ଜମିବ ଖିରି ପିଠା ହେବ
ଶୀତଟା ଆସିଛି ବୋଲି
ଶୀତକୁ ନ ଡରି ବିକେ ବସି ନରି
ଦହିବରା ଗୀତ ବୋଲି ।

**- ପ୍ରଶାନ୍ତ କୁମାର ଦାଶ**
*କୁଞ୍ଜର, ସଙ୍ଗଳାଇ, ପିପିଲି, ପୁରୀ*

## ଟଗଲା ଭୀମୁ




## ମତାମତ

➔ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି।
*-ଶ୍ରୀକାନ୍ତ ପାତ୍ର, ପୁରୀ*

➔ଏଥର ଗପ ସ୍ତମ୍ଭରେ 'ପ୍ରକୃତ ସାଧକ'ର ଉପସ୍ଥାପନା ଶୈଳୀ ବହୁତ ଭଲ ଲାଗିଲା।
*-ପ୍ରକାଶ ରାଉତ, ଢେଙ୍କାନାଳ*

➔ଏହି ପୃଷ୍ଠାରେ ପ୍ରକାଶ ପାଉଥିବା 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ଶିକ୍ଷଣୀୟ ହୋଇପାରୁଛି।
*-ମନସ୍ୱିନୀ ପରିଡ଼ା, ବାଙ୍କୀ, କଟକ*

➔ତୁମ ତୂଳୀ ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଥିଲା।
*-ରାନୁସ୍ମିତା ସିଂ, ଭୁବନେଶ୍ୱର*

➔ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ପଢ଼ି ବହୁତ ଭଲ ଲାଗିଲା।
*-ବିଭୁ ପ୍ରସାଦ କର, ଭବାନୀପାଟଣା, କଳାହାଣ୍ଡି*

➔'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣି ହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।
*-ରାମଚନ୍ଦ୍ର ହୋତା, କନ୍ଧମାଳ*




**ଅନୁଷ୍କା ବେଉରା**
କ୍ଲାସ- ୭, ସେଣ୍ଟ ଯୋଶେଫ ହାୟର ସେକେଣ୍ଡାରୀ ହାଇସ୍କୁଲ, ଭୁବନେଶ୍ୱର




**ଦିବ୍ୟଦୀପ ମହାନ୍ତି**
କ୍ଲାସ-୯, କଳିଙ୍ଗ ପବ୍ଲିକ ସ୍କୁଲ, ଚୌଦ୍ୱାର, କଟକ





**ତ୍ରିନାଥ ନନ୍ଦୀ**
କ୍ଲାସ- ୧୦, ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲେଶ୍ୱର

## ଏସ୍‌ବିଆଇ ଉପରେ ୧ କୋଟିର ଜରିମାନା

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଉପରେ ରିଜର୍ଭ ବ୍ୟାଙ୍କ ୧ କୋଟି ଟଙ୍କାର ଜରିମାନା ଲଗାଇଛି। ବ୍ୟାଙ୍କରୁ ଋଣ ନେଇଥିବା କମ୍ପାନୀଗୁଡ଼ିକରେ ଅଂଶଧନ ହାସଲ କରିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ବ୍ୟାଙ୍କ ବିରୋଧରେ ଗ୍ରହଣ କରାଯାଇଛି। ଏହି କମ୍ପାନୀଗୁଡ଼ିକରେ ବ୍ୟାଙ୍କର ପେଡ୍-ଅପ୍ ଶେୟାର କ୍ୟାପିଟାଲ ୩୦%ରୁ ଉର୍ଦ୍ଧ୍ୱ ରହିଛି। ବ୍ୟାଙ୍କିଙ୍ଗ ରେଗୁଲେଶନ ଆଇନ ଧାରା ୧୯ ଅଧିନରେ ଜରିମାନା ଲଗାଯାଇଛି। ବ୍ୟାଙ୍କ ବିରୋଧରେ ଏ ନେଇ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ତଦନ୍ତ କରାଯାଇଥିଲା।

## ସଂକ୍ଷେପରେ

### ସେମି କଣ୍ଡକ୍ଟର ୟୁନିଟ ବସାଇବ ଟାଟା

**ମୁମ୍ବାଇ, ୨୬।୧୧:** ଦେଶର ପ୍ରମୁଖ ବାଣିଜ୍ୟିକ ଗ୍ରୁପ ଟାଟା ଘରୋଇ ବଜାରରେ ସେମି କଣ୍ଡକ୍ଟର ୟୁନିଟ ବସାଇବା ଯୋଜନା ରଖିଛି। ପ୍ରକ୍ରିୟା ସହ ଜଡ଼ିତ ୨ ଜଣ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ୩୦୦ ନିୟୁତ ଡଲାର ପୁଞ୍ଜି ବିନିଯୋଗରେ ସେମି କଣ୍ଡକ୍ଟର ଆସେମ୍ବଲି ଏବଂ ଟେଷ୍ଟିଂ ୟୁନିଟ ବସାଇବା ଲାଗି ୩ ରାଜ୍ୟ ସହିତ ଆଲୋଚନା କରୁଛି। ଗ୍ରୁପ ତାମିଲନାଡୁ, କର୍ନାଟକ ଏବଂ ତେଲେଙ୍ଗାନା ଭଳି ରାଜ୍ୟ ସହ ଏଭଳି ଆଲୋଚନାରେ ସାମିଲ ରହିଥିବା କୁହାଯାଉଛି। ଜମିଜମା ଯୋଗାଣ ଏବଂ ଅନ୍ୟ ଆନୁସଙ୍ଗିକ ପ୍ରସଙ୍ଗ ଏଥିରେ ରହିଛି। ତେବେ ଏସମ୍ପର୍କରେ ବିସ୍ତୃତ ଭାବେ କିଛି କହିବାକୁ ଅଧିକାରୀ ମନା କରିଦେଇଛନ୍ତି। ସେମି କଣ୍ଡକ୍ଟର ବିଜନେସ କ୍ଷେତ୍ରରେ ପ୍ରବେଶ କରିବା ନେଇ ପୂର୍ବରୁ ଟାଟା ଗ୍ରୁପ ଆଭାସ ଦେଇଥିଲା। ଆସନ୍ତା ମାସ ସୁଦ୍ଧା ୟୁନିଟ ବସାଇବା ସ୍ଥାନ ନିରୂପଣ କରାଯିବାର ବିଶେଷ ସମ୍ଭାବନା ରହିଛି।

### ଫ୍ୟୁଚର ଗ୍ରୁପ୍‌ରେ ଆର୍ଥିକ ଅନିୟମିତତା ଅଭିଯୋଗ

**ମୁମ୍ବାଇ, ୨୬।୧୧:** ଫ୍ୟୁଚର ଗ୍ରୁପରେ ବୃହତ୍ତ ପରିମାଣର ଆର୍ଥିକ ଅନିୟମିତତା ହୋଇଥିବା ଆମାଜନ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଗ୍ରୁପ କାରବାରୁ ରିଲାଏନ୍ସ ଗ୍ରୁପ ଅଧିଗ୍ରହଣ କରିବାକୁ ଚାହୁଁଥିବା ବେଳେ ଆମାଜନ ଏହା ବିରୋଧରେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛି। ଆମାଜନ କହିଛି ଯେ, ଫ୍ୟୁଚର ଗ୍ରୁପର ପ୍ରାୟ ୭ ହଜାର କୋଟି ଟଙ୍କାର ଅର୍ଥ ଅନ୍ୟ କମ୍ପାନୀକୁ ପଠାଇ ଦିଆଯାଇଛି। ମାର୍ଚ୍ଚ ୨୦୨୦ ବେଳକୁ ଫ୍ୟୁଚର ରିଟେଲ ଲିମିଟେଡ ଏହି ଅର୍ଥ କ୍ୟାପିଟାଲ ଆଡଭାନ୍ସ ଭାବେ ପ୍ରତିଷ୍ଠାତା କିଶୋର ବିୟାନିଙ୍କ ନେତୃତ୍ୱାଧୀନ ଅନ୍ୟ କମ୍ପାନୀକୁ ପ୍ରଦାନ କରାଯାଇଛି।

# ପୁରୀରେ ଗୋଦ୍‌ରେଜ ଇଣ୍ଟେରିଓର ନୂଆ ଷ୍ଟୋର

ପୁରୀ, ୨୬।୧୧



ଗୋଦ୍‌ରେଜ ଇଣ୍ଟେରିଓ ପକ୍ଷରୁ ପୁରୀରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଦି ନିୟୁ ଗ୍ରାଣ୍ଡ ଫର୍ନିଚରଠାରେ ଏହା ଅବସ୍ଥିତ। ଦି ନିୟୁ ଗ୍ରାଣ୍ଡ ଫର୍ନିଚରର ଓନର ଜିତେନ୍ଦ୍ର କୁମାର ପାତ୍ର, ଗୋଦ୍‌ରେଜ ଇଣ୍ଟେରିଓ ପକ୍ଷରୁ ବ୍ରାଞ୍ଚ ହେଡ୍ ପ୍ରଦୋଷ କୁମାର ଦାସ ଏବଂ ଟେରିଟୋରି ମ୍ୟାନେଜର ସିଦ୍ଧାର୍ଥ ପରିଜା ପ୍ରମୁଖ ଉପସ୍ଥିତ ରହି ଏହି ଷ୍ଟୋରକୁ ଉଦ୍‌ଘାଟନ କରିଥିଲେ। ରେଳ ଷ୍ଟେଶନ ନିକଟରେ ଷ୍ଟୋରଟି ଅବସ୍ଥିତ। ଏହି ଷ୍ଟେଟ ଅଫ୍ ଆର୍ଟ ଷ୍ଟୋରଟି ୨, ୮୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଏହା ଦ୍ୱାରା କମ୍ପାନୀ ଓଡ଼ିଶା ତଥା ପୂର୍ବ ଭାରତୀୟ ବଜାରରେ ନିଜର ଉପସ୍ଥିତି ବଢ଼ାଇଛି। ସେହିଭଳି ଷ୍ଟୋରରେ ହୋମ୍ ଫର୍ନିଚର ବାଦ୍ ହୋମ ଷ୍ଟୋରେଜ ସେଗ୍‌ମେଣ୍ଟ, ମଡ୍ୟୁଲାର ଷ୍ଟୋରେଜ ସଲ୍ୟୁଶନ, ବିଭିନ୍ନ ଷ୍ଟାଇଲିଂ ଏବଂ ଫିନିସିଂ ବର୍ଗରେ ପ୍ରଡକ୍ଟ ଉପଲବ୍ଧ ହେବ। କମ୍ପାନୀ ଦେଶର ୬୫୦ ସହରରେ ୨୫୦ ଏକ୍ସକ୍ଲୁସିଭ ଶୋ'ରୁମ ଦ୍ୱାରା ସେବା ଯୋଗାଉଛି। କମ୍ପାନୀର ବରିଷ୍ଠ ଉପସଭାପତି ସୁବୋଧ ମେହେଟା କହିଛନ୍ତି, ଗୋଦ୍‌ରେଜ ଇଣ୍ଟେରିଓର ଓଡ଼ିଶା ବଜାରରେ ଦୃଢ଼ ଉପସ୍ଥିତି ରହିଛି। ଓଡ଼ିଶା ଏକ ପ୍ରମୁଖ ବଜାର ହୋଇଥିବା ବେଳେ ସମ୍ପୂର୍ଣ୍ଣ ପୂର୍ବାଞ୍ଚଳ କାରବାରକୁ ଏହା ୨୫% ଯୋଗଦାନ ରଖୁଛି। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ଗ୍ରାହକ ସେଲିବ୍ରେଶନ ଅଫର ଭାବେ ସବୁ ବର୍ଗର ପ୍ରଡକ୍ଟ ଉପରେ ରିହାତି ଲାଭ କରିପାରିବେ।

# ଇମ୍ଫାର ୬୦ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୨୬।୧୧

ଇଣ୍ଡିଆନ ମେଟାଲ୍‌ସ ଆଣ୍ଡ ଫେରୋ ଆଲୋଏଜ ଲିମିଟେଡ (ଇମ୍ଫା) ଶୁକ୍ରବାର ଏହାର ୬୦ତମ ପ୍ରତିଷ୍ଠା ଦିବସ ଏବଂ ପ୍ରତିଷ୍ଠାତା ଡ ବଂଶୀଧର ପଣ୍ଡାଙ୍କ ୯୦ତମ ଜନ୍ମବାର୍ଷିକୀ ପାଳନ କରିଅଛି। ଏହି ଅବସରରେ ଥେରୁବାଲି, ଚୌଦ୍ୱାର, ସୁକିନ୍ଦା ଏବଂ ଭୁବନେଶ୍ୱରର କର୍ପୋରେଟ ଅଫିସରେ ସ୍ମରଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିସର୍ଚ୍ଚ ବୈଜ୍ଞାନିକ ଡ ବଂଶୀଧର ପଣ୍ଡା ଏବଂ ଶ୍ରୀମତୀ ଇଲା ପଣ୍ଡା ୧୯୬୧ ରେ ସିଲିକନ ଆଲୋଏଜ ଉତ୍ପାଦନ ପାଇଁ ଇମ୍ଫା ପ୍ରତିଷ୍ଠା କରିଥିଲେ। କମ୍ପାନୀ ଉପରେ ଏବେ ୬,୫୦୦ରୁ ଅଧିକ ପରିବାର ନିର୍ଭର କରୁଛନ୍ତି। ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ ଏବଂ ଇଣ୍ଡିଆନ ମେଟାଲ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ମାଧ୍ୟମରେ ବିଭିନ୍ନ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ସେହିଭଳି ଫେରୋ କ୍ରୋମ କ୍ଷମତାକୁ ବାର୍ଷିକ ୧,୦୦,୦୦୦ ଟନକୁ ବୃଦ୍ଧି ଯୋଜନା ରଖିଛି। ୫୫୦ କୋଟି ଟଙ୍କା ବ୍ୟୟରେ ଯାଜପୁର ଜିଲ୍ଲାର କଳିଙ୍ଗନଗରରେ ହେବାକୁ ଥିବା ନୂଆ ପ୍ରକଳ୍ପରେ ୪୦୦ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିପାରିବ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି।

# ଅଲିମ୍ପିକ ବିଜେତାଙ୍କୁ ଏଲ୍‌ଆଇସିର ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୬।୧୧

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ଉଭୟ ଅଲିମ୍ପିକ ଏବଂ ପାରା ଅଲିମ୍ପିକ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୪ର୍ଥ ସ୍ଥାନରେ ଥିବା କ୍ରୀଡ଼ାବିତ୍‌ମାନେ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। କ୍ରୀଡ଼ାବିତ୍‌ମାନେ ରହୁଥିବା ସେମାନଙ୍କ ନିଜ ସହରରେ ଏଲ୍‌ଆଇସି ବରିଷ୍ଠ ଅଧିକାରୀମାନେ ମେଡାଲ ବିଜେତାଙ୍କୁ ଅର୍ଥରାଶି ସହ ପୁରସ୍କୃତ କରିଥିଲେ। ସେହିଭଳି ପାରା ଅଲିମ୍ପିକରେ ଭାରତର ସଫଳତା ନିଶ୍ଚିତ ପକ୍ଷେ ଆଗାମୀ ପିଢ଼ିଙ୍କୁ ଉତ୍ସାହିତ କରିବ। କ୍ରୀଡ଼ାବିତ୍‌ଙ୍କ ପ୍ରଦର୍ଶନ ନିଶ୍ଚିତ ପକ୍ଷେ ପ୍ରଶଂସାଯୋଗ୍ୟ ବୋଲି ଏଲ୍‌ଆଇସି କହିଛି। ପାରା ଅଲିମ୍ପିକରେ ୫ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୬ଟି ବ୍ରୋଞ୍ଜ ପଦକ ଭାରତ ହାସଲ କରିଛି। ୧୯ ପଦକ ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କ ସମେତ ୪ର୍ଥ ସ୍ଥାନରେ ରହିଥିବା ୭ ଜଣ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

# ଜେଏସ୍‌ଡବ୍ଲ୍ୟୁ ଇସ୍ପାତ ୟୁନିଟ ପାଇଁ ତ୍ରିପାକ୍ଷିକ ବୈଠକ

ପାରାଦୀପ, ୨୬।୧୧

ଜେଏସ୍‌ଡବ୍ଲ୍ୟୁ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜଗତ୍‌ସିଂହପୁର ଜିଲ୍ଲା ପ୍ରଶାସନ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ତ୍ରିପାକ୍ଷିକ ଆଲୋଚନା ସଫଳତାର ସହ ଶେଷ ହୋଇଛି। ଏହି ଆଲୋଚନାରେ ଜିଲ୍ଲା ପ୍ରଶାସନ, ଓ ଜେଏସ୍‌ଡବ୍ଲ୍ୟୁର ବରିଷ୍ଠ ଅଧିକାରୀ ଏବଂ ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟାୟ ସଂଯୋଗ ସୁନିଶ୍ଚିତ କରିବା ପାଇଁ ଜନସାଧାରଣଙ୍କ ମତାମତ ଓ ସମସ୍ୟା ସମାଧାନ ନିମନ୍ତେ ଗୋବିନ୍ଦପୁରଠାରେ ପ୍ରକଳ୍ପ ସମ୍ବନ୍ଧୀୟ ଗ୍ରାମସ୍ତରୀୟ ଆଲୋଚନା ହୋଇଥିଲା। ତ୍ରିପାକ୍ଷିକ ବୈଠକପରେ ପଞ୍ଚାୟତ ସ୍ତରୀୟ କାର୍ଯ୍ୟ ଆରମ୍ଭ ନିମନ୍ତେ ଗଡକୁଜଙ୍ଗ, ନୂଆଗାଁ ଓ ଢ଼ିଙ୍କିଆଠାରେ ସଭା ଆୟୋଜିତ ହୋଇଥିଲା। ପାରିପାର୍ଶ୍ୱିକ ବିକାଶ ନିମନ୍ତେ କମ୍ପାନୀ ୧୯୬ କୋଟି ଟଙ୍କା ନିବେଶ ଲକ୍ଷ୍ୟ ରଖିଛି। ବିଜୟା ନଗର, ଡଲଭି ଅଞ୍ଚଳରେ କମ୍ପାନୀର ପ୍ରକଳ୍ପରେ ୫୦୦ ଲୋକ ନିଯୁକ୍ତି ମିଳିପାରବ ବୋଲି କମ୍ପାନୀ ପକ୍ଷରୁ ସୁଚନା ମିଳିଛି।

# ଡ୍ରାଏ ୱାଶ୍‌କୁ ଉତ୍ସାହିତ କରୁଛି ହ୍ୟୁଣ୍ଡାଇ

ଭୁବନେଶ୍ୱର, ୨୬।୧୧

ପରିବେଶ ସୁରକ୍ଷା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ଆଧାରରେ ଜଳ ସଞ୍ଚୟକୁ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍(ଏଚ୍‌ଏମ୍‌ଆଇଏଲ୍) ପକ୍ଷରୁ ପ୍ରାଥମିକତା ପ୍ରଦାନ କରାଯାଇଛି। ଏଭଳି କାର୍ଯ୍ୟକ୍ରମ ଆଧାରରେ କମ୍ପାନୀ ପକ୍ଷରୁ ଗାଡ଼ି ଧୋଇବା ଲାଗି ଡ୍ରାଏ ୱାଶ୍‌କୁ ଉତ୍ସାହିତ କରାଯାଇଛି। ଏହି ଦିଗରେ କମ୍ପାନୀ ସେଭ୍ ଦି ୱାଟର ଚ୍ୟାଲେଞ୍ଜ ଆରମ୍ଭ କରିଛି। ଏହା ଡିସେମ୍ବର ୬ ଯାଏ ଚାଲିବ। ଏହି ନିର୍ଦ୍ଦିଷ୍ଟ ସମୟ କାର୍ ସର୍ଭିସ ଉପରେ ଗ୍ରାହକଙ୍କୁ ଡ୍ରାଏ ୱାଶ୍ ଚୟନ କରିବା ଲାଗି କମ୍ପାନୀ ନିବେଦନ କରିଛି। ପ୍ରାୟ ୪ ବର୍ଷରେ ଏଭଳି କାର୍ଯ୍ୟକ୍ରମରେ ୪୨ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକ ସାମିଲ ହୋଇଛନ୍ତି। ଏହାଦ୍ୱାରା ୫୦୪ ନିୟୁତ ଲିଟର ଜଳ ସଞ୍ଚୟ କରାଯାଇଛି। ହ୍ୟୁଣ୍ଡାଇ ସହ ହାତରେ ଡବ୍ଲ୍ୟୁ ଆକୃତି ପୋଜ୍ ଦେଇ ଡିଲର ଷ୍ଟାଫଙ୍କ ଦ୍ୱାରା ଫଟୋ ଉଠାଇବାକୁ ହେବ। ଫଟୋ ସହିତ ନିଜ ଅଭିଜ୍ଞତାକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ହ୍ୟୁଣ୍ଡାଇ ଇଣ୍ଡିଆ ଏବଂ ୨ ଜଣ ସାଙ୍ଗଙ୍କୁ ହାସ୍‌ଟ୍ୟାଗ୍ ସେଭ୍ ୱାଟର ଏବଂ ଜଲ୍‌ବଚାକେ ଚଲ୍‌ଲେଖି ଶେୟାର କରିବାକୁ ହେବ। କମ୍ପାନୀ ୧୦୦ ଲକି ୱିନରଙ୍କୁ ଆମାଜନ ଭାଉଚର ପ୍ରଦାନ କରିବ।

BIRTHDAY WISH



Dear Rashmi

I celebrate you every single day, and because this day is extra-special, I celebrate you in a very special way with this special note "Thanks for coming into my life!"

D-22392

ଜନ୍ମଦିନ ଶୁଭେଚ୍ଛା



ଶ୍ରୀମତୀ ଆହ୍ଲାଦିନୀ ମହାନ୍ତି

ଟିକରପଡ଼ା, ମହାନ୍ତି ସାହି, ପୁରୀ–୨

ପବିତ୍ର ପ୍ରଥମାଷ୍ଟମୀ ତିଥିରେ ୭୫ତମ ଜନ୍ମଦିବସ। ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଜୀବନକୁ ସୁଖମୟ ଓ ଦୀର୍ଘାୟୁ କରାନ୍ତୁ। **ଶୁଭେଚ୍ଛା ସହ:–** ସ୍ୱାମୀ: ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି, ପୁତ୍ର: ସୌମ୍ୟରଞ୍ଜନ, ରଶ୍ମିରଞ୍ଜନ, ସ୍ମୃତିରଞ୍ଜନ, ପୁତ୍ରବଧୂ: ଅନୁରାଧା, ସଂଗୀତା, ସ୍ମିତା, ନାତୁଣୀ, ନାତି: ଡକ୍ଟର ଈପ୍‌ସିତା, ଆର୍ୟାନ୍, ସ୍ମରଣ।

ଧ–୬୯୦୫୩

CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୁଦ୍ରା ଫାଇନାନ୍ସ

PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।

Mudra Finance
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କେମିତି ମଦ ଛାଡ଼ିବେ

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯, ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।

ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ଫୁରସତ୍

# ୮୩ର ଟିଜର ରିଲିଜ



ରଣବୀର ସିଂ

**ମୁମ୍ବାଇ:** କ୍ରିକେଟର କପିଲ ଦେବଙ୍କ ଜୀବନୀକୁ ନେଇ ନିର୍ମାଣ କରାଯାଇଥିବା ବଲିଉଡ ଚଳଚ୍ଚିତ୍ର ୮୩ର ଟିଜର ରିଲିଜ ହୋଇଛି। ଏଥିରେ କପିଲ ଦେବଙ୍କ କ୍ୟାରେକ୍ଟରରେ ବଲିଉଡ ଅଭିନେତା ରଣବୀର ସିଂ ନଜର ଆସିଛନ୍ତି। ଏହି ଫିଲ୍ମ ୨୪ ଡିସେମ୍ବରରେ ରିଲିଜ ହେବାକୁ ଯାଉଛି। ଫିଲ୍ମରେ ରଣବୀରଙ୍କ ଅଭିନୟ ଦର୍ଶକଙ୍କ ମନକୁ ନିଶ୍ଚିତ ପସନ୍ଦ ଆସିବ ବୋଲି କୁହାଯାଉଛି। ତେବେ ରଣବୀର ତାଙ୍କ ଭିନ୍ନ ଅନ୍ଦାଜରେ ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ଫିଲ୍ମ ୮୩ ହିନ୍ଦୀ ବ୍ୟତୀତ ତାମିଲ, କନ୍ନଡ, ତେଲୁଗୁ ଓ ମାଲୟାଲାମରେ ରିଲିଜ କରାଯିବ। ଏଥିରେ ଦୀପିକା ପାଦୁକୋନଙ୍କ ଏକ ଛୋଟିଆ କ୍ୟାରେକ୍ଟର ଥିବାବେଳେ ସେ କପିଲଙ୍କ ପତ୍ନୀ ଭୂମିକାରେ ନଜର ଆସିଛନ୍ତି। ତେବେ ରଣବୀରଙ୍କ ଭିନ୍ନ ଅନ୍ଦାଜକୁ ନେଇ ଏବେ ଚର୍ଚ୍ଚା ଚାଲିଥିବା ବେଳେ ସେ ୟଙ୍ଗଷ୍ଟରଙ୍କ ହୋସ ଉଡାଇବେ ବୋଲି କୁହାଯାଉଛି। ଫିଲ୍ମର ଘୋଷଣା ଓ ଫାଷ୍ଟ ଲୁକ୍ ସାମ୍ନାକୁ ଆସିବା ପରେ ଏହାକୁ ଦେଖିବା ଲାଗି ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ବଢିଯାଇଛି। ଫିଲ୍ମର ଟିଜର କ୍ରିକେଟପ୍ରେମୀଙ୍କ ମନକୁ ଏକବାର ଛୁଇଁ ଯାଇଥିବା କୁହାଯାଉଛି। ୧୯୮୩ରେ ଭାରତ ପ୍ରଥମଥର ଲାଗି କ୍ରିକେଟ ୱାର୍ଲଡ କପ୍ ଜିତିଥିଲା। ସେତେବେଳର ସମସ୍ତ କାହାଣୀକୁ ଫିଲ୍ମରେ ସ୍ଥାନ ଦିଆଯାଇଛି। କାରଣ ଏହି ଫିଲ୍ମଟି ପ୍ରଥମ ୱାର୍ଲଡ କପ୍‌କୁ ନେଇ ନିର୍ମାଣ କରାଯାଇଛି। କପିଳ ଦେବଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ୱାର୍ଲଡ କପ୍ ଜିତିଥିବାବେଳେ ଏହା ଦେଶକୁ କପିଳଙ୍କ ଉପହାର ଥିଲା ବୋଲି କୁହାଯାଏ।

# ଆଇନଜୀବୀଙ୍କ ଅଭିନବ ବିବାହ ନିମନ୍ତ୍ରଣ ପତ୍ର



**ଗୁଆହାଟୀ:** ନିଜ ବିବାହକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବାକୁ ଅନେକେ ଚାହିଁଥାନ୍ତି। ଅଧିକାଂଶ ବିବାହ କାର୍ଡକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଚାହୁଁଥିବାବେଳେ କିଛି ଲୋକ କାର୍ଡରେ ସମାଜ ପାଇଁ ବାର୍ତ୍ତା ଲେଖିଥାନ୍ତି। ଏବେ ସୋସିଆଲ ମିଡିଆରେ ଏକ ନିମନ୍ତ୍ରଣ ପତ୍ର ଭାଇରାଲ ହେଉଛି। ଆସାମ ଗୌହାଟୀର ଓକିଲ ଅଜୟ ଶର୍ମା ହରିଦ୍ୱାରରେ ସହକାରୀ ପ୍ରଫେସର ଥିବା ପୂଜା ଶର୍ମାଙ୍କୁ ବିବାହ କରୁଛନ୍ତି। ଅଜୟ ଏକ ସମ୍ବିଧାନ–ଥିମ୍ ବିବାହ କାର୍ଡ ପ୍ରସ୍ତୁତ କରିଛନ୍ତି। ସମାନତାକୁ ପ୍ରତିପାଦିତ ଲାଗି ନ୍ୟାୟ ନିକିତିର ଉଭୟ ପାର୍ଶ୍ୱରେ ବର ଓ କନ୍ୟାଙ୍କ ନାମ ଲେଖାଯାଇଛି। ଏଥିରେ ଭାରତୀୟ ସମ୍ବିଧାନର ଆଇନ ଏବଂ ଅଧିକାର ବିଷୟରେ ଉଲ୍ଲେଖ ରହିଛି। ସମ୍ବିଧାନର ଧାରା ୨୧ରେ ରାଇଟ ଟୁ ଲାଇଫ କଥା କୁହାଯାଇଛି। ନଭେମ୍ବର ୨୮ରେ ଏହି ମୌଳିକ ଅଧିକାରକୁ ବ୍ୟବହାର କରିବାର ସମୟ ଆସିଛି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ମାଗୁଣି ସାହୁ

ଆବିର୍ଭାବ: ୨୯।୦୩।୧୯୫୨
ତିରୋଧାନ: ୦୭।୧୨।୨୦୨୦

ଆପଣଙ୍କ ପ୍ରେରଣା ଭଲପାଇବା, ଆଶୀର୍ବାଦ, ସଦିଚ୍ଛା ସଦା ସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।
ଶୋକସନ୍ତପ୍ତ: ସ୍ତ୍ରୀ: ମନୋରମା ସାହୁ, ପୁତ୍ର: ଅକ୍ଷୟ, ଗଜେନ୍ଦ୍ର, ହେମନ୍ତ, ପ୍ରଶାନ୍ତ, ପ୍ରକାଶ, ପୁତ୍ରବଧୂ: ନିରୁପମା, କବିତା, ଜ୍ୟୋତ୍ସ୍ନା, ମାନା, ପୂଜା, ଝିଅ: ସୁକାନ୍ତି, ଜ୍ୱାଇଁ: ଶମ୍ଭୁନାଥ, ନାତି/ନାତୁଣୀ: ଲିଟୁ, ଚିଣ୍ଟୁ, ଅମନ, ଆରିୟନ, ଅର୍ପିତା,, ଅର୍ଚ୍ଚିତା, ଅସ୍ମିତା, ଅଭନି, ଆଦ୍ୟାଶା।

ଧ–୨୨୩୯୩

୨୮ତମ ଶ୍ରାଦ୍ଧ ବାର୍ଷିକୀ



ସ୍ୱର୍ଗତ ବଳରାମ ପଟ୍ଟନାୟକ

ଆବିର୍ଭାବ- ୦୯.୦୮.୧୯୨୮
ତିରୋଧାନ- ୦୭.୧୨.୧୯୯୩

ଆଜି ଏହି ୨୮ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭେମାନେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କର ପରୋପକାରିତା, ସହିଷ୍ଣୁତା ଏବଂ ନିଃସ୍ୱାର୍ଥପର ସ୍ୱଭାବ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ।
ତୁମର ଧର୍ମପତ୍ନୀ, ବାବୁ, ଟୁକୁ, ମୁନା, ମନି ଏବଂ ପରିବାରବର୍ଗ।

ଧ–୭୧୫୧୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବ୍ରଜବାସୀ ମହାପାତ୍ର

ଅବସରପ୍ରାପ୍ତ ସରକାରୀ କର୍ମଚାରୀ
ଦଣ୍ଡତୋଟା, ପୁରୀ
ଆବିର୍ଭାବ: ୧୮।୦୬।୧୯୫୫
ତିରୋଧାନ: ୧୯।୧୧।୨୦୧୯ (ପ୍ରଥମାଷ୍ଟମୀ)

ଚାହୁଁ ଚାହୁଁ ଦୁଇବର୍ଷ ହୋଇଗଲା। ପ୍ରତି ମୁହୂର୍ତ୍ତରେ ସବୁ ସମୟରେ ତୁମର କଥା ମନେ ପଡୁଛି। ତୁମର ସ୍ନେହ, ଶ୍ରଦ୍ଧା, ପିଲାଙ୍କ ପ୍ରତି ଥିବା ଅହେତୁକ ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା କେବେ ଭୁଲି ହେବନି। ତୁମର ଉପସ୍ଥିତି ସବୁ ସମୟରେ ଅନୁଭବ ହେଉଛି। ପ୍ରଭୁ ଜଗନ୍ନାଥ ତୁମକୁ ଶାନ୍ତିରେ ଓ ଭଲରେ ରଖନ୍ତୁ ଏତିକି ପ୍ରାର୍ଥନା।
ଇତି: ଦୁଃଖିନୀ ପତ୍ନୀ: ଦୀପ୍ତିରାଣୀ, ପୁତ୍ର: ରିତେଶ କୁମାର ଓ ଅଂଶୁମାନ, ବୋହୂ: ସ୍ମରଣିକା, ନାତି: ସଞ୍ଚିତ୍ ଓ ଅନ୍ୟାନ୍ୟ ଆତ୍ମୀୟସ୍ୱଜନ

ଧ–୬୮୮୯୧

ଦଶାହ ଉପଲକ୍ଷେ



୰ଗୁରୁଚରଣ ମହାନ୍ତି

ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୦।୧୧।୧୯୩୩
ତିରୋଧାନ: ୧୮।୧୧।୨୦୨୧

ସମସ୍ତ ମାୟା ବନ୍ଧନ ତୁଟାଇ ଏମିତି ଅବେଳରେ ଆମକୁ ଏକାକରି ଚାଲିଯିବ ବୋଲି ଭାବିନଥିଲୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସହୋଇ ରହିବ। ତୁମର ଅନୁପସ୍ଥିତି ଆମପାଇଁ ଶୂନ୍ୟତା ହୋଇ ରହିବ। ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ଚରଣ କମଳରେ ପ୍ରାର୍ଥନା କରୁଛୁ।
ହତଭାଗ୍ୟ: ପୁଅ, ବୋହୂ, ଶୋକସନ୍ତପ୍ତ ପରିବାରବର୍ଗ

ଧ–୭୧୭୪୪

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385
Email : advt@dharitri.com

URGENT REQUIRED
1) Tele Caller
Qualification: Graduation
2) CCTV Technician
Experience: 1-5 Years
BHUBANESWAR
Email ID: itpsacademy01@gmail.com
Mob:8984063447

REQUIRED
1 Male Cook,
1 Baby Care Lady and
Housekeeping Boy
Contact 9124736254 6372319885

LEPRA SOCIETY requires M&E cum Accountant for Target Intervention (IDU) Project, Bhubaneswar.
Qualification: B.Com. or above with minimum 2 yrs. experience with social development.
Salary: Rs.12000.00 (PM).
Apply to: hrd@leprahealthinaction.in by 30.11.2021.
For apply detail visit www.leprasociety.in (apply with reference number mention in website)

Urgent Required
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8448123162

JOB RECRUITMENT
SUNRISE ASSOCIATE
MALE & FEMALE
FINANCE & INSURANCE
Experience - 1 Yr.
Mob.: 7008142454

See Career Appointment on every Wednesday & Saturday

URGENTLY REQUIRED
Faculties required for BHM & MHM (10 Post). Should have completed BHM, MHM from recognized Institute. PEON (4Nos), SWEEPER (2Nos)
S.T.A.R COLLEGE & MANAGEMENT
167, Forest Park, Bhubaneswar
Contact No: 8018087558, 9777897695, 9861444447, 9937337659

BIKAJI ASLEE BIKANERI
BHUJIA • PAPAD • NAMKEEN • SWEETS • SNACKS
Requirement of RSM / ASM
Experience 3 Years of Namkeen & Snacks Products.
SEND US YOUR RESUME
E-mail : vindhyawasinisales@gmail.com

MCL
MAHANADI COALFIELDS LIMITED
(A Subsidiary of Coal India Limited)
JAGRITI VIHAR, BURLA-768020, DIST-SAMBALPUR, ODISHA
Tel Phone (EPABX) - 0663-2542461 to 469 Website : www.mahanadicoal.in

Ref No:- MCL/SA/Hiring of Services/Rev.Pers./2021/580 Dt:-12/11/2021

**NOTICE / ADVERTISEMENT FOR HIRING OF SERVICES OF REVENUE PERSONNEL FOR A PERIOD OF ONE YEAR**

Subhadra Area, Mahanadi Coalfields Limited, invites applications for **hiring of services on fixed consolidated remuneration basis for a period of One year** from eligible citizens of India for the following **Revenue related Assignments**. Applications from candidates fulfilling the eligibility criteria must reach on or before **15th December 2021** in the Office of the **General Manager, Subhadra Area, Near Biju Maidan, PO/Dist.-Angul, Odisha- 759122.**

| Sl. No. | Description | Consolidated Remuneration | No of Persons Required |
|---|---|---|---|
| 1. | Revenue Inspector | ₹20,000.00 PM | 05 |
| 2. | Amin | ₹15,000.00 PM | 04 |

Detailed Advertisement/ Notice with regard to Application Form, Eligibility criteria, Age, Last Date of receipt of application and other terms & conditions will be available on MCL's website: www.mahanadicoal.in shortly and Applications complete in all respect can be submitted in between **01.12.2021 to 15.12.2021**. Any addendum/Corrigendum in this regard will be hosted on MCL's website and Area Notice Board only.

R- 5081

General Manager,
MCL, Subhadra Area.

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ନଭେମ୍ବର ୨୭/୨୦୨୧ Bhubaneswar, Saturday, November 27/ 2021

# ନ୍ୟୁଜିଲାଣ୍ଡର ଦୃଢ଼ ଜବାବ

## କାନପୁର ଟେଷ୍ଟ

**କାନପୁର,୨୬।୧୧**

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଦଳ ଲଢୁଆ ଖେଳ ପ୍ରଦର୍ଶନ କରି ଦମ୍‌ଦାର ଆରମ୍ଭ କରିଛି। ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ମିଡଲଅର୍ଡର ବ୍ୟାଟର ଶ୍ରେୟାସ ଆୟାରଙ୍କ ଶତକ ସହାୟତାରେ ୧୧୧.୧ ଓଭରରେ ୩୪୫ ରନକରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ଘରୋଇ ବୋଲରଙ୍କୁ ନିରାଶ କରି ୫୭ ଓଭରରେ ବିନା କୌଣସି କ୍ଷତିରେ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୨୯ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଟମ୍ ଲାଥମ ଓ ୱିଲ ୟଙ୍ଗ ଯଥାକ୍ରମେ ୫୦ (୧୬୫ ବଲ, ୪ ଚୌକା) ଓ ୭୫ ରନ (୧୮୦ ବଲ, ୧୨ ଚୌକା) କରି ଅପରାଜିତ ରହିଛନ୍ତି। ପ୍ରଥମ ଉଇକେଟରେ ୧୨୯ ରନ ସଂଗ୍ରହ କରି ଏହି ଦୁଇ ବ୍ୟାଟ୍ସମ୍ୟାନ ଭାରତକୁ ଦୃଢ ଜବାବ ଦେଇଛନ୍ତି।



୧୬ତମ ଭାରତୀୟ ବ୍ୟାଟ୍ସମ୍ୟାନ୍ ଭାବେ ପଦାର୍ପଣରେ ଶତକ ହାସଲ କରିବା ପରେ ଶ୍ରେୟାସ ଆୟାର।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୫୮/୪ରୁ ଭାରତ ଖେଳ ଆରମ୍ଭ କରି ଶୁକ୍ରବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଆୟାର ୭୫ ରନରୁ ଖେଳ ଆରମ୍ଭ କରି ୧୦୫ ରନକରି ଆଉଟ ହୋଇଥିଲେ। ସେହିପରି ୫୦ ରନରୁ ଖେଳ ଆରମ୍ଭ କରି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଆଉ କୌଣସି ରନ୍ ସଂଗ୍ରହ କରି ନ ପାରି ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟରେ ଜାଡେଜା ଓ ଆୟାର ୨୨୬ ବଲରୁ ୧୨୧ ରନ ସଂଗ୍ରହ କରିଥିଲେ। କେବଳ ରବିଚନ୍ଦ୍ରନ ଅଶ୍ୱିନ ୫୬ ବଲରୁ ୫ ଚୌକା ସହ ୩୮ ରନ ସଂଗ୍ରହ କରି ଲଢେଇ କରିଥିଲେ। ଅନ୍ୟମାନେ ବିଫଳ ହୋଇଥିଲେ। ନବମ ଉଇକେଟରେ ଅଶ୍ୱିନ ଓ ଯାଦବ ୬୨ ବଲ ଖେଳି ୨୬ ରନ କରିଥିଲେ। ବୋଲିଂରେ ଟିମ୍ ସୌଦି ସର୍ବାଧିକ ୫, କାଏଲ ଜେମିସନ ୩ ଓ ଏଜାଜ ପଟେଲ ୨ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୧୧.୧ ଓଭରରେ ୩୪୫ ଅଲଆଉଟ(ଶ୍ରେୟାସ ଆୟାର- ୧୦୫, ରବୀନ୍ଦ୍ର ଜାଡେଜା- ୫୦, ଶୁବମନ ଗିଲ- ୫୨, ଟିମ ସୌଦି- ୫/୬୯, କାଏଲ ଜେମିସନ- ୩/ ୯୧, ଏଜାଜ ପଟେଲ-୨/୯୦)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୫୭ ଓଭରରେ ୧୨୯/୦(ଟମ୍ ଲାଥମ- ୫୦*, ୱିଲ ୟଙ୍ଗ- ୭୫*)।

# ମନପ୍ରୀତଙ୍କୁ ଭାରତର ନେତୃତ୍ୱ, ୩ ଓଡ଼ିଆ ସାମିଲ

**ଭୁବନେଶ୍ୱର,୨୬।୧୧**

ଆସନ୍ତା ମାସରେ ଢାକାରେ ଆୟୋଜନ ହେବାକୁ ଥିବା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ପାଇଁ ଶୁକ୍ରବାର ଏକ ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜେତା ଅଧିନାୟକ ମନପ୍ରୀତ ସିଂ ଭାରତୀୟ ଦଳର ନେତୃତ୍ୱ ନେବେ। ତାରକା ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ଏହି ଟୁର୍ନାମେଣ୍ଟରେ ଉପ- ଅଧିନାୟକ ଦାୟିତ୍ୱ ତୁଲାଇବେ। ଏହି ଦଳରେ ୩ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଦୀପସାନ ତିର୍କୀ, ନୀଲମ ସଞ୍ଜିପ ଖେସ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଚାମ୍ପିୟନ୍ସ ଟ୍ରଫି ଡିସେମ୍ବର ୧୪ରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେବ।

ଟୋକିଓ ଅଲିମ୍ପିକ୍ସ ପରେ ଭାରତ ପ୍ରଥମଥର ପାଇଁ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳବାକୁ ଯାଉଛି। ଶ୍ରୀଜେଶଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ କ୍ରିଷନ ବାହାଦୁର ପାଠକ ଓ ସୁରଜ କରକେରାଙ୍କୁ ଗୋଲକିପର ଭାବେ ଦାୟିତ୍ୱ ପାଇଛନ୍ତି।

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ଗତଥରର ଚାମ୍ପିୟନ ଭାରତ ପ୍ରଥମ ଦିବସରେ କୋରିଆ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଟୁର୍ନାମେଣ୍ଟରେ ସ୍ଥାନ ପାଇଥିବା ଅନ୍ୟ ଦେଶଗୁଡ଼ିକ ହେଲେ ଜାପାନ, ମାଲେସିଆ, ପାକିସ୍ତାନ ଓ ଆୟୋଜକ ବାଂଲାଦେଶ। ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଡିସେମ୍ବର ୧୪ ତାରିଖରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ କୋରିଆକୁ ଭେଟିବ।

**ଭାରତୀୟ ଦଳ:**

ଗୋଲକିପର: କ୍ରିଷନ ବାହାଦୁର ପାଠକ, ସୁରଜ କରକେରା।

ଡିଫେଣ୍ଡର୍ସ: ହରମନପ୍ରୀତ ସିଂ, ଗୁରିନ୍ଦର ସିଂ, ଜରମନପ୍ରୀତ ସିଂ, ଦୀପସାନ ତିର୍କୀ, ବରୁଣ କୁମାର, ନିଲମ ସଞ୍ଜୀପ ଖେସ, ମନଦୀପ ମୋର। ମିଡ୍‌ଫିଲ୍ଡର୍ସ: ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ, ଯଶକରଣ ସିଂ, ସୁମିତ, ରାଜକୁମାର ପଲ, ଆକାଶଦୀପ ସିଂ, ଶମସେର ସିଂ।

ଫରୱାର୍ଡ୍ସ: ଲଳିତ କୁମାର ଉପାଧ୍ୟାୟ, ଦୀଲପ୍ରୀତ ସିଂ, ଗୁରସାହିବଜିତ ସିଂ ଓ ଶିଳାନନ୍ଦ ଲାକ୍ରା।




# ଲିଟନଙ୍କ ଶତକ: ବାଂଲାଦେଶ ୨୫୩/୪

**ଚଟ୍ଟୋଗ୍ରାମ,୨୬।୧୧:** ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସରେ ୮୫ ଓଭରରେ ୪ ଉଇକେଟ ହରାଇ ୨୫୩ ରନ ସଂଗ୍ରହ କରିଛି। ଓପନର ଶଦମାନ ଇସ୍‌ଲାମ ୧୪, ସୈଫ ହାସନ ୧୪, ନାଜମୁଲ ହାସନ ସାଣ୍ଟୋ ୧୪ ଓ ଅଧିନାୟକ ମୋମିନୁଲ ହକ୍ ୬ ରନକରି ଆଉଟ ହୋଇଥିଲେ।

ଷ୍ଟମ୍ପ ଅପସାରଣ ବେଳକୁ ଲିଟନ ଦାସ ୧୧୩ ରନର ଶତକୀୟ ଇନିଂସ ଓ ମୁସଫିକର ୮୨ ରନ କରି ଅପରାଜିତ ରହିଥିଲେ। **ସଂକ୍ଷିପ୍ତ ସ୍କୋର:**ବାଂଲାଦେଶ ପ୍ରଥମ ଇନିଂସ: ୮୫ ଓଭରରେ ୨୫୩/୪ (ଲିଟନ ଦାସ- ୧୧୩*, ମୁସଫିକର ରହିମ- ୮୨*, ଶାହିନ ଶାହା ଆଫ୍ରିଦି- ୧/୫୦, ହାସନ ଅଲି- ୧/ ୩୮, ଫହିମ ଆଶ୍ରଫ- ୧/୩୮, ସାଜିଦ ଖାଁ- ୧/୬୮)।

# ବ୍ରାଜିଲଠାରୁ ୬-୧ରେ ହାରିଲା ଭାରତ

**ମାନଉସ,୨୬।୧୧:** ବ୍ରାଜିଲରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଚତୁଃରାଷ୍ଟ୍ରୀୟ ଫୁଟବଲ ଟୁର୍ନାମେଣ୍ଟରେ ଭାରତୀୟ ମହିଳା ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ବ୍ରାଜିଲଠାରୁ ୬-୧ ଗୋଲରେ ପରାସ୍ତ ହୋଇଛି। ପ୍ରଥମ ମିନିଟ୍‌ରେ ବ୍ରାଜିଲ ପକ୍ଷରୁ ଗୋଲ ଦିଆଯାଇଥିଲା। ମନୀଷା କଲ୍ୟାଣ ଭାରତ ପାଇଁ ଅଷ୍ଟମ ମିନିଟ୍‌ରେ ଏକମାତ୍ର ଗୋଲ ଦେଇ ଥିଲେ। ଦ୍ୱିତୀୟାର୍ଦ୍ଧରେ ବ୍ରାଜିଲ ୪ଟି ଗୋଲ ଦେଇଥିଲା। ଫିଫା ର୍ୟାଙ୍କିଙ୍ଗ୍‌ରେ ଭାରତ ୫୭ତମ ଓ ବ୍ରାଜିଲ ସପ୍ତମ ସ୍ଥାନରେ ରହିଛି। ଭାରତ ନଭେମ୍ବର ୨୯ରେ ଚିଲି ଓ ଡିସେମ୍ବର ୨ ତାରିଖରେ ଭେନେଜୁଏଲାକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା−୧୨+୮ 48 ଧରିତ୍ରୀ DHARITRI ୪୮

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୭/୨୦୨୧ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, November 27/2021 | ପୃଷ୍ଠା-୧



## ୬ରେ ଭାରତ ଆସିବେ ପୁଟିନ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡିସେମ୍ବର ୬ରେ ଭାରତ ଗସ୍ତରେ ଆସି ୨୧ତମ ଭାରତ-ରୁଷିଆ ବାର୍ଷିକ ସମିଟ୍‌ରେ ଯୋଗଦେବେ।

୦୬

୦୮

## ଫୋର୍ଷ୍ଟିଅର ପ୍ଲେୟର ଅଫ୍ ଦି ମ୍ୟାଚ

ଚିଲି ବିପକ୍ଷ ଜୁନିୟର ପୁରୁଷ ହକି ବିଶ୍ୱକପ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର କାମେରନ ଲି ଫୋର୍ଷ୍ଟିଅର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।






# ଆପୋସ ସମାଧାନ ନ ହେଲେ ଅଦାଲତ ଅବମାନନା

### କୋଟିଆ ବିବାଦ ମାମଲାରେ ସୁପ୍ରିମକୋର୍ଟଙ୍କ ତାଗିଦ

ନୂଆଦିଲ୍ଲୀ, ୨୬।୧୧

କୋଟିଆ ସୀମା ବିବାଦ ମାମଲାର ଆପୋସ ସମାଧାନ କରିବାରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସରକାର ଯଦି ବିଫଳ ହୁଅନ୍ତି, ତେବେ ଅଦାଲତ ଅବମାନନା ଲାଗି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ କହିଛନ୍ତି। ଓଡ଼ିଶାର କୋରାପୁଟ ଜିଲା ଅନ୍ତର୍ଗତ କୋଟିଆ ପଞ୍ଚାୟତର କେତେକ ଗ୍ରାମକୁ ଆନ୍ଧ୍ରପ୍ରଦେଶ ନିଜର ବୋଲି ଦାବି କରିବା ସହ ସେଠାରେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟ କରି ବିବାଦ ବଢ଼ାଇ ଚାଲିଛି। ଏହା ବିରୋଧରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଦାଲତ ଅବମାନନା ପିଟିଶନ ଦାଏର କରାଯାଇଥିଲା। ବିବାଦର ଆପୋସ ସମାଧାନ ଲାଗି ଉଭୟ ରାଜ୍ୟ ଏକ କମିଟି ଗଠନ କରିବାକୁ ରାଜି ହୋଇଥିବା ସମ୍ପର୍କରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ ଅଦାଲତଙ୍କୁ ଜଣାଇବା ପରେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣିକୁ ଜାନୁୟାରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।




ଆପୋସ ବୁଝାମଣା ପାଇଁ ବୈଠକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିବାରୁ ଅଦାଲତ ଅବମାନନା ମକଦ୍ଦମା ବନ୍ଦ କରାଯାଇପାରିବ ବୋଲି ଆନ୍ଧ୍ରପ୍ରଦେଶ ଓକିଲ ଯୁକ୍ତି ବାଢ଼ିଥିଲେ। ତେବେ ଖଣ୍ଡପୀଠ ତାଙ୍କ ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଥିଲେ। ଆପୋସ ସମାଧାନ କରି ପୂର୍ବ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ସୀମା ବିବାଦକୁ ନେଇ ପୂର୍ବରୁ ସର୍ବୋଚ୍ଚ ଅଦାଲତ ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଏକ ରାଜନୈତିକ ସମାଧାନ ସୂତ୍ର ବାହାର କରିବା ଲାଗି ପରାମର୍ଶ ଦେଇଥିଲେ। ପରେ ନଭେମ୍ବର ୯ରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଭୁବନେଶ୍ୱର ଆସି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। କୋଟିଆ ସୀମା ବିବାଦ ସମେତ ଅନ୍ୟାନ୍ୟ ଦ୍ୱିପାକ୍ଷିକ ପ୍ରସଙ୍ଗର ସମାଧାନ ଲାଗି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାର ଏକ କମିଟି ଗଠନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସୀମାରେ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ୧୯୬୮ ଡିସେମ୍ବର ୨ ଏବଂ ୨୦୦୬ ମାର୍ଚ୍ଚ ୩୦ରେ ସୁପ୍ରିମକୋର୍ଟ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ଆନ୍ଧ୍ରପ୍ରଦେଶ ସରକାର ଜାଣିଶୁଣି ଓ ଉଦ୍ଦେଶ୍ୟମୂଳକ ଭାବେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରୁଥିବା ନେଇ ବରିଷ୍ଠ ଆଇନଜୀବୀ ଶିବଶଙ୍କର ମିଶ୍ରଙ୍କ ଜରିଆରେ ଓଡ଼ିଶା ସରକାର ଅଦାଲତ ଅବମାନନା ପିଟିଶନ ଦାଏର କରିଥିଲେ। ଗତବର୍ଷ ମାର୍ଚ୍ଚ ୫ରେ ଆନ୍ଧ୍ର ସରକାର କୋଟିଆର ୩ଟି ଗ୍ରାମକୁ ବିଜୟନଗରମ୍ ଜିଲାର ସାଲୁର ମଣ୍ଡଳରେ ବୋଲି ଦର୍ଶାଇ ସେଠାରେ ପଞ୍ଚାୟତ ନିର୍ବାଚନ କରାଇବାକୁ ବିଜ୍ଞପ୍ତି ଜାରି କରିଥିଲେ। ଉକ୍ତ ୩ ଗ୍ରାମର ନାଁକୁ ମଧ୍ୟ ଆନ୍ଧ୍ର ପ୍ରଶାସନ ବଦଳାଇ ଦେଇଥିବା ଓଡ଼ିଶା ସରକାର ପିଟିଶନରେ ଦର୍ଶାଇଥିଲେ।

# ଡିସେମ୍ବର ୧୫ରୁ ମିଳିବ ଅନ୍ତର୍ଜାତୀୟ ବିମାନ ସେବା

ନୂଆଦିଲ୍ଲୀ, ୨୬।୧୧

ଡିସେମ୍ବର ୧୫ରୁ ଦେଶ ମଧ୍ୟରୁ ଅନ୍ତର୍ଜାତୀୟ ବିମାନ ସେବା ପୁଣି ଥରେ ସ୍ୱାଭାବିକ ହେବ। ଏ ନେଇ ଶୁକ୍ରବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। କୋଭିଡ୍ ୧୯ ବ୍ୟାପିବା ଯୋଗୁ ଗତ ବର୍ଷ ମାର୍ଚ୍ଚ ୨୩ରୁ ବିଦେଶ ବିମାନ ସେବାକୁ ବାତିଲ କରାଯାଇଥିଲା। ମାତ୍ର ୨୮ ଦେଶ ସହିତ ଏୟାରବବଲ ଚୁକ୍ତି ଦ୍ୱାରା ଗତ ବର୍ଷ ଜୁଲାଇ ପରଠାରୁ ବିମାନ ସେବା ଉପଲବ୍ଧ କରାଯାଉଛି। ଅନ୍ତର୍ଜାତୀୟ ବିମାନ ସେବା ସ୍ୱାଭାବିକ କରିବା ଲାଗି ବିଭିନ୍ନ ଦିଗ ଉପରେ ଧ୍ୟାନଦେବାକୁ ମନ୍ତ୍ରଣାଳୟ ପକ୍ଷରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଚିଠି ଯୋଗେ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ମନ୍ତ୍ରଣାଳୟ ସହ ଆଲୋଚନା ପରେ କମର୍ସିଆଲ ଯାତ୍ରୀ ବିମାନଗୁଡ଼ିକୁ ଚଳାଚଳ ସ୍ୱାଭାବିକ କରିବା ପାଇଁ କେନ୍ଦ୍ର ସରକାର ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବର୍ତ୍ତମାନର ଏୟାର ବବଲ୍ ଚୁକ୍ତିକୁ ବାତିଲକରି ସେବା ସ୍ୱାଭାବିକ କରାଯିବ। ଉଲ୍ଲେଖଯୋଗ୍ୟ, ଶୀଘ୍ର ବିଦେଶ ବିମାନ ସେବା ଉପଲବ୍ଧ କରାଇବା ନେଇ ବେସାମରିକ ବିମାନ ଚଳଚଳ ସଚିବ ରାଜୀବ ବଂଶଲ ନିକଟରେ ସୂଚନା ଦେଇଥିଲେ। ତେବେ କେବେଠାରୁ ଏହା ଉପଲବ୍ଧ ହେବ ସେ ନେଇ ସ୍ପଷ୍ଟ କରାଯାଇନାହିଁ।

# ୩୧ ଲକ୍ଷଙ୍କୁ ମିଳିବ ସ୍ମାର୍ଟ ହେଲ୍‌ଥ କାର୍ଡ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱରର ଜଣେ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର(ବ୍ୟୁରୋ)/ବାଲେଶ୍ୱର ଅଫିସ/ ଭଦ୍ରକ ଅଫିସ, ୨୬।୧୧

ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଅନ୍ତର୍ଗତ ସ୍ମାର୍ଟ ହେଲ୍‌ଥ କାର୍ଡ ସ୍କିମ୍‌ରେ ଯୋଡ଼ିହୋଇଛି ବାଲେଶ୍ୱର ଏବଂ ଭଦ୍ରକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଉଭୟ ଜିଲାରେ ଏହି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ବାଲେଶ୍ୱରରେ ୨୦ ଲକ୍ଷ ଏବଂ ଭଦ୍ରକର ୧୧ ଲକ୍ଷ ହିତାଧିକାରୀ ଏହାଦ୍ୱାରା ଉପକୃତ ହେବେ। ଏହି ଅବସରରେ ବାଲେଶ୍ୱର ପାଇଁ ମୁଖ୍ୟମନ୍ତ୍ରୀ ୧୫୦୦ କୋଟି ଏବଂ ଭଦ୍ରକ ପାଇଁ ୩୦୦ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କରିଛନ୍ତି।

- ବିଏସ୍‌କେୱାଇରେ ଯୋଡ଼ିହେଲା ବାଲେଶ୍ୱର, ଭଦ୍ରକ
- ୭୭% ଲୋକଙ୍କ ଚିକିତ୍ସା ବୋଝ ଦୂରହେବ: ମୁଖ୍ୟମନ୍ତ୍ରୀ
- ଉଭୟ ଜିଲାରେ ୧୮୦୦ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ

ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲାର ☞ପୃଷ୍ଠା−୬

# ଲଘୁଚାପ: ଡିସେମ୍ବର ୪ରୁ ୬ ଉପକୂଳରେ ପ୍ରବଳ ବର୍ଷିବ

### ଉପକୂଳରେ ବହିବ ୪୫ରୁ ୫୦ କି.ମି. ପବନ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ବିଲରେ ପାଚିଲା ଧାନ ଛିଡା ହୋଇଛି। ଆଉ କିଛି ଦିନ ପରେ ଅମଳ ହେବ। ହେଲେ ଗୋଟିଏ ପରେ ଗୋଟିଏ ଲଘୁଚାପ ଚାଷୀଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଲାଣି। ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ଧାନ ସହିତ ଡାଲିଜାତୀୟ ଫସଲ ଓ ପନିପରିବାକୁ ଧୋଇ ନେବା ଆଶଙ୍କା ଦେଖାଦେଲାଣି। ପାଣିପାଗ ଆକଳନ ଅନୁଯାୟୀ ଦକ୍ଷିଣ ଆଣ୍ଡାମାନ ନିକଟରେ ଆସନ୍ତା ୨୯ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବ। ଏହା ଆସନ୍ତା ଡିସେମ୍ବର ୩ ତାରିଖ ବେଳକୁ ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳ ଆଡକୁ ମୁହାଁଇବ। ଲଘୁଚାପର ପ୍ରଭାବ ଓଡ଼ିଶାର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜିଲା ଉପରେ ଅଧିକ ପଡ଼ିବା ସମ୍ଭାବନା ରହିଛି। ଡିସେମ୍ବର ୩ରେ ଲଘୁଚାପ ଓଡ଼ିଶା ଉପକୂଳରେ ପହଞ୍ଚିବ। ଡିସେମ୍ବର ୪ରୁ ୬ ତାରିଖ ଯାଏ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି ଜିଲାରେ ପ୍ରବଳ ବର୍ଷା ହେବ। ☞ପୃଷ୍ଠା−୬




# ୩ ସାଙ୍ଗଙ୍କ ମୃତଦେହ ମିଳିଲା

### ମହାନଦୀରେ ୪ ଛାତ୍ର ବୁଡ଼ିଯିବା ଘଟଣା

କଟକ ଅଫିସ,୨୬।୧୧

କଟକ ମହାନଦୀର ଭଦିମୂଳ ଘାଟରେ ବୁଡ଼ିଯାଇଥିବା ୪ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଶୁକ୍ରବାର ଆଉ ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ କଟକ ଚାଉଳିଆଗଞ୍ଜ ଥାନା ଅଧୀନ କୈବଲ୍ୟ ବିହାରର ଆଜିଙ୍କ୍ୟା ବାହାଳିଆ(୧୩), ପୋତାପୋଖରୀ ଅଞ୍ଚଳର ଚନ୍ଦନ ବେହେରା(୧୪), ଓମ୍‌ପ୍ରକାଶ ବେହେରା(୧୩) ଓ ଆଶୁତୋଷ ସେଠୀ(୧୨)। ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ସମସ୍ତ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର ☞ପୃଷ୍ଠା−୬



ମହାନଦୀରୁ ମୃତଦେହ ମିଳିବା ପରେ ସୃଷ୍ଟି ହୋଇଥିବା ଶୋକାକୁଳ ପରିବେଶ ।

# ଦାବି ନେଇ ଚାଷୀଙ୍କ ୨୨ କି.ମି. ପଦଯାତ୍ରା



ସମ୍ବଲପୁର ଜିଲାପାଳଙ୍କ ଅଫିସରେ ଚାଷୀ।

**ସମ୍ବଲପୁର,୨୬।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ପଡିଆବାହାଳ ଜୟଦୁର୍ଗା କୃଷକ କ୍ଲବ ବିଭିନ୍ନ ଦାବି ପୂରଣ ପାଇଁ ଅଭିନବ ପ୍ରତିବାଦ କରିଛି। କ୍ଲବ କର୍ମକର୍ତ୍ତା ଶୁକ୍ରବାର ଖଲିଆପାଲି ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରୁ ପ୍ରାୟ ୨୨ କି.ମି. ପଦଯାତ୍ରା କରି ଜିଲାପାଳଙ୍କ ଅଫିସ ଆଗରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ବିଭିନ୍ନ ଦାବି ଉଠାଇ ନାରାବାଜି କରିଥିଲେ। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ଶୀତଳ ଭଣ୍ଡାର ବ୍ୟବସ୍ଥା, ଟୋକନ ବ୍ୟବସ୍ଥା, ଫସଲ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବା, ଇନ୍‌ପୁଟ ସବ୍‌ସିଡି ପ୍ରଦାନ, ଇ ପରିବହନ ବ୍ୟବସ୍ଥା ବନ୍ଦ କରାଯିବା, କୃଷିଋଣ ଛାଡ କରିବା, ବନ୍ୟପ୍ରାଣୀ ନଷ୍ଟ କରୁଥିବା ଫସଲର ଶୀଘ୍ର କ୍ଷତିପୂରଣ ଦେବା, ଚାଷୀମାନଙ୍କ ପାଇଁ ବୁର୍ଲା ଭିମସାରରେ ସ୍ୱତନ୍ତ୍ର ଅଇସିୟୁ ବ୍ୟବସ୍ଥା ଅନ୍ୟତମ। ଜିଲାପାଳଙ୍କ ଅଫିସ ଭିତରକୁ ଯିବା ସମୟରେ ପୋଲିସ ଅଟକାଇଥିଲା। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସରାଜ ମିଶ୍ର ଦାବିପତ୍ର ନେବାକୁ ଆସିଥିଲେ ମଧ୍ୟ ଚାଷୀମାନେ ୨୨କି.ମି. ଚାଲି ଚାଲି ଆସିଛୁ, ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବାକୁ ଜିଦ୍ କରିଥିଲେ। ଅନୁମତି ଦିଆଯିବା ପରେ ଏକ ପ୍ରତିନିଧି ଦଳ ଜିଲାପାଳ ଶୁଭମ୍ ସକସେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଗାମୀ ଦିନରେ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଚଳିତବର୍ଷ ଅଣ ଜଳସେଚିତ ଜମିରେ ଫସଲ ନଷ୍ଟ ହୋଇଥିବାରୁ ମରୁଡି ଅଞ୍ଚଳ ଘୋଷଣା କରାଯାଉ ବୋଲି ଦାବି କରିଥିଲେ। କ୍ଲବ ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ନନ୍ଦ କିଶୋର ସାହୁ, କପିଳ ପ୍ରଧାନ, ଅମୂଲ୍ୟ କୁମାର ପୂଜାରୀ, ଦିଲୀପ କୁମାର ମିର୍ଦ୍ଧା, ରୁଦ୍ର ପ୍ରସନ୍ନ ବଡପଣ୍ଡା, ଝସକେତନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତର ଏକତା, ଅଖଣ୍ଡତା ବଜାୟ ରଖ

## ପୋଲିସ ମୁଖ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

**କଟକ ଅଫିସ,୨୬।୧୧:** ଜାତୀୟ ସମ୍ବିଧାନ ଦିବସ ପାଳନ ଅବସରରେ କଟକ ବକ୍ସିବଜାରସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ଶପଥପାଠ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ଅଭୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା, ଦେଶର ରକ୍ଷା, ରାଷ୍ଟ୍ରର ସେବା, ଧର୍ମଗତ, ଭାଷାଗତ, ଆଞ୍ଚଳିକ ଭେଦଭାବରୁ ଊର୍ଦ୍ଧ୍ୱରେ ରହି ଭାରତବାସୀଙ୍କ ମଧ୍ୟରେ ଏକତା ଓ ଭ୍ରାତୃଭାବର ବିକାଶ ଘଟାଇବା, ମହିଳାଙ୍କ ସମ୍ମାନ ରକ୍ଷା କରିବା, ବୈଜ୍ଞାନିକ ଦୃଷ୍ଟିକୋଣ, ମାନବଭାବ ତଥା ସଂସ୍କାର ଭାବନାର ବିକାଶ କରିବା, ଦେଶର ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା, ହିଂସା ତ୍ୟାଗ, ୬ରୁ ୧୪ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ପାଠ ପଢିବାର ସୁଯୋଗ ଦେବା, ସମ୍ବିଧାନ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ ପାଇଁ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଡିଜି(ଆଇନଶୃଙ୍ଖଳା) ଆର୍.କେ. ଶର୍ମା, ଆଇଜି (ହେଡ୍‌କ୍ୱାର୍ଟର୍ସ) ଏସ୍.ଦେବଦତ୍ତ ସିଂ, ଆଇଜି(ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ, ଆଇଜି (ପର୍ସୋନେଲ) ଏସ୍. ପ୍ରବୀଣ କୁମାର, ଆଇଜି(କ୍ରାଇମବ୍ରାଞ୍ଚ)ଅମିତେନ୍ଦ୍ର ନାଥ ସିହ୍ନା, ଏଆଇଜି(ପ୍ରୋଭିଜନିଂ) ଅଶୋକ ମହାନ୍ତିଙ୍କ ସମେତ ପୋଲିସ ମୁଖ୍ୟାଳୟର ସମସ୍ତ ପ୍ରଶାସନିକ ଅଧିକାରୀ, ସଂସ୍ଥା ଅଧିକାରୀ, ଉପବିଭାଗ ଅଧିକାରୀ, ସହକାରୀ ଉପବିଭାଗ ଅଧିକାରୀ ଓ କର୍ମଚାରୀମାନେ ଶପଥପାଠ କରିଥିଲେ। ସହକାରୀ ଦୁର୍ଗପତି ପଙ୍କଜ କୁମାର ନାୟକ ଓ ସୁବେଦାର ଅଶୋକ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସହକାରୀ ଯନ୍ତ୍ରୀ ସନ୍ତୋଷଙ୍କ ଘରୁ ମିଳିଲା ୪୧.୭୭ ଲକ୍ଷ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ

■ଭିଜିଲାନ୍ସ ଦେଲା ୭ ଜଣଙ୍କ ତାଲିକା

**କଟକ ଅଫିସ,୨୬।୧୧**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିଭିନ୍ନ ସରକାରୀ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରୁଛି। ଗତ କିଛିଦିନ ମଧ୍ୟରେ ୭ଜଣ ସରକାରୀ ଅଧିକାରୀଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ଅନ୍ୟାନ୍ୟ ସମ୍ପତ୍ତି ଜବତ କରିଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ତାଲିକା ପ୍ରକାଶ ପାଇଛି। ଏଥିରୁ କେଉଁ ହାରରେ ଅଧିକାରୀମାନେ ଦୁର୍ନୀତି ବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି, ତାହା ସ୍ପଷ୍ଟ ହୋଇଛି। ଭିଜିଲାନ୍ସ ସୂଚନା ମୁତାବକ, ବାରିପଦା ଆଇଟିଡିଏର ସହକାରୀ ଯନ୍ତ୍ରୀ ସନ୍ତୋଷ ଦାସଙ୍କଠାରୁ ଶୁକ୍ରବାର ସୁଦ୍ଧା ସର୍ବାଧିକ ୪୧ ଲକ୍ଷ ୭୭ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଛି। ଏଥିସହ ତାଙ୍କଠାରୁ ୬୫୯ ଗ୍ରାମର ସୁନା, ଭୁବନେଶ୍ୱର ବଡ଼ଗଡ଼ରେ ଥିବା ଚାରିମହଲା କୋଠା, ଶୈଳଶ୍ରୀ ବିହାରରେ ଗୋଟିଏ ଫ୍ଲାଟ, କଳିଙ୍ଗ ବିହାରରେ ଅର୍ଦ୍ଧନିର୍ମିତ କୋଠା, ବାଲେଶ୍ୱରରେ ୪ ମହଲା କୋଠା, ୩ଟି ଫ୍ଲାଟ୍, ଗୋଟିଏ ୪ଚକିଆ ଓ ୩ଟି ଦୁଇଚକିଆ ଗାଡି ଜବତ କରାଯାଇଛି। ସେହିପରି ତାଲିକାର ୨ ନମ୍ବରରେ ଅଛନ୍ତି ଓଡ଼ିଶା ପୋଲିସ ଗୃହ ନିର୍ମାଣ ଓ ମଙ୍ଗଳ ନିଗମର ଡେପୁଟି ମ୍ୟାନେଜର ପ୍ରତାପ ସାମଲ। ତାଙ୍କ ଘରୁ ଗତ ନଭେମ୍ବର ୯ ତାରିଖରେ ୩୮ ଲକ୍ଷ ୧୨ ହଜାର ୯୦୦ ଟଙ୍କା ଜବତ କରାଯାଇଥିଲା। ୩ ନମ୍ବରରେ ଅଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାଲେଶ୍ୱର ଆଞ୍ଚଳିକ ଅଧିକାରୀ ନରୋତ୍ତମ ବେହେରା। ତାଙ୍କଠାରୁ ଗତ ଅକ୍ଟୋବର ୯ରେ ୧୬.୫୦ ଲକ୍ଷ ଟଙ୍କା ଭିଜିଲାନ୍ସ ଜବତ କରିଥିଲା। ଚତୁର୍ଥରେ ଅଛନ୍ତି ଭବାନୀପାଟଣା ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଆଶୁତୋଷ ମିଶ୍ର। ତାଙ୍କଠାରୁ ଗତ ଜୁଲାଇ ୩ ତାରିଖରେ ଜବତ ହୋଇଛି ୧୫.୬୦ ଲକ୍ଷ ଟଙ୍କା। ପଞ୍ଚମରେ ଅଛନ୍ତି କନ୍ଧମାଳ ଜିଲା ବାଲିଗୁଡାସ୍ଥିତ ଆଇଟିଡିଏ, ପିଏ କାର୍ଯ୍ୟାଳୟର ମୁଖ୍ୟ କିରାଣି ବସନ୍ତ ପାଣି। ଗତ ନଭେମ୍ବର ୩ ରେ ତାଙ୍କଠାରୁ ୧୩.୨୫ ଲକ୍ଷ ଟଙ୍କା ଜବତ ହୋଇଛି। ଷଷ୍ଠରେ ଅଛନ୍ତି ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ସଚିବ ବିରଞ୍ଚି ସାହୁ। ଗତ ଜୁଲାଇ ୩ରେ ତାଙ୍କଠାରୁ ୧୨.୪୬ ଲକ୍ଷ ଟଙ୍କା ଜବତ ହୋଇଛି। ସପ୍ତମରେ ଅଛନ୍ତି କେନ୍ଦୁଝର ଜିଲା ବୈତରଣୀ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ବିଧାନ ସାହୁ। ତାଙ୍କଠାରୁ ଗତ ଅକ୍ଟୋବର ୯ ତାରିଖରେ ୧୦.୦୭ ଲକ୍ଷ ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

With Best Compliments from:
OMM DENTAL CLINIC
Dr. Biswajit Barik
Dental Surgeon
Reg No : 712(A), UTKAL
Dr. Smriti Biswal
Dental Surgeon
Reg No : 951(A), UTKAL
BALAKATI BAZAR, MOB : 8280244677

Destination for Noble Profession
Manjari Devi College & School of Nursing
Permanently Affiliated to
Utkal University, ONMEB & INC, New Delhi
City Office: 273, Jagannath Complex, Kharavel Ngr, Unit-3, BBSR
Campus: Purana Padhan, Balakati, Bhubaneswar
Ph: (0674) 2956369, M: 7978608747, 9337748508
Email: mdscnbbsr@gmail.com, Website: manjaridevicollege.org
Applications are Invited for Admission into
• Ph.D. Nursing
Duration: 3 Years Full Time / 5 Years Part Time
• M.Sc. Nursing 2 Years
Eligibility: B.Sc.(N) with 55% Marks & 1 Yr. Experience
• P.B.B.Sc. Nursing 2 Years
Eligibility: GNM Pass
• B.Sc.Nursing 4 Years
Eligibility: +2 Science (45% in PCB & Pass in English)
• GNM 3 Years
Eligibility: +2 Pass with 40% Marks
• ANM 2 Years
Eligibility: +2 Pass Only

ଧରିତ୍ରୀ ଓଡ଼ିଆ ଖବରକାଗଜର ୪୮ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ । ଏ ଅବସରରେ ବୁଗୁଡ଼ା ଅଞ୍ଚଳର ସମସ୍ତ ଭାଇ ଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା। ମାନବ ସେବା ହିଁ ମାଧବ ସେବା।
ଶ୍ରୀ ଡକ୍ଟର କୁମୁଦ ଚନ୍ଦ୍ର ବେହେରା
ନିର୍ଦ୍ଦେଶକ, ପି.ଏର୍.ଡି ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବୁଗୁଡ଼ା

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଆନ୍ତରିକ ଅଭିନନ୍ଦନ। ଧରିତ୍ରୀର ଚଳାପଥ କୁସୁମିତ ହେଉ।
ଆସ ଲଗାଇବା ଗଛ ପରିବେଶ ରଖିବା ସ୍ୱଚ୍ଛ
ଶ୍ରୀ ବି. ଗୋପାଳ ଚନ୍ଦ୍ର ପାତ୍ର
ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ଖେଳ ଶିକ୍ଷକ ଏବଂ ସ୍କାଉଟ ମାଷ୍ଟର ତାଳ..... ମହାମାୟୀ ଉଚ୍ଚ ବିଦ୍ୟାଳୟ (ବୁଗୁଡ଼ା)

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ଆନ୍ତରିକ ଅଭିନନ୍ଦନ। ଏ ଅବସରରେ ବୁଗୁଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।
ଶ୍ରୀ ବିନୋଦ କୁମାର ପ୍ରଧାନ
ସଭାପତି, କରଚୁଲି ମଣ୍ଡଳ ଭାଜପା ଯୁବ ମୋର୍ଚ୍ଚା କରଚୁଲି (ବୁଗୁଡ଼ା)

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆନ୍ତରିକ ଅଭିନନ୍ଦନ। ଏ ଅବସରରେ ଗୋଲିଆ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।
ଶ୍ରୀ ମାନସ ରଞ୍ଜନ ପ୍ରଧାନ
ସରପଞ୍ଚ ପ୍ରତିନିଧି, ଗୋଲିଆ ଗ୍ରାମ ପଞ୍ଚାୟତ (ବୁଗୁଡ଼ା ବ୍ଲକ)

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ଏ ଅବସରରେ ପୋଗଲୁଣ୍ଡି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।
ଶ୍ରୀ ବିଜୁଳି ଜେନା
ସରପଞ୍ଚ, ପୋଗଲୁଣ୍ଡି ଗ୍ରାମ ପଞ୍ଚାୟତ (ବୁଗୁଡ଼ା ବ୍ଲକ)

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ଏ ଅବସରରେ ବୁଗୁଡ଼ା ଏନ୍.ଏ.ସି.ର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।
ଶ୍ରୀ ଚିତ୍ରସେନ ପ୍ରଧାନ
ସାଂସଦ ପ୍ରତିନିଧି ଓ ପ୍ରାକ୍ତନ ଉପନଗରପାଳ ବୁଗୁଡ଼ା ଏନ୍.ଏ.ସି., ବୁଗୁଡ଼ା ବାଣାୟତ ଓଡ଼ିଆ ସମାଜର ସଭାପତି

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକୀ ଅବସରରେ ସମସ୍ତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।
ରଘୁରାମ ପଡ଼ାଲ
କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ, କୋରାପୁଟ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ଅଶେଷ ଅଶେଷ ଅଭିନନ୍ଦନ।
ଆସନ୍ତୁ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଆଦର୍ଶରେ ହେବା ଅନୁପ୍ରାଣିତ
ଶ୍ରୀମତୀ ରଶ୍ମିରେଖା ସାହୁ
ଅଧକ୍ଷା, କଳମ୍ବ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କଳମ୍ବ (ବୁଗୁଡା ବ୍ଲକ)

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ। ଏ ଅବସରରେ ବୁଗୁଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।
ଶ୍ରୀ ବିକ୍ରମାଦିତ୍ୟ ଆରୁଖ
ବୁଗୁଡ଼ା ବ୍ଲକ ବିଜୁ ଜନତା ଦଳ ଉପସଭାପତି ସଙ୍କୁରୁ (ବୁଗୁଡ଼ା)

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ଏ ଅବସରରେ କରଚୁଲି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।
ଶ୍ରୀ ଧୋବା ପ୍ରଧାନ
ସରପଞ୍ଚ, କରଚୁଲି ଗ୍ରାମ ପଞ୍ଚାୟତ, ବୁଗୁଡ଼ା ବ୍ଲକ

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଅବସରରେ ଅଗଣିତ ପାଠିକା ପାଠକ ତଥା ଶୁଭେଚ୍ଛୁଙ୍କୁ ଶୁଭକାମନା ଜଣାଉଛି ।
ଲଳିତ ମୋହନ ପଟ୍ଟନାୟକ
ସମ୍ପାଦକ, ବିଲାପୁଟ ଶବରୀ ନାରାୟଣ ମନ୍ଦିର ପରିଚାଳନା କମିଟି, ସେମିଳିଗୁଡ଼ା, କୋରାପୁଟ

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ଏ ଅବସରରେ ବୁଗୁଡ଼ା ଏନ୍.ଏ.ସି.ର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।
ଶ୍ରୀ ଏସ୍. ଦିଲ୍ଲେଶ୍ୱର ପାତ୍ର
କାର୍ଯ୍ୟକାରୀ ସଦସ୍ୟ ଗଞ୍ଜାମ ଜିଲା, ବିଜୁ ଜନତା ଦଳ (ବୁଗୁଡ଼ା)

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା। ଏ ଅବସରରେ ପାଙ୍ଗିଡ଼ି ପଞ୍ଚାୟତର ସମସ୍ତ ପ୍ରିୟ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀ କୃଷ୍ଣଚନ୍ଦ୍ର ରା
ସମିତି ସଭ୍ୟ, ପାଙ୍ଗିଡ଼ି ଗ୍ରାମପଞ୍ଚାୟତ, ବୁଗୁଡ଼ା ବ୍ଲକ

ଧରିତ୍ରୀ ଖବରକାଗଜର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ଏ ଅବସରରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।
ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ସଭାପତି ଘୁମୁସର ଜିଲ୍ଲା ଭାରତୀୟ ଜନତା ପାର୍ଟି, ବୁଗୁଡ଼ା

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକୀ ଅବସରରେ ସମସ୍ତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।
ପ୍ରଭୁ ଜାନୀ
ଲକ୍ଷ୍ମୀପୁର, ବିଧାୟକ

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ଏ ଅବସରରେ ଭଗବାନପୁର ପଞ୍ଚାୟତର ସମସ୍ତ ଆବାଳବୃଦ୍ଧବନିତାଙ୍କୁ ମୋର ଆନ୍ତରିକ ଅଭିନନ୍ଦନ।
ଶ୍ରୀ ସୁଶାନ୍ତ କୁମାର ପ୍ରଧାନ
ସରପଞ୍ଚ ପ୍ରତିନିଧି ଭଗବାନପୁର ଗ୍ରାମପଞ୍ଚାୟତ (ବୁଗୁଡ଼ା ବ୍ଲକ)

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ। ଏ ଅବସରରେ ବୁଗୁଡ଼ା ଏନ୍.ଏ.ସି.ର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା।
ଶ୍ରୀ ସୁଧାଂଶୁ ଶେଖର ପାଢ଼ୀ
ସମ୍ପାଦକ ଗଞ୍ଜାମ ଜିଲା ବିଜୁ ଜନତା ଦଳ (ବୁଗୁଡ଼ା)

ଧରିତ୍ରୀ ଖବରକାଗଜର ୪୮ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା। ଏ ଅବସରରେ ବୁଗୁଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଅନେକ ଅନେକ ଅଭିନନ୍ଦନ।
ଶ୍ରୀ ଟୁକୁନା ଜେନା
ସଭାପତି, ବୁଗୁଡ଼ା ବ୍ଲକ ଯୁବ ମୋର୍ଚ୍ଚା ବିଜୁ ଜନତା ଦଳ (ବୁଗୁଡ଼ା)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୦୬,୦୯,୩୯୫ | ୫୨,୦୩,୬୪୧ | ୨୩,୫୪,୯୫,୫୨୬ |
| ଭାରତ | ୩,୪୫,୫୫,୪୩୧ | ୪,୬୭,୪୬୮ | ୩,୩୯,୭୭,୮୩୦ |
| ଓଡ଼ିଶା | ୧୦,୪୮,୨୨୮ | ୮୪୦୩(+୫୩) | ୧୦,୩୭,୩୮୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶିମିଳିପାଳରେ ବାଘ ଗଣନା ଆରମ୍ଭ

**ବାରିପଦା ଅଫିସ,୨୬।୧୧**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଶୁକ୍ରବାରଠାରୁ ବାଘ ଗଣନା ଆରମ୍ଭ ହୋଇଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ୍ ଜଗଜୟାନନ୍ଦଙ୍କ ନେତୃତ୍ୱରେ ଉତ୍ତର ଓ ଦକ୍ଷିଣ ଡିଭିଜନରେ ଥିବା ରେଞ୍ଜ ଅଫିସରମାନେ ଗଣନା କାର୍ଯ୍ୟରେ ସାମିଲ ହୋଇଛନ୍ତି। ୧୭୪ ଷ୍ଟେଶନ ମାଧ୍ୟମରେ ମୋଟ ୮୮୦ କର୍ମଚାରୀ ଏଥିର ସହଯୋଗ କରୁଛନ୍ତି। ନୂଆ ଟେକ୍ନୋଲୋଜି ବ୍ୟବହାର ପୂର୍ବକ ବିକଶିତ ମୋବାଇଲ ଆପ ମାଧ୍ୟମରେ ଏଥର ବିନା କାଗଜ କଲମରେ ଗଣନା କରାଯାଉଛି। ଡିସେମ୍ବର ୫ ପର୍ଯ୍ୟନ୍ତ ୧୦ ଦିନ ଧରି ଏହି ଗଣନା ଚାଲିବ।

ବାଘ ସହିତ ସମସ୍ତ ବନ୍ୟପ୍ରାଣୀଙ୍କ ସଂଖ୍ୟା, ଶିକାରର ଘନତା, ହାତୀ ସଂଖ୍ୟା ଆକଳନ ଓ ସେମାନଙ୍କ ବାସସ୍ଥାନ ଆଦି ସର୍ବେକ୍ଷଣ କରାଯାଉଛି। ସେହିପରି କାର୍ନିଭୋର ସାଇନ ସର୍ଭେ, ଟ୍ରାନ୍ସେକ୍ଟ ସର୍ଭେ, ହାବିଟାଟ ପ୍ଲଟ ସର୍ଭେ, ପେଲେଟ ସର୍ଭେ, ଶାଗୁଣା ଓ ଅନ୍ୟାନ୍ୟ ପକ୍ଷୀଙ୍କ ସର୍ଭେ ପାଇଁ ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ୫ଶହ କ୍ୟାମେରା ଲଗାଯାଇଛି। ପ୍ରଥମ ଦିନରେ ଏକ କଲରାପତରିଆ ବାଘକୁ ଠାବ କରାଯାଇଥିବା ନେଇ ବିଭାଗ ସୂଚନା ଦେଇଛି। ସର୍ବଭାରତୀୟ ବ୍ୟାଘ୍ର ଗଣନା(ଆକଳନ) କାର୍ଯ୍ୟକ୍ରମ ୨୦୦୬ରୁ ଆରମ୍ଭ ହୋଇଥିବା ବେଳେ ଏହା ପ୍ରତି ୪ବର୍ଷକୁ ଚକ୍ର ହିସାବରେ ନିଆଯାଇ ପରିଚାଳିତ ହେଉଛି। ୨୦୨୨ ଜାନୁୟାରୀ ମାସରେ ପଞ୍ଚମ ଚକ୍ର ଗଣନା ବା ଆକଳନ ଅନ୍ତିମ କାର୍ଯ୍ୟକ୍ରମ ଶେଷ ହେବ। ସମସ୍ତ ସର୍ଭେ ତଥ୍ୟ ମିଶାଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଦ୍ୱାରା ୨୦୨୨ ଜୁଲାଇ ୨୯ ଗ୍ଲୋବାଲ ଟାଇଗର ଦିବସରେ ଗଣନାର ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରକାଶ ପାଇବ ବୋଲି ଜଗଜୟାନନ୍ଦ କହିଛନ୍ତି।


ଅଭୟାରଣ୍ୟରେ କର୍ମଚାରୀମାନେ ବାଘ ଗଣନା କରୁଛନ୍ତି।

- ବିକଶିତ ଆପ୍ ଦ୍ୱାରା ହେଉଛି ଆକଳନ
- ୮୮୦ କର୍ମଚାରୀ ନିୟୋଜିତ
- ୧୦ ଦିନ ପର୍ଯ୍ୟନ୍ତ ଚାଲିବ

# ହାଟଡିହୀରେ ବିଜେଡି କର୍ମୀଙ୍କୁ ଆକ୍ରମଣ

**ହାଟଡିହୀ, ୨୬।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଥାନା ସଢ଼ା ପଞ୍ଚାୟତରେ ରାଜନୈତିକ ଗଣ୍ଡଗୋଳ ବଢ଼ିବାରେ ଲାଗିଛି। ୨୪ ତାରିଖରେ ବିଜେଡି କର୍ମୀ ମଦନ ମୋହନ ମୁର୍ମୁ ପଞ୍ଚାୟତରୁ କାମ ସାରି ଫେରୁଥିବା ବେଳେ ତାଙ୍କୁ ଆକ୍ରମଣ ହୋଇଛି। ଏହାର ପ୍ରତିବାଦରେ ଅନ୍ୟ ବିଜେଡି କର୍ମୀ ମାନେ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଏନେଇ ମଦନ ଥାନାରେ ତପନ ମଲିକ, ହରିହର ମଲିକ, ସଞ୍ଜୟ ମଲିକ, ସନ୍ତୋଷ ପହି, କାଳନ୍ଦୀ ଧଳଙ୍କ ନାମରେ ଜାତିଆଣ ଆକ୍ଷେପ ନେଇ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨୫/୨୧) ରୁଜୁ କରି ତପନ ମଲିକଙ୍କୁ ଗିରଫ କରିଥିବାବେଳେ ତଦନ୍ତ ଜାରି ରହିଥିବା ଆନନ୍ଦପୁର ଡିଏସ୍‌ପି ଅନିଲ ବେଉରିଆ କହିଛନ୍ତି।

**DHABALESWAR INSTITUTE OF POLYTECHNIC**
**&**
**DHABALESWAR INDUSTRIAL TRAINING CENTRE**

"The News The Dharitri" is the land mark in the Annalas of history of Newspaper. It gives the people current information from time to time Literary writings in the news paper are of appex quality than in any other newspaper.

We wish the newspaper "The Dharitri" to be more glorious and successful in the coming days.

**CHAIRMAN**

Dhabaleswar Institute of Polytechnic & Dhabaleswar Industrial Training Centre, Radhadamodarpur, Khuntuni, Cuttack

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
ନୀଳକଣ୍ଠ ନଗର, ବ୍ରହ୍ମପୁର - ୨ (ଗଞ୍ଜାମ)
ଫୋନ : 8093888364 / 7008525955

**ନାମଲେଖା ବିଜ୍ଞାପନ**

ନୂତନ ଭାବେ (୨୦୨୨-୨୩ ଶିକ୍ଷାବର୍ଷ) ଶିଶୁ ପ୍ରାରମ୍ଭ ଶ୍ରେଣୀରେ ପ୍ରବେଶ ନିମନ୍ତେ ପ୍ରବେଶିକା ଫର୍ମ ତା. ୦୧.୧୧.୨୦୨୧ ଠାରୁ ୦୫.୧୨.୨୦୨୧ ରିଖ ପର୍ଯ୍ୟନ୍ତ ସକାଳ ଘ ୯.୦୦ ଠାରୁ ଘ ୧.୦୦ ମଧ୍ୟରେ ୧୦୦ ଟଙ୍କା ବିନିମୟରେ କାର୍ଯ୍ୟାଳୟରେ ମିଳିବ ।

ଶିଶୁଙ୍କ ବୟସ ତା. ୦୧.୦୪.୨୦୨୨ ରିଖ ସୁଦ୍ଧା ୩ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୪ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ । ଜନ୍ମ ପ୍ରମାଣପତ୍ର ନକଲ ସହିତ ଆବେଦନ ପତ୍ର ପୂରଣ କରି ଫର୍ମ ନେବାର ୨ ଦିନ ମଧ୍ୟରେ ବିଦ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

**ବିଶେଷ ସୂଚନା**

- ଅନୁଷ୍ଠାନ ତରଫରୁ ଶିଶୁଙ୍କ ସୁଗମ ଓ ନିରାପଦ ଯାତାୟତ ପାଇଁ ବସ୍ ସୁବିଧା ରହିଛି ।
- ଆମ ଅନୁଷ୍ଠାନରେ +2 ଓ +3 ବିଜ୍ଞାନ ଓ +2 ବାଣିଜ୍ୟ ଶିକ୍ଷାଦାନ ସହିତ Medical, IIT, Engineering ଏବଂ C.A/I.C.W.A କୋଚିଂ ବ୍ୟବସ୍ଥା ରହିଛି ।

ସ୍ୱା/- ପ୍ରଧାନାଚାର୍ଯ୍ୟ



## ବାର୍ତ୍ତା

ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ତା'ର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ନଭେମ୍ବର ମାସରେ ପାଳନ କରିବାକୁ ଯାଉଥିବା ଜାଣି ମୁଁ ବହୁତ ଆନନ୍ଦିତ । ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରଶାସନ, ନ୍ୟାୟପାଳିକା ଓ ବ୍ୟବସ୍ଥାପିକା ସଭା ଭଳି ଆମ ଦେଶର ଜନସାଧାରଣଙ୍କ ପ୍ରତି ଗଣମାଧ୍ୟମର ମଧ୍ୟ କିଛି ଉତ୍ତରଦାୟିତ୍ୱ ରହିଛି । ଏହି ଉତ୍ତରଦାୟିତ୍ୱକୁ ସଠିକ ଓ ସୁଚାରୁରୂପେ ନିର୍ବାହ କରିବା ହେଉଛି ପ୍ରତ୍ୟେକ ଗଣମାଧ୍ୟମର କର୍ତ୍ତବ୍ୟ । ଏ କ୍ଷେତ୍ରରେ ଧରିତ୍ରୀ ଦୀର୍ଘ ୪୭ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କ ପ୍ରତି ତା'ର କର୍ତ୍ତବ୍ୟ ଓ ଦାୟିତ୍ୱ ସଠିକଭାବେ ନିଭାଇ ଆସୁଛି । ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କ୍ଷେତ୍ରରେ ଧରିତ୍ରୀ ଆଜି ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏଥିପାଇଁ ଧରିତ୍ରୀ ପରିବାରର ପ୍ରତ୍ୟେକ ସଦସ୍ୟ ଓ ସଦସ୍ୟାଙ୍କୁ ଅଶେଷ ଅଶେଷ ଧନ୍ୟବାଦ । ଏହି ଅବସରରେ ମୁଁ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବର ସଫଳତା କରିବା ସହ ଧରିତ୍ରୀ ପରିବାରର ପ୍ରତ୍ୟେକ ସଦସ୍ୟ ସଦସ୍ୟାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଅଚ୍ୟୁତ ସାମନ୍ତ
(ଅଚ୍ୟୁତ ସାମନ୍ତ)






## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା ନାଗରିକ ମହାମଞ୍ଚ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ଜନ୍ମଦିନ ଅବସରରେ ସମ୍ବର୍ଦ୍ଧନା ସମାରୋହ, ମହାମଞ୍ଚ କାର୍ଯ୍ୟାଳୟ, ପ୍ଲଟ ନଂ ୬୮/୧୬୬୭, ୟୁନିଟ-୬, ଗଙ୍ଗନଗର, ସକାଳ ୯ଟା ୩୦।
- ବିଶିଷ୍ଟ ସାହିତ୍ୟିକ ନରସିଂହ ନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ନରସିଂହ ନନ୍ଦ ସ୍ମୃତି ପ୍ରତିଷ୍ଠାନ ଓ ଗୋଧୂଳି ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତିସଭା ଓ ଆଲୋଚନାଚକ୍ର, ବୁଦ୍ଧ ମନ୍ଦିର, ଓଡ଼ିଶା ହାଉସିଂ ବୋର୍ଡ ଅଫିସ ସମ୍ମୁଖ, ଅପରାହ୍ନ ୫ଟା ୩୦।

## ସଂକ୍ଷେପରେ

### ରାଜନୈତିକ ହିଂସା ବିରୋଧରେ ଆପ୍‌ର ପ୍ରତୀକ ଅନଶନ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ):** ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଶୁକ୍ରବାର ସମ୍ବିଧାନ ଦିବସରେ ତା'ର ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଆପ୍ ଓଡିଶା ପକ୍ଷରୁ ରାଜନୈତିକ ହିଂସା ବିରୋଧରେ ପ୍ରତୀକାତ୍ମକ ଅନଶନ ଅନୁଷ୍ଠିତ ହୋଇଛି। ସାମ୍ବିଧାନିକ ମୂଲ୍ୟବୋଧକୁ ସମ୍ମାନ ଜଣାଇ ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ଆପ୍ ଆହ୍ୱାନ ହେଇଛି। ଆପ୍‌ର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଦିବସ ସଭା ଅନୁଷ୍ଠିତ ହେଇଥିଲା। ଏଥିସହ ସଭ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିବା ପାଇଁ ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଏକ ନମ୍ବର ଜାରି କରାଯାଇଛି। ଉକ୍ତ ନମ୍ବରରେ ମିସ୍ କଲ୍ କରି ସଦସ୍ୟତା ଗ୍ରହଣ କରି ପାରିବେ ବୋଲି ଆପ୍ ପକ୍ଷରୁ କୁହାଯାଇଛି।

### କ୍ଷୁଦ୍ର ବ୍ୟବସାୟରେ ଡିଜିଟାଲ କାରବାରକୁ ବିଏମ୍‌ସିର ଗୁରୁତ୍ୱ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ:** ରାଜଧାନୀର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଡିଜିଟାଲ୍ କାରବାରକୁ ଗୁରୁତ୍ୱ ଦେଇଛି। ସମସ୍ତ ବର୍ଗର ବ୍ୟବସାୟୀ ବିଶେଷ କରି କ୍ଷୁଦ୍ର ବ୍ୟବସାୟୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଇବାକୁ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ପରାମର୍ଶ ଦେଇଛନ୍ତି। ରାଜସ୍ୱ ଉପବିଭାଗ ଦ୍ୱାରା ଡିଜିଟାଲ୍ କାରବାର ସଂସ୍ଥାଗୁଡ଼ିକୁ ଡକାଯାଇ ବିଏମ୍‌ସି କମିଶନରଙ୍କ ସଭାପତିତ୍ୱରେ ଭୁବନେଶ୍ୱରର ୬୭ଟି ୱାର୍ଡ଼ରେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥିର ହୋଇଛି। ପେଟିଏମ୍ ନାଗରିକଙ୍କୁ ଅଧିକ ସୁବିଧା ଦେଉଥିବାରୁ ଏହି ସଂସ୍ଥାଙ୍କୁ କର୍ତ୍ତୃପକ୍ଷଙ୍କ ତରଫରୁ ଅନୁମତିପତ୍ର ଦିଆଯାଇ ସହରର ବିଭିନ୍ନ ସ୍ଥାନରେ ଥିବା ଓ ସେମାନଙ୍କ ସହିତ କାରବାର କରୁଥିବା ବ୍ୟବସାୟୀ ତଥା ପରିବହନ ସଂସ୍ଥାଙ୍କୁ ଏହି ଡିଜିଟାଲ୍ କାରବାରରେ ଅନ୍ତର୍ଭୁକ୍ତ କରିବା ପାଇଁ କୁହାଯାଇଛି। ବିଏମ୍‌ସି କର୍ମଚାରୀ ଏହାର ବ୍ୟବହାର ବିଷୟରେ ଅବଗତ କରାଇବେ।

### ନଦୀବନ୍ଧ କ୍ଷତି ହେଲେ କାର୍ଯ୍ୟାନୁଷ୍ଠାନ: ବିଡିଓ



ପୁରୁଣା ଭୁବନେଶ୍ୱର, ୨୬।୧୧(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ଉତ୍ତରା ଛକ ନିକଟ ନଦୀବନ୍ଧ କଣାସ ମାଇନର ଜିରୋରୁ ୭୦୦ ମିଟର ସଂଲଗ୍ନ ଧଉଳି ମାଇନର ନଦୀବନ୍ଧ କାଟି କଟାଯାଇ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ଏହି ନିର୍ମାଣ କାର୍ଯ୍ୟ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କେତେକ ଗ୍ରାମବାସୀ ଚେତାବନୀ ଦେଇଥିଲେ। ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ପିପିଲି ବିଡିଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନଦୀ ବନ୍ଧ କ୍ଷତି ହେଲେ କିମ୍ବା ନିୟମ ଉଲ୍ଲଂଘନ କରାଗଲେ ସମ୍ପୃକ୍ତ ଠିକାଦାର ସମେତ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ପ୍ରତିଶ୍ରୁତି ପରେ ସାଧାରଣ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

# ଭୁବନେଶ୍ୱରରେ ପାର୍କ ପରିଚାଳନା ପାଇଁ ନୂଆ ରଣନୀତି

■ବିଡିଏର ୯ ପାର୍କ ବିଏମ୍‌ସିକୁ ହସ୍ତାନ୍ତର
■କଲୋନୀ ପାର୍କ ସଂଖ୍ୟା ୭୧କୁ ବୃଦ୍ଧି
■ପିପିପି ମୋଡ୍‌ରେ ହେବ ପରିଚାଳନା




**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

ଭୁବନେଶ୍ୱରରେ ପାର୍କର ସୁପରିଚାଳନା ପାଇଁ ସହରାଞ୍ଚଳ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ରଣନୀତି ଆପଣାଇଛନ୍ତି। ପାର୍କଗୁଡ଼ିକର ଆୟତନ ଅନୁସାରେ ଏହାର ଶ୍ରେଣୀଭୁକ୍ତ କରାଯାଇଛି। ଏହି ଅନୁସାରେ ଅଧ ଏକରରୁ କମ୍ ପରିସୀମା ଥିବା ପାର୍କଗୁଡ଼ିକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଏବଂ ଏହାଠାରୁ ଅଧିକ ପରିସୀମା ଥିବା ପାର୍କଗୁଡ଼ିକ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ତତ୍ତ୍ୱାବଧାନରେ ରଖାଯିବ। ଏନେଇ ବିଏମ୍‌ସିର କମିଶନର ତଥା ବିଡିଏର ଉପାଧ୍ୟକ୍ଷ ସଞ୍ଜୟ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ବିଡିଏ ଅଧୀନରେ ଥିବା ୯ଟି ପାର୍କ ବିଏମ୍‌ସିକୁ ହସ୍ତାନ୍ତର କରାଯାଇଛି। ଫଳରେ ବିଏମ୍‌ସି ତତ୍ତ୍ୱାବଧାନରେ ପୂର୍ବରୁ ୬୨ଟି କଲୋନୀ ପାର୍କ ରହିଥିବାବେଳେ ଏବେ ୭୧କୁ ବୃଦ୍ଧି ପାଇଛି। ବିଏମ୍‌ସି ତତ୍ତ୍ୱାବଧାନରେ ପୂର୍ବରୁ ରହିଥିବା ୬୨ କଲୋନୀ ପାର୍କ ମଧ୍ୟରୁ ୨୯ ପାର୍କ ନର୍ଥ ଜୋନ୍‌ରେ, ୧୯ ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ଏବଂ ୧୪ ଦକ୍ଷିଣ-ପୂର୍ବ ଜୋନ୍‌ରେ ରହିଛି। ଏଗୁଡ଼ିକର ପରିଚାଳନା ଗୋଷ୍ଠୀଭିତ୍ତିକ କରାଯାଇ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ ବା ପିପିପି ମୋଡ୍‌ରେ ସଫଳତା ଲାଭ କରିଛି। ୨୨ଟି ପାର୍କ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପରିଚାଳନାରେ ରହିଥିବାବେଳେ ଏଥିରୁ ୧୮ ପାର୍କ ଅବାସିକ କଲ୍ୟାଣ ସଂଘ ବା ଆରଡବ୍ଲ୍ୟୁଏ ମାଧ୍ୟମରେ ପରିଚାଳନା କରାଯାଉଛି। ମାସିକ ପରିଚାଳନା ପାଇଁ ପାର୍କ ପିଛା ସମ୍ପୃକ୍ତ ସଂସ୍ଥାଙ୍କୁ ୧୦ହଜାର ଟଙ୍କା ଲେଖାଏ ଦିଆଯାଉଛି। ଏହି ଅର୍ଥରେ ପାର୍କ ଖୋଲିବା ଓ ବନ୍ଦ କରିବା, ପରିଷ୍କାର ପରିଚ୍ଛନ୍ନ ରଖିବା, ମାଟି କୋଡ଼ାଖୋସା, ଗଛ ଲଗାଇବା, ଜୀବାଣୁନାଶକ ବା କୀଟନାଶକ ପକାଇବା, ଘାସ, ଲଟା ଇତ୍ୟାଦି କାଟିବା ଆଦି କରାଯାଉଛି। ଅନ୍ୟ ମୁଖ୍ୟ ମରାମତି ଓ ପରିଚାଳନା ବିଏମ୍‌ସି ଉପରେ ନ୍ୟସ୍ତ ରହିଛି। ବିଏମ୍‌ସି ଅଧୀନରେ ଥିବା ପାର୍କ ମଧ୍ୟରୁ ୩୬ଟିର ବିକାଶ ଅମୃତ ଯୋଜନା ଅଧୀନରେ କରାଯାଇଛି। ଏବେ ପାର୍କ ସଂଖ୍ୟା ୭୧କୁ ବୃଦ୍ଧି ପାଇଥିବାବେଳେ ପିପିପି ମୋଡ୍‌ରେ ଏସବୁର ପରିଚାଳନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ବୋଲି ବିଏମ୍‌ସିର ଏନ୍‌ଭାଇରନ୍‌ମେଣ୍ଟ ଅଫିସର ବସନ୍ତ କୁମାର ମଲ୍ଲିକ ଏବଂ ଉଦ୍ୟାନ କୃଷି ଏକ୍ସପର୍ଟ ଗିରିଜା ଭୂଷଣ ଶତପଥୀ କହିଛନ୍ତି। ଅନ୍ୟପକ୍ଷରେ ସହରର ୫୨ଟି ବଡ଼ ପାର୍କର ପରିଚାଳନା ବିଡିଏ ଦ୍ୱାରା କରାଯାଉଛି ଏବଂ ଆଉ ୪ଟି ପାର୍କ ନିର୍ମାଣାଧୀନ ରହିଛି ବୋଲି ବିଡିଏର ଉଦ୍ୟାନ କୃଷି ମୁଖ୍ୟ ଅଶୋକାନନ୍ଦ ଧର କହିଛନ୍ତି।



କଟକ ଶହୀଦ ଭବନରେ ଶୁକ୍ରବାର ଅନୁଷ୍ଠିତ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# 'ଜଟିଳତାକୁ ଆନନ୍ଦରେ ପରିବର୍ତ୍ତିତ କରିଥାଏ ନୃତ୍ୟ'

## ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

**କଟକ ଅଫିସ,୨୬।୧୧**

ସ୍ରଷ୍ଟା ହେଉଛନ୍ତି ନର୍ତ୍ତକ ଓ ସୃଷ୍ଟି ହେଉଛି ନୃତ୍ୟ । ନର୍ତ୍ତକ ଓ ନୃତ୍ୟ, ସ୍ରଷ୍ଟା ଓ ସୃଷ୍ଟି ପରସ୍ପରଠାରୁ କେବେହେଲେ ଅଲଗା ହୋଇପାରିବେ ନାହିଁ। ନୃତ୍ୟଦ୍ୱାରା ମାନବୀୟ ଚେତନା ବ୍ରହ୍ମାଣ୍ଡୀୟ ଚେତନା ସହ ମିଳନ ହୋଇଥାଏ। ଜୟଦେବଙ୍କ ଗୀତଗୋବିନ୍ଦ, କାଳି ଦାଶଙ୍କ କୁମାର ସମ୍ଭବ କିମ୍ବା ବେଦବ୍ୟାସଙ୍କ ଦ୍ୱାରା ରଚିତ ଭାଗବତର ଗୋପୀ ଗୀତରେ ଏହାର ଅନୁଭବ କରିହେବ। ସେଥିପାଇଁ ଗୀତ ବିଚାର, ଭାବନାକୁ ନିୟନ୍ତ୍ରିତ କରିବା ସହ ଶୁଦ୍ଧତା ପ୍ରଦାନ କରିଥାଏ। ଜୀବନରେ ଥିବା ଜଟିଳତା, ସମସ୍ୟା, ପରାଜୟ, ବାଧାବିଘ୍ନକୁ ନୃତ୍ୟ ଆନନ୍ଦରେ ପରିବର୍ତ୍ତିତ କରିଥାଏ ବୋଲି ଶୁକ୍ରବାର କଟକ ସହିଦ ଭବନରେ ଆୟୋଜିତ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ରାଜ୍ୟପାଳ ଗଣେଶୀ ଲାଲ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ନୃତ୍ୟଶିଳ୍ପୀ ଗୁରୁ ମୀରା ଦାସଙ୍କ ଆହ୍ୱାନରେ ଏହି ଉତ୍ସବ ୨୪ ବର୍ଷ ଧରି ପାଳିତ ହୋଇଆସୁଛି। ଚଳିତ ବର୍ଷ ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନ ପକ୍ଷରୁ ରଜତ ଜୟନ୍ତୀ ସମାରୋହ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ଜଗନ୍ନାଥ ମଙ୍ଗଳମ୍ ଓ ଝିନ୍‌ଝୋଟି ପଲ୍ଲବୀ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ଗୁଞ୍ଜନର କୁନି କଳାକାରମାନେ ଦର୍ଶକଙ୍କୁ ଗୁରୁବନ୍ଦନା ଭେଟି ଦେଇଥିଲେ । ଉତ୍ସବରେ ଗୁଞ୍ଜନର ସମ୍ପାଦକ ମୀରା ଦାସ, ସଭାପତି ଗାୟତ୍ରୀ ଦାସ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।



ନୃତ୍ୟଗୁରୁ ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ କରୁଛନ୍ତି।

## ୬ ଜିଲା ପାଇଁ ପିସିସି ସାମାଜିକ ଗଣମାଧ୍ୟମ ବିଭାଗ ଦାୟିତ୍ୱ ବଣ୍ଟନ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

ପିସିସି ସାମାଜିକ ଗଣମାଧ୍ୟମ ବିଭାଗ ପକ୍ଷରୁ ରାଜ୍ୟର ୬ଟି ଜିଲା ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ, ସହଅଧ୍ୟକ୍ଷ, ସଂଯୋଜକ ଏବଂ ସହସଂଯୋଜକ ନିଯୁକ୍ତ କରାଯାଇଛି। ଅନୁଗୋଳ ଜିଲା ପାଇଁ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଭାବେ ଆଲୋକ କୁମାର ଦାଶ, ସଂଯୋଜକ କୀର୍ତ୍ତି ରଞ୍ଜନ ବିଶୋଇ ଓ ରଞ୍ଜିତ ଗଡନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ବାଲେଶ୍ୱର ଅଧ୍ୟକ୍ଷ ଦେବଦତ୍ତ ଦାସ, ସଂଯୋଜକ ଡମ୍ବରୁଧର ବେହେରା ଓ ଗୌତମ ପଣ୍ଡା ରହିଛନ୍ତି। ମୟୂରଭଞ୍ଜ ଅଧ୍ୟକ୍ଷ ଶାନ୍ତନୁ କୁମାର ପାଲ, ସଂଯୋଜକ ଲାଲନ କୁମାର ସିଂ ଓ ଅରବିନ୍ଦ ବେହେରା, ରାଉରକେଲା ଅଧ୍ୟକ୍ଷ ଆର.ପି. ସିଂ, ସହଅଧ୍ୟକ୍ଷ ସାଗର ଜ୍ୟୋତି ବାରିକ ଓ ସୁଧୀର ନାଥ ରହିଥିବାବେଳେ ସୁଦର୍ଶନ ଗୌଡ ଓ ବିଶ୍ୱଜିତ ସାହୁ ସଂଯୋଜକ ରହିଛନ୍ତି। ରାୟଗଡା ଅଧ୍ୟକ୍ଷ ସୟେଦ ଜିଆୁଲ ହକ୍, ସହଅଧ୍ୟକ୍ଷ ଯୋଶେଫ ଖୋସଲା, ସଂଯୋଜକ ମହେଶ କୁମାର ପାଟଖଣ୍ଡାଲ ଓ ବିବେକ ମିରିୟାଲା ମନୋନୀତ ହୋଇଥିବାବେଳେ ଜଗତ୍‌ସିଂପୁର ଅଧ୍ୟକ୍ଷ ଭାବେ ଆଶିଷ କୁମାର ସ୍ୱାଇଁ, ସଂଯୋଜକ ଭାବେ ବିକି ଶର୍ମା ଓ ଦୁର୍ଗା ଚରଣ ବିଶୋଇ ଏବଂ ସହସଂଯୋଜକ ଭାବେ ସୌମ୍ୟରଞ୍ଜନ ମହାନ୍ତି ଓ ରାକେଶ କୁମାର ରାଉତ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁବାଷ



@ ଭୀମସେନ୍



@ ଅନିଲ



@ ସ୍ମରଣିକା



@ ଦୀପକ



@ ବୁଦ୍ଧନାଥ

# ମାଲିକାଣୀଙ୍କ ଘରୁ ୧୦ଲକ୍ଷର ସୁନା ଅଳଙ୍କାର ଚୋରି

## ଅଭିଯୁକ୍ତ ଡ୍ରାଇଭର ଗିରଫ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**





ବିଶ୍ୱାସରେ ବିଷ ଦେଇ ମାଲିକାଣୀଙ୍କ ଘରୁ ୧୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଆଇଆର୍‌ସି ଭିଲେଜରେ ରହୁଥିବା କନ୍ଧମାଳ ଜିଲା ଜି. ଉଦୟଗିରି ଥାନାଞ୍ଚଳର ସୁରଜ କୁମାର ନାୟକ (୩୦)। ତାଙ୍କଠାରୁ ଚୋରି ୩ହଳ ସୁନା କାନଫୁଲ, ୩ ହୀରାମୁଦି, ୨ ସୁନା ଲକେଟ୍, ଗୋଟିଏ ସୁନା ହାରକୁ ପୋଲିସ ଜବତ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ସୁରଜଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଖଣ୍ଡଗିରି ବିହାରରେ ନମିତା ମହାନ୍ତି(୩୬) ପରିବାର ସହ ରହୁଥିବାବେଳେ ତାଙ୍କ ସ୍ୱାମୀଙ୍କର ଏକ ବିଲ୍ଡର ସଂସ୍ଥା ରହିଛି। ଘରର ଅନ୍ୟଏକ କୋଠରୀରେ ତାଙ୍କ ଅଫିସ୍ ରହିଛି। ଅଭିଯୁକ୍ତ ସୁରଜ ନମିତାଙ୍କ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗତ ୧୪ ତାରିଖ ସନ୍ଧ୍ୟାରେ ନମିତା ଅଫିସରେ ବସିଥିବାବେଳେ ସୁରଜ ଘର ଭିତରକୁ ଯାଇ ଆଲ୍‌ମିରାରୁ ଅଳଙ୍କାର ଚୋରି କରିଥିଲେ। ଘଟଣାର ୧୦ଦିନ ପରେ ଅର୍ଥାତ୍ ୨୪ ତାରିଖରେ ନମିତା ଏକ ବାହାଘରକୁ ଯିବା ପାଇଁ ଆଲ୍‌ମିରା ଖୋଲିବାରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ( ନଂ.୫୯୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## 'ରବି ରାୟ ଥିଲେ ସାମ୍ୟବାଦୀ ସେବକ'

**ବାଲିପାଟଣା,୨୬।୧୧(ଡି.ଏନ୍.ଏ.)**

ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟଙ୍କ ୯୫ତମ ଜୟନ୍ତୀ ସମାରୋହ ଜନ୍ମସ୍ଥାନ ଭଅଁରାଗଡଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ରବି ରାୟ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ.ଅବଦୁଲ ଓସିଦ ଖାଁ ଯୋଗଦେଇ ରବି ରାୟ ଜଣେ ସାମ୍ୟବାଦୀ ସେବକ ଥିଲେ ବୋଲି କହିଥିଲେ। ତାଙ୍କ ରାଜନୈତିକ ଜୀବନରେ ସେ ସାଲିସ ବିହୀନ ନେତା ଥିଲେ। ସେହିପରି ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର କହିଥିଲେ, ତାଙ୍କ ଭଳି ସାଧାରଣ ଜୀବନଯାପନ କରିଥିବା ରାଜନେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶର ଅନେକ ଉପକାର କରିହେବ। କବି ବିପିନ ମହାନ୍ତି ଅତିଥିଭାବେ ଯୋଗଦେଇ କହିଥିଲେ, ରବି ରାୟ ଗାଁ ଓ ଓଡ଼ିଆ ଭାଷାର ପୂଜାରୀ ଥିଲେ। ଅନ୍ୟତମ ଅତିଥିଭାବେ ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସାମାଜିକ କର୍ମୀ ରମେଶ ଚନ୍ଦ୍ର ସାହୁ ଓ ମନୋରଞ୍ଜନ ରାୟ ଯୋଗଦେଇଥିଲେ। ଜାତୀୟ ସ୍ତରରେ ସରକାରୀଭାବେ ରବି ରାୟଙ୍କ ଜୟନ୍ତୀ ପାଳନ କରାଯିବାକୁ ଆଗାମୀ ଦିନରେ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି। ରବି ରାୟ ସ୍ମୃତି ସଂସଦ ସମ୍ପାଦକ ଭଗବାନ ସାହୁ ବାର୍ଷିକ ବିବରଣୀ, କୋଷାଧ୍ୟକ୍ଷ ସୁରେଶ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ତାରାରୋପଣ କରାଯାଇଥିଲା। ତାଙ୍କର ଏକ ପ୍ରତିମୂର୍ତ୍ତି ବନମାଳିପୁରସ୍ଥିତ ଗୋପବନ୍ଧୁ ପାଠାଗାର ଠାରେ ସ୍ଥାପନ ପାଇଁ ସ୍ଥିର ହୋଇଥିଲା।



ଶନିବାର ପ୍ରଥମାଷ୍ଟମୀରେ ମହାପ୍ରଭୁ ପୋଢୁଆଁ ହେବେ। ଏଥିପାଇଁ ମହାପ୍ରଭୁଙ୍କ ମାମୁଘର କୁହାଯାଉଥିବା କଟକର ନିଆଳି ଶ୍ରୀମାଧବାନନ୍ଦ ଜୀଉ ମନ୍ଦିର ପକ୍ଷରୁ ଶୁକ୍ରବାର ପୁରୀରେ ଆସି ପହଞ୍ଚିଥିବା ପୋଢୁଆଁ ଭାର।



ପୁରୀସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ ପକ୍ଷରୁ ଶୁକ୍ରବାର ୬୦ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ କୁଇଜ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।



ଭାରତୀୟ ସମ୍ବିଧାନର ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ନିମାପଡ଼ା କୋର୍ଟ ପରିସରରେ ଭର୍ଚୁଆଲରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ଓ ଧାରା ୩୯(କ) ଉନ୍ମୋଚନ କରାଯାଉଛି।

**ଶୀତକାଳୀନ ଅଧିବେଶନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି**

ଭୁବନେଶ୍ୱର,୨୬।୧୧(ବ୍ୟୁରୋ): ସଂସଦର ଶୀତକାଳୀନ ଅଧିବେଶନମ ଆସନ୍ତା ୨୯ ତାରିଖ ସୋମବାରଠାରୁ ଆରମ୍ଭ ହେବ। ଏଥିରେ ରାଜ୍ୟର ଏମ୍‌ପିମାନେ ଜାତିଗତ ଜନଗଣନା, ପଛୁଆବର୍ଗଙ୍କ ପାଇଁ ୨୭% ସଂରକ୍ଷଣ, ଧାନ କୁଇଣ୍ଟାଲ୍ ୨୯୩୦ ଟଙ୍କା ଏମ୍ଏସ୍‌ପି ଲାଗୁ ଓ 'ଅହିଂସା'କୁ ସମ୍ବିଧାନରେ ସ୍ଥାନ ଦେବା ଲାଗି ଦାବି ଉତ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ସମାଜବାଦୀ ପାର୍ଟିର ଓଡ଼ିଶା ରାଜ୍ୟ କମିଟି ସଭାପତି ରବି ବେହେରା। ଏମ.ଏସ. ସ୍ୱାମୀନାଥନ କମିଶନ ରିପୋର୍ଟ ଲାଗୁ କରିବା ପାଇଁ ମଧ୍ୟ ଆମ ଏମ୍‌ପିମାନେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ସେ ଉଲ୍ଲେଖ କରିଛନ୍ତି।



## ସଂକ୍ଷେପରେ

### ଯୁବକଙ୍କୁ କଟୁରିରେ ଆକ୍ରମଣ, ୨ ଗିରଫ

ବାଲିଅନ୍ତା,୨୬।୧୧(ଡି.ଏନ୍.ଏ.): ବକେୟା ଟଙ୍କା ଆଦାୟକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ କଟୁରିରେ ଆକ୍ରମଣ କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ୨ ଭାଇଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଦେଉଳି ଉପର ସାହିର ଚିତ୍ତରଞ୍ଜନ ନନ୍ଦ(୨୬) ଓ ମନୋରଞ୍ଜନ ନନ୍ଦ(୨୫)। ସୂଚନାଯୋଗ୍ୟ, ଦେଉଳିଉପର ସାହି ଗ୍ରାମର ଲିଟୁ ସ୍ୱାଇଁ ଅଭିଯୁକ୍ତ ଦୁଇଭାଇଙ୍କୁ ବକେୟା ଟଙ୍କା ଦେବାର ଥିଲା। ଟଙ୍କା ମାଗୁଥିଲେ ମଧ ଲିଟୁ ଦିନ ଗଡାଇ ଆସୁଥିଲେ। ଏହି କଥାକୁ ନେଇ ଚିତ୍ତରଞ୍ଜନ ଓ ମନୋରଞ୍ଜନଙ୍କ ସହ ବଚସା ହୋଇଥିଲା। ପରେ ଗାଁମୁଣ୍ଡରେ ପୁଣି ଟଙ୍କା କଥାକୁ ନେଇ ୩ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ୨ ଭାଇ ଲିଟୁଙ୍କୁ ସେଠାରେ ପଡ଼ିଥିବା ଏକ କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ଲିଟୁ ଗୁରୁତର ହୋଇଥିବା ବେଳେ ପରେ ଘଟଣା ସମ୍ପର୍କରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା(ନଂ.୩୯୪/୨୧) ରୁଜୁ କରି ତଦନ୍ତ କରି ୨ଭାଇଙ୍କୁ ଗିରଫ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁସ୍ତକ 'କଣ୍ଟୁର୍‌ସ ଅଫ୍ ମାଇ ଲାଇଫ୍' ଉନ୍ମୋଚିତ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ): ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଦୀଙ୍କ ପୁସ୍ତକ କଣ୍ଟୁରସ ଅଫ ଲାଇଫ୍(contours of my life' କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ବିଜ୍ଞାନ, ଗବେଷଣା, ନାରୀ ସ୍ୱାଧୀନତା ତଥା ସମସାମୟିକ ଘଟଣାବଳୀ ଉପରେ ପ୍ରଫେସର ହେଜମାଦୀଙ୍କ ଦ୍ୱାରା ବିଭିନ୍ନ ସମୟରେ ରଚିତ ନିବନ୍ଧ ଓ ସାକ୍ଷାତକାର ଏହି ପୁସ୍ତକରେ ସନ୍ନିବେଶିତ ହେଇଛି। ଭୁବନେଶ୍ୱରର ଶିକ୍ଷା ସନ୍ଧାନ ହେଉଛନ୍ତି ପୁସ୍ତକର ପ୍ରକାଶକ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଆର୍ ବାଲକ୍ରିଷନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଜନ୍ତୁରକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାରଙ୍ଗ,୨୬।୧୧(ଡି.ଏନ.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଚାଲିଥିବା ଜନ୍ତୁରକ୍ଷକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମୁତାବକ ୩ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ଦେଶର ୫ଟି ରାଜ୍ୟ ରୁ ୨୪ଟି ଚିଡ଼ିଆଖାନାର ଜନ୍ତୁ ରକ୍ଷକଙ୍କୁ ଏଥିରେ ସାମିଲ କରାଯାଇଥିଲା। ଚିଡ଼ିଆଖାନାଗୁଡ଼ିକରେ ରହୁଥିବା ବନ୍ୟପ୍ରାଣୀ ଓ ସରିସୃପଙ୍କ ଠିକ ରକ୍ଷଣାବେକ୍ଷଣ, ହିଂସ୍ର ଜନ୍ତୁଙ୍କୁ ସୁରକ୍ଷିତ ସହ ଲାଳନପାଳନ କରିବା, ପରିଚାଳନା, ସରୀସୃପଙ୍କର ଏନକ୍ଲୋଜରରୁ ଅଣ୍ଡା ସଂଗ୍ରହ କରି ପ୍ରାଥମିକତା ଭାବେ ଯତ୍ନ ନେବା ଆଦି ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପିସିସିଏଫ୍ ଶଶିପଲ, କେନ୍ଦ୍ରୀୟ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ନୂଆଦିଲ୍ଲୀର ଡିଆଇଜି ଡ. ସୋନାଲି ଘୋଷ, ପିସିସିଏଫ ଶିଶିର କୁମାର ରଥ, ମନୋଜ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ଅବସରରେ ଭାରତୀୟ ବନ୍ଦୀ ବନ୍ୟଜନ୍ତୁ ପରିଚାଳନା ଉପରେ ପ୍ରମାଣ ଭିତ୍ତିକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଉପନିର୍ଦ୍ଦେଶକ ସଞ୍ଜିତ କୁମାର ଧନ୍ୟବାଦ ଦେଇଥିଲେ।

# ବିଶ୍ୱସ୍ତରୀୟ ହେଉଛି ଏସ୍‌ସିବି: ମୁଖ୍ୟମନ୍ତ୍ରୀ

**କଟକ ବଡ଼ ମେଡିକାଲର ପ୍ଲାଟିନମ ଜୁବିଲି**

■ଗ୍ଲୋବାଲ କନ୍‌କ୍ଲେଭ କାର୍ଯ୍ୟକ୍ରମ

■୯୬ ଲକ୍ଷ ପରିବାର ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ

କଟକ ଅଫିସ,୨୬।୧୧

ରାଜ୍ୟର ସ୍ୱାସ୍ଥ୍ୟସେବାକୁ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ସୁଦୃଢ଼ କରାଯାଇଛି। ଏଥିପାଇଁ ରାଜ୍ୟରେ ଆରମ୍ଭ କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲୋକଙ୍କୁ ସାମିଲ କରାଯାଉଛି। ଏଥିସହ ମୋର ସ୍ୱପ୍ନ ଯେ, କୌଣସି ବ୍ୟକ୍ତି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେପରି ଅନ୍ୟ ରାଜ୍ୟକୁ ଯିବାକୁ ନ ପଡ଼େ, ସେଥିଲାଗି କଟକରେ ଥିବା ବଡ଼ ମେଡିକାଲକୁ ବିଶ୍ୱସ୍ତରୀୟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ(ଏସ୍‌ସିବି) ମହାବିଦ୍ୟାଳୟରେ ଆୟୋଜିତ ଏକ କନକ୍ଲେଭରେ ଯୋଗଦେଇ କହିଛନ୍ତି।

୭୫ ବର୍ଷର ଗୌରବମୟ ଗାଥାକୁ ସ୍ମରଣ କରି କଟକ ବଡ଼ ମେଡିକାଲ କଲେଜ ତାହାର ପ୍ଲାଟିନମ ଜୁବିଲି ପାଳନ କରୁଛି। ଏହି ଅବସରରେ ଶୁକ୍ରବାର କଲେଜ ପକ୍ଷରୁ ଏକ ଗ୍ଲୋବାଲ କନକ୍ଲେଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନକ୍ଲେଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଡ଼ିତ ହୋଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଏସ୍‌ସିବି ମେଡିକାଲ କଲେଜର ପ୍ରତିଷ୍ଠାତା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କଲେଜର ଗୌରବ ଗାଥା ଦୋହରାଇଥିଲେ। ସେ କହିଥିଲେ,





କନ୍‌କ୍ଲେଭରେ ଭର୍ଚୁଆଲରେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ (ଉପର) ଏବଂ ମଞ୍ଚରେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ଏସ୍‌ସିବିର ଛାତ୍ରୀଛାତ୍ର ଏବେ ସାରା ବିଶ୍ୱର ବିଭିନ୍ନ ମେଡିକାଲରେ ସେବା ଯୋଗାଇ ଏସ୍‌ସିବିକୁ ଗୌରବାନ୍ୱିତ କରିଛନ୍ତି। ଏସ୍‌ସିବି ଆଲୁମନି ସାରା ବିଶ୍ୱରେ ନିଜର ନିଃସ୍ୱାର୍ଥପର ସେବା ଯୋଗାଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏସ୍‌ସିବି ଡାକ୍ତରଗଣ ରାଜ୍ୟ ତଥା ରାଜ୍ୟ ବାହାର ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଆସୁଛନ୍ତି। ସେଥିପାଇଁ ଏସ୍‌ସିବିକୁ ବିଶ୍ୱସ୍ତରୀୟ କରିବା ଦିଗରେ ଆମର ପ୍ରଚେଷ୍ଟା ଜାରି ରହିଛି। ମେଡିକାଲ କେୟାରରେ ଏସ୍‌ସିବି ଯେପରି ଦେଶରେ ଏକ ନମ୍ବର ହୋଇପାରିବ ସେଥିପ୍ରତି ଆମେ ପ୍ରୟାସ ଜାରି ରଖିବା।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟରେ ୫୦ ବର୍ଷ ପୂର୍ବରୁ ମାତ୍ର ୩ଟି ମେଡିକାଲ କଲେଜ ଥିବାବେଳେ ଏବେ ୮ଟି ରହିଛି। ଯାହା ସରକାରଙ୍କ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ କେତେ ପ୍ରୟାସ ରହିଛି ତାହା ସୂଚାଉଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏସ୍‌ସିବିର ଏକ ମେମେଣ୍ଟୋକୁ ଉଦ୍‌ଘାଟନ କରିବା ସହ ଏସ୍‌ସିବିର ସୋଭେନିରକୁ ଉନ୍ମୋଚନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ.ପାଣ୍ଡିଆନ ମଧ୍ୟ ଭର୍ଚୁଆଲରେ ଉପସ୍ଥିତ ଥିଲେ। ଉତ୍ସବରେ ଅନ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କହିଥିଲେ, ରାଜ୍ୟରେ ଜଣେ ବି ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହେବେ, ଏହା ଆମର ପ୍ରୟାସ। ତେବେ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଡା. ପ୍ରଫେସର ନିର୍ମଳ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଶା ସ୍କିଲ ଡେଭେଲପମେଣ୍ଟ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ମନ୍ତ୍ରୀ ପ୍ରତାପ ଜେନା ଓ ପ୍ରିନ୍‌ସିପାଲ ସେକ୍ରେଟାରି ଅଶୋକ ମିଶ୍ରା ପ୍ରମୁଖ ଯୋଗଦେଇଥିଲେ।

### ଭୁବନେଶ୍ୱରରେ ଗୁଲାମ ନବୀ ଆଜାଦ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏମ୍‌ପି ଗୁଲାମ ନବୀ ଆଜାଦ ଶୁକ୍ରବାର ଓଡିଶା ଆସିଛନ୍ତି। କଂଗ୍ରେସ ନେତା ରଞ୍ଜୀବ ବିଶ୍ୱାଳଙ୍କ ଶ୍ୱଶୁର ଆର୍ତ୍ତତ୍ରାଣ ମହାନ୍ତିଙ୍କ ଦେହାନ୍ତରେ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ପାଇଁ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ରଞ୍ଜୀବଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି ଗୁଲାମ।

### ବ୍ୟକ୍ତି ପାଇଁ ଯାହା ସଂସ୍କାର ତାହା ସମାଜ ପାଇଁ ସଂସ୍କୃତି

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟ ଅଭିଲେଖାଗାର ପକ୍ଷରୁ ଶୁକ୍ରବାର ୫୭ତମ 'ସଂସ୍କୃତି ଚର୍ଚ୍ଚା' ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ସ୍ତମ୍ଭକାର ଡ. ନିରଞ୍ଜନ ପାଢ଼ୀ ଯୋଗଦେଇ 'ସାମାଜିକ ଜୀବନରେ ମାନବୀୟ ସଂସ୍କୃତିର ଧାରା' ଶୀର୍ଷକ ପ୍ରସଙ୍ଗ ଉପରେ ମତ ରଖିଛନ୍ତି। ବ୍ୟକ୍ତି ଜୀବନ ଓ ବିଶ୍ୱ ଜୀବନ ମଧ୍ୟରେ ସମତୁଲତା ହେଉଛି ମାନବୀୟ ସଂସ୍କୃତି। ମନୁଷ୍ୟର ଆହ୍ୱାନ ମାନବୀୟ ସଂସ୍କୃତିର ଅନ୍ତଃସ୍ୱର। ବ୍ୟକ୍ତି ପାଇଁ ଯାହା ସଂସ୍କାର ତାହା ସମାଜ ପାଇଁ ସଂସ୍କୃତି। ମାନବୀୟ ସଂସ୍କୃତି ହିଁ ମନୁଷ୍ୟ ପରିଚୟର ଉପଲବ୍ଧି। ଏବେର ମଣିଷ 'ସର୍ବେ ଭବନ୍ତୁ ସୁଖୀନଃ', 'ବସୁଧୈବ କୁଟୁମ୍ବକମ' ବୋଲି କହୁଛି ଅଥଚ ମଣିଷକୁ ଚିହ୍ନି ନ ପାରି ସଂସ୍କୃତିର ଅବକ୍ଷୟରେ ଅଂଶୀଦାର ହେଉଛି। ସଂସ୍କୃତି ହେଉଛି ମଣିଷ ସହ ଅନ୍ତରଙ୍ଗତାର ଶ୍ରେଷ୍ଠତମ ସୂଚକ ବୋଲି ସେ କହିଛନ୍ତି। ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ ସୁଲେମାନ ଅଲ୍ଲୀ ପ୍ରାରମ୍ଭିକ ସୂଚନା ଓ ବୈଷୟିକ ସହକାରୀ ଉପେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

### ସମ୍ବିଧାନର ସୁରକ୍ଷା ନ ହେଲେ ଦେଶ ଅସୁରକ୍ଷିତ : ନିରଞ୍ଜନ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ସମ୍ବିଧାନ ଦିବସରେ ଶୁକ୍ରବାର ପିସିସି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ସମ୍ବିଧାନ ବଞ୍ଚାଓ ଦିବସ ପାଳିତ ହୋଇଯାଇଛି। କଂଗ୍ରେସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟକ୍ଷ ବାଙ୍କନିଧି ବେହେରା ପୌରୋହିତ୍ୟ କରିଥିଲେ। ସମ୍ବିଧାନ ପ୍ରତି ସମ୍ମାନ ଜଣାଇ ଏହାର ସୁରକ୍ଷା ପାଇଁ କଂଗ୍ରେସ କର୍ମୀମାନେ ଶପଥ ନେଇଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ସମ୍ବିଧାନର ସୁରକ୍ଷା ନ ହେଲେ ଦେଶ ସୁରକ୍ଷିତ ହୋଇପାରିବ ନାହିଁ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ କଂଗ୍ରେସ ନେତ୍ରୀ ସସ୍ମିତା ବେହେରା, ରତ୍ନମଣି ଉଲ୍ଲାକା, ଜାନକୀ ମଲ୍ଲିକ ଓ ଦିନବନ୍ଧୁ ଅଧିକାରୀଙ୍କୁ ଏବଂ ଅନୁସୂଚିତ ଜାତି ବିଭାଗର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଜୟନ୍ତ ଭୋଇ, ନରୋତ୍ତମ ନାୟକ, ତାପସ ସେଠୀ, ଶିବଶଙ୍କର ବେହେରା, ପ୍ରଫୁଲ୍ଲ ଦିଗଲ ଓ ଦେବେନ୍ଦ୍ର ପ୍ରସାଦ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପୂର୍ବତନ ବିଧାୟକ ବିପିନ ଦାସ, ଉପସଭାପତି ଶିବାନନ୍ଦ ରାୟ, ସସ୍ମିତା ବେହେରା, ରତ୍ନମଣି ଉଲ୍ଲାକା ଓ ପଦ୍ମାକର ଗୁରୁ ପ୍ରମୁଖ ଅନୁସୂଚୀତ ଜାତିର ଉନ୍ନତି ତଥା ସୁରକ୍ଷା ନିମନ୍ତେ ମତ ରଖିଥିଲେ।





କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପ୍ଲାଟିନମ୍ ଜୁବିଲି ପାଳନ ଅବସରରେ ଶୁକ୍ରବାର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଶୋଭାଯାତ୍ରା।

### ଚାଷୀ ଆନ୍ଦୋଳନର ଏକ ବର୍ଷ ପୂର୍ତ୍ତି

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଚାଷୀ ଆନ୍ଦୋଳନର ଏକବର୍ଷ ପୂର୍ତ୍ତି ଅବସରରେ ସଂଯୁକ୍ତ କିଶାନ ମୋର୍ଚ୍ଚା ଓ ଟ୍ରେଡ୍ ୟୁନିଅନ ମିଳିତ ମଞ୍ଚ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରୁ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜିରେ ପହଞ୍ଚିଲା। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ ଏବଂ କୃଷକ ନେତା ସୁରେଶ ପାଣିଗ୍ରାହୀ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷକ-ଶ୍ରମିକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଦାବିଗୁଡିକ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଥିଲା। ତିନି କୃଷି ଆଇନ ସଂସଦୀୟ ପ୍ରକ୍ରିୟା ରଦ୍ଦ ଘୋଷଣା, ଏମ୍ଏସ୍‌ପି ପାଇଁ ଆଇନଗତ ବ୍ୟବସ୍ଥା, ଭାଗଚାଷୀ ସୁରକ୍ଷା ଆଇନ ପ୍ରଣୟନ, ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟାର ନିରପେକ୍ଷ ତଦନ୍ତ ଓ ଶ୍ରମ କୋଡ୍ ପ୍ରତ୍ୟାହାର ଆଦି ୧୧ ଦଫା ଦାବି କରାଯାଇଥିଲା। ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ କ୍ଷୀରୋଦ ସିଂହଦେଓ, ଜମେଶ୍ୱର ସାମନ୍ତରାୟ, ରଘୁନାଥ ଦାସ, ବଂଶୀଧର ପରିଡା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ନରେନ୍ଦ୍ର ମହାନ୍ତି, ବାସୁଦେବ ଦାସ, ସୁଦର୍ଶନ ପ୍ରଧାନ ଏବଂ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ରାମକୃଷ୍ଣ ପଣ୍ଡା, ରମେଶ ଜେନା, ଜୟସେନ ମେହେର, ମହେନ୍ଦ୍ର ପରିଡା, ଜ୍ୟୋତିରଞ୍ଜନ ମହାପାତ୍ର, ପରିଳତା ମହାପାତ୍ର, ସତ୍ୟବ୍ରତ ନାୟକ, ମହିଳା ନେତ୍ରୀ ଛବି ମହାନ୍ତି ଏବଂ ମିନତୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

## କିଟ୍-କିସ୍‌ରେ ଶିକ୍ଷା, ଗବେଷଣା ପାଇଁ ସହଯୋଗ କରିବ ଅଷ୍ଟ୍ରେଲିଆ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ଓଡ଼ିଶା ଗସ୍ତରେ ଆସିଥିବା ଭାରତରେ ଅବସ୍ଥାପିତ ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ ବାରୀ ଓ' ଫାରେଲ୍ ଏଓଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଶୁକ୍ରବାର କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ କିଟ୍‌ର ସମସ୍ତ କ୍ୟାମ୍ପସ ସହ କିସ୍‌ର ସମସ୍ତ ୟୁନିଟ୍ ବୁଲି ଦେଖିଥିଲେ। ପରେ ଅଷ୍ଟ୍ରେଲିଆ ଓ କିଟ୍-କିସ୍‌ର ପ୍ରତିନିଧିମଣ୍ଡଳୀ ମଧ୍ୟରେ ଆଲୋଚନା ହୋଇଥିଲା। ଉଚ୍ଚଶିକ୍ଷା, ଗବେଷଣା, ନିଯୁକ୍ତି, ଦକ୍ଷତା ବିକାଶ, ଅଧ୍ୟାପକ ଓ ଛାତ୍ର ବିନିମୟ କ୍ଷେତ୍ରରେ ଅଷ୍ଟ୍ରେଲିଆରେ ଥିବା ବିଭିନ୍ନ ଉଚ୍ଚତର ଓ ବୈଷୟିକ ଶିକ୍ଷାନୁଷ୍ଠାନ ସହ କିଟ୍ ଓ କିସ୍ କିପରି ମିଳିତ ଭାବେ କାର୍ଯ୍ୟ କରିବେ ସେ ଦିଗରେ ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଉଚ୍ଚାୟୁକ୍ତ କହିଥିଲେ। ବିଶେଷକରି କିସ୍‌ରେ ଜନଜାତି ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଏବଂ ଜନଜାତି ଗବେଷଣା କ୍ଷେତ୍ରରେ ଅଷ୍ଟ୍ରେଲିଆ ପକ୍ଷରୁ ମଧ୍ୟ ସମସ୍ତ ସହଯୋଗ ଯୋଗାଇ ଦିଆଯିବ



ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ ବାରୀ ଓ' ଫାରେଲ୍ ଏଓ

ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅଷ୍ଟ୍ରେଲିଆ ଶିକ୍ଷା ଓ ଗବେଷଣା ବିଭାଗ ମନ୍ତ୍ରୀ ତଥା କାଉନ୍‌ସିଲର ମାଥ୍ୟୁ ଜନ୍‌ଷ୍ଟନ, କୋଲକାତାରେ ଅବସ୍ଥାପିତ ଅଷ୍ଟ୍ରେଲିଆର ଡେପୁଟି କାଉନ୍‌ସେଲ ଜେନେରାଲ୍ ଡାନିଏଲ୍ ସିମ୍, ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ ତଥା ଶିକ୍ଷା ବିଭାଗର ବରିଷ୍ଠ ପରାମର୍ଶଦାତା ସାଜିଆ ନାକ୍‌ଭି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ମହାନିର୍ଦ୍ଦେଶକ ଡ. କାହ୍ନୁଚରଣ ମାହାଲି, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବୀରେନ୍ ମିତ୍ର ଅଭାବୀ ମଣିଷଙ୍କ ସୁଖଦୁଃଖର ସାଥୀ ଥିଲେ

**ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ**

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ସର୍ବଦା ସ୍ମରଣୀୟ। ପ୍ରତିଟି ଓଡ଼ିଆର ଦୁଃଖ ଲାଘବ କରିବା ପାଇଁ ସେ ଥିଲେ ସଦାପ୍ରସ୍ତୁତ। ଏକାଧାରରେ ସାମାଜିକକର୍ମୀ, ସଂଗ୍ରାମୀ, ସଂଗଠକ, ଅଭାବୀ ମଣିଷର ସୁଖଦୁଃଖର ସାଥୀ ଓ ପ୍ରଖ୍ୟାତ ରାଜନେତା ଥିଲେ ବୋଲି ରାଜ୍ୟସ୍ତରୀୟ ବୀରେନ୍ ମିତ୍ରଙ୍କ ୧୦୪ ତମ ଜୟନ୍ତୀ ଉତ୍ସବରେ ମତପ୍ରକାଶ ପାଇଛି। ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉଭୟ ମଞ୍ଚ ଓ ଭର୍ଚୁଆଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାନସଭା ଉପବାଚସ୍ପତି ରାଜନୀକାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବୀରେନ୍ ମିତ୍ରଙ୍କୁ ଜଣେ ଦକ୍ଷ ସଂଗଠକ, ଛାତ୍ରନେତା ତଥା ଅନନ୍ୟ ନେତୃତ୍ୱର ଅଧିକାରୀ ଏବଂ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ରଥୀ ବୋଲି ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ବିଧାୟକ ଦେବୀପ୍ରସାଦ ମିଶ୍ର କହିଲେ, ଏକ ବିତ୍ତଶାଳୀ ପରିବାରରେ ଜନ୍ମ ହୋଇ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ଜନସେବା କାର୍ଯ୍ୟରେ ସକ୍ରିୟ ରହି ଦାରିଦ୍ର୍ୟକୁ ବରଣ କରିଥିଲେ। ସମ୍ମାନିତ ଅତିଥି ବୀରେନ୍ ମିତ୍ର ଫାଉଣ୍ଡେଶନ ସଭାପତି ତଥା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର କହିଲେ, ବୀରେନ୍ ମିତ୍ର ଏକ ନାମ ନୁହେଁ, ଏକ ଅନୁଷ୍ଠାନ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ ଜନପ୍ରିୟ ନେତା ବୀରେନ୍ ମିତ୍ର ଅନ୍ୟାୟ ଓ ଅତ୍ୟାଚାରକୁ ସାମ୍ନା କରିବା ପାଇଁ ସମର୍ଥ ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର କହିଲେ, ଶାସନରୁ କେବେ ହେଲେ ସୁବିଧା ନେଉ ନ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ତ୍ୟାଗ ଓ ସ୍ୱଚ୍ଛତା ପାଇଁ ଲୋକେ ତାଙ୍କୁ ସ୍ୱତଃପ୍ରବୃତ୍ତ ଭାବେ ନେତା ଭାବେ ଗ୍ରହଣ କରିଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ଶିକ୍ଷା ଏବଂ କଳାସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ୱୀକୃତି ତନୟା ଆଚାର୍ଯ୍ୟ, ଡ. ରଶ୍ମିତା ସାହୁ ଏବଂ ଆର୍.ଜେ. ସ୍ମିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଓ ଫାଉଣ୍ଡେଶନ ସମ୍ପାଦକ ସୋମିତ ମିତ୍ର ଧନ୍ୟବାଦ ଦେଇଥିଲେ।

ସେହିଭଳି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ବିରେନ୍ ମିତ୍ର ଫାଉଣ୍ଡେଶନ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଏବଂ ଜୟ ଓଡ଼ିଶା ପକ୍ଷରୁ ବୀରେନ୍ ମିତ୍ରଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କହିଲେ, ସେ ଥିଲେ ଆଶା ଓ ଭରସାର ପ୍ରତୀକ। ପ୍ରତିଦିନ ଗରିବ ଲୋକଙ୍କୁ ସାହାଯ୍ୟ କରୁଥିଲେ। କାହା ପୁଅକୁ ପାଠ ପଢ଼ାଇବା ତ କାହା ଝିଅକୁ ବାହା ଦେବା ଯାଏ ଓ ରୋଗୀ ଚିକିତ୍ସା ପାଇଁ ଲୋକ ତାଙ୍କ ପାଖକୁ ଧାଇଁ ଆସୁଥିଲେ। ତାଙ୍କ ତ୍ୟାଗ ଓ ସମର୍ପଣ ଭାବ ଯୁବ ସମାଜକୁ ଚିରଦିନ ଅନୁପ୍ରାଣିତ କରିବ। କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ସୁଧାଂଶୁ ତ୍ରିପାଠୀ, ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ର, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଦ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।





ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଅଭିନେତ୍ରୀ କଙ୍ଗନାଙ୍କ ଅପମାନ ସୂଚକ ମନ୍ତବ୍ୟ ପ୍ରତିବାଦରେ ଅଖିଳ ଭାରତୀୟ ସ୍ୱତନ୍ତ୍ର ସେନାନୀ ଓ ଉତ୍ତରାଧିକାରୀ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଭାରତ ସ୍କାଉଟ୍ସ ଓ ଗାଇଡ୍ସ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ।









୨୬ ନଭେମ୍ବର କୃଷକ ଆନ୍ଦୋଳନ ଓ ଶ୍ରମିକ ଧର୍ମଘଟର ଏକବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ କୃଷକ-ଶ୍ରମିକଙ୍କ ବିକ୍ଷୋଭ ଶୋଭାଯାତ୍ରା। ଏଆଇଏସ୍ଏଫ୍ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

## ସଂକ୍ଷେପରେ

### ଯୋଡ଼ାଗଲା ଖଣ୍ଡାଚୋଟରେ ଛିଣ୍ଡିଯାଇଥିବା ପାପୁଲି

**ଢେଙ୍କାନାଳ ଅଫିସ, ୨୬।୧୧:** ଢେଙ୍କାନାଳ ଜିଲା ଗଁଦିଆ ଥାନା ସୁରପ୍ରତାପ ରାଜକିଶୋରପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଅଭାବନୀୟ ଘଟଣା ଘଟିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତଙ୍କ ଖଣ୍ଡା ଚୋଟରେ ଗଣେଶ୍ୱର ପଣ୍ଡା (୩୫) ନାମକ



ଜଣେ ଯୁବକଙ୍କ ଡାହାଣ ହାତ ପାପୁଲି ଛିଣ୍ଡିଯାଇଥିଲା। କଟକ ଏସ୍‌ସିବି ମେଡିକାଲ କଲେଜରେ ଛିଣ୍ଡା ପାପୁଲିକୁ ଯୋଡ଼ାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗଣେଶ୍ୱର ଗୁରୁବାର ସନ୍ଧ୍ୟାରେ ଘରେ ଥିଲେ। ଏହି ସମୟରେ ଉକ୍ତ ଗ୍ରାମର ନୀଳମଣି ବେହେରା ଓରଫ୍ କାଳିଆ ଘରେ ପଶି ଏକ ଖଣ୍ଡାରେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ଗଣେଶ୍ୱରଙ୍କ ପାପୁଲି ଛିଣ୍ଡି ଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଗଣେଶ୍ୱରଙ୍କ ପରିବାର ପକ୍ଷରୁ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୨୯୨/୨୧ରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ଥାନାଧିକାରୀ ବିଷ୍ଣୁଚରଣ ବାରିକ ସୂଚନା ଦେଇଛନ୍ତି।

### ଗ୍ରାମ ସଭାପତିଙ୍କୁ ହତ୍ୟା, ୩ ଅଟକ

ଗଞ୍ଜାମ,୨୬।୧୧(ଡି.ଏନ.ଏ.)- ପୂର୍ବ ଶତ୍ରୁତାରୁ ଗଞ୍ଜାମ ଜିଲା ରମ୍ଭା ଥାନା ପୋଇରାଶି ପଞ୍ଚାୟତର କଣ୍ଟିଆପଲ୍ଲୀ ଗ୍ରାମ୍ୟ ସଭାପତି କେ.ଗୋବିନ୍ଦ ରେଡ୍ଡୀଙ୍କୁ ଶୁକ୍ରବାର ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ଏ ନେଇ ପୋଲିସ ନଂ.୫୪୮/୨୧ରେ ମାମଲା ରୁଜୁ କରି ହତ୍ୟା ଘଟଣାରେ ସଂଶ୍ଳିଷ୍ଟ ସନ୍ଦେହରେ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। କେ.ଗୋବିନ୍ଦ ପ୍ରତିଦିନ ପରି ଶୁକ୍ରବାର ଭୋରରେ ଗ୍ରାମଠାରୁ ଏକ କିଲୋମିଟର ଦୂର ଛୋଟାବସା ଛକକୁ ଚା' ପିଇବାକୁ ସାଇକେଲରେ ଯାଉଥିଲେ। ଏହି ସମୟରେ ରାସ୍ତାରେ ଏକ ଠେଙ୍ଗା ଧରି ଛକି ରହିଥିବା ଉକ୍ତ ଗ୍ରାମର ସମ୍ପର୍କୀୟ ଭାଇ ତାଙ୍କୁ ପଛପଟୁ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଗୋବିନ୍ଦ ରାସ୍ତା ପାର୍ଶ୍ୱରେ ରହିଥିବା ଶସ୍ୟକ୍ଷେତ୍ର ମଧ୍ୟରେ ଟଳି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପୁରୁଷୋତ୍ତମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ବ୍ରହ୍ମପୁର ମେଡିକାଲରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଖବର ପାଇ ଆଡିଶ୍ନାଲ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଏସ୍‌ଡିପିଓ ଗୌତମ କିଷାନ, ରମ୍ଭା ଥାନାଧିକାରୀ ଦୀପ୍ତିରଞ୍ଜନ ବେହେରା ଓ ସାଇଣ୍ଟିଫିକ ଟିମ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

# ୨୯ ସୁଦ୍ଧା ସିଡିଆର୍ ଦାଖଲ ପାଇଁ ତାଗିଦ

## ମାହାଙ୍ଗା ଡବଲ ମର୍ଡର ଘଟଣା: ପୋଲିସକୁ କୋର୍ଟର ଭର୍ତ୍ସନା

**ନିଶ୍ଚିନ୍ତକୋଇଲି,୨୬।୧୧(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାନି ତଦନ୍ତ ରିପୋର୍ଟ ଦାଖଲ କରିବାରେ ବିଳମ୍ବକୁ ନେଇ ସାଲେପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫ୍‌ସି) ଶୁକ୍ରବାର ପୋଲିସକୁ ଭର୍ତ୍ସନା କରିଛନ୍ତି। ଏଥିସହ ନଭେମ୍ବର ୨୯ ତାରିଖ ସୁଦ୍ଧା କଲ୍ ଡିଟେଲ ରେକର୍ଡ(ସିଡିଆର୍) ଓ କେସ୍ ଡାଏରୀ ଦାଖଲ କରିବାକୁ ପୁନର୍ବାର ମାହାଙ୍ଗା ଥାନା ଅଧିକାରୀଙ୍କୁ ତାଗିଦ କରିଛନ୍ତି। ଗତ ୨୦ ତାରିଖରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ୨ ସହଯୋଗୀ ତଥା ପିଏ ଉମାକାନ୍ତ ବିଶ୍ୱାଳ (ବାପି), ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକ ଏବଂ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସିଡିଆର୍ ତୁରନ୍ତ ଦାଖଲ କରିବାକୁ କୋର୍ଟ ମାହାଙ୍ଗା ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମାହାଙ୍ଗା ଥାନା ଅଧିକାରୀ ଏହାକୁ ପ୍ରଦାନ କରି ନ ଥିଲେ। ବାରମ୍ବାର ତାଗିଦ ସତ୍ତ୍ୱେ ରିପୋର୍ଟ ପ୍ରଦାନ କରାଯାଉ ନ ଥିବାରୁ କୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହ ୨୯ ତାରିଖ ମଧ୍ୟରେ ସିଡିଆର ଦାଖଲ କରିବା ପାଇଁ ମେମୋ (ନଂ.୨୬୧୯/୨୬।୧୧।୨୦୨୧)ରେ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି କୁହନ୍ତି, ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ରିପୋର୍ଟ ଦାଖଲ କରାଯିବ। କୋର୍ଟ ଆଦେଶ ହସ୍ତଗତ ହେବା ପରେ ଏନେଇ ପଦକ୍ଷେପ ନିଆଯିବ।

ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ଗତ ଜାନୁୟାରୀ ୨ରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ପୋଲିସ ରୁଜୁ କରିଥିବା ମାମଲାରେ ଅଭିଯୁକ୍ତଙ୍କ ତାଲିକାର ୧୩ ନମ୍ବର ସ୍ଥାନରେ ମନ୍ତ୍ରୀ ଜେନାଙ୍କ ନାମ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜଶିଟରୁ କାଟି ଦେଇଥିଲା। ଏହାକୁ ବିରୋଧ କରି ମୃତ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ, ଯାହା ୨୧୭/୨୦୨୧ ନମ୍ବରରେ ପଞ୍ଜୀକୃତ ହୋଇଥିଲା। ଉକ୍ତ ମାମଲାର ଶୁଣାଣି କରି ଗତ ଅଗଷ୍ଟ ୨୬ରେ ଘଟଣାର ସାନି ତଦନ୍ତ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ବିର୍ଲା ଟାୟାର୍ସକୁ କାର୍ଯ୍ୟକ୍ଷମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବାଲେଶ୍ୱର ଅଫିସ, ୨୬।୧୧**

ବାଲେଶ୍ୱର ବାମପଦାସ୍ଥିତ ବିର୍ଲା ଟାୟାର୍ସ ଜିଲାରେ ଏକ ପ୍ରମୁଖ କାରଖାନା। ଏଥିରେ ୪ହଜାରରୁ ଊର୍ଦ୍ଧ୍ୱ ଲୋକ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ମହାମାରୀ କରୋନା ଯୋଗୁ ଆର୍ଥିକ ଦୁରବସ୍ଥା ପାଇଁ ୨ବର୍ଷ ଧରି କମ୍ପାନୀ ବନ୍ଦ ରହିଛି। ଫଳରେ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲେଶ୍ୱର ପୂର୍ବତନ ଏମ୍‌ପି ତଥା ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବିର୍ଲା ଟାୟାର୍ସର ମିଳିତ ଶ୍ରମିକ ମଞ୍ଚର ଆବାହକ ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ ବିର୍ଲା ଟାୟାର୍ସର ପୁନଃ କାର୍ଯ୍ୟକ୍ଷମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ବିର୍ଲା ଟାୟାର୍ସର ବିଭିନ୍ନ ସଙ୍ଗଠନର ପଦାଧିକାରୀ ଉପସ୍ଥିତ ଥିଲେ।



ବିର୍ଲା ଟାୟାର୍ସ ମିଳିତ ଶ୍ରମିକ ମଞ୍ଚର ଆବାହକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ୬ରେ ଭାରତ ଆସିବେ ପୁଟିନ୍

**ନୂଆଦିଲ୍ଲୀ, ୨୬।୧୧**



ଭ୍ଲାଡିମିର ପୁଟିନ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡିସେମ୍ବର ୬ରେ ଭାରତ ଗସ୍ତରେ ଆସିବେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୨୧ତମ ଭାରତ-ରୁଷିଆ ବାର୍ଷିକ ସମିଟ୍‌ରେ ଯୋଗଦେବେ। ୨୦୧୯ ନଭେମ୍ବରରେ ବ୍ରାସିଲିଆରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀ ଅବସରରେ ଦୁଇ ନେତା ଶେଷ ଥର ପାଇଁ ଏକାଠି ହୋଇଥିଲେ। ୨୦୧୯ ସେପ୍ଟେମ୍ବରରେ ହୋଇଥିବା ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ରୁଷିଆର ଭ୍ଲାଡିଭୋଷ୍ଟକ ଯାଇଥିଲେ। କୋଭିଡ୍-୧୯ ମହାମାରୀ ଯୋଗୁ ଗତବର୍ଷ ଏହି ସମ୍ମିଳନୀ ସ୍ଥଗିତ ରହିଥିଲା। ଡିସେମ୍ବରରେ ହେବାକୁ ଥିବା ସମିଟ୍‌ରେ ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତି ଓ ସମ୍ଭାବନା ଉପରେ ସମୀକ୍ଷା କରିବେ ଏବଂ ସାମରିକ ସହଯୋଗକୁ ଆହୁରି ବଢ଼ାଇବା ଦିଗରେ ଆଲୋଚନା କରିବେ। ଏହି ଅବସରରେ ଆଞ୍ଚଳିକ, ଦ୍ୱିପାକ୍ଷିକ ଏବଂ ପାରସ୍ପରିକ ସ୍ୱାର୍ଥ ଥିବା ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି।

## ଟ୍ରକ୍ ଧକ୍କାରେ ଚାଷୀନେତାଙ୍କ ପରଲୋକ

**ରେଢାଖୋଲ,୨୬।୧୧ (ଡି.ଏନ.ଏ.)**

୫୫ନଂ ଜାତୀୟ ରାଜପଥର ରେଢାଖୋଲ ସହର ଉପକଣ୍ଠ ବେଲଡିହ ନିକଟରେ ଶୁକ୍ରବାର ଏକ ଟ୍ରକ୍ ଧକ୍କାରେ ନବନିର୍ମାଣ କୃଷକ ସଙ୍ଗଠନର ସମ୍ବଲପୁର ଜିଲା ସଂଯୋଜକ ଦୋଳଗୋବିନ୍ଦ ପ୍ରଧାନ (୬୮)ଙ୍କ ପରଲୋକ ଘଟିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଦୋଳଗୋବିନ୍ଦ ସାଇକେଲ ଯୋଗେ ରେଢାଖୋଲ ସହରରୁ ତାଙ୍କ ଗ୍ରାମ ଚାରବାଟିକୁ ଯାଉଥିଲେ। ଅପରାହ୍ନ ପ୍ରାୟ ୪ଟାରେ ସମ୍ବଲପୁରରୁ ଯାଜପୁର ଯାଉଥିବା ଟ୍ରକ୍ (ଓଡି୦୫ବିଏ-୭୦୪୯) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରେଢାଖୋଲ ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିବା ସହ ଡ୍ରାଇଭର ଯାଜପୁର ସହରର ସୁଶାନ୍ତ ଲେଙ୍କା (୩୨)ଙ୍କୁ ଗିରଫ କରିଛି। ଏ ନେଇ ରେଢାଖୋଲ ଥାନାରେ ଦୁର୍ଘଟଣାଜନିତ ମାମଲା (ନଂ.୨୨୮/୨୧) ରୁଜୁ ହୋଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଦୋଳଗୋବିନ୍ଦଙ୍କ ମୃତ୍ୟୁରେ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏକ ବାର୍ତ୍ତାରେ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଆନ୍ଦୋଳନ, ଖଣି କାର୍ଯ୍ୟ ଠପ୍



**ତାଳଚେର,୨୬।୧୧(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଜବରଦସ୍ତି ଘର ଭାଙ୍ଗି ଦେବା ଅଭିଯୋଗ କରି ଶୁକ୍ରବାର ହିଲୋଇ ଗ୍ରାମବାସୀ ଖଣି ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ତାଳଚେରରେ ଥିବା ଏମ୍‌ସିଏଲ୍‌ର ସମସ୍ତ ଖଣିରେ କୋଇଲା ଉତ୍ତୋଳନ ଓ ପରିବହନ ଠପ୍ ହୋଇଯାଇଛି। ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଗ୍ରାମବାସୀ କହିଛନ୍ତି, କୋଇଲା ଖଣି ପାଇଁ ଜମି ଆବଶ୍ୟକ ଥିବାରୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଭୋର ସମୟରେ ପୋଲିସ ଫୋର୍ସ ଉପସ୍ଥିତିରେ ହିଲୋଇ ଗ୍ରାମର କେତେଜଣ କ୍ଷତିଗ୍ରସ୍ତଙ୍କ ଘର ଡୋଜର ଲଗାଇ ଭାଙ୍ଗି ଦେଇଥିଲେ। ଏହାକୁ ନେଇ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେମାନେ ଏକଜୁଟ ହୋଇ ଗ୍ରାମ ନିକଟରେ ବସିରହି ଆନ୍ଦୋଳନ ଚଳାଇବା ସହିତ ସମସ୍ତ ଖଣି କାର୍ଯ୍ୟ ବନ୍ଦ କରାଇଛନ୍ତି। ଫଳରେ ହିଙ୍ଗୁଳା, ଭରତପୁର, ବଳରାମ, ଲିଙ୍ଗରାଜ, ଭୁବନେଶ୍ୱରୀ ଖଣିରୁ କୋଇଲା ଉତ୍ତୋଳନ, ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ତେବେ ଏ ସମ୍ପର୍କରେ ପ୍ରଶାସନ, ଖଣି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

## ବଳାତ୍କାରୀଙ୍କୁ ଆଜୀବନ କାରାଦଣ୍ଡ

**ନବରଙ୍ଗପୁର,୨୬।୧୧(ବି.ପ୍ର.)**

ଜଣେ ଶିଶୁ (୪ ବର୍ଷ ୫ ମାସ)ଙ୍କୁ ବଳାତ୍କାର ଅଭିଯୋଗରେ ନବରଙ୍ଗପୁର ସ୍ପେଶିଆଲ ପୋକ୍ସୋ କୋର୍ଟ ଜଜ୍ ପ୍ରଣୟ କୁମାର ଦାସ ଅଭିଯୁକ୍ତ ଶୁକଦେବ ହରିଜନଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ଦଶ ହଜାର ଟଙ୍କା ଜରିମାନା ମଧ୍ୟ କରାଯାଇଛି। ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ପାଞ୍ଚ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ନବରଙ୍ଗପୁର ଥାନା ଅଞ୍ଚଳର ଶୁକଦେବ ଜଣେ ଶିଶୁଙ୍କୁ ୨୦୧୭ ଜୁନ ୧୭ରେ ସ୍କୁଲ ବଗିଚାରେ ଖେଳୁଥିବା ସମୟରେ ବଳାତ୍କାର କରିଥିବା ନେଇ ପୀଡିତାଙ୍କ ପରିବାର ନବରଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ୍ ନମ୍ବର ୨୦୩/୧୭ରେ ମାମଲା ରୁଜୁକରି ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। କୋର୍ଟ କେସ୍ ନମ୍ବର ୫୦/୧୭ ଓ ଟ୍ରାଇଲ ୧୦୨/୨୦୨୦ ଅନୁସାରେ ମାମଲାଟି ବିଚାରାଧୀନ ଥିଲା। ତେବେ ନବରଙ୍ଗପୁର ଜିଲାରେ ଏହି କୋର୍ଟରେ ପ୍ରଥମ ଥର ପାଇଁ ଏପରି ରାୟ ପ୍ରକାଶ କରାଯାଇଛି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିନନ୍ଦନ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

## 'ପାରାଦୀପ ଦେଶର ୧ ନମ୍ବର ବନ୍ଦର ହେବ'

**ପାରାଦୀପ,୨୬।୧୧(ସ୍ୱ.ପ୍ର.)**

ବନ୍ଦର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ଶାନ୍ତନୁ ଠାକୁର ଶୁକ୍ରବାର ପାରାଦୀପ ଗସ୍ତରେ ଆସି ଖୁବ୍‌ଶୀଘ୍ର ଏହି ବନ୍ଦର ଦେଶର ୧ ନମ୍ବର ବନ୍ଦର ହେବାକୁ ଯାଉଛି ବୋଲି କହିଛନ୍ତି। ସେ ପୂର୍ବାହ୍ନରେ ସ୍ଥାନୀୟ ଜବାହର ଅତିଥି ଭବନରେ ପହଞ୍ଚି ଥିଲେ। ସେଠାରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସିଆଇଏସ୍‌ଏଫ୍ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ପରେ ସେ ବନ୍ଦର ନିଷିଦ୍ଧାଞ୍ଚଳକୁ ଯାଇ ପଣ୍ୟ କାରବାର ସ୍ଥିତି ଅନୁଧ୍ୟାନ କରିଥିଲେ। ସନ୍ଧ୍ୟାରେ ମଧୁବନସ୍ଥିତ ଅଫିସର୍ସ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବନ୍ଦରର କାର୍ଯ୍ୟପନ୍ଥା ଉପରେ କହିଥିଲେ। ସେ କହିଥିଲେ, ପାରାଦୀପ ଏବେ ଦେଶର ଦ୍ୱିତୀୟ ବୃହତ୍‌ବନ୍ଦର ଭାବେ ସ୍ଥାନ ପାଇଛି। ପ୍ରଧାନମନ୍ତ୍ରୀଙ୍କ ଗତିଶକ୍ତି ଯୋଜନା ଆଧାରରେ ଏଠାରେ ୧୦ ହଜାର କୋଟି ଟଙ୍କାର ନୂତନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ନ୍ୟାଶନାଲ ମେରିଟାଇମ ପାଇପଲାଇନ ଜରିଆରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି। ଏଥିରେ ଏନ୍‌ଆରଏଲ(ନୁମାଲି ଗଡ ରିଫାଇନେରି), ତ୍ରିବେଣୀ ଆର୍ଥ ଆଣ୍ଡ ମୁଭର୍ସ, ଏସାର ଷ୍ଟିଲ, ବହୁମୁଖୀ କଣ୍ଟେନର କାର୍ଗୋ ପାଇଁ ଏଲପିଜି ଟର୍ମିନାଲ, ମଲ୍ଟି ମୋଡାଲ କରିଡର ଆଦି ରହିଛି। ଏହି କାର୍ଯ୍ୟ ଦୁଇବର୍ଷ ମଧ୍ୟରେ ଶେଷ ହେବ। ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ ପୋର୍ଟ ପାଇଁ ଏସବୁ କରାଯାଇଛି। ଏହାବାଦ ପୋର୍ଟରେ ବୃହତ୍ ଜାହାଜରୁ ମଧ୍ୟ ପଣ୍ୟକାରବାର କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏସବୁ କାର୍ଯ୍ୟକାରୀ ହେଲେ ବର୍ତ୍ତମାନ ଠାରୁ ଅଧିକ ୭୦ ମିଲିୟନ ଟନ ପଣ୍ୟ କାରବାର ହୋଇପାରିବ ବୋଲି ମନ୍ତ୍ରୀ ଠାକୁର ସୂଚନା ଦେଇଥିଲେ। ଅନ୍ୟ ସମସ୍ତ ପ୍ରସଙ୍ଗରେ ଅଧ୍ୟକ୍ଷ ହାରାନ୍ଧ ଖବରଦାତା ସମ୍ମିଳନୀରେ ମତ ରଖିଥିଲେ। ସେମାନଙ୍କ ସହ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ ଉପସ୍ଥିତ ଥିଲେ।

### ବନ୍ଦର ଜାହାଜ ଚଳାଚଳ, ଜଳପଥ ମନ୍ତ୍ରୀଙ୍କ ପାରାଦୀପ ଗସ୍ତ




ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଶାନ୍ତନୁ ଠାକୁର ଓ ଅନ୍ୟମାନେ।

### ପ୍ରଥମ ପୃଷ୍ଠାରୁ...

**୩୧ ଲକ୍ଷଙ୍କୁ ମିଳିବ...**

ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ୬ ବ୍ଲକରେ ୯୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ୬୬୦ ଗ୍ରାମର ୬ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ। ଜିଲାର ମତ୍ସ୍ୟଜୀବୀଙ୍କ ସୁବିଧା ପାଇଁ ବସ୍ତାଠାରେ ୨୦ ଏକର ଜମିରେ ୫୦ କୋଟି ଟଙ୍କା ବ୍ୟୟରେ ହୋଲ୍‌ସେଲ ମାଛ ମାର୍କେଟ କରାଯିବ। ଏହା କାର୍ଯ୍ୟକ୍ଷମ ହେଲେ ବାଲେଶ୍ୱର, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁରର ମତ୍ସ୍ୟଜୀବୀ ଲାଭବାନ୍ ହେବେ। ମାଛ ବିକିବା ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ପଶ୍ଚିମବଙ୍ଗର ଦୀଘା ଉପରେ ନିର୍ଭର ହେବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରାରମ୍ଭରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବା ଦୁଇ ମହାରଥୀ ବ୍ୟାସକବି ଫକୀରମୋହନ ଓ କବିବର ରାଧାନାଥ ରାୟଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱରର ଅବଦାନକୁ ସ୍ମରଣ କରିଥିଲେ।

ଅପରାହ୍ନରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱରରୁ ଭର୍ତ୍ତୁଆଲ ମୋଡ୍‌ରେ ଭଦ୍ରକ ଜିଲା ପାଇଁ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ପ୍ରଥମେ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତିଚାରଣ କରିବା ସହିତ ଇରମ ମାଟିକୁ ପ୍ରଣାମ ଜଣାଇଥିଲେ। ଏହି ଅବସରରେ ଭଦ୍ରକ ପାଇଁ ୩୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ଜିଲା ମୁଖ୍ୟାଳୟରେ ୩୦୦ ଶଯ୍ୟାବିଶିଷ୍ଟ ହସ୍ପିଟାଲ ବିଲ୍ଡିଂର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଭଦ୍ରକ ଜିଲାରେ ୯୫୦ କୋଟି ଟଙ୍କା ବିନିମୟରେ ୨ଟି ମେଗା ପାଇପ ପାଣି ପ୍ରକଳ୍ପ କାମ ଜାରିରହିଛି। ଏହାଦ୍ୱାରା ୭ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ। ଜିଲାର ମିଶନ ଶକ୍ତି ଗୋଷ୍ଠୀକୁ ୨୪୫ କୋଟି ଟଙ୍କାର ଋଣ ସୁବିଧା ଯୋଗାଇ ଦିଆଯାଇଛି। ଏହାଦ୍ୱାରା ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ହୋଇପାରିବ। ସ୍ମାର୍ଟ ହେଲ୍‌ଥ କାର୍ଡ ଦ୍ୱାରା ରାଜ୍ୟର ସାଢ଼େ ୩ କୋଟି ଲୋକ ଉପକୃତ ହେବେ। ଓଡ଼ିଶାର ୭୭% ଜନସାଧାରଣ ଚିକିତ୍ସା ବୋଝରୁ ମୁକ୍ତି ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାଲେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ସ୍ୱରୂପ ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଭଦ୍ରକ ନେହେରୁ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବ୍ୟୋମକେଶ ରାୟ, ସଞ୍ଜୀବ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ପ୍ରଶଂସା କରିଥିଲେ।

**୩ ସାଙ୍ଗଙ୍କ ମୃତଦେହ...**

କରାଯାଇଛି। ଏ ନେଇ ଚାଉଳିଆଗଞ୍ଜ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୧) ରୁଜୁକରି ତଦନ୍ତ ଚଳାଇଛି। ଏହି ଅଘଟଣ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଉପରୋକ୍ତ ୪ ଛାତ୍ର ସାଇକେଲ ଯୋଗେ ସ୍କୁଲ ଯାଇ ଘରକୁ ଫେରିଥିଲେ। ପରେ ସେମାନେ ଡକାଡ଼କି ହୋଇ ଖେଳିବାକୁ ଭଦିମୂଳ ଘାଟକୁ ଯାଇଥିଲେ। ଏହାପରେ ମହାନଦୀରେ ଗାଧୋଇବାବେଳେ ଚୋରାବାଲିରେ ବୁଡ଼ି ଯାଇଥିଲେ। ଅପରପକ୍ଷେ ସନ୍ଧ୍ୟା ପର୍ଯ୍ୟନ୍ତ ସେମାନେ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହାପରେ ମହାନଦୀ ଘାଟ ପାଖରେ ସାଇକେଲ୍ ଥିବା ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ପହଞ୍ଚି ନଦୀରେ ଖୋଜାଖୋଜି କରିବା ପରେ ଓମ୍ ପ୍ରକାଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ଲାଗି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଅଗ୍ନିଶମ ବାହିନୀ ପକ୍ଷରୁ ରାତି ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରହିଥିଲା। ବହୁ ଖୋଜାଖୋଜି ପରେ ଶୁକ୍ରବାର ଆଉ ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

**ଲଘୁଚାପ: ଡିସେମ୍ବର ୪ରୁ...**

କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଢେଙ୍କାନାଳ, ଅନୁଗୋଳ, କନ୍ଧମାଳ ଜିଲାରେ ମଧ୍ୟ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟା ପ୍ରତି ୪୫ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ପବନ ମିଶା ବର୍ଷା ପାଚିଲା ଧାନ ପାଇଁ ବିପଦ ସୃଷ୍ଟି କରିବ। ଚାଷୀମାନେ ପାଚିଲା ଧାନ ଖଳାକୁ ନେଇ ଯିବାକୁ ପାଣିପାଗ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## 'ବାଜିଙ୍କ ତିରୋଧାନ ଦିବସ ହେଉ ଜାତୀୟ ବଳିଦାନ ଦିବସ'

**ଢେଙ୍କାନାଳ ଅଫିସ, ୨୬।୧୧**

ସାମନ୍ତବାଦୀ ଶାସନ ହଟାଇବା ପାଇଁ ସୃଷ୍ଟି ହୋଇଥିଲା ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ। ୨୬ ଗଡ଼ଜାତ ମଧ୍ୟରୁ ଏହି ଆନ୍ଦୋଳନରେ ଢେଙ୍କାନାଳ ଅଗ୍ରଣୀ ଭୂମିକା ନେଇଥିଲା। ଇତିହାସ ସ୍ତବ୍ଧ ହୋଇଯାଇପାରେ, କିନ୍ତୁ ବୀର ବାଜି ରାଉତଙ୍କ ଡାକ କପିଳାସ ମେଘାଚ୍ଛନ୍ନ ଶୀର୍ଷରୁ ଆଜି ମଧ୍ୟ ଗୁଞ୍ଜରିତ ହେଉଛି। ଶହୀଦ ବାଜିଙ୍କ ତିରୋଧାନ ଦିବସକୁ ଜାତୀୟ ବଳିଦାନ ଦିବସ ଭାବେ ପାଳନ କରିବା ପାଇଁ ଜିଲାବାସୀ ରାଜ୍ୟ ସରକାରଙ୍କ ନିକଟରେ ଦାବି କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜିଲା ସଂସ୍କୃତି ପରିଷଦ ସହଯୋଗରେ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ୍‌ରେ ଶୁକ୍ରବାର ଅନୁଷ୍ଠିତ 'ତ୍ରିବେଣୀ ସାରସ୍ୱତ ଉତ୍ସବ'ରେ ସଭାପତିତ୍ୱ କରି ଢେଙ୍କାନାଳ ଗଣ ଆନ୍ଦୋଳନ ଇତିହାସର ପୂର୍ଣ୍ଣ ସଂକଳନ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।

ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ନାମରେ ଉତ୍ସର୍ଗୀକୃତ ଏହି ଉତ୍ସବକୁ ଉଦ୍‌ଘାଟନ କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ସମାଜକୁ ବଳିଷ୍ଠ କରିବାରେ ସାହିତ୍ୟ ଓ ସଂସ୍କୃତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। କଳାସଂସ୍କୃତି ସାଙ୍ଗକୁ ପର୍ଯ୍ୟଟନରେ ଭରପୂର ଢେଙ୍କାନାଳ ମାଟିରେ ଆୟୋଜିତ ତ୍ରିବେଣୀ ସାରସ୍ୱତ ଉତ୍ସବ ପ୍ରେରଣାଦାୟୀ ବୋଲି ଜିଲାପାଳ ମତ ରଖିଥିଲେ।

ଜିଲା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପୁଷ୍ପଲତା ରଥ ସ୍ୱାଗତ ଭାଷଣ ଏବଂ ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ 'ଓଡ଼ିଶାରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଓ ବାଜି ରାଉତ' ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ ଏବଂ ବାଜି ରାଉତଙ୍କ ତ୍ୟାଗମୟ ଜୀବନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ବିଜୟ ପଡ଼ିଆରୀ କହିଲେ, ଢେଙ୍କାନାଳ ହେଉଛି ପ୍ରତିବାଦର ମାଟି। ବ୍ରଜକିଶୋର ଧଳଙ୍କ ରଚିତ ପୁସ୍ତକ 'ଭୁଲିବୁ ନାହିଁରେ'ରେ ରାଜତନ୍ତ୍ର ସମୟର ଅତ୍ୟାଚାର ବର୍ଣ୍ଣିତ। ଅନ୍ୟତମ ଆଲୋଚକ ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଭବାନୀଶଙ୍କର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବାଜିଙ୍କ ଜୀବନୀ ଆଧାରିତ କବିତା ପାଠୋତ୍ସବ, ଚିତ୍ରକଳା ପ୍ରତିଯୋଗିତା ଏବଂ ଦୀନେଶ ଦାସଙ୍କ ରଚିତ ଓ ନିର୍ଦ୍ଦେଶନାର ନାଟକ 'ମୁକ୍ତି ସଳିତା' ମଞ୍ଚସ୍ଥ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପୁଷ୍ପଲତା ରଥ ଏବଂ ପ୍ରତିନିଧି ରଶ୍ମିରଞ୍ଜନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଓଡ଼ିଶା ସାହିତ୍ୟ ଏକାଡେମୀର ତ୍ରିବେଣୀ ସାରସ୍ୱତ ଉତ୍ସବ




ତ୍ରିବେଣୀ ସାହିତ୍ୟ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

# ଅଧିକାର ପାଇଁ ଲଢ଼େଇ ସରିନି

## ଦିଲ୍ଲୀ ସୀମାରେ କୃଷକ ଆନ୍ଦୋଳନକୁ ବର୍ଷେ



ଗାଜିପୁର ସୀମାରେ ବିକେୟୁ ନେତା ରାକେଶ ଟିକାଏତ ଓ ନର୍ମଦା ବଞ୍ଚାଅ ଆନ୍ଦୋଳନ ନେତ୍ରୀ ମେଧା ପାଟକରଙ୍କ ସହ କୃଷକମାନେ ସ୍ଲୋଗାନ ଦେଉଛନ୍ତି।

**ନୂଆଦିଲ୍ଲୀ,୨୬।୧୧**

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିପୁର ସୀମାରେ ଚାଷୀଙ୍କ ଆନ୍ଦୋଳନକୁ ଶୁକ୍ରବାର ବର୍ଷେ ପୂରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସପ୍ତାହେ ତଳେ ଏହି ୩ କୃଷି ଆଇନ ଉଚ୍ଛେଦ ନେଇ ଟିଭିରେ ଘୋଷଣା କରିଥିଲେ ହେଁ ତାଙ୍କ କଥାକୁ କୃଷକ ସଙ୍ଗଠନଗୁଡ଼ିକ ବିଶ୍ୱାସ କରିପାରୁ ନାହାନ୍ତି। ପାର୍ଲାମେଣ୍ଟରେ ଉକ୍ତ ଆଇନକୁ ରଦ୍ଦ ସହ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଗ୍ୟାରେଣ୍ଟି ପାଇଁ ସରକାର ନୂଆ ଆଇନ ଆଣି ନ ଆଣିବା ଯାଏ ଆନ୍ଦୋଳନରୁ ଓରିବେ ନାହିଁ ବୋଲି ଅଡ଼ିବସିଛନ୍ତି। ଆନ୍ଦୋଳନର ବର୍ଷ ପୂର୍ତ୍ତି ଅବସରରେ ଜାତୀୟ ରାଜଧାନୀର ୩ ସୀମାରେ ଲକ୍ଷ ଲକ୍ଷ ଚାଷୀଙ୍କ ସମାଗମ ହୋଇଥିଲା। ସିଂଘୁ ସୀମାରେ କୃଷକମାନେ ଟ୍ରାକ୍ଟର ଶୋଭାଯାତ୍ରା କରିଥିଲେ। ପଞ୍ଜାବୀ ଓ ହରିୟାଣା ଭାଷାରେ ପୋଷ୍ଟର ଛପାଯାଇଥିବାବେଳେ ଭାଙ୍ଗଡା ନୃତ ଓ ଗୀତର ଆସର ମଧ ଜମିଥିଲା। ମୁଣ୍ଡରେ ରଙ୍ଗବେରଙ୍ଗର ପଗଡ଼ି ବାନ୍ଧି ସେମାନେ ପରସ୍ପରକୁ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ। କୃଷକଙ୍କ ସମର୍ଥନରେ କର୍ନାଟକ, ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼, ତାମିଲନାଡୁ, ଝାଡ଼ଖଣ୍ଡ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାରେ ମଧ ଚକାଜାମ୍ କରାଯାଇଥିଲା। ଇତିମଧ୍ୟରେ ଦିଲ୍ଲୀ ବିଧାନସଭାରେ କୃଷି ଆଇନ ଉଚ୍ଛେଦ ଓ ୭୦୦ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଏକ ସଂକଳ୍ପନାମା ଗୃହୀତ ହୋଇଛି। କେରଳ ସଂଯୁକ୍ତ କର୍ଷକ ସମିତି ପକ୍ଷରୁ ରାଜଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ରାକେଶ ଟିକାଏତ୍ କହିଛନ୍ତି, ବର୍ଷେ ହେଲା ଆମେ ଲଢୁଛୁ ଓ ଜିତୁଛୁ। ଆମେ ଲଢ଼େଇ ଜାରି ରଖିବୁ ଓ ଜିତିବୁ। ଏମ୍ଏସ୍ପି ଆଇନ କୃଷକମାନଙ୍କ ଅଧିକାର ବୋଲି ସେ ଟୁଇଟ୍ କରିଛନ୍ତି।




## ପ୍ରଗତି ପଥେ ପାପଡ଼ାହାଣ୍ଡି ପଞ୍ଚାୟତ ସମିତି, ଜିଲ୍ଲା: ନବରଙ୍ଗପୁର

RURAL HOUSING SCHEME

| Sl. No. | Scheme | Target | Achievement | % |
|---|---|---|---|---|
| 1 | PMAY | 4271 | 3595 | 84.17 |
| 2 | BPGY | 111 | 87 | 78.37 |
| 3 | NSPGY | 36 | 33 | 91.66 |
| 4 | Total | | | |

DEVELOPMENT SCHEME

| Sl. No. | Scheme | Total Projects Sanctioned | Completed | Under Progress |
|---|---|---|---|---|
| 1 | Mission Shakti Gruha | 23 | 11 | 12 |
| 2 | Mo School Abhiyan | 01 | 01 | 00 |
| 3 | Multi Utility Centre | 01 | 01 | 00 |
| 4 | Health & Wellness Centre | 4 | 2 | 2 |
| 5 | Labour Room | 1 | 1 | 0 |

MGNREGS

| Sl. No. | Total Projects | Completed | Balance | % |
|---|---|---|---|---|
| 1 | 15431 | 14933 | 498 | 96.78 |

MGNREGS PHYSICAL PROGRESS

| Sl. No. | Target | Achieved | 100 Days Completed Household | % |
|---|---|---|---|---|
| 1 | 1413189 | 967994 | | 68.14 |

CIVIL SUPPLY SECTION

| Sl. No. | Scheme | Target | Achievement | % |
|---|---|---|---|---|
| 1 | NFSA | 37311 | 37311 | 100 |
| 2 | SFSS | 293 | 293 | 100 |

SOCIAL SECURITY SECTION

| Sl. No. | Scheme | Target | Achievement | % |
|---|---|---|---|---|
| 1 | NSAP | 8767 | 8767 | 100 |
| 2 | MBPY | 9512 | 9378 | 98.59 |
| 3 | NFBS | 45 | 45 | 100 |
| 4 | Banishree Scholarship | 39 | 39 | 100 |
| 5 | DRI Loan | 9 | 9 | 100 |

ଅଧ୍ୟକ୍ଷ, ପଞ୍ଚାୟତ ସମିତି, ପାପଡ଼ାହାଣ୍ଡି
ଉପାଧ୍ୟକ୍ଷ, ପଞ୍ଚାୟତ ସମିତି, ପାପଡ଼ାହାଣ୍ଡି
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, ପାପଡ଼ାହାଣ୍ଡି


# ୟୁରୋପକୁ ବ୍ୟାପିଲା ନୂଆ ଭାରିଆଣ୍ଟ ଓମିକ୍ରନ୍

## ବିମାନ ଯାତ୍ରାରେ ଲାଗିଲା କଟକଣା



**ବ୍ରସେଲ୍ସ, ୨୬।୧୧:** ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କୋଭିଡ୍-୧୯ ଭୂତାଣୁର ନୂଆ ଭାରିଆଣ୍ଟ ବି.୧.୧.୫୨୯ ଏବେ ୟୁରୋପକୁ ବ୍ୟାପିଛି। ଶୁକ୍ରବାର ବେଲ୍ଜିୟମରେ ଏହି ନୂଆ ଭାରିଆଣ୍ଟ କୋଭିଡ୍ ଟିକା ନେଇ ନ ଥିବା ଜଣେ ବ୍ୟକ୍ତିଙ୍କଠାରେ ଚିହ୍ନଟ ହୋଇଛି। ସେ ନିକଟରେ ଇଜିପ୍ଟରୁ ଫେରିଥିଲେ। ନୂଆ ଭାରିଆଣ୍ଟ ଚିନ୍ତାଜନକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) କହିଛି। ଦକ୍ଷିଣ ଆଫ୍ରିକା, ବୋସୱାନା, ବେଲ୍ଜିୟମ, ହଂକଂ ଏବଂ ଇସ୍ରାଏଲ୍‌ରେ ଏହି ଭାରିଆଣ୍ଟ ଦେଖାଗଲେଣି। ଡବ୍ଲ୍ୟୁଏଚ୍ଓ ଏହାର ନାଁ ଓମିକ୍ରନ୍ ରଖିଛି। କୋଭିଡ୍‌ର ନୂଆ ଭାରିଆଣ୍ଟକୁ ନେଇ ଆତଙ୍କ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ଦେଶର ଶେୟାର ବଜାର କାରବାର ଗୁରୁତର ପ୍ରଭାବିତ ହୋଇଛି। ସଂକ୍ରମଣ ଭୟରେ କେତେକ ଦେଶ ଭ୍ରମଣ କଟକଣା ଲଗାଇଛନ୍ତି। ବ୍ରିଟେନ୍, ଇସ୍ରାଏଲ୍, ଇଟାଲୀ ଓ ସିଙ୍ଗାପୁର କ୍ୱାରାଣ୍ଟାଇନ୍ କଟକଣା କଡ଼ାକଡ଼ି କରିଥିବାବେଳେ ଦକ୍ଷିଣ ଆଫ୍ରିକା ଓ ଏହାର ପଡୋଶୀ ଦେଶଗୁଡ଼ିକୁ ବିମାନ ସେବା ବନ୍ଦ କରିଦେଇଛନ୍ତି। ୟୁରୋପୀୟ ୟୁନିୟନ ମଧ ଆଫ୍ରିକୀୟ ଦେଶକୁ ବିମାନ ଯାତ୍ରା ବନ୍ଦ କରିବା ଲାଗି ନିଷ୍ପତ୍ତି ନେଇଛି। ଏହି ଭାରିଆଣ୍ଟର ସଂକ୍ରମଣ କ୍ଷମତା କେତେ ତାହା ଜାଣିବା ପାଇଁ ବୈଜ୍ଞାନିକମାନେ ଅନୁଧାନ ଚଳାଇଛନ୍ତି। ଏଥିପାଇଁ କିଛିଦିନ ସମୟ ଲାଗିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

❖କୋଭିଡ୍-୧୯ର ନୂଆ ଭାରିଆଣ୍ଟ ନାଁ ଓମିକ୍ରନ୍ ରଖାଯାଇଛି।

❖ଓମିକ୍ରନ (ବି.୧.୧.୫୨୯) ବର୍ତ୍ତମାନ ସୁଦ୍ଧା ୭ ଦେଶକୁ ବ୍ୟାପିଲାଣି।

❖ବୋସୱାନା, ଏସ୍ୱାଟିନି, ଲେସୋଥୋ, ମୋଜାମ୍ବିକ୍, ନମ୍ବିଆ, ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେକୁ ବିମାନ ଚଳାଚଳ ବନ୍ଦ ରଖିବାକୁ ୟୁରୋପୀୟ ୟୁନିୟନର ନିଷ୍ପତ୍ତି।

❖ବ୍ରିଟେନ୍ ସମେତ ଜର୍ମାନୀ, ଇଟାଲୀ, ଇସ୍ରାଏଲ୍, ଜାପାନ, କେନିଆ, ସିଙ୍ଗାପୁର ୬ଟି ଆଫ୍ରିକୀୟ ଦେଶ ଉପରେ ଭ୍ରମଣ କଟକଣା ଲଗାଇଛନ୍ତି। ଡବ୍ଲ୍ୟୁଏଚ୍ଓ ଭ୍ରମଣ କଟକଣାକୁ ନେଇ ଆପତ୍ତି ଉଠାଇବା ସହ ଆଲୋଚନା ପାଇଁ ସ୍ୱତନ୍ତ୍ର ବୈଠକ ଡାକିଛି। ନୂଆ ଭାରିଆଣ୍ଟକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଏହାର ପ୍ରଭାବ ଷ୍ଟକ୍ ବଜାର ଉପରେ ପଡ଼ିଛି। ଶୁକ୍ରବାର ଲଣ୍ଡନ ଷ୍ଟକ୍ ମାର୍କେଟ ଶେୟାର ମୂଲ୍ୟ ୭୨ ବିଲିୟନ ପାଉଣ୍ଡ ହ୍ରାସ ପାଇଛି। ମହାମାରୀ ଆରମ୍ଭ ଦିନଠାରୁ ଏହା ସର୍ବାଧିକ ହ୍ରାସ ବୋଲି କୁହାଯାଉଛି।


OCA
INSTITUTE OF IT & MANAGEMENT
Regd. with Govt. of Odisha and MSME Govt. of India
An ISO 9001:2015 Certified Institute

Mission Shakti
Empowered Women, Empowered Odisha
Zero interest on loans unto Rs.3 lack for all SHG
5796 WSHG loans to be given Rs.6010 lacks
Seed money Rs.15,000 for every women SHG group
Mission Shakti Bhaban @50 lack to 10 Blocks
10 Block Level Mahasangho got Rs 25 Lakh each
18350 Women SHGs to be Benefited

With Best Compliments from:
PRASANTI REAL ESTATE & BUILDERS PVT. LTD.
BALAJI VIHAR
Location Map
NH-215
FEATURES
Fire Station 500 Mtrs
Police Station 500 Mtrs
St. Marry School 1KM
Danagadi 2KM
Railway Station 3KM
Panikoli 9KM
BANK STREET, JAJPUR ROAD, JAJPUR
Mob.: 9438111885
Email : prasantirealestate@yahoo.com / Website : www.prasantibuilders.com

A premier Diploma Engineering Institution in Odisha
କେନ୍ଦୁଝର ଜିଲ୍ଲାର ଗର୍ବ ଓ ଗୌରବ
KEONJHAR SCHOOL OF ENGINEERING
KEONJHAR
( A UNIT OF DONATE ADVANCE NORM & IDEA TRUST )
BRANCHES
Mining Engg.
Electrical Engg.
Mechanical Engg.
Metallurgical Engg.
Civil Engg.
Diploma Engineering
SPOT ADMISSION
ସୁବର୍ଣ୍ଣ ସୁଯୋଗ
Registration is going on
From 12th to 28th November 2021
ST/SC ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାର ବିକାଶ ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଛି
KSE
ELIGIBILITY : 10th Class Pass
Campus : Dimbo, P.S : Town, Dist: Keonjhar, Odisha - 758014
Administrative Office : I.T.I. Keonjhar, Badahal, KSE +2 Science College, Badahal,
Contact : 9853175658 7008630540
ITI KEONJHAR
BADAHAL
(Approved by NCVT, Govt of India, Affiliated to SCTE&VT, Govt of Odisha)
TRADE Fitter Electrician
SPOT ADMISSION
Registration is going on From 11th to 30th November 2021
Eligibility : 10th Pass & Above
Contact : 06766-258006, 7008808211 , 9437962498

NEET & JEE COACHING BY
DISTRICT MINERAL FOUNDATION TRUST ANGUL
Brings residential coaching for student of mining affected areas
In association with KOTA BASED COACHING
MOTION EDUCATION
Free Coaching for JEE I NEET
Classes 12th & 12th Pass
FREE Coaching Accommodation
FACILITIES IN HOSTEL
1. Well Furnished Rooms, Bedding
2. Electricity in all rooms & Drinking water
3. Hostel Warden for Monitoring
FACILITIES IN MESS
1. Breakfast, Lunch & Dinner
2. Tea/Milk
3. Hygiene and Nutritious Food
FACILITIES IN COACHING:
1. Regular Classes by Kota's expert team
2. Study Material, DPPs
3. Online-Offline Test Series
4. Regular Doubt Counter
5. Parent Teacher Meeting
6. Motivational Seminar & Webinar by Experts
7. Exam Updates & Form Filling of competitive exams
ADMISSION PROCESS
Last date for receipt of application: 02 Dec. 2021
Date of Entrance Exam: 05 Dec. 2021
Result Announcement*: 08 Dec. 2021
Commencement of Classes: 14 Dec. 2021
*Preference to EWS students of mining affected area
APPLICATION PROCESS
For 12th Pass students submit application at Angul study center
For 12th continuing students submit form at School Principal office / Angul study center
For online form submission : SCAN CODE
7377001122
7377001133
Address : Adarsh Vihar, Near Adarsh International School, RTO Office, Dist. Angul (Odisha) I E-mail : angul@motion.ac.in

With Best Compliments from:
The Sundargarh District Central Cooperative Bank Ltd.,
SUNDARGARH

SAMBHAV CLASSES
(A RESIDENTIAL INSTITUTE FOR +2 SCIENCE & CBSE)
At- Laliteswar Nagar, N.C. College Road, Jajpur Town, Cont.- 9861123840, 8917506621

SAI KRUPA POLY CLINIC AND HOSPITAL
BHATLI CHOWK, BARGARH, M:-8270250981
Dr. Susanta Ku. Barik MD O&G
Dr. R. Mahalinge MD O&G
Dr. Deepak Kumar MD, Medicine
Dr. Subrat Kumar Behera MD Paediatric
Dr. Amit Bhoi MD, Paediatric
Dr. Rabindra kumar Pradhan MS, Dip-Lap Surgery
Dr. Ashok Kumar Naik MS, Dip-Lap, Surgery
Dr. Varun Tamrakar DNB, Urology
Dr. Durgakanta Sahu MS, Ortho
Dr. Ramgopal Panigrahi MS, Ortho
Dr. Durga Prasad Sahu MS, Ortho
Dr. Somnath Prasad Jena MS, Neurology
Dr. Jingyashu Mohanty DNB, Oncology
DR SUSMITA DASH (MD O&G)
DR R.K TRIPATHY (MD DMCh)
FACILITIES:-
OBSTETRICS & GYNAECOLOGICAL SURGERY, GENERAL MEDICINE, PAEDIATRIC, GENERAL SURGERY, LAPROSCOPY SURGERY, ORHOPEDIC SURGERY,UROLOGY,ONCOLOGY.

JEYPORE COLLEGE OF PHARMACY
(Under the Patronage of Banagiri Development Trust)
Approved By
All India Council for Technical Education (AICTE), New Delhi
Pharmacy council of India, New Delhi (PCI), Govt. of Odisha,
Affiliated to Biju Patnaik University of Technology (BPUT)
& Odisha State Board of Pharmacy (OSBP)
Contact Info:
8455935789, 9437389954, 9438593095, 9178141017
Courses Offered
Diploma in Pharmacy 60 Seats
Bachelor of Pharmacy 100 Seats
Bachelor of Pharmacy (Practice) 40 Seats
Master of Pharmacy
Pharma Technology 09 Seats
Pharma Analysis & Q.A 15 Seats
Pharmacology 09 Seats
Pharmacognosy 09 Seats
BANAVIHAR, RONDAPALLI, JEYPORE, KORAPUT, ODISHA-764002
PH: 06854-291221, FAX: 06854-246955
e-mail: pharmajeypore@yahoo.co.in, jcpprincipal2001@gmail.com Visit Us: www.pharmajeypore.org

ଧରିତ୍ରୀ
DHARITRI




# ନେଦରଲାଣ୍ଡ୍ସ କ୍ୱାର୍ଟର ଫାଇନାଲରେ

**ଭୁବନେଶ୍ୱର,୨୬।୧୧(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପୁଲ୍ 'ସି'ର ଏକ ମ୍ୟାଚରେ ଏହି ଦଳ ସ୍ପେନ୍‌କୁ ୩-୨ ଗୋଲରେ ପରାସ୍ତ କରିଛି। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ନିଲେନ କୁମାର ଖେଳାଳିଙ୍କ ସହ ପରିଚିତ ହେବା ପରେ ମ୍ୟାଚ ଆରମ୍ଭ ହୋଇଥିଲା। ଶେଷରେ ତାରକା ଆଥଲେଟ୍ ଅମିୟ ମଲିକ ଅତିଥିଭାବେ ଯୋଗଦେଇ ନେଦରଲାଣ୍ଡ୍ସର

## ଜୁନିୟର ହକି ବିଶ୍ୱକପ୍

ଲ୍ୟୁକ ଡୋମେରଶୁଇଜେନ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚରେ ନେଦରଲାଣ୍ଡ୍ସ ୨ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ସ୍ପେନ୍ ଓ ଦକ୍ଷିଣ କୋରିଆ ୨ଟି ଲେଖାଏ ମ୍ୟାଚ ଖେଳି ୧ ବିଜୟ ଓ ୧ ପରାଜୟ ସହ ୩ ପଏଣ୍ଟ ଲେଖାଏ ପାଇଛନ୍ତି। ୱାଇଲ୍ଡ କାର୍ଡ ମାଧ୍ୟମରେ ଏଣ୍ଟ୍ରି ପାଇଥିବା ଆମେରିକାର ଆଶା ଡବଲ ପରାଜୟ ସହ ଶେଷ ହୋଇଛି। ୨୮ ତାରିଖରେ ହେବାକୁଥିବା ସ୍ପେନ୍-ଦକ୍ଷିଣ କୋରିଆ ମ୍ୟାଚର ବିଜେତା ଏହି ପୁଲ୍‌ରୁ ଦ୍ୱିତୀୟ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ନେଦରଲାଣ୍ଡ୍ସ ୯ମ ମିନିଟରେ ଗୋଲ ଦେଇ ଅଗ୍ରଣୀ ହାସଲ କରିଥିଲା। ସ୍ପେନ୍ ଖେଳାଳିଙ୍କ ବିପଜ୍ଜନକ ଖେଳ ଯୋଗୁ ନେଦରଲାଣ୍ଡ୍ସକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଦଳର ୪ ନମ୍ବର ଜର୍ସି ପରିହିତ ଖେଳାଳି ଶେଲଡନ ସ୍କୁଟେନ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ୨୭ତମ ମିନିଟରେ ଗୁସ୍ ଜାନସେନ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତୃତୀୟ କ୍ୱାର୍ଟରରେ କିନ୍ତୁ ସ୍ପେନ୍ ଦମ୍‌ଦାର ପ୍ରଦର୍ଶନ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୩୮ତମ ମିନିଟରେ ବୋର୍ଜା ଲାକାଲେ ଫିଲ୍ଡ ଗୋଲ ଏବଂ ୪୫ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପାଉ କୁନିଲ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। ଫଳରେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚଟି ଡ୍ର ଆଡ଼କୁ ଯାଉଥିବାବେଳେ ୫୯ତମ ମିନିଟରେ ନେଦରଲାଣ୍ଡ୍ସ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଦଳର ୧୪ ନମ୍ବର ଖେଳାଳି ମାଇଲ୍ସ ବୁକେନ୍ସ ଏହାକୁ ଗୋଲରେ ପରିଣତ କରି ଦଳୀୟ ଶିବିରରେ ଖୁସିର ଲହରି ଖେଳାଇ ଦେଇଥିଲେ।



କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଶୁକ୍ରବାର ନେଦରଲାଣ୍ଡ୍ସ-ସ୍ପେନ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

### କୋରିଆର ପ୍ରଥମ ବିଜୟ

ପୁଲ୍ 'ସି'ର ଅନ୍ୟ ଏକ ମ୍ୟାଚରେ ଦକ୍ଷିଣ କୋରିଆ ୫-୧ ଗୋଲରେ ଆମେରିକାକୁ ହରାଇ ଦେଇଥିଲା। କୋରିଆର ତାଇହୋ କିମ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କୋରିଆ ପକ୍ଷରୁ ୪ର୍ଥ ମିନିଟରେ ଲି ସିଉଙ୍ଗୋ ଫିଲ୍ଡ ଗୋଲ ଏବଂ ୧୨ତମ ମିନିଟରେ ସିଅଙ୍ଗ ଜୁନ୍ ଜେଓଙ୍ଗ ଏବଂ ୨୭ତମ ମିନିଟରେ ଗ୍ୟୁଡଙ୍ଗ୍ ହ୍ୱାଙ୍ଗ ପେନାଲ୍ଟି କର୍ନରରୁ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ। ୩୬ତମ ମିନିଟରେ କୋରିଆର ତାଇହୋ କିମ୍ ଗୋଟିଏ ଗୋଲ ଦେଇଥିବାବେଳେ ୩୭ତମ ମିନିଟରେ ଆମେରିକାର ୱାଟ କାଜ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ। ତେବେ ୩୯ତମ ମିନିଟରେ କୋରିଆର ତାଇହୋ କିମ୍ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୫ମ ଗୋଲଟି ସ୍କୋର କରିଥିଲେ।

### ଦକ୍ଷିଣ ଆଫ୍ରିକା ବିଜୟୀ

ଜୁନିୟର ହକି ବିଶ୍ୱକପ୍‌ର ଶୁକ୍ରବାର ସକାଳେ ଅନୁଷ୍ଠିତ ପୁଲ୍ 'ଏ' ମ୍ୟାଚରେ ଦକ୍ଷିଣ ଆଫ୍ରିକା ୫-୧ ଗୋଲରେ ଚିଲିକୁ ହରାଇ ଦେଇଛି। ୨ ମ୍ୟାଚରୁ ପ୍ରଥମ ବିଜୟ ସହ ଦଳ ୩ ପଏଣ୍ଟ ପାଇ କ୍ୱାର୍ଟର ଫାଇନାଲ ପ୍ରବେଶ ଆଶା ବଳବତ୍ତର ରଖିଛି। ମ୍ୟାଚର ଅତିଥି ଓଡ଼ିଶା ଭାରୋତ୍ତୋଳନ ସଂଘର ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ ଅନ୍ତର୍ଜାତୀୟ ଭାରୋତ୍ତୋଳକ କେ. ରବିକୁମାର ଅତିଥିଭାବେ ଯୋଗଦେଇ ଦକ୍ଷିଣ ଆଫ୍ରିକାର କାମେରନ ଲି ଫୋର୍ଷ୍ଟିଅରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ୭ମ ମିନିଟରେ ଇଦ୍ରିଶ ଅବଦୁଲାଙ୍କ ଫିଲ୍ଡ ଗୋଲ ସହାୟତାରେ ଦକ୍ଷିଣ ଆଫ୍ରିକା ଅଗ୍ରଣୀ ନେଇଥିଲା। ୩୬ତମ ମିନିଟରେ ପିଟର ଜାର୍ଭିସ, ୪୨ତମ ମିନିଟରେ କାମେରନ ଲି ଫୋର୍ଷ୍ଟିଅର, ୪୫ତମ ମିନିଟରେ ଜ୍ୟାକ୍ସ ଭାନନ୍ ଟଣ୍ଡର ଏବଂ ୫୯ତମ ମିନିଟରେ କାମେରନ (ଫିଲ୍ଡ ଗୋଲ) ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୫ମ ଗୋଲ ସ୍କୋର କରିଥିବାବେଳେ ଚିଲି ପକ୍ଷରୁ ୩୮ତମ ମିନିଟରେ ଜୋଆକ୍ୱିନ ଏସ୍‌ଭେଡୋ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ମାଲେସିଆ-ବେଲଜିୟମ ମ୍ୟାଚ ଡ୍ର

**ଭୁବନେଶ୍ୱର,୨୬।୧୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ମାଲେସିଆ-ବେଲଜିୟମ ପୁଲ୍ 'ଏ' ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ଜାତୀୟ ଯୋଗାସନ ସ୍ପୋର୍ଟ୍ସ ଫେଡେରେଶନର ଓଡ଼ିଶା ୟୁନିଟ ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର ମ୍ୟାଚ ଆରମ୍ଭର ଅତିଥି ଥିଲେ। ମ୍ୟାଚ ଶେଷରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଅତିଥିଭାବେ ଯୋଗଦେଇ ମାଲେସିଆ ଗୋଲକିପର ସାଉପି ଶହରୁଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ୨୮ତମ ମିନିଟରେ ମାଲେସିଆକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଦଳ ପକ୍ଷରୁ ଶୁଟ୍ କରାଯାଇଥିବା ବଲ୍ ବେଲଜିୟମ ଗୋଲକିପରଙ୍କ ଦେହରେ ବାଜି ଫେରି ଆସୁଥିବାବେଳେ ୧୯ ନମ୍ବର ଖେଳାଳି ଅମିରୁଲ ଆଖିର ଚତୁରତାର ସହ ଏହାକୁ ଗୋଷ୍ଟପୋଷ୍ଟକୁ ପଠାଇ ୨୯ତମ ମିନିଟରେ ମାଲେସିଆକୁ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଦେଇଥିଲେ। ୪୯ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ବେଲଜିୟମ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ଦଳ ପକ୍ଷରୁ ଥିବେଡ଼ ଷ୍ଟକ୍‌ବ୍ରୋକ୍ସ ଏହି ଗୋଲ ଦେଇଥିଲେ।

# ଆର୍ଜେଣ୍ଟିନାକୁ ହରାଇଲା ଜର୍ମାନୀ

**ଭୁବନେଶ୍ୱର,୨୬।୧୧(କ୍ରୀଡ଼ା ପ୍ରତିନିଧି)**

ଜୁନିୟର ହକିବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଜର୍ମାନୀ ୩-୨ ଗୋଲରେ ଆର୍ଜେଣ୍ଟିନାକୁ ହରାଇ ଦେଇଛି। ଫଳରେ ପୁଲ୍ 'ଡି'ରୁ ଜର୍ମାନୀ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର ଖେଳାଳିଙ୍କ ସହ ପରିଚିତ ହେବା ପରେ ମ୍ୟାଚ ଆରମ୍ଭ ହୋଇଥିଲା। ଶେଷରେ ଟୋକିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ତଥା ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତ ଅତିଥିଭାବେ ଯୋଗଦେଇ ଜର୍ମାନୀ ଅଧିନାୟକ ବେନେଡିକ୍ଟ ସ୍ୱାର୍ଜହାଉପଟ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଜର୍ମାନୀ-ଆର୍ଜେଣ୍ଟିନା ମ୍ୟାଚରେ କଡ଼ା ଟକ୍କର ହୋଇଥିଲା। ୧୧ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ମାଟେଓ ପୋଲଜାରିକ ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ୩୨ତମ ମିନିଟରେ ଜର୍ମାନୀକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଅଧିନାୟକ ବେନେଡିକ୍ ଅଗ୍ରଣୀ ବ୍ୟବଧାନକୁ ୨-୦ କରିଥିଲେ। ଏହାର ୬ ମିନିଟ ପରେ ଆର୍ଜେଣ୍ଟିନାକୁ ମିଳିଥିବା ପେନାଲ୍ଟି କର୍ନରକୁ ବ୍ରୁନୋ ଷ୍ଟେଲାଟୋ ଗୋଲରେ କନଭର୍ଟ କରିଥିଲେ। ତେବେ ୪୪ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ଦେଇ ଜର୍ମାନୀର ହାନେସ ମୁଲେର ତୃତୀୟ କ୍ୱାର୍ଟର ଶେଷ ବେଳକୁ ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇଥିଲେ। ୫୪ତମ ମିନିଟରେ ଆର୍ଜେଣ୍ଟିନାର ଫ୍ରାଙ୍କୋ ଅଗୋଷ୍ଟିନି ଏକ ଗୋଲ ଦେଇଥିଲେ।



ଜର୍ମାନୀ ଓ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।




# ଭାରତ ଆଜି ପୋଲାଣ୍ଡକୁ ଭେଟିବ

**ଭୁବନେଶ୍ୱର, ୨୬।୧୧ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ରେ ଭାରତ ଶନିବାର ପୋଲାଣ୍ଡକୁ ଭେଟିବ। ପୁଲ୍ 'ବି'ର ଏହି ମ୍ୟାଚ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଭାରତ ଏହାର ପ୍ରଥମ ମ୍ୟାଚରେ ଫ୍ରାନ୍ସଠାରୁ ୪-୫ ଗୋଲରେ ହାରିଥିବାବେଳେ ଦ୍ୱିତୀୟ ମ୍ୟାଚରେ କାନାଡ଼ାକୁ ୧୩-୧ ଗୋଲରେ ପରାସ୍ତ କରିଛି। ଅନ୍ୟପକ୍ଷରେ ପୋଲାଣ୍ଡ ନିଜର ପ୍ରଥମ ମ୍ୟାଚରେ କାନାଡ଼ାକୁ ୧-୦ରେ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଫ୍ରାନ୍ସଠାରୁ ୧-୭ ଗୋଲରେ ହାରିଛି। ତେଣୁ ଉଭୟ ଭାରତ ଓ ପୋଲାଣ୍ଡ ୨ଟି ଲେଖାଏ ମ୍ୟାଚ ଖେଳି ୩ ପଏଣ୍ଟ ଲେଖାଏ ପାଇଛନ୍ତି। ଏହି ପୁଲ୍‌ରେ ଫ୍ରାନ୍ସ ଡବଲ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସାରିଥିବାବେଳେ ଡବଲ ପରାଜୟ ସହ କାନାଡ଼ାର ଆଶା ଶେଷ ହୋଇଛି। ତେଣୁ ଆଗାମୀ ଭାରତ-ପୋଲାଣ୍ଡ ମ୍ୟାଚ ନକ୍‌ଆଉଟ ସଦୃଶ ହୋଇଛି। କାରଣ ଏହି ମ୍ୟାଚରେ ଯେଉଁ ଦଳ ହାରିବ ତା'ର କ୍ୱାର୍ଟର ଫାଇନାଲ ପ୍ରବେଶ ଆଶା ଶେଷ ହୋଇଯିବ। ତେଣୁ ଭାରତକୁ କୌଣସି ପ୍ରକାରେ ଏହି ମ୍ୟାଚ ଜିତିବାକୁ ପଡ଼ିବ। ମ୍ୟାଚ ଡ୍ର ରହିଲେ ମଧ୍ୟ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିବ। କାରଣ ୨ ମ୍ୟାଚ ଶେଷରେ ଭାରତର ଗୋଲ ବ୍ୟବଧାନ ଯୁକ୍ତ ୧୧ ରହିଛି। ଦଳ ୧୭ଟି ଗୋଲ ଦେଇଥିବାବେଳେ ୬ଟି ବରଣ କରିଛି। ଅନ୍ୟପକ୍ଷରେ ପୋଲାଣ୍ଡର ଗୋଲ ବ୍ୟବଧାନ -୫ ରହିଛି। ଦଳ ମାତ୍ର ୨ଟି ଗୋଲ ଦେଇଥିବାବେଳେ ୭ଟି ବରଣ କରିଛି।




# ଜୁନିୟର ମହିଳା ହକି ବିଶ୍ୱକପ୍ ସ୍ଥଗିତ

**ଲାଉସାନେ, ୨୬।୧୧ (ପି.ଟି.):** ଦକ୍ଷିଣ ଆଫ୍ରିକାରେ ଦେଖା ଦେଇଥିବା କୋଭିଡ୍‌ର ନୂଆ ଭାଇରାଣ୍ଟ ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଛି। ଏଥିଲାଗି ଆସନ୍ତା ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌କୁ ସ୍ଥଗିତ ରଖାଯାଇଛି। ଏହି ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟ ଡିସେମ୍ବର ୫ରୁ ୧୬ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଟୁର୍ନାମେଣ୍ଟ ଆୟୋଜନ ନ କରିବା ଲାଗି ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍), ଦକ୍ଷିଣ ଆଫ୍ରିକା ହକି ଆସୋସିଏଶନ ଏବଂ ପୋଶ୍ଚେଫ୍‌ଷ୍ଟ୍ରୁମ୍‌ର ନର୍ଥ-ୱେଷ୍ଟ ୟୁନିଭର୍ସିଟି ଶୁକ୍ରବାର ମିଳିତ ଭାବେ ନିଷ୍ପତ୍ତି ନେଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ୨.୫୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

## ୨ବାଇକ୍ ଓ ୫ ମୋବାଇଲ ଫୋନ ଜବତ, ୩ ଗିରଫ

ଖୋର୍ଦ୍ଧା ଅଫିସ,୨୬।୧୧

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ଏସ୍‌ଟିଏଫ୍, ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ପରେ ବି ଏହି କାରବାର କମୁନାହିଁ। ବିଭିନ୍ନ ବାଟ ଦେଇ ବ୍ରାଉନସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଏହି କାରବାରରେ କଲେଜ ଛାତ୍ର, ବେକାର ଯୁବକ ଓ ମହିଳାଙ୍କୁ ସାମିଲ କରାଯାଉଛି। ଅଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ଶୁକ୍ରବାର ବାଘମାରୀ ପୋଲିସ ପୋଡାଡ଼ିହ ଗ୍ରାମ ମଙ୍ଗଳା ମନ୍ଦିର ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ଚଢ଼ାଉ କରି ୨୬.୭୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୫୦ହଜାର ଟଙ୍କା ହେବ। ଏହି ଘଟଣାରେ ୩ଜଣ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚିନୁ ଓରଫ ଚିନ୍ମୟ କୁମାର ବାଡ଼ି(୨୩), ଅଜୟ କୁମାର ସାଥୁଆ(୨୪) ଏବଂ କଟକ ବାଙ୍କୀ ଥାନା ହରିରାଜପୁର ଗ୍ରାମର ବାବିନା ଓରଫ କାଳିଆ ଓରଫ ଲକ୍ଷ୍ମୀଧର ମହାନ୍ତି(୩୪)। ଏମାନଙ୍କଠାରୁ ପୁଡିଆ ପାଇଁ ବ୍ୟବହୃତ ୫୦ଟି ରଙ୍ଗିନ କାଗଜ, ୫ଟି ମୋବାଇଲ ଫୋନ, ୨ଟି ବାଇକ୍ (ଓଆର୦୫ ଏଭି୬୧୫୫),(ଓଡି୦୨ ଏଭି ୨୭୯୨) ଜବତ ହୋଇଛି। ସୂଚନା ମୁତାବକ, ଏହି ପରିତ୍ୟକ୍ତ ଘରେ ଅଭିଯୁକ୍ତମାନେ ବ୍ରାଉନସୁଗାର ବିକ୍ରି ପାଇଁ ପୁଡିଆ ପ୍ରସ୍ତୁତି କରୁଥିଲେ। ଖବରପାଇ ଥାନାଧିକାରୀ ଅର୍ଚ୍ଚନା ମଲ୍ଲିକଙ୍କ ନେତୃତ୍ୱରେ ଏସ୍‌ଆଇ ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ସମେତ ଏକ ଟିମ୍ ଅଚାନକ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଖସିଯିବାକୁ ଉଦ୍ୟମ ବେଳେ ଅଭିଯୁକ୍ତ ମାନଙ୍କୁ ପୋଲିସ ମାଡ଼ି ବସିଥିଲା।



### ତିନି ଦିନରେ ୩୨୯ ଗ୍ରାମ ବ୍ରାଉନସୁଗାର ଜବତ, ୭ ଗିରଫ

ତିନି ଦିନ ମଧ୍ୟରେ ମଧ୍ୟରେ ଏସ୍‌ଟିଏଫ୍ ଏବଂ ଖୋର୍ଦ୍ଧା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୨୯ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ୭ଜଣ ଗିରଫ ହୋଇଛନ୍ତି। ସମସ୍ତ ଗିରଫ ଅଭିଯୁକ୍ତ ହେଉଛନ୍ତି ଯୁବକ। ସେମାନଙ୍କ ବୟସ ୨୦ରୁ ୨୫ବର୍ଷ। ବୁଧବାର ଏସ୍‌ଟିଏଫ ଖୋର୍ଦ୍ଧା ଥାନା ଅନ୍ତର୍ଗତ ତରତୁଆ ଅଞ୍ଚଳରୁ ପ୍ରମୋଦ ପଣ୍ଡାଙ୍କ ଠାରୁ ୨୫୩ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଗିରଫ କରିଥିଲା। ଖୋର୍ଦ୍ଧା ଟାଉନ ପୋଲିସ ବିଡିଏ କଲୋନୀରେ ଚଢ଼ାଉ କରି ୫୦.୫ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିଲା। ଶୁକ୍ରବାର ବାଘମାରୀ ପୋଲିସ ପୋଡାଡ଼ିହ ଗ୍ରାମ ମଙ୍ଗଳା ମନ୍ଦିର ନିକଟ ପରିତ୍ୟକ୍ତ ଘରେ ଚଢ଼ାଉ କରି ୨୬.୭୭ ଗ୍ରାମ ବ୍ରାଉନସୁଗାର ଜବତ ସହ ୩ଜଣଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଟ୍ୟାଙ୍କର ଚକାତଳେ ଚାପିହୋଇ ମହିଳା ମୃତ

**ଖୋର୍ଦ୍ଧା ଅଫିସ,୨୬।୧୧:** ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ତେଲ ଟ୍ୟାଙ୍କର ଚକାତଳେ ଚାପି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଧଳାବନ୍ଧ ଗ୍ରାମର କଇଁ ନାୟକ(୪୮)। ଖବରପାଇ ଟାଉନ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗାଡ଼ି ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡିକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ସ୍ୱାମୀ ସୁକଦେବଙ୍କ ସହ କଇଁ ବାଇକ୍‌ରେ ଭୁବନେଶ୍ୱରର ଏମ୍ସରେ ଚିକିତ୍ସିତ ହୋଇ ଘରକୁ ଫେରୁଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଛକ ନିକଟରେ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାଉଥିବା ଏକ ତେଲ ଟ୍ୟାଙ୍କର ଓଡି୧୮ ଇ ୬୨୧୯) ସେମାନଙ୍କ ପଛପଟୁ ଧକ୍କା ଦେଇଥିଲା। ଫଳରେ କଇଁ ବାଇକରୁ ଛିଟିକି ତଳେ ପଡିଯାଇଥିଲେ। ଏହି ସମୟରେ ଟ୍ୟାଙ୍କର ପଛଚକା ତାଙ୍କ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା।

### ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨୬।୧୧(ଡି.ଏନ୍.ଏ.):** ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଞ୍ଚଳର ଜଣେ ୫ବର୍ଷ ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ରମାକାନ୍ତ ଯାଦବଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଅଭିଯୁକ୍ତ ଯାଦବ ଶିଶୁକନ୍ୟାଙ୍କୁ କୁରକୁରି ପ୍ରଲୋଭନ ଦେଖାଇ ଏକ ନିଛାଟିଆ ସ୍ଥାନରେ ବଳାତ୍କାର ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଥିଲା।

### ୪୩ ୟୁନିଟ୍ ରକ୍ତ ସଂଗ୍ରହ

**ନିରାକାରପୁର,୨୬।୧୧(ଡି.ଏନ୍.ଏ.):** ଓଡ଼ିଶା ମୋ ପରିବାର ପକ୍ଷରୁ ଓଲସିଂହର ରଘୁନାଥ ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଦିଲ୍ଲୀପ ହୋତା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଓଲସିଂହ ସରପଞ୍ଚ ପ୍ରେମାନନ୍ଦ ପରିଡା କାର୍ଯ୍ୟକ୍ରମ ପରିଚାଳନାକରିଥିଲେ। କଲେଜର ଏନ୍‌ଏସ୍‌ଏସ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଅଧାପିକା ଅଧାପକ ସହଯୋଗ କରିଥିଲେ।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ବୋଲଗଡ଼,୨୬।୧୧(ଡି.ଏନ୍.ଏ.):** ଧନ୍ୱନ୍ତରୀ ବାୟୋସାଇନ୍ସ ଓଡ଼ିଶା ଶାଖା ଏବଂ ସଂପୁର ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ହରିରାଜପୁର ପ୍ରାଥମିକ ବିଦ୍ୟାଳୟ ସଭାଗୃହରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଇନ୍ଦ୍ରଜିତ ପଟ୍ଟନାୟକ ଓ ଦେବାଶିଷ ରାୟଗୁରୁଙ୍କ ଦ୍ୱାରା ଶତାଧିକ ରୋଗୀଙ୍କ ପରୀକ୍ଷା କରାଯାଇଥିଲା। ଏହି ଶିବିରକୁ ଶିକ୍ଷାବିତ୍ ସାଧୁଚରଣ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର, ଖବରଦାତା ନିରଞ୍ଜନ ନାୟକ, ଦେବବ୍ରତ ହୋତା, ପ୍ରକାଶଚନ୍ଦ୍ର ସାହୁ, ନାରାୟଣ ମହାନ୍ତି, ଅଜୟ ସୁନ୍ଦରାୟ, ହୃଦାନନ୍ଦ ସାହୁ, ଗଙ୍ଗାଧର ସେନାପତି ପ୍ରମୁଖ ଯୋଗଦେଇଥିଲେ। ଅବିନାଶ ମହାନ୍ତି, ହରପ୍ରସାଦ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭୁତିଭୂଷଣ ଲେଙ୍କା, ବିପିନ ସେନାପତି, ସୂର୍ଯ୍ୟକାନ୍ତ ସ୍ୱାଇଁ, ସମ୍ବିତ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।



କଟକ ଶହୀଦ ଭବନରେ ଶୁକ୍ରବାର ଅନୁଷ୍ଠିତ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ କଳାକାରମାନେ ଓଡ଼ିଶୀନୃତ୍ୟ ପରିବେଷଣ କରୁଛନ୍ତି।

# 'ଜଟିଳତାକୁ ଆନନ୍ଦରେ ପରିବର୍ତ୍ତିତ କରିଥାଏ ନୃତ୍ୟ'

## ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

କଟକ ଅଫିସ,୨୬।୧୧

ସ୍ରଷ୍ଟା ହେଉଛନ୍ତି ନର୍ତ୍ତକ ଓ ସୃଷ୍ଟି ହେଉଛି ନୃତ୍ୟ । ନର୍ତ୍ତକ ଓ ନୃତ୍ୟ, ସ୍ରଷ୍ଟା ଓ ସୃଷ୍ଟି ପରସ୍ପରଠାରୁ କେବେହେଲେ ଅଲଗା ହୋଇପାରିବେ ନାହିଁ। ନୃତ୍ୟଦ୍ୱାରା ମାନବୀୟ ଚେତନା ବ୍ରହ୍ମାଣ୍ଡୀୟ ଚେତନା ସହ ମିଳନ ହୋଇଥାଏ। ଜୟଦେବଙ୍କ ଗୀତଗୋବିନ୍ଦ, କାଳି ଦାଶଙ୍କ କୁମାର ସମ୍ଭବ କିମ୍ବା ବେଦବ୍ୟାସଙ୍କ ଦ୍ୱାରା ରଚିତ ଭାଗବତର ଗୋପୀ ଗୀତରେ ଏହାର ଅନୁଭବ କରିହେବ। ସେଥିପାଇଁ ଗୀତ ବିଚାର, ଭାବନାକୁ ନିୟନ୍ତ୍ରିତ କରିବା ସହ ଶୁଦ୍ଧତା ପ୍ରଦାନ କରିଥାଏ। ଜୀବନରେ ଥିବା ଜଟିଳତା, ସମସ୍ୟା, ପରାଜୟ, ବାଧାବିଘ୍ନକୁ ନୃତ୍ୟ ଆନନ୍ଦରେ ପରିବର୍ତ୍ତିତ କରିଥାଏ ବୋଲି ଶୁକ୍ରବାର କଟକ ସହିଦ ଭବନରେ ଆୟୋଜିତ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ରାଜ୍ୟପାଳ ଗଣେଶୀ ଲାଲ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ନୃତ୍ୟଶିଳ୍ପୀ ଗୁରୁ ମୀରା ଦାସଙ୍କ ଆହ୍ୱାନରେ ଏହି ଉତ୍ସବ ୨୪ ବର୍ଷ ଧରି ପାଳିତ ହୋଇଆସୁଛି। ଚଳିତ ବର୍ଷ ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନ ପକ୍ଷରୁ ରଜତ ଜୟନ୍ତୀ ସମାରୋହ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ଜଗନ୍ନାଥ ମଙ୍ଗଳମ୍ ଓ ଝିନ୍‌ଝୋଟି ପଲ୍ଲବୀ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ଗୁଞ୍ଜନର କୁନି କଳାକାରମାନେ ଦର୍ଶକଙ୍କୁ ଗୁରୁବନ୍ଦନା ଭେଟି ଦେଇଥିଲେ । ଉତ୍ସବରେ ଗୁଞ୍ଜନର ସମ୍ପାଦକ ମୀରା ଦାସ, ସଭାପତି ଗାୟତ୍ରୀ ଦାସ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।



ନୃତ୍ୟଗୁରୁ ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ କରୁଛନ୍ତି।

# ପ୍ରେମ ପାଇଁ ଅପହରଣ ନାଟକ, ୩ ଅଟକ

ନିରାକାରପୁର,୨୬।୧୧(ଡି.ଏନ୍.ଏ.)

ପ୍ରେମ ପାଇଁ ଅପହରଣ ନାଟକ ରଚିଥିବା ଯୁବକଙ୍କ ସମେତ ୩ଜଣଙ୍କୁ ଧରି ଜଙ୍କିଆ ଥାନା ପୋଲିସ ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ଗୋଲବାଇ ପଞ୍ଚାୟତ ତଳସାହିର ତୋଫାନ ବେହେରା(୩୦) ପେସାରେ ଜଣେ ନୃତ୍ୟ ପ୍ରଶିକ୍ଷକ। ଗତ ଦୁଇ ବର୍ଷ ପୂର୍ବେ ସେ ବିବାହ କରିଥିଲେ। ଘରେ ତାଙ୍କର ସ୍ତ୍ରୀ ରହିଥିବା ବେଳେ ତୋଫାନ ଟାଙ୍ଗୀ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ତେବେ ଯୁବତୀଙ୍କୁ ପାଇବା ଆଶାରେ ତାଙ୍କ ନିକଟରେ ନୃତ୍ୟ ଶିକ୍ଷା ନେଉଥିବା ଦୁଇ ଜଣ ନାବାଳକଙ୍କୁ ନେଇ ଏକ ନାଟକ କରିଥିଲେ। ତେବେ ନାଟକରେ ନାବାଳକଦ୍ୱୟ ତୋଫାନଙ୍କ ହାତଗୋଡ଼ ବାନ୍ଧି ମାରୁଥିବା ଏକ ଦୃଶ୍ୟ ସ୍ତ୍ରୀଙ୍କ ମୋବାଇଲ ଫୋନକୁ ପଠାଇଥିଲେ। ଭିଡିଓରେ ତାଙ୍କୁ ଗାଁ ହାଇସ୍କୁଲ ଛକଠାରୁ ଅପହରଣ କରାଯାଇଛି। ସେମାନଙ୍କୁ ୬୦ହଜାର ଟଙ୍କା ନ ଦେଲେ ସେମାନେ ଜୀବନରେ ମାରିଦେବା ଧମକ ଦେଇଥିବା ତୋଫାନ ତାଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ। ଏନେଇ ତୋଫାନଙ୍କ ସ୍ତ୍ରୀ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତୋଫାନଙ୍କୁ ନାରୁଣୀ ଓ ଦୁଇ ଶିଷ୍ୟଙ୍କୁ ରାମେଶ୍ୱର ପଞ୍ଚାୟତସ୍ଥିତ ତାଳପଡା ଗ୍ରାମରୁ ଉଠାଇନେଇ ପଚରାଉଚରା କରିଥିଲା। ପଚରାଉଚରା ବେଳେ ତୋଫାନ ମାଗିଥିବା ୬୦ହଜାର ଟଙ୍କା ନେଇ ପ୍ରେମିକା ସହିତ ଫେରାର ହୋଇଯିବା ଲାଗି ମସୁଧା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ୩ଜଣଙ୍କୁ ପଚରାଉଚରା ଜାରି ରହିଥିବା ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ କହିଛନ୍ତି।



# 'ମତଦାନ ସାବ୍ୟସ୍ତ ମୂଲ୍ୟବୋଧ ଅଧିକାର'

ବେଗୁନିଆ,୨୬।୧୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ରମାମଣୀ ମହାବିଦ୍ୟାଳୟର ସଭାଗୃହ ପରିସରରେ ଶୁକ୍ରବାର ଭୋଟର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗଙ୍ଗାଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ତହସିଲଦାର ପଥ୍ୱୀରାଜ ମଣ୍ଡଳ ଏବଂ ବ୍ଲକ କାର୍ଯ୍ୟାଳୟର ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ସାହୁ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ଭୋଟର ମତଦାନ ସାବ୍ୟସ୍ତ କରିବା ଗଣତନ୍ତ୍ରର ମୂଲ୍ୟବୋଧ ଅଧିକାର। ମତଦାନ ମାଧ୍ୟମରେ ଆସନ୍ତୁ ସମସ୍ତେ ରାଷ୍ଟ୍ରପାଇଁ ନାଗରିକ ଦାୟିତ୍ୱବୋଧକୁ ଜାହିର କରିବା। ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ୧୮ ବର୍ଷ ହେଉଥିବା ଯୁବତୀ ଓ ଯୁବକମାନେ ଫଟୋ ସହିତ ନାମ ଭୋଟର ତାଲିକାରେ ଯୋଡି ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ରହିଥିବା ମାର୍ଗଦର୍ଶିକା ଏବଂ ହେଲ୍ପଲାଇନ ଆପକୁ କିପରି ଆପଣେଇବା ସେ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ତାଲିକାରେ ରହିଥିବା ତ୍ରୁଟି ଏବଂ ସ୍ଥାନ ପରିବର୍ତ୍ତନ କିଭଳି କରାଯାଇପାରିବ ସେନେଇ ସୂଚନା ଦିଆଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୋଲଗଡ଼,୨୬।୧୧(ଡି.ଏନ୍.ଏ.)

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବୋଲଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ପଞ୍ଜୀକୃତ ହୋଇଥିବା ୨୩୭ ଭିନ୍ନକ୍ଷମଙ୍କ ସମେତ ନୂତନ ପଞ୍ଜୀକରଣ କରାଇଥିବା ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ, ଶ୍ରବଣ ବଧିର ଓ ଶାରୀରିକ ଭିନ୍ନକ୍ଷମଙ୍କୁ ବିଶେଷଜ୍ଞମାନେ ପରୀକ୍ଷା କରିଥିଲେ। ବିଡିଓ ଧୋବେଇ ନାୟକ, ଏବିଡିଓ ରତିରଞ୍ଜନ ମିଶ୍ରଙ୍କ ଉପସ୍ଥିତିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଉଭୟ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି ଓ ଅଶା କର୍ମୀମାନେ ଭିନ୍ନକ୍ଷମଙ୍କ ପଞ୍ଜୀକରଣ ଓ ଯୋଗାଯୋଗ କାର୍ଯ୍ୟ ସମ୍ପାଦାନ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁବାଷ



@ ଭୀମସେନ୍



@ ଅନିଲ



@ ସ୍ମରଣିକା



@ ଦୀପକ



@ ବୁଦ୍ଧନାଥ

# ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ବ୍ଲ୍ୟୁ ରକଷ୍ଟାର ସେମିଫାଇନାଲରେ

ଖୋର୍ଦ୍ଧା ଅଫିସ,୨୬।୧୧

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩୨ତମ ଶ୍ରୀ ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଶୁକ୍ରବାର ସ୍ଥାନୀୟ ପଡିଆରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଭୁବନେଶ୍ୱର ମଞ୍ଚେଶ୍ୱର କ୍ରିକେଟ କ୍ଲବକୁ ହରାଇ ଯାଁଳାର ବ୍ଲ୍ୟୁ ରକ୍‌ଷ୍ଟାର ବିଜୟୀ ହେବା ସହ ସେମିଫାଇନାଲକୁ ପ୍ରବେଶ କରିଛି। ମଞ୍ଚେଶ୍ୱର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମିତାଭ ରାଉତ ୨୫ରନ ଏବଂ କାହ୍ନା ମହାନ୍ତି ୨୨ରନ ସଂଗ୍ରହ କରିଥିଲେ। ଜବାବରେ ବ୍ଲ୍ୟୁ ରକ୍‌ଷ୍ଟାର ୧୯ ଓଭରରେ ୩ ଉଇକେଟ ବିନିମୟରେ ୧୩୪ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଇ.ଏସ.ଗିରି ଅପରାଜିତ ୫୪ରନ ଓ ସତ୍ୟଜିତ ସାହୁ ୨୪ରନ ସଂଗ୍ରହ କରିଥିଲେ। ଆଇ.ଏସ. ଗିରିଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ଅତିଥିଭାବେ ମଳୟେସ ପ୍ରଧାନ, ବିବି ରାଉତରାୟ ଯୋଗଦେଇଥିଲେ। ଦୁର୍ଯ୍ୟୋଧନ ପରିଡା, ସୁଶୀଲ ପରିଡା ମ୍ୟାଚ ପରିଚାଳନା କରିଥିଲେ। ଶନିବାର ଭୁବନେଶ୍ୱର ନପୁଟ୍ କ୍ଲବ ଏବଂ ଅତ୍ରିର ପତିତପାବନ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଶନିବାର ପ୍ରଥମାଷ୍ଟମୀରେ ମହାପ୍ରଭୁ ପୋଢୁଆଁ ହେବେ। ଏଥିପାଇଁ ମହାପ୍ରଭୁଙ୍କ ମାମୁଘର କୁହାଯାଉଥିବା କଟକର ନିଆଳି ଶ୍ରୀମାଧବାନନ୍ଦ ଜୀଉ ମନ୍ଦିର ପକ୍ଷରୁ ଶୁକ୍ରବାର ପୁରୀରେ ଆସି ପହଞ୍ଚିଥିବା ପୋଢୁଆଁ ଭାର।



ପୁରୀସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ ପକ୍ଷରୁ ଶୁକ୍ରବାର ୬୦ତମ ଜାତୀୟ ଫାର୍ମାସି ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ କୁଇଜ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।



ଭାରତୀୟ ସମ୍ବିଧାନର ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ନିମାପଡ଼ା କୋର୍ଟ ପରିସରରେ ଭର୍ଚୁଆଲରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ଓ ଧାରା ୩୯(କ) ଉନ୍ମୋଚନ କରାଯାଉଛି।

# ବିଶ୍ୱସ୍ତରୀୟ ହେଉଛି ଏସ୍‌ସିବି: ମୁଖ୍ୟମନ୍ତ୍ରୀ

**କଟକ ଅଫିସ,୨୬।୧୧**

## କଟକ ବଡ଼ ମେଡିକାଲର ପ୍ଲାଟିନମ ଜୁବିଲି

- ଗ୍ଲୋବାଲ କନ୍‌କ୍ଲେଭ କାର୍ଯ୍ୟକ୍ରମ
- ୯୬ ଲକ୍ଷ ପରିବାର ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ

ରାଜ୍ୟର ସ୍ୱାସ୍ଥ୍ୟସେବାକୁ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ସୁଦୃଢ଼ କରାଯାଇଛି। ଏଥିପାଇଁ ରାଜ୍ୟରେ ଆରମ୍ଭ କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲୋକଙ୍କୁ ସାମିଲ କରାଯାଉଛି। ଏଥିସହ ମୋର ସ୍ୱପ୍ନ ଯେ, କୌଣସି ବ୍ୟକ୍ତି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେପରି ଅନ୍ୟ ରାଜ୍ୟକୁ ଯିବାକୁ ନ ପଡ଼େ, ସେଥିଲାଗି କଟକରେ ଥିବା ବଡ଼ ମେଡିକାଲକୁ ବିଶ୍ୱସ୍ତରୀୟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ(ଏସ୍‌ସିବି) ମହାବିଦ୍ୟାଳୟରେ ଆୟୋଜିତ ଏକ କନକ୍ଲେଭରେ ଯୋଗଦେଇ କହିଛନ୍ତି।

୭୫ ବର୍ଷର ଗୌରବମୟ ଗାଥାକୁ ସ୍ମରଣ କରି କଟକ ବଡ଼ ମେଡିକାଲ କଲେଜ ତାହାର ପ୍ଲାଟିନମ ଜୁବିଲି ପାଳନ କରୁଛି। ଏହି ଅବସରରେ ଶୁକ୍ରବାର କଲେଜ ପକ୍ଷରୁ ଏକ ଗ୍ଲୋବାଲ କନକ୍ଲେଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନକ୍ଲେଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଡ଼ିତ ହୋଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଏସ୍‌ସିବି ମେଡିକାଲ କଲେଜର ପ୍ରତିଷ୍ଠାତା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କଲେଜର ଗୌରବ ଗାଥା ଦୋହରାଇଥିଲେ। ସେ କହିଥିଲେ, ଏସ୍‌ସିବିର ଛାତ୍ରୀଛାତ୍ର ଏବେ ସାରା ବିଶ୍ୱର ବିଭିନ୍ନ ମେଡିକାଲରେ ସେବା ଯୋଗାଇ ଏସ୍‌ସିବିକୁ ଗୌରବାନ୍ୱିତ କରିଛନ୍ତି। ଏସ୍‌ସିବି ଆଲୁମନି ସାରା ବିଶ୍ୱରେ ନିଜର ନିଃସ୍ୱାର୍ଥପର ସେବା ଯୋଗାଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏସ୍‌ସିବି ଡାକ୍ତରଗଣ ରାଜ୍ୟ ତଥା ରାଜ୍ୟ ବାହାର ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଆସୁଛନ୍ତି। ସେଥିପାଇଁ ଏସ୍‌ସିବିକୁ ବିଶ୍ୱସ୍ତରୀୟ କରିବା ଦିଗରେ ଆମର ପ୍ରଚେଷ୍ଟା ଜାରି ରହିଛି। ମେଡିକାଲ କେୟାରରେ ଏସ୍‌ସିବି ଯେପରି ଦେଶରେ ଏକ ନମ୍ବର ହୋଇପାରିବ ସେଥିପ୍ରତି ଆମେ ପ୍ରୟାସ ଜାରି ରଖିବା।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟରେ ୫୦ ବର୍ଷ ପୂର୍ବରୁ ମାତ୍ର ୩ଟି ମେଡିକାଲ କଲେଜ ଥିବାବେଳେ ଏବେ ୮ଟି ରହିଛି। ଯାହା ସରକାରଙ୍କ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ କେତେ ପ୍ରୟାସ ରହିଛି ତାହା ସୂଚାଉଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏସ୍‌ସିବିର ଏକ ମେମେଣ୍ଟୋକୁ ଉଦ୍‌ଘାଟନ କରିବା ସହ ଏସ୍‌ସିବିର ସୋଭେନିରକୁ ଉନ୍ମୋଚନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ.ପାଣ୍ଡିଆନ ମଧ୍ୟ ଭର୍ଚୁଆଲରେ ଉପସ୍ଥିତ ଥିଲେ। ଉତ୍ସବରେ ଅନ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କହିଥିଲେ, ରାଜ୍ୟରେ ଜଣେ ବି ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହେବେ, ଏହା ଆମର ପ୍ରୟାସ। ତେବେ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଡା. ପ୍ରଫେସର ନିର୍ମଳ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଶା ସ୍କିଲ ଡେଭେଲପମେଣ୍ଟ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ଚୈଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ମନ୍ତ୍ରୀ ପ୍ରତାପ ଜେନା ଓ ପ୍ରିନ୍‌ସିପାଲ ସେକ୍ରେଟାରି ଅଶୋକ ମିଶ୍ରା ପ୍ରମୁଖ ଯୋଗଦେଇଥିଲେ।





କନ୍‌କ୍ଲେଭରେ ଭର୍ଚୁଆଲରେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ (ଉପର) ଏବଂ ମଞ୍ଚରେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

## ସଂକ୍ଷେପରେ

### କାର୍ ଧକ୍କାରେ ୩ ଗୁରୁତର

**ଟାଙ୍ଗୀ (ଖୋର୍ଦ୍ଧା),୨୬।୧୧(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ଜଣ୍ଡେଶ୍ୱର ଛକ ନିକଟରେ ଏକ କାର୍ ଧକ୍କାରେ ଜଣେ ନାବାଳକ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଜଣ୍ଡେଶ୍ୱରର ସୁଶାନ୍ତ ନାୟକ, ଲୋକନାଥ ନାୟକ ଓ କାଶୀ ନାୟକ। ଏମାନଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ରାସ୍ତା ଅତିକ୍ରମ କରୁଥିବା ବେଳେ ଏମାନଙ୍କୁ ଏକ କାର୍ ଧକ୍କା ଦେଇଥିବା ଜଣାପଡ଼ିଛି।

### ମହାତ୍ମା ଗାନ୍ଧୀ, ପ୍ରଥମ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଟାଙ୍ଗୀ (ଖୋର୍ଦ୍ଧା),୨୬।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ପରିସରରେ ଶୁକ୍ରବାର ଜାତିର ପିତା ମହାତ୍ମା ମାନ୍ଧୀ ଓ ବ୍ଲକର ପ୍ରଥମ ଅଧ୍ୟକ୍ଷ ନନ୍ଦ କିଶୋର ମାନସିଂହଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ଅତିଥିଭାବେ ରାଜ୍ୟସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର , ବ୍ଲକ ଚେୟାରମ୍ୟାନ ବିଜୟ କୁମାର ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ନିରାକାରପୁର,୨୬।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତର ପୂର୍ବତନ ସରପଞ୍ଚ କଳ୍ପନା କର(୪୯)ଙ୍କ ଶୁକ୍ରବାର ଭୋରରୁ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ଜଳଉଦରୀ ରୋଗରେ ପୀଡ଼ିତ ଥିଲେ। କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିବା ବେଳେ ପୁଅ ସ୍ୱାଗତ କର ମୁଖାଗ୍ନି ଦେଇଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପୀ ଓ ସୁଦକ୍ଷ ନାରୀ ନେତ୍ରୀଭାବେ ପରିଚିତ ଥିଲେ।

### ସମ୍ବିଧାନ ଦିବସ ପାଳିତ

**ଜଟଣୀ,୨୬।୧୧(ଡି.ଏନ୍.ଏ.):** ଜଟଣୀ ଲୟର୍ସ ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥ ଆସୋସିଏଶନ ସଭାଗୃହ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ଡ. ଶରତ ଦୋରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗଣତନ୍ତ୍ର ରାଷ୍ଟ୍ରରେ ସମ୍ବିଧାନର ଭୂମିକା ଉପରେ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୯ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆସୋସିଏଶନର କୋଷାଧକ୍ଷ ଅରୁଣ କୁମାର ସାହୁ, ଶିବ ରଥ, କାହ୍ନୁଚରଣ ପ୍ରଧାନ, ଅଧିବକ୍ତା ଅର୍ଜୁନ ଚରଣ ସାମନ୍ତରାୟ, ଅକ୍ଷୟ ସାହୁଙ୍କ ସମେତ ବହୁ ଅଧିବକ୍ତା ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ଆଇନଶୃଙ୍ଖଳାକୁ ଗୁରୁତ୍ୱ

**ନିରାକାରପୁର,୨୬।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନାର ନୂତନ ଥାନା ଅଧିକାରୀ ଭାବେ ଦିଗ୍‌ବିଜୟ ବିଶ୍ୱାଳ ଶୁକ୍ରବାର ଯୋଗଦେଇଛନ୍ତି। ଆଇନଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡିରେ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ଏହି ଥାନାରେ ଥିବା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କୁ କଟକ ସଦର ଥାନାକୁ ବଦଳି କରାଯାଇଛି।

# ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ଦାବି

**ଖୋର୍ଦ୍ଧା ଅଫିସ,୨୬।୧୧**

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା ଏକ ଐତିହ୍ୟ ମାଟି। ଜାତୀୟ ସ୍ତରରେ ଏହାର ଗୌରମୟ ଇତିହାସ ରହିଛି। ପାଇକ ବିଦ୍ରୋହ ପାଇଁ ଲାଲ ମାଟିର ସ୍ୱତନ୍ତ୍ର ପରିଚୟ ବହନ କରେ। ଏହାର ରେଣୁରେ ଐତିହ୍ୟର ପଦଚିହ୍ନ ରହିଛି। ନିକଟରେ ମୁଖ୍ୟମନ୍ତ୍ରୀ ମୁକ୍ତା ଯୋଜନାରେ ୯୪ଟି ପ୍ରକଳ୍ପ ପାଇଁ ୬.୪୭ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। ତେବେ ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ପାଇଁ ଲକ୍ଷାଧିକ କୋଟି ଟଙ୍କା ମଞ୍ଜୁର କରିବାକୁ ନେଇ ଶୁକ୍ରବାର ନ୍ୟୁ ଥିଙ୍କିଙ୍ଗ ଫୋରମ ଏବଂ ସ୍ଥାନୀୟ ସାମାଜିକ କର୍ମୀ, ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଖୋର୍ଦ୍ଧା ମାଟିରେ ଅନେକ ଐତିହ୍ୟ କୀର୍ତ୍ତିରାଜୀ, ପ୍ରାଚୀନ କୀର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି। ଖୋର୍ଦ୍ଧାର ବିକାଶ ହେଲେ ସାମାଜିକ, ଅର୍ଥନୈତିକ ଦୃଷ୍ଟିରୁ ସମୃଦ୍ଧି ଘଟିବ। ପର୍ଯ୍ୟଟନ ଶିଳ୍ପର ମଧ୍ୟ ବିକାଶ ହେବ। ସ୍ୱାଧୀନତାର ପ୍ରଥମ ସଂଗ୍ରାମ ଏହି ମାଟିରୁ ହୋଇଥିଲା। ଏହାର ମୁକସାକ୍ଷୀ ଖୋର୍ଦ୍ଧା ଗଡ଼। ଗଡର ପୁନରୁଦ୍ଧାର ସହ ପାଇକ ଜ୍ୟୋତି ଲାଇଟ୍ ଆଣ୍ଡ ସାଉଣ୍ଡ, ପାଇକ ଏକାଡ଼େମୀ, ମ୍ୟୁଜିୟମ୍ ପ୍ରତିଷ୍ଠା କରାଯାଉ। ଏହା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଏହି ଗଡର ଗୌରବ ବୃଦ୍ଧି ପାଇବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଏହାର ନିକଟରେ ରହିଥିବା ବରୁଣେଇ ପାହାଡ ଉପରେ ରହିଥିବା ସୀତାକୁଣ୍ଡ, ପାଣ୍ଡବଗୁମ୍ଫା, ହାତୀ ଗୁମ୍ଫା, ଏବଂ ବୌଦ୍ଧ କୀର୍ତ୍ତିରାଜୀ ରହିଛି। ଏହାର ସଂରକ୍ଷଣ ଆବଶ୍ୟକ ରହିଛି। ପଲ୍ଲା ତୋଟାପଡ଼ାଠାରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଗଲେ, ଯାତ୍ରୀଙ୍କ ଦ୍ୱାରା ରେଳ ଷ୍ଟେଶନ ବ୍ୟବହାର ଉପଯୋଗୀ ହୋଇପାରିବ। ପ୍ରସ୍ତାବିତ ସ୍ପୋର୍ଟସ୍ କମ୍ପ୍ଲେକ୍ସକୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ଏବଂ ଖୋର୍ଦ୍ଧାର କାଇପଦର ପୀରବାବା, ତନ୍ତମୁଣ୍ଡିଆ ହନୁମାନ ପୀଠ, ଅତ୍ରି ଉଷ୍ଣପ୍ରସବଣର ଆନୁସଙ୍ଗିକ ବିକାଶ କରାଯାଉ। ଏହି ଦାବି ଉପରେ ସରକାର ଗୁରୁତ୍ୱ ଦେଲେ, ଖୋର୍ଦ୍ଧାର ବିକାଶ ଘଟିବ। ଏହି ପ୍ରତିନିଧି ଦଳରେ ଫୋରମ୍ ସଭାପତି ନରେନ୍ଦ୍ର ପୃଷ୍ଟି, ସଞ୍ଜୟ ପଟ୍ଟନାୟକ, ବିଚିତ୍ର ବଡ଼ଜେନା, ବସନ୍ତ ଦାସ, ବୈକୁଣ୍ଠନାଥ ମହପାତ୍ର, ବୀରବର ସଂଗ୍ରାମସିଂ, ହିମାଂଶୁ ପ୍ରଧାନ, ସୁଧାକର ତ୍ରିପାଠୀ, ଗୋପାଳକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପ୍ଲାଟିନମ୍ ଜୁବିଲି ପାଳନ ଅବସରରେ ଶୁକ୍ରବାର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଶୋଭାଯାତ୍ରା।

# ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର, ପର୍ଯ୍ୟଟନ ମାନ୍ୟତା ଦାବି

**ଖୋର୍ଦ୍ଧା ଅଫିସ,୨୬।୧୧**

ଖୋର୍ଦ୍ଧା ଗଡ଼ର ଏକ ସ୍ୱତନ୍ତ୍ରତା ରହିଛି। ଏହି ଐତିହାସିକ ଗଡ଼ର ପୁନରୁଦ୍ଧାର ଓ ପର୍ଯ୍ୟଟନ ମାନ୍ୟତା ଦାବି କରିଛି ଭାରତର ଶେଷ ସ୍ୱାଧୀନ ଦୁର୍ଗ ସ୍ମାରକ ଉନ୍ନୟନ ସମିତି। ଶୁକ୍ରବାର ସ୍ଥାନୀୟ ଶାନ୍ତି କଲ୍ୟାଣ ମଣ୍ଡପରେ ସମିତିର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ସାମନ୍ତ ୧୯୮୩ ରେ ଏହି ସମିତି ପ୍ରତିଷ୍ଠା କରିଥିଲେ। ଏହି ଅବସରରେ ଏହା ପୁଣି ପୁର୍ନଗଠିତ ହୋଇଛି। ସମିତି ସଭାପତି ଭାବେ ପୂର୍ବତନ ଗୃହବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରସାଦ ହରିଚନ୍ଦନ ମନୋନୀତ ହୋଇଛନ୍ତି। ଐତିହାସିକ ଡ. ନାରାୟଣ ରାଓ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ଉପଦେଷ୍ଟା, ଅଟଳ ସାମନ୍ତ କାର୍ଯ୍ୟକାରୀ ସଭାପତି, ଡ.ସୁରେଶ ଛୋଟରାୟ ସମ୍ପାଦକ, ଚିତ୍ତରଞ୍ଜନ ମହାନ୍ତି ସହ ସମ୍ପାଦକ, କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ଦାଶ, ସଭ୍ୟ ଭାବେ ରମେଶ ଚନ୍ଦ୍ର ସ୍ୱାଇଁ, ସତ୍ୟରଞ୍ଜନ ଲାଲା, ଚନ୍ଦ୍ରଶେଖର ମହାପାତ୍ର, ବିଜୟ ଦାଶପୁରୁଆ ପ୍ରମୁଖ ମନୋନୀତ ହୋଇଛନ୍ତି। ଆୟୋଜିତ ଆଲୋଚନାଚକ୍ରରେ ସଭାପତି କାର୍ଯ୍ୟକାରୀ ସଭାପତି ସାମନ୍ତ ଅଧ୍ୟକ୍ଷତା କରିଥିଲେ। ପ୍ରାଚୀନ ଖୋର୍ଦ୍ଧା ଦୁର୍ଗରେ ଜିଲାସ୍ତରୀୟ ସାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଏବଂ ଓଡ଼ିଆ ଦିବସ ପାଳନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହି ଐତିହ୍ୟ କୀର୍ତ୍ତିରାଜୀ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ଏହି ବିଭାଗ ଏହାର ରକ୍ଷଣାବେକ୍ଷଣ ଦିଗରେ ଗୁରୁତ୍ୱ ଦେଉନାହିଁ। ଏହାକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ ଦାବି ହୋଇଥିଲା। ୧୯୯୨ ରୁ ୧୯୯୪ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଗଡ଼ର ପୁନରୁଦ୍ଧାର କରି ଉତ୍କଳ ଦିବସରେ ରାଜ୍ୟସ୍ତରୀୟ ପାଇକ ସମରୋହ କରାଯାଇଥିଲା। ରାଜ୍ୟ ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏହି ଆଲୋଚନାଚକ୍ରରେ ଖବରଦାତା ଲଳିତ ମହାପାତ୍ର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ସାନପଦରକୁ ହରାଇ ମହାବୀର ବିଜୟୀ

**ବୋଲଗଡ଼,୨୬।୧୧(ଡି.ଏନ୍.ଏ.)**

## ରାଇଜିଂ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳି କଲେଜ ଖେଳପଡ଼ିଆରେ ଚାଲିଥିବା ରାଇଜିଂ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ସାନପଦର ଟିମ୍‌କୁ ହରାଇ ପିମ୍ପଲର ମହାବୀର କ୍ଲବ ବୀଜୟୀ ହୋଇଛି। ମହାବୀର କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ସାନପଦର ଟିମ୍ ୯ ଓଭର ୪ଟି ବଲ ଖେଳି ୪୪ ରନ କରି ଅଲଆଉଟ ହୋଇଯାଇଥିଲା। ୧୦୯ ରନ ବ୍ୟବଧାନରେ ମହାବୀର କ୍ଲବ ବିଜୟୀ ହୋଇଥିଲା। ବାଟନ ନାୟକ ଓ ମାନସ ନାୟକ ଏହି ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥି ଭାବେ ଦେଉଳି ସ୍ଥିତ ରଘୁନାଥ ଜୁନିୟର କଲେଜର କ୍ରୀଡ଼ା ଶିକ୍ଷକ ବରବଦୁଲ୍ଲା ଖାଁ ଯୋଗଦେଇଥିଲେ। ସୁନୀଲ କୁମାର ସାହୁ ଓ ଉମେଶ କୁମାର ନାୟକ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ‘ରବି ରାୟ ଥିଲେ ସାମ୍ୟବାଦୀ ସେବକ’

**ବାଲିପାଟଣା,୨୬।୧୧(ଡି.ଏନ୍.ଏ.)**

ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟଙ୍କ ୯୫ତମ ଜୟନ୍ତୀ ସମାରୋହ ଜନ୍ମସ୍ଥାନ ଭଅଁରାଗଡଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ରବି ରାୟ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ.ଅବଦୁଲ ଓସିଦ ଖାଁ ଯୋଗଦେଇ ରବି ରାୟ ଜଣେ ସାମ୍ୟବାଦୀ ସେବକ ଥିଲେ ବୋଲି କହିଥିଲେ। ତାଙ୍କ ରାଜନୈତିକ ଜୀବନରେ ସେ ସାଲିସ ବିହୀନ ନେତା ଥିଲେ। ସେହିପରି ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର କହିଥିଲେ, ତାଙ୍କ ଭଳି ସାଧାରଣ ଜୀବନଯାପନ କରିଥିବା ରାଜନେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶର ଅନେକ ଉପକାର କରିହେବ। କବି ବିପିନ ମହାନ୍ତି ଅତିଥିଭାବେ ଯୋଗଦେଇ କହିଥିଲେ, ରବି ରାୟ ଗାଁ ଓ ଓଡ଼ିଆ ଭାଷାର ପୂଜାରୀ ଥିଲେ। ଅନ୍ୟତମ ଅତିଥିଭାବେ ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସାମାଜିକ କର୍ମୀ ରମେଶ ଚନ୍ଦ୍ର ସାହୁ ଓ ମନୋରଞ୍ଜନ ରାୟ ଯୋଗଦେଇଥିଲେ। ଜାତୀୟ ସ୍ତରରେ ସରକାରୀଭାବେ ରବି ରାୟଙ୍କ ଜୟନ୍ତୀ ପାଳନ କରାଯିବାକୁ ଆଗାମୀ ଦିନରେ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି। ରବି ରାୟ ସ୍ମୃତି ସଂସଦ ସମ୍ପାଦକ ଭଗବାନ ସାହୁ ବାର୍ଷିକ ବିବରଣୀ, କୋଷାଧ୍ୟକ୍ଷ ସୁରେଶ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା। ତାଙ୍କର ଏକ ପ୍ରତିମୂର୍ତ୍ତି ବନମାଳିପୁରସ୍ଥିତ ଗୋପବନ୍ଧୁ ପାଠାଗାର ଠାରେ ସ୍ଥାପନ ପାଇଁ ସ୍ଥିର ହୋଇଥିଲା।

# ‘ବିଭିନ୍ନତାରେ ଏକତା ପାଇଁ ନାଗରିକ ବିବେକବାନ ହୁଅନ୍ତୁ’

**ବୋଲଗଡ଼,୨୬।୧୧(ଡି.ଏନ୍.ଏ.)**

ସମ୍ବିଧାନ ଦିବସ ପାଳନ ଅବସରରେ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଭାରତୀୟ ସମ୍ବିଧାନ ବିଭିନ୍ନତା ମଧ୍ୟରେ ଏକତାର ବିବେକ ରକ୍ଷକ ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ମିନୁସ୍ ମଲ୍ଲିକ ପୌରୋହିତ୍ୟ କରିଥିଲେ। ଅଧ୍ୟାପିକା ଲିପିକା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଡ. ବି.ଆର୍. ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଗାନ ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ପରେ ସମ୍ବିଧାନର ମୁଖବନ୍ଧକୁ ଉପସ୍ଥିତ ଅତିଥି, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ପାଠ କରିଥିଲେ। ମଧ୍ୟପ୍ରଦେଶ ଅମରକଣ୍ଟକସ୍ଥିତ ଇନ୍ଦିରାଗାନ୍ଧୀ ଜାତୀୟ ଉପଜାତି ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ଡ.ନରୋତ୍ତମ ଗାଆଣ ମୁଖ୍ୟ ଅତିଥି ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଭିଜିଟିଂ ଫ୍ୟାକ୍‌ଲ୍‌ଟି ତଥା ଗବେଷଣାଚକ୍ରର ସଭାପତି ଡ.ବିଜୟ ବହିଦାର୍ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସଚେତନ ନାଗରିକଙ୍କ ବିବେକପୂର୍ଣ୍ଣ ଆଚରଣ ରାଷ୍ଟ୍ରୀୟ ମୂଳମନ୍ତ୍ର ‘ବିଭିନ୍ନତାରେ ଏକତା’କୁ ସୁରକ୍ଷିତ ରଖିପାରିବ ବୋଲି କହିଥିଲେ। ଏହି ଅବସରରେ ଅଧ୍ୟାପିକା ରୂପେଲି ସାହୁଙ୍କ ଆବାହକତ୍ୱରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ପ୍ରଶାନ୍ତ ବେହେରା ଓ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ରୂପେଲି ସୁବୁଦ୍ଧିଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ରଶ୍ମିରାଣୀ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।




ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଅଭିନେତ୍ରୀ କଙ୍ଗନାଙ୍କ ଅପମାନ ସୂଚକ ମନ୍ତବ୍ୟ ପ୍ରତିବାଦରେ ଅଖିଳ ଭାରତୀୟ ସ୍ୱତନ୍ତ୍ର ସେନାନୀ ଓ ଉତ୍ତରାଧିକାରୀ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଭାରତ ସ୍କାଉଟ୍ସ ଓ ଗାଇଡ୍ସ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ।







୨୬ ନଭେମ୍ବର କୃଷକ ଆନ୍ଦୋଳନ ଓ ଶ୍ରମିକ ଧର୍ମଘଟର ଏକବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ କୃଷକ-ଶ୍ରମିକଙ୍କ ବିକ୍ଷୋଭ ଶୋଭାଯାତ୍ରା। ଏଆଇଏସ୍‌ଏଫ୍ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୭ ନଭେମ୍ବର, ୨୦୨୧

**ସ୍ତ୍ରୀଙ୍କୁ ନିର୍ଯାତନା ସହ ହତ୍ୟା ଉଦ୍ୟମ: ସ୍ୱାମୀ ଗିରଫ**

ପୁରୀ ଅଫିସ: ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଗୌଡ଼ବାଡ଼ ସାହିର ବିଶ୍ୱନାଥ ସାହୁଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ତାଙ୍କୁ ସ୍ୱାମୀ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରୁଛନ୍ତି ବୋଲି ବିଶ୍ୱନାଥଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୧୧।୨୦୨୧

| ୩,୭୫,୩୦୨ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୪.୪୫୦ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ,ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ପୁରୀ ଜିଲା ଓଡ଼ିଶା କର୍ମଚାରୀ ମହାମଞ୍ଚର ସାଧାରଣ ବୈଠକ, ଶରଧା ମଣ୍ଡପ ବଡ଼ଶଙ୍ଖ, ପୂର୍ବାହ୍ନ ୧୧ଟା।
- ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁସ୍ତକ ଉନ୍ମୋଚନ, ପୁରୁଷୋତ୍ତମ ବାଟିକା, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ବେଆଇନ ଘେରି କରି ୨ ଗିରଫ

ବ୍ରହ୍ମଗିରି,୨୬।୧୧(ଡି.ଏନ୍.ଏ.): ବ୍ରହ୍ମଗିରି ତହସିଲ ଅଧୀନ ଚିଲିକାରେ ବେଆଇନ ଘେରି କରିବା ନେଇ ବ୍ରହ୍ମଗିରି ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ସାନବଳଭଦ୍ରପୁରର ପୂର୍ଣ୍ଣଚନ୍ଦ୍ର ଜାଲି ଓ ଈଶ୍ୱର ଗଡେଇ। ଏ ନେଇ ପୋଲିସ ଏକ ମାମଲା(ନଂ. ୨୫୩/୨୧) ରୁଜୁ କରିଛି। ପ୍ରକାଶଥାଉ କି ଚିଲିକାରେ ବେଆଇନ ଘେରି ଯୋଗୁ ଚିଲିକା ଜବରଦଖଲ ବଢ଼ିଯାଇଛି। ଏହି ଘେରିମୁକ୍ତ ପାଇଁ ପ୍ରଶାସନ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଛି। ପୂର୍ବରୁ ଜବରଦଖଲକାରୀଙ୍କୁ ତାଗିଦ୍ କରାଯାଉଥିବା ବେଳେ ଏବେ ଜବରଦଖଲକାରୀଙ୍କ ନାମରେ ମାମଲା ରୁଜୁ କରି ଗିରଫ କରୁଛି । ବ୍ରହ୍ମଗିରି ତହସିଲଦାର କାହ୍ନୁଚରଣ ଘଡେଇଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏହି ମାମଲା ରୁଜୁ କରିଛି।

### 'ଗରିବ, ଅସହାୟଙ୍କ ସେବା କର'

ପୁରୀ ଅଫିସ, ୨୬।୧୧: କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ ପକ୍ଷରୁ ୬୦ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳନ ଅବସରରେ ଶୁକ୍ରବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥ ଜିଡିସିର ଫାର୍ମାକୋଲୋଜି ପ୍ରଫେସର ଡ. କ୍ଷିରୋଦ ବିହାରୀ ସାଠୁଆ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ୟୁପିଏଚ୍‌ସି ମେଡିକାଲ ଅଫିସର ଡା. ସୁନୀଲ ତରାଇ ଏବଂ ସମ୍ମାନିତ ଅତିଥି ଭାବେ କଲେଜ ଚେୟାରମ୍ୟାନ ଅନିମା ଦାଶ, ପ୍ରାଧାପକ ରଞ୍ଜନ କୁମାର ଜେନା ଏବଂ ଡ. ଚିନ୍ମୟ କେଶରୀ ସାହୁ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ଗରିବ ଓ ଅସହାୟଙ୍କ ସେବା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ କୁଇଜ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପକ ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ଅସିତ କୁମାର ଷଡ଼ଙ୍ଗୀ ଏବଂ ଅଧାପିକା ସୁନୀତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧାପକ ସିଦ୍ଧେଶ୍ୱର ପାଢୀଯୋଶୀ ଧନ୍ୟବାଦ ଦେଇଥିଲେ।

# ଏ ବର୍ଷ ହେବନି ଯାତ୍ରା, ମିନାବଜାର

## କୋଣାର୍କ ଉତ୍ସବ ସମନ୍ୱୟ ବୈଠକ

କୋଣାର୍କ,୨୬।୧୧(ଡି.ଏନ୍.ଏ.)



ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ ।

ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଟିଡିସିର ମିଳିତ ଆନୁକୂଲ୍ୟରେ କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତଭିତ୍ତିକ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଅନୁଷ୍ଠିତ ହେବ। ହେଲେ ଚଳିତବର୍ଷ କରୋନା ସଂକ୍ରମଣ ଭୟ ଦୂର ହୋଇ ନ ଥିବାରୁ କଟକଣା ଅନୁଯାୟୀ ଉତ୍ସବରେ ଯାତ୍ରା ଓ ମିନାବଜାରକୁ ପ୍ରଶାସନ ପକ୍ଷରୁ ବାତିଲ କରାଯାଇଛି। ଏଥିନିମନ୍ତେ ଶୁକ୍ରବାର ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଜିଏମ ଶାନ୍ତନୁ ମହାନ୍ତି, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ଏବଂ ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। କୋଭିଡ୍ ଗାଇଡଲାଇନ ଅନୁଯାୟୀ ଏହି ଉତ୍ସବ ସମୟରେ ପାର୍କିଂ, ପରିମଳ, ଟ୍ରାଫିକକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଇନଶୃଙ୍ଖଳା, ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ବିଭାଗ, ପୂର୍ତ୍ତ ବିଭାଗ, ପିଏଚ୍‌ଡି ଓ ଏଏସ୍‌ଆଇ ଆଦି ବିଭାଗକୁ ସୁଚାରୁରୂପେ କାର୍ଯ୍ୟ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ସମୟରେ ଚନ୍ଦ୍ରଭାଗା ମେଳାପଡ଼ିଆରେ ବାଇକ୍ ଓ କାର ପାର୍କିଂ ମ୍ୟୁଜିୟମ ପରିସରରେ ରହିବ। ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀ ଚାଲିବ। ବୈଠକ ଶେଷରେ ଜିଲାପାଳ ମୁକ୍ତାକାଶ ରଙ୍ଗମଞ୍ଚ, ଚନ୍ଦ୍ରଭାଗା ବେଳାଭୂମିର ସ୍ଥିତି ଅନୁଧ୍ୟାନ କରିଥିଲେ। ଚଳିତବର୍ଷ କୋଭିଡ୍ କଟକଣାରେ ସମସ୍ତ ନିୟମ ମାନି ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବ ସଫଳତାର ସହିତ ଶେଷ ହେବ ବୋଲି ସୂଚନା ଦେଇଛନ୍ତି ଜିଲାପାଳ ବର୍ମା। ଶେଷରେ ଜିଲା ପର୍ଯ୍ୟଟନ ଅଧିକାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।



କଟକ ଶହୀଦ ଭବନରେ ଶୁକ୍ରବାର ଅନୁଷ୍ଠିତ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# 'ଜଟିଳତାକୁ ଆନନ୍ଦରେ ପରିବର୍ତ୍ତିତ କରିଥାଏ ନୃତ୍ୟ'

## ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

କଟକ ଅଫିସ,୨୬।୧୧



ନୃତ୍ୟଗୁରୁ ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ କରୁଛନ୍ତି।

ସ୍ରଷ୍ଟା ହେଉଛନ୍ତି ନର୍ତ୍ତକ ଓ ସୃଷ୍ଟି ହେଉଛି ନୃତ୍ୟ । ନର୍ତ୍ତକ ଓ ନୃତ୍ୟ, ସ୍ରଷ୍ଟା ଓ ସୃଷ୍ଟି ପରସ୍ପରଠାରୁ କେବେହେଲେ ଅଲଗା ହୋଇପାରିବେ ନାହିଁ। ନୃତ୍ୟଦ୍ୱାରା ମାନବୀୟ ଚେତନା ବ୍ରହ୍ମାଣ୍ଡୀୟ ଚେତନା ସହ ମିଳନ ହୋଇଥାଏ। ଜୟଦେବଙ୍କ ଗୀତଗୋବିନ୍ଦ, କାଳି ଦାଶଙ୍କ କୁମାର ସମ୍ଭବ କିମ୍ବା ବେଦବ୍ୟାସଙ୍କ ଦ୍ୱାରା ରଚିତ ଭାଗବତର ଗୋପୀ ଗୀତରେ ଏହାର ଅନୁଭବ କରିହେବ। ସେଥିପାଇଁ ଗୀତ ବିଚାର, ଭାବନାକୁ ନିୟନ୍ତ୍ରିତ କରିବା ସହ ଶୁଦ୍ଧତା ପ୍ରଦାନ କରିଥାଏ। ଜୀବନରେ ଥିବା ଜଟିଳତା, ସମସ୍ୟା, ପରାଜୟ, ବାଧାବିଘ୍ନକୁ ନୃତ୍ୟ ଆନନ୍ଦରେ ପରିବର୍ତ୍ତିତ କରିଥାଏ ବୋଲି ଶୁକ୍ରବାର କଟକ ସହିଦ ଭବନରେ ଆୟୋଜିତ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ରାଜ୍ୟପାଳ ଗଣେଶୀ ଲାଲ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ନୃତ୍ୟଶିଳ୍ପୀ ଗୁରୁ ମୀରା ଦାସଙ୍କ ଆହ୍ୱାନରେ ଏହି ଉତ୍ସବ ୨୪ ବର୍ଷ ଧରି ପାଳିତ ହୋଇଆସୁଛି। ଚଳିତ ବର୍ଷ ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନ ପକ୍ଷରୁ ରଜତ ଜୟନ୍ତୀ ସମାରୋହ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ଜଗନ୍ନାଥ ମଙ୍ଗଳମ୍ ଓ ଝିନ୍‌ଝୋଟି ପଲ୍ଲବୀ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ଗୁଞ୍ଜନର କୁନି କଳାକାରମାନେ ଦର୍ଶକଙ୍କୁ ଗୁରୁବନ୍ଦନା ଭେଟି ଦେଇଥିଲେ । ଉତ୍ସବରେ ଗୁଞ୍ଜନର ସମ୍ପାଦକ ମୀରା ଦାସ, ସଭାପତି ଗାୟତ୍ରୀ ଦାସ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।

# ମହାପ୍ରଭୁଙ୍କ ପାଇଁ ଆସିଲା ପୋଢୁଆଁ ଭାର

ପୁରୀ ଅଫିସ, ୨୬।୧୧:

ପ୍ରଥମାଷ୍ଟମୀରେ ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥ ପୋଢୁଆଁ ହେବେ। ଏଥିପାଇଁ ମହାପ୍ରଭୁଙ୍କ ମାମୁଘର ବୋଲି ଦାବି କରୁଥିବା କଟକର ନିଆଳି ଶ୍ରୀମାଧବାନନ୍ଦ ଜୀଉ ମନ୍ଦିରରୁ ଶୁକ୍ରବାର ପୋଢୁଆଁ ଭାର ପୁରୀ ଆସିଛି। ମାଧବାନନ୍ଦ ଜୀଉ ବିକାଶ ପରିଷଦ ପକ୍ଷରୁ ନିଆଳି ମାଧବ ମନ୍ଦିରରୁ ଏହି ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଘିଅ, ଚନ୍ଦନ କାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ, ନୂଆ ଲୁଗା ସମେତ ଗୋପାଳବଲ୍ଲଭ ପାଇଁ ଫଳମୂଳ, ତୁଳସୀ ଓ ପଦ୍ମଫୁଲ ମାଳ ମଧ୍ୟ ଆସିଛି। ନିଆଳିରୁ ପ୍ରଭୁ ମାଧବାନନ୍ଦ ଜୀଉଙ୍କ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସମେତ ପରିଷଦର ସଦସ୍ୟମାନେ ଏହି ଭାର ଆଣି ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରୁ ଶୋଭାଯାତ୍ରାରେ ସେବକ ଓ ଭକ୍ତମାନେ ପତାକା ସହ ପାଇକ ଆଖଡ଼ା, ରାମତାଳି, ଲଉଡ଼ି ପ୍ରଭୃତି ପାରମ୍ପରିକ ବାଦ୍ୟନୃତ୍ୟ ଏବଂ ସଂକୀର୍ତ୍ତନ ମଣ୍ଡଳୀଙ୍କ ସଂକୀର୍ତ୍ତନରେ ସେମାନଙ୍କୁ ଶ୍ରୀମନ୍ଦିର ଅଭିମୁଖେ ପାଛୋଟି ଅଣାଯାଇଥିଲା। ଏହି ସମୟରେ ଶ୍ରୀକ୍ଷେତ୍ରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଭାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦିଆଯାଇଥିଲା। ମଙ୍ଗଳା ପୁରାଣରେ ମହାପ୍ରଭୁଙ୍କ ମାମୁଘର ନିଆଳିର ମାଧବାନନ୍ଦ ଜୀଉ ବୋଲି ଉଲ୍ଲେଖ ରହିଛି। ପୂର୍ବରୁ ପଢୁଆଁ ଭାର ଆସୁଥିଲା। ତେବେ କେତେକ ସମସ୍ୟା ଯୋଗୁ ଏହା ଆସି ପାରି ନ ଥିଲା। ଗତ ୨୦୧୯ ମସିହାରେ ସ୍ଥାନୀୟ ଲୋକେ ଏକାଠି ହୋଇ ପୁଣି ଏହି ପରମ୍ପରା ଆରମ୍ଭ କରିଛନ୍ତି। ଚଳିତବର୍ଷ ଏହି ଭାର ତୃତୀୟ ବର୍ଷରେ ପହଞ୍ଚିଛି। ଅନ୍ୟପକ୍ଷରେ ଏଭଳି କିଛି ପରମ୍ପରା ନ ଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍‌ରେ ଏହି ପଢୁଆଁ ପରମ୍ପରା ଓ ମାଧବାନନ୍ଦ ଜୀଉ ମହାପ୍ରଭୁଙ୍କ ମାମୁଘର ବୋଲି କିଛି ଉଲ୍ଲେଖ ନାହିଁ। ଏଣୁ ଭକ୍ତମାନେ ଦାନ ଦେବା ହିସାବରେ ଏହି ସବୁ ସାମଗ୍ରୀ ରଖାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଛୁରିରେ ଯୁବକଙ୍କ ତଣ୍ଟି କାଟିଲେ

ଡେଲାଙ୍ଗ,୨୬।୧୧(ଡି.ଏନ୍.ଏ.)

ଡେଲାଙ୍ଗ ଥାନା ଅଧୀନ ପ୍ରହରାଜପୁର ଗ୍ରାମରେ ଜଣେ ଯୁବକଙ୍କୁ ଛୁରିରେ ତଣ୍ଟି କାଟି ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ମଙ୍ଗୁଳି ନାୟକ ଓ ଅନ୍ୟ କେତେଜଣ ବ୍ୟକ୍ତି ପୋଖରୀକୁ ଗାଧୋଇବା ପାଇଁ ଯାଉଥିଲେ। ପୋଖରୀରେ ଆଗରୁ ଥିବା ସେହି ଗ୍ରାମର ମୁରଲୀ ବେହେରା ଏମାନଙ୍କୁ ଦେଖି ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲା। ମଙ୍ଗୁଳି ବିରୋଧ କରିବାରୁ ଉତ୍ତକ୍ଷିପ୍ତ ହୋଇ ମୁରଲୀ ତାଙ୍କୁ ଆକ୍ରମଣ କରିବା ସହ ଏକ ଛୁରି ବାହାର କରି ବେକକୁ କାଟି ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ମଙ୍ଗଳିଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ମଙ୍ଗୁଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ମଙ୍ଗୁଳିଙ୍କ ପିଉସୀ ପୁଅ ଭାଇ ଶଙ୍କର୍ଷଣ ସାହୁ ଥାନରେ ଅଭିଯୋଗ କରିଛନ୍ତି।

## ଏସିଡ୍ ପିଇ ବୃଦ୍ଧା ମୃତ

ବ୍ରହ୍ମଗିରି,୨୬।୧୧(ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ଶୁକ୍ରବାର ସକାଳୁ ଜଣେ ବୃଦ୍ଧା ଏସିଡ୍ ପିଇ ମୃତ୍ୟୁବରଣ କରିଛନ୍ତି। ମୃତା ହେଲେ ଉକ୍ତ ଗ୍ରାମର ଚୁନି ମହାରଣା(୬୫)। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୃଦ୍ଧା ଜଣକ ଶୁକ୍ରବାର ପୂର୍ବାହ୍ନରେ ଘରେ ଥିବାବେଳେ କୌଣସି କାରଣକୁ ନେଇ ଘରେ ଥିବା ଏସିଡ୍ ପିଇ ଦେଇଥିଲେ। ପରିବାର ଲୋକ ଜାଣିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ପରିବାର ଲୋକେ କହିଛନ୍ତି।

## ବଟି ମାଗି ଯୁବକ ଗିରଫ

ପୁରୀ ଅଫିସ, ୨୬।୧୧:

ବଟିଆଦାୟ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ବାଲିନୋଳିଆ ସାହିର ବି. ବିଶ୍ୱନାଥ ରାଓ(୨୬)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଏକ ଛୁରି ଓ ୨୨୦ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୨୪୯/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ, ଗୁରୁବାର ବିଶ୍ୱନାଥ ଚୈତନ୍ୟ ଛକ ନିକଟରେ ସ୍ଥାନୀୟ ଦୋକାନୀ ଓ ଧୀବରମାନଙ୍କଠାରୁ ବଟି ମାଗୁଥିବା ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ନିମାପଡ଼ା କୋର୍ଟରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ଉନ୍ମୋଚିତ

ନିମାପଡ଼ା,୨୬।୧୧(ଡି.ଏନ୍.ଏ.)

ଭାରତୀୟ ସମ୍ବିଧାନର ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ନିମାପଡ଼ା କୋର୍ଟ ପରିସରରେ ଭର୍ଚୁଆଲ ମାଧ୍ୟମରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ଓ ସମ୍ବିଧାନର ଧାରା ୩୯ (କ) ଉନ୍ମୋଚିତ ହୋଇଯାଇଛି। ସୁପ୍ରିମକୋର୍ଟର ବିଚାରପତି ଏସ୍.ରବୀନ୍ଦ୍ରଭଟ୍ଟ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ.ଏସ୍. ମୁରଲୀଧରଙ୍କ ଦ୍ୱାରା ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋର୍ଟ ପରିସରରେ ଆୟୋଜିତ ସମାରୋହରେ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ ଲୋକନାଥ ସାହୁ, ସବଜଜ୍ ପୂଜା ଷଡ଼ଙ୍ଗୀ, ମୁନସିଫ ସୁଦେଷ୍ଣା ପଟ୍ଟନାୟକ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫ୍‌ସି) ସମୀକ୍ଷା ମହାନ୍ତି, ସରକାରୀ ଆଇନଜୀବୀ ପ୍ରବୋଧ ପରିଡ଼ା, ନିମାପଡ଼ା ବାର୍ ଆସୋସିଏଶନ ସଭାପତି ଅଭିମନ୍ୟୁ ସ୍ୱାଇଁ, ସମ୍ପାଦକ ଶୈଳେନ୍ଦ୍ର ସାହୁ ଓ ବହୁ ଆଇନଜୀବୀ ଯୋଗଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁବାଷ



@ ଭୀମସେନ୍



@ ଅନିଲ



@ ସ୍ମରଣିକା



@ ଦୀପକ



@ ବୁଦ୍ଧନାଥ

# ସୁପାରିସ କଲେ ରେଳମନ୍ତ୍ରୀ

## ପୁରୀ ରେଳଷ୍ଟେଶନ ନାମ ପରିବର୍ତ୍ତନ ପ୍ରସଙ୍ଗ

ପୁରୀ ଅଫିସ,୨୬।୧୧:

ପୁରୀ ରେଳଷ୍ଟେଶନ ନାମ 'ଶ୍ରୀଜଗନ୍ନାଥ ଧାମ ପୁରୀ ରେଳଷ୍ଟେଶନ' କରାଯିବା ପାଇଁ ଦାବି ଜୋର୍ ଧରିଥିବାବେଳେ ଏ ନେଇ ପ୍ରକ୍ରିୟା ଜାରି ରହିଛି। ଗତ ୧୮ ତାରିଖରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏ ନେଇ କେନ୍ଦ୍ର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ଦିଆଯାଇଥିଲା। ଏବେ ଏହାର ପ୍ରତିଉତ୍ତରରେ ଶ୍ରୀଜଗନ୍ନାଥ ସେନାର ରାଷ୍ଟ୍ରୀୟ କାର୍ଯ୍ୟାଳୟକୁ ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନାମରେ ଏକ ଚିଠି ଆସିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସଙ୍ଗରେ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ଦର୍ଶାଇଛନ୍ତି। ସେହିପରି ରେଳମନ୍ତ୍ରୀ ବୈଷ୍ଣବ ଶ୍ରୀଜଗନ୍ନାଥ ଧାମ ପୁରୀ ରେଳଷ୍ଟେଶନ ନାମକରଣ ପାଇଁ ପଦକ୍ଷେପ ନେବାକୁ ସୁପାରିସ କରିଛନ୍ତି ବୋଲି ଦାୟିତ୍ୱରେ ଥିବା ବିଭାଗକୁ ଚିଠି ନମ୍ବର–୬୪୩/୨୯୦୭ରେ ଅବଗତ କରାଯାଇଛି। ପୁରୀ ରେଳଷ୍ଟେଶନ ନାମକୁ ପରିବର୍ତ୍ତନ କରିବା ପାଇଁ ଗତ ଅକ୍ଟୋବର ୧୮ରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ରେଳମନ୍ତ୍ରୀଙ୍କ ଏହି ଚିଠି ପରେ ପୁରୀ ରେଳଷ୍ଟେଶନ ନାମ ପରିବର୍ତ୍ତନ ହେବାର ସମ୍ଭାବନା ବଢ଼ିଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପୁରୀର ପରିଚୟକୁ ସୁଦୂର ପ୍ରସାର କରିବା ଉଦ୍ଦେଶ୍ୟରେ ରେଳଷ୍ଟେଶନ ନାମ ଆଗରେ ଶ୍ରୀଜଗନ୍ନାଥ ଧାମ ଯୋଡ଼ିବାକୁ ଦାବିପତ୍ର ଦିଆଯାଇଥିଲା। ସମ୍ପ୍ରତି ଦାବି ପୂରଣ ହେବା ଦ୍ୱାରା ଖୁସି ଲାଗୁଛି। ମହାପ୍ରଭୁଙ୍କ କରୁଣାରୁ ଏଭଳି ହେବା ସମ୍ଭବପର ହୋଇପାରିଲା।



ଶନିବାର ପ୍ରଥମାଷ୍ଟମୀରେ ମହାପ୍ରଭୁ ପୋଢୁଆଁ ହେବେ। ଏଥିପାଇଁ ମହାପ୍ରଭୁଙ୍କ ମାମୁଘର କୁହାଯାଉଥିବା କଟକର ନିଆଳି ଶ୍ରୀମାଧବାନନ୍ଦ ଜୀଉ ମନ୍ଦିର ପକ୍ଷରୁ ଶୁକ୍ରବାର ପୁରୀରେ ଆସି ପହଞ୍ଚିଥିବା ପୋଢୁଆଁ ଭାର।



ପୁରୀସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ ପକ୍ଷରୁ ଶୁକ୍ରବାର ୬୦ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ କୁଇଜ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।



ଭାରତୀୟ ସମ୍ବିଧାନର ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ନିମାପଡ଼ା କୋର୍ଟ ପରିସରରେ ଭର୍ଚୁଆଲରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ଓ ଧାରା ୩୯(କ) ଉନ୍ମୋଚନ କରାଯାଉଛି।

## ସିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ପୁରୀ ଅଫିସ:** ବିଭିନ୍ନ ଦାବି ନେଇ ପୁରୀ ଜିଲା ଇଷ୍ଟକୋଷ୍ଟ ରେଲୱେ ଠିକା ଶ୍ରମିକ ୟୁନିୟନ ପକ୍ଷରୁ ସ୍ଥାନୀୟ ରେଳଷ୍ଟେଶନସ୍ଥିତ ସିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣାକୁ ଶୁକ୍ରବାର ପ୍ରତ୍ୟାହାର କରିନିଆଯାଇଛି। କର୍ମଚାରୀଙ୍କର ଇପିଏଫ୍ ଦାଖଲ ନ ହେବା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, କରୋନା ସହାୟତା, ବୋନସ୍, ସର୍ବନିମ୍ନ ମଜୁରି ଓ ବକେୟା ଦରମା ପ୍ରଦାନ ଦାବିରେ ଗତ ଏକମାସ ହେବ ଧାରଣା ଚାଲିଥିଲା। ତେବେ ସଂଘର ସଭାପତି ଶ୍ରୀକାନ୍ତ ପରିଜା, ସାମାଜିକକର୍ମୀ ପବିତ୍ର ମୋହନ ଦଳାଇ, କର୍ମଚାରୀ ନେତା ଦେବାଶିଷ ସାମଲ, ପ୍ରଭାକର ଜେନା ଏବଂ ବପୁ ହାତୀ ପ୍ରମୁଖ ସିଡିଓଙ୍କ ସହିତ ଆଲୋଚନା କରିଥିଲେ। ଦାବି ପୂରଣ ପାଇଁ ସିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।



# ବିଶ୍ୱସ୍ତରୀୟ ହେଉଛି ଏସ୍‌ସିବି: ମୁଖ୍ୟମନ୍ତ୍ରୀ





କନ୍‌କ୍ଲେଭରେ ଭର୍ଚୁଆଲରେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ (ଉପର) ଏବଂ ମଞ୍ଚରେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

**କଟକ ବଡ଼ ମେଡିକାଲର ପ୍ଲାଟିନମ ଜୁବିଲି**

- ଗ୍ଲୋବାଲ କନ୍‌କ୍ଲେଭ କାର୍ଯ୍ୟକ୍ରମ
- ୯୬ ଲକ୍ଷ ପରିବାର ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ

କଟକ ଅଫିସ,୨୬।୧୧

ରାଜ୍ୟର ସ୍ୱାସ୍ଥ୍ୟସେବାକୁ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ସୁଦୃଢ଼ କରାଯାଇଛି। ଏଥିପାଇଁ ରାଜ୍ୟରେ ଆରମ୍ଭ କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲୋକଙ୍କୁ ସାମିଲ କରାଯାଉଛି। ଏଥିସହ ମୋର ସ୍ୱପ୍ନ ଯେ, କୌଣସି ବ୍ୟକ୍ତି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେପରି ଅନ୍ୟ ରାଜ୍ୟକୁ ଯିବାକୁ ନ ପଡ଼େ, ସେଥିଲାଗି କଟକରେ ଥିବା ବଡ଼ ମେଡିକାଲକୁ ବିଶ୍ୱସ୍ତରୀୟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ(ଏସ୍‌ସିବି) ମହାବିଦ୍ୟାଳୟରେ ଆୟୋଜିତ ଏକ କନକ୍ଲେଭରେ ଯୋଗଦେଇ କହିଛନ୍ତି।

୭୫ ବର୍ଷର ଗୌରବମୟ ଗାଥାକୁ ସ୍ମରଣ କରି କଟକ ବଡ଼ ମେଡିକାଲ କଲେଜ ତାହାର ପ୍ଲାଟିନମ ଜୁବିଲି ପାଳନ କରୁଛି। ଏହି ଅବସରରେ ଶୁକ୍ରବାର କଲେଜ ପକ୍ଷରୁ ଏକ ଗ୍ଲୋବାଲ କନକ୍ଲେଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନକ୍ଲେଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଡ଼ିତ ହୋଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଏସ୍‌ସିବି ମେଡିକାଲ କଲେଜର ପ୍ରତିଷ୍ଠାତା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କଲେଜର ଗୌରବ ଗାଥା ଦୋହରାଇଥିଲେ। ସେ କହିଥିଲେ, ଏସ୍‌ସିବିର ଛାତ୍ରୀଛାତ୍ର ଏବେ ସାରା ବିଶ୍ୱର ବିଭିନ୍ନ ମେଡିକାଲରେ ସେବା ଯୋଗାଇ ଏସ୍‌ସିବିକୁ ଗୌରବାନ୍ୱିତ କରିଛନ୍ତି। ଏସ୍‌ସିବି ଆଲୁମନିସାରା ବିଶ୍ୱରେ ନିଜର ନିଃସ୍ୱାର୍ଥପର ସେବା ଯୋଗାଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏସ୍‌ସିବି ଡାକ୍ତରଗଣ ରାଜ୍ୟ ତଥା ରାଜ୍ୟ ବାହାର ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଆସୁଛନ୍ତି। ସେଥିପାଇଁ ଏସ୍‌ସିବିକୁ ବିଶ୍ୱସ୍ତରୀୟ କରିବା ଦିଗରେ ଆମର ପ୍ରଚେଷ୍ଟା ଜାରି ରହିଛି। ମେଡିକାଲ କେୟାରରେ ଏସ୍‌ସିବି ଯେପରି ଦେଶରେ ଏକ ନମ୍ବର ହୋଇପାରିବ ସେଥିପ୍ରତି ଆମେ ପ୍ରୟାସ ଜାରି ରଖିବା।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟରେ ୫୦ ବର୍ଷ ପୂର୍ବରୁ ମାତ୍ର ୩ଟି ମେଡିକାଲ କଲେଜ ଥିବାବେଳେ ଏବେ ୮ଟି ରହିଛି। ଯାହା ସରକାରଙ୍କ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ କେତେ ପ୍ରୟାସ ରହିଛି ତାହା ସୂଚାଉଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏସ୍‌ସିବିର ଏକ ମେମେଣ୍ଟୋକୁ ଉଦ୍‌ଘାଟନ କରିବା ସହ ଏସ୍‌ସିବିର ସୋଭେନିରକୁ ଉନ୍ମୋଚନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ.ପାଣ୍ଡିଆନ ମଧ୍ୟ ଭର୍ଚୁଆଲରେ ଉପସ୍ଥିତ ଥିଲେ। ଉତ୍ସବରେ ଅନ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କହିଥିଲେ, ରାଜ୍ୟରେ ଜଣେ ବି ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହେବେ, ଏହା ଆମର ପ୍ରୟାସ। ତେବେ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଡା. ପ୍ରଫେସର ନିର୍ମଳ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଶା ସ୍କିଲ ଡେଭେଲପମେଣ୍ଟ ଅଧ୍ୟକ୍ଷ ସୁବ୍ରତ ବାଗଚୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ମନ୍ତ୍ରୀ ପ୍ରତାପ ଜେନା ଓ ପ୍ରିନ୍‌ସିପାଲ ସେକ୍ରେଟାରି ଅଶୋକ ମିଶ୍ରା ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିର ପରିକ୍ରମା ପାଇଁ ହୁଇଲ ଚେୟାର ବ୍ୟବସ୍ଥା

**ପୁରୀ ଅଫିସ, ୨୬।୧୧:** ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ସାମାଜିକ ଅନୁଷ୍ଠାନ ସେଣ୍ଟର ଫର ଆକ୍ସନ ପକ୍ଷରୁ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ରାଧାବଲ୍ଲଭ ମଠ ନିକଟରେ ଏହି ହୁଇଲ ଚେୟାର ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିମାନେ ଯେଭଳି ସହଜରେ ଶ୍ରୀମନ୍ଦିର ପରିକ୍ରମା କରିପାରିବେ ସେଥିଲାଗି କୋଲକାତାର ଡି. ରେସିଡେନ୍ସ ସହଯୋଗରେ ସେଣ୍ଟର ଫର ଆକ୍ସନ ପକ୍ଷରୁ ନିଶୁଳ୍କ ଭାବେ ୧୦ଟି ହୁଇଲ ଚେୟାର ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଦଇତାପତି ବିନାୟକ ଦାସମହାପାତ୍ର, ଶ୍ରୀମନ୍ଦିର ନିରାପତ୍ତା ଅଧିକାରୀ କୌଶକୀ ନାୟକ, ଅନୁଷ୍ଠାନର ସଭାପତି ନିରଞ୍ଜନ ରଥ, ସମ୍ପାଦକ ଅନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୟ ସାହୁ, ଜୟଦୀପ ସେନ୍, ଜୟନାରାୟଣ ପଟ୍ଟନାୟକ, ବିଶ୍ୱଜିତ ସେନାପତି, ଶ୍ୟାମ ସୁନ୍ଦର ମହାପାତ୍ର ଓ ତପନ ମୁଖାର୍ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶିକ୍ଷା ଦ୍ୱାରା ମଣିଷର ଗତିପଥ ବଦଳେ

**ଗୋପ,୨୬।୧୧(ଡି.ଏନ୍.ଏ.):** ଶିକ୍ଷା ଏପରି ଏକ ଶବ୍ଦ ତାହା ମଣିଷର ଭବିଷ୍ୟତକୁ ପରିବର୍ତ୍ତନ କରି ଦେଇଥାଏ, ସମୟ ଏପରି ଆସେ ତାହା ମଣିଷ ଗତିପଥକୁ ବଦଳାଇ ଦେଇଥାଏ ବୋଲି ଶୁକ୍ରବାର ଗୋପ ବ୍ଲକ ଅଧୀନ ପୟରାସ୍ଥିତ ନୀଳକଣ୍ଠେଶ୍ୱର ନୋଡାଲ ସ୍କୁଲ ପରିସରରେ ଆୟୋଜିତ ପୂର୍ବତନ ପ୍ରଧାନଶିକ୍ଷକ ସୁଧାଂଶୁ ନାୟକଙ୍କ ଅବସରପ୍ରାପ୍ତକାଳୀନ କାର୍ଯ୍ୟକ୍ରମରେ ଗୋପ ବ୍ଲକ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଦାଶ କହିଥିଲେ। ଜିଲା ଶିକ୍ଷକ ସଂଘ ସଭାପତି ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାୟକ, ଶିବଦତ୍ତ ନାୟକ, ଅଚ୍ୟୁତାନନ୍ଦ ପ୍ରଧାନ, ମିଲନ କୁମାର ସେନାପତି, ଶେଖ ମକସୁଦ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଧାନ ଶିକ୍ଷକ ସୁଧାଂଶୁ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

**କୋଣାର୍କ,୨୬।୧୧(ଡି.ଏନ୍.ଏ.):** ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ନୂଆଗାଁ ପରିସରରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ବାଲିଘାଇସ୍ଥିତ କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇ ନର୍ସିଂ ପୁରୀ ପକ୍ଷରୁ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥିଭାବେ ପ୍ରଫେସର ଡ. ଅମିୟକାନ୍ତ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁ ଅଧକ୍ଷତା କରିଥିଲେ। ଶିବିରରେ ଶତାଧିକ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ନେଇଥିଲେ। କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ରଞ୍ଜନ ଜେନା, ପ୍ରଫେସର ଦେବାଶିଷ ମହାପାତ୍ର, ପ୍ରଫେସର ସୁନିତା ମିଶ୍ର, ପ୍ରଧାନ ଶିକ୍ଷକ ବାଲୁଙ୍କେଶ୍ୱର ବାରିକ,ବିନୋଦିନ ତ୍ରିପାଠୀ,କୋଣାର୍କ ମେଡିକାଲର ଆୟୁଷ ଡା.ବିଦ୍ୟୁଭୂଷଣ ନାୟକ, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଶିଷ ସାଥୁଆ, ଜଗନ୍ନାଥ ସାହୁ, ଅନୁରାଗ ଦତ୍ତ, ମୋହନ ସାହୁ, ଦିଲୀପ ନାୟକ, ନିହାର ରଞ୍ଜନ ସାହୁ, ଉମେଶ କୁମାର ପ୍ରମୁଖ ପରିଚାଳନା କରିଥିଲେ।

## ୪ ଦଫା ଦାବିରେ ବିକ୍ଷୋଭ, ଶୋଭାଯାତ୍ରା

ପୁରୀ ଅଫିସ, ୨୬।୧୧

ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ଶୋଭାଯାତ୍ରା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମିଳିତ ମଞ୍ଚ ପକ୍ଷରୁ ମୋଚିସାହି ଛକଠାରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଉତ୍ପାଦିତ ଶସ୍ୟର ସହାୟକ ମୂଲ୍ୟ ପାଇଁ ଆଇନ ପ୍ରଣୟନ, ୪ଟି ଶ୍ରମ କୋର୍ଡ ପ୍ରତ୍ୟାହାର ଏବଂ ବିଦ୍ୟୁତ ବିଲ୍ ୨୦୨୦କୁ ଅଚଳ କରାଯିବା ଦାବିରେ ବିକ୍ଷୋଭ କରାଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ବିକ୍ଷୋଭରେ ଶ୍ରମିକ ନେତା ଜଗନ୍ନାଥ ଦେଓ, ବ୍ରଜବନ୍ଧୁ ପ୍ରଧାନ, ମୋହନ ନାୟୁଡୁ, ଜିତେନ୍ଦ୍ରୀୟ ବେହେରା, ଶରତ ରାୟଗୁରୁ, ଶ୍ରୀକାନ୍ତ ପରିଜା, ପ୍ରଦୀପ ମହାନ୍ତି, ମନୋଜ ପରିଡ଼ା, ହରିହର ସେନାପତି, ପ୍ରତାପ ଚିନାରା, ଗୋବିନ୍ଦ ନାୟକ, ଟୁନା ନାୟକ, ବାହନ ପରିଡ଼ା ଏବଂ ଦେବବ୍ରତ ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ସରକାର ଯଦି ତୁରନ୍ତ ୪ ଶ୍ରମ ଆଇନ ବାତିଲ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମିଳିତ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନର ୧ ବର୍ଷ ପୂର୍ତ୍ତି ଅବସରରେ ବିଜୟ ଉତ୍ସବ ପାଳନ କରାଯାଇଛି।

## ମୁକ୍ତା ଯୋଜନାରେ ନିମାପଡ଼ାକୁ ୩.୯୧କୋଟି ଅନୁମୋଦନ

ନିମାପଡ଼ା,୨୬।୧୧(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସିର ବିକାଶ ପାଇଁ ବିଭିନ୍ନ ୱାର୍ଡରେ ୪୫ଟି ନୂତନ ପ୍ରକଳ୍ପ ନିର୍ମାଣ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁକ୍ତା ଯୋଜନାରେ ୩ କୋଟି ୯୧ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅବସରରେ ଚାରିଛକଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଜଣାଇଛନ୍ତି। ଏନ୍‌ଏସି ଭିତ୍ତିଭୂମିର ବିକାଶ ନିମନ୍ତେ ଆର୍ଥିକ ଅନୁମୋଦନ ବ୍ୟବସ୍ଥା ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ସ୍ଥାନୀୟ ଏନ୍‌ଏସି ଅଞ୍ଚଳର ଜନସାଧାରଣ ଖୁସିବ୍ୟକ୍ତ କରିଛନ୍ତି। ସମ୍ମିଳନୀରେ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ସନାତନ ପ୍ରଧାନ, ପୂର୍ବତନ କାଉନସିଲର ସନ୍ତୋଷ ଓଝା, ଯୁବନେତା ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇ ନିମାପଡ଼ା ଏନ୍‌ଏସିର ବିକାଶ ପାଇଁ ଏହି ପଦକ୍ଷେପ ନିଆଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷେ ଏହି ମୁକ୍ତା ଯୋଜନାରେ ୨୦୨୦-୨୧, ୨୦୨୧-୨୨ ଦୁଇ ବର୍ଷ ମଧ୍ୟରେ ୮୨ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ମିଳିଛି। ଏହି ଅନୁଦାନରେ ମାଇକ୍ରୋ ଆକ୍ଟିଭିଟି ସେଣ୍ଟର ଗୃହ, ୪୨ଟି ବର୍ଷାଜଳ ଅମଳ ପ୍ରକଳ୍ପ, ୨ଟି ପରିଚୟ ଗୃହ, ଖାଲି ଜାଗାର ଉନ୍ନତୀକରଣ କାର୍ଯ୍ୟ ସମେତ ୬୨ଟି ନୂତନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୪୯ଟି ନୂତନ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବା ମୁକ୍ତା ଯୋଜନା ଦାୟିତ୍ୱରେ ଥିବା ସିଟି ମିଶନ ମ୍ୟାନେଜର ଶୁଭ୍ରଜିତ ସେନାପତି, କନିଷ୍ଠ ଯନ୍ତ୍ରୀ ରତିକେଶ ରତ୍ନପର୍ଣ୍ଣା ନାୟକ, ପ୍ରୋଗ୍ରାମ କୋଅର୍ଡିନେଟର ରୋହନ ରାକେଶ ରାୟ ପ୍ରମୁଖ କହିଛନ୍ତି। କାର୍ଯ୍ୟ ଚାଲିଥିବା ଅବଶିଷ୍ଟ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ଅଧିକାରୀମାନେ କହିଛନ୍ତି।





କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପ୍ଲାଟିନମ୍ ଜୁବିଲି ପାଳନ ଅବସରରେ ଶୁକ୍ରବାର ଅଧକ୍ଷଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଶୋଭାଯାତ୍ରା।

## ସମ୍ବିଧାନର ମର୍ଯ୍ୟାଦା ରକ୍ଷା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୨୬।୧୧

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଶୁକ୍ରବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଡା. ଜଗବନ୍ଧୁ ମିଶ୍ର ଅଧକ୍ଷତା କରିଥିଲେ। ସେ ସମ୍ବିଧାନର ମର୍ଯ୍ୟାଦା ରକ୍ଷା ସହ ସୁନାଗରିକ ଭାବେ ଦେଶର ଏକତା ଓ ସଂସ୍କୃତିର ସୁରକ୍ଷା ପାଇଁ ଆଗେଇ ଅସିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ୟୁଥ୍ ରେଡ୍‌କ୍ରସ କାଉନସିଲର ତଥା କର୍ମକାଣ୍ଡ ବିଭାଗ ମୁଖ୍ୟ ଡ. ରବିଶଙ୍କର ମିଶ୍ର ଯୋଗଦେଇ ମୌଳିକ କର୍ତ୍ତବ୍ୟ ଓ ମୌଳିକ ଅଧିକାରଗୁଡ଼ିକର ସାମ୍ବିଧାନିକ ଉପଯୋଗ ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡା. ହରପ୍ରିୟା ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଭାରତୀୟ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଜାତୀୟ କର୍ତ୍ତବ୍ୟ ପ୍ରତି ପ୍ରତିବଦ୍ଧ ରହିବା ପାଇଁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡା. ପ୍ରକାଶ କୁମାର ଶତପଥୀ, ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ବିସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଚାଉଳର ମାନ ନିର୍ଣ୍ଣୟ ସମ୍ପର୍କିତ କର୍ମଶାଳା

ପୁରୀ ଅଫିସ,୨୬।୧୧

ଭାରତୀୟ ଖାଦ୍ୟ ନିଗମ ପକ୍ଷରୁ ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଖରିଫ ବିପଣନ ଋତୁ ୨୦୨୧-୨୨ ପାଇଁ କେନ୍ଦ୍ର ସରକାରଙ୍କ ଧାନ ସଂଗ୍ରହ ନୀତି ଓ ମାନ ନିୟନ୍ତ୍ରଣ ସଂକ୍ରାନ୍ତ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଧାନ ସଂଗ୍ରହରେ ଯୋଗାଣ ବିଭାଗ ଓ ସମବାୟ ବିଭାଗର ଅଧିକାରୀ, କ୍ଷେତ୍ର କର୍ମଚାରୀ, ଚାଷୀ ଓ ମିଲର ପ୍ରତିନିଧିମାନେ ଯୋଗଦେଇଥିଲେ। ଭାରତୀୟ ଖାଦ୍ୟ ନିଗମର ମଣ୍ଡଳ ପ୍ରବନ୍ଧକ ରାମଫୁଲ ମୀନା ଓ ସହପ୍ରବନ୍ଧକ ଇନ୍ଦ୍ରଜିତ୍ ପ୍ରମୁଖ ଧାନ ସଂଗ୍ରହ ବିଧି ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତାଙ୍କ ତତ୍ତ୍ୱାବଧାନରେ କର୍ମଶାଳା ପରିଚାଳିତ ହୋଇଥିଲା। ଚାଉଳ ସଂଗ୍ରହ ସମୟରେ କିଭଳି ମାନ ଓ ମୂଲ୍ୟକୁ ନିଶ୍ଚିତ କରାଯିବ, ରାସାୟନିକ ପରୀକ୍ଷା ଦ୍ୱାରା କିପରି ଅରୁଆ ଚାଉଳର ବୟସ ନିର୍ଦ୍ଧାରଣ କରାଯିବ ସେସମ୍ପର୍କରେ ସୂଚନା ଦିଆଯାଇଥିଲା। ଦେଶକୁ କୁପୋଷଣରୁ ରକ୍ଷା କରିବା ପାଇଁ ନିମ୍ନମାନର ଚାଉଳଠାରୁ ଦୂରରେ ରହିବାକୁ ପଡ଼ିବ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଛି। ଲୌହସାର, ଫଲିକ୍ ଏସିଡ୍ ଏବଂ ଭିଟାମିନ ବି' କେତେ ପରିମାଣର ମିଶ୍ରିତ ହେବା ଦ୍ୱାରା ଚାଉଳ ଉନ୍ନତ ମାନର ବୋଲି ଗ୍ରହଣୀୟ ହେବ ଓ ଏହାର ସୁପ୍ରଭାବ ଖାଦକ ଉପରେ ପଡ଼ିବ ସେସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀମାନେ ମତ ରଖିଥିଲେ। ଏହି କର୍ମଶାଳାରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡା, ସହକାରୀ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ମହାପାତ୍ର, ସମସ୍ତ ପ୍ରୋକ୍ୟୁରମେଣ୍ଟ ଇନ୍ସପେକ୍ଟର, ମାର୍କେଟିଂ ଇନ୍ସପେକ୍ଟର, କ୍ୱାଲିଟି ଆନାଲିଷ୍ଟ ଏବଂ ସମବାୟ ବିଭାଗ ଅଧିକାରୀ, କ୍ଷେତ୍ର କର୍ମଚାରୀ, ମିଲର ଓ ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଭାରତୀୟ ସମ୍ବିଧାନ ଦେଶର ଗୌରବ

ସାକ୍ଷୀଗୋପାଳ/ଡେଲାଙ୍ଗ, ୨୬।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ସମ୍ମାନ ବିଭାଗ ପକ୍ଷରୁ ଶୁକ୍ରବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ରତିକାନ୍ତ ପରିଡ଼ା କାର୍ଯ୍ୟକ୍ରମର ସଭାପତିତ୍ୱ କରି ଭାରତୀୟ ସମ୍ବିଧାନ ଆମ ଦେଶର ଗୌରବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ର. ଧରଣୀଧର ପ୍ରଧାନ ଯୋଗଦେଇ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ଅଧ୍ୟାପକ ଅମରନାଥ ପାଲ, ସମ୍ମାନ ଶ୍ରେଣୀର ନୀଳମଣି ପଣ୍ଡା, ପ୍ରିୟଦର୍ଶିନୀ ଜେନା ଓ ସ୍ମୃତିରେଖା ସ୍ୱାଇଁ ଉପସ୍ଥିତ ଥିଲେ। ପ୍ରଫେସର ସୁଜାତା ମହାପାତ୍ର ବେଦପାଠ କରିଥିଲେ। ବିଭାଗର ମୁଖ୍ୟ ପ୍ରଫେସର ରତ୍ନାକର ସାହୁ ସଂଯୋଜନା କରିଥିଲେ। ରାଜକିଶୋର ପତି ଧନ୍ୟବାଦ ଦେଇଥିଲେ। ନଳିନୀ ଲୋଚନ ଦାଶ, କଳ୍ପନା ମହାପାତ୍ର, ସ୍ୱର୍ଣ୍ଣଲତା ମହାରୀ, ଶୁଭ୍ରଦୀପ୍ତା ପଟ୍ଟନାୟକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଡେଲାଙ୍ଗସ୍ଥିତ ଗାଦିବ୍ରହ୍ମ ମହାବିଦ୍ୟାଳୟ ପରିସରରେ ରେଡ୍‌କ୍ରସ ୟୁନିଟ ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ.ସରୋଜ ପଣ୍ଡାଙ୍କ ସଭାପତିତ୍ୱରେ ବିଡିଓ ଦିଲୀପ ଷଡଙ୍ଗୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରତିକାନ୍ତ ସାହୁ, ଶିକ୍ଷକ ପବିତ୍ର ମୋହନ ଜେନା ପ୍ରମୁଖ ଯୋଗଦେଇ ସମ୍ବିଧାନର ବୈଶିଷ୍ଟ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ରେଡ୍‌କ୍ରସ ପରାମର୍ଶଦାତା ତଥା ଅଧ୍ୟାପକ ତ୍ରିନାଥ ପରିଡା, ଡ.ଲକ୍ଷ୍ମୀଧର ପାଇକରାୟ, ପ୍ରମୋଦିନୀ ମହାପାତ୍ର, କବିତା ମିଶ୍ର, ଭବାନୀ ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ସହଯୋଗ କରିଥିବା ବେଳେ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଅଧିକାଂଶ ଦିନ ବନ୍ଦ ରହୁଛି ସବ୍‌ରେଜିଷ୍ଟ୍ରି ଅଫିସ

କଣାସ, ୨୬।୧୧(ସ୍ୱ.ପ୍ର.)

ଜନସାଧାରଣ ଯେପରି ସହଜରେ ଜମିବାଡ଼ି ସଂକ୍ରାନ୍ତୀୟ କାଗଜପତ୍ର ପ୍ରସ୍ତୁତ କରିପାରିବେ ସେଥିପାଇଁ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ତହସିଲ ଓ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲିଛନ୍ତି। କଣାସରେ ୨୦୦୦ ମସିହାରେ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲାଯାଇଥିଲା। ପୂର୍ବରୁ କଣାସ ଅଞ୍ଚଳବାସୀ ଜମିବାଡ଼ି କ୍ରୟବିକ୍ରୟ ପାଇଁ ସତ୍ୟବାଦୀ ଓ ପୁରୀ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିଲେ। କଣାସରେ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲିବା ପରେ ଉତ୍ତମ ସେବା ମିଳିବ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଥିଲେ। ମାତ୍ର ଏହି ଆଶା ମଉଳି ଯିବାକୁ ବସିଛି। କାରଣ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ସପ୍ତାହକୁ କେବଳ ଦୁଇଦିନ ମଙ୍ଗଳ ଓ ଶୁକ୍ରବାର ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦୁଇଦିନ ସରକାରୀ ଛୁଟି ପଡ଼ିଲେ କିମ୍ବା ରାଜସ୍ୱ ବିଭାଗର କୌଣସି ବୈଠକ ହେଲେ କାର୍ଯ୍ୟାଳୟ ବନ୍ଦ ରହୁଛି। କଣାସ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ ବର୍ଷକୁ ୧୨ଶହରୁ ଊର୍ଦ୍ଧ୍ୱ ଜମିକିଣା ଦଲିଲ ହେଉଥିବା ବେଳେ ସପ୍ତାହକୁ ଦୁଇଦିନ ଖୋଲାଯାଉଛି। ଏହା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏଥିପ୍ରତି ରାଜସ୍ୱ ମନ୍ତ୍ରୀ ଦୃଷ୍ଟି ଦେବାକୁ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ ଓ ଶ୍ରୀକାନ୍ତ ପଟ୍ଟଯୋଶୀଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।





ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଅଭିନେତ୍ରୀ କଙ୍ଗନାଙ୍କ ଅପମାନ ସୂଚକ ମନ୍ତବ୍ୟ ପ୍ରତିବାଦରେ ଅଖିଳ ଭାରତୀୟ ସ୍ୱତନ୍ତ୍ର ସେନାନୀ ଓ ଉତ୍ତରାଧିକାରୀ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଭାରତ ସ୍କାଉଟ୍ସ ଓ ଗାଇଡ୍ସ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ।









୨୬ ନଭେମ୍ବର କୃଷକ ଆନ୍ଦୋଳନ ଓ ଶ୍ରମିକ ଧର୍ମଘଟର ଏକବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଟ୍ରେଡ୍ ୟୁନିଅନ ମିଳିତ ମଞ୍ଚ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ କୃଷକ-ଶ୍ରମିକଙ୍କ ବିକ୍ଷୋଭ ଶୋଭାଯାତ୍ରା। ଏଆଇଏସ୍ଏଫ୍ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

## ୧୭ ପ୍ରକଳ୍ପ ଉଦ୍‌ଘାଟିତ

ଆଠଗଡ଼,(ସ୍ୱ.ପ୍ର.) ଆଠଗଡ଼ ବ୍ଲକ ଅନ୍ତର୍ଗତ ରାଜନଗର ପଞ୍ଚାୟତରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୧୭ଟି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏସବୁ ପ୍ରକଳ୍ପ ପାଇଁ ୬୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଏସବୁ ପ୍ରକଳ୍ପ ମଧ୍ୟରେ ଗୋଟିଏ ବିଦ୍ୟାଳୟ, ୨ଟି ଅଙ୍ଗନୱାଡ଼ି କେନ୍ଦ୍ର, ସାହି କୋଠଘର, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରମୁଖ ରହିଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜାନକୀଲତା ନାଏକ, ବଳଭଦ୍ର ବାଘ, ମହେନ୍ଦ୍ର ପରିଡ଼ା,କ୍ଷୀରୋଦ ସାହୁ, ଅଶୋକ କୁମାର ରାଉତ, ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କଠାରୁ ସୁନା, ଟଙ୍କା ଲୁଟ: ୨ ଅଟକ

କଣ୍ଟାପଡା, ୨୬।୧୧(ଡି.ଏନ.ଏ.)- ଓଲଟପୁର ଥାନା ଅଧୀନ ଅଡଶପୁର ବଜାରରୁ ଶୁକ୍ରବାର ଜଣେ ମହିଳାଙ୍କଠାରୁ ୮୦ ହଜାର ଟଙ୍କା ଓ ୫ଭରି ଓଜନର ସୁନାଗହଣା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ ଜଣ ଯୁବକଙ୍କୁ ଅଟକ ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ, ନିଆଳି ଥାନା ଏରଞ୍ଚ ଗ୍ରାମର ପ୍ରତିମାରାଣୀ ସେନାପତି ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ଅଡଶପୁରସ୍ଥିତ କାନାରା ବ୍ୟାଙ୍କରୁ ୮୦ ହଜାର ଟଙ୍କା ଓ ୫ଭରି ଓଜନର ସୁନାଗହଣା ଆଣି ଏକ ବ୍ୟାଗରେ ରଖିଥିଲେ। ପରେ ଔଷଧ କିଣିବାକୁ ନିକଟସ୍ଥ ଦୋକାନକୁ ଯାଉଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ଦ୍ୱୟ ଏକ ବାଇକରେ ଆସି ଟଙ୍କା ଓ ଅଳଙ୍କାର ଭର୍ତ୍ତି ବ୍ୟାଗ ତାଙ୍କଠାରୁ ଛଡାଇ ନେଇଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ସେଠାରେ ଥିବା ଲୋକମାନେ ଲୁଟେରା ଦ୍ୱୟଙ୍କୁ କାବୁ କରିଥିଲେ। ହେଲେ ପ୍ରବଳ ଗହଳି ଥିବାରୁ ଲୁଟେରା ଦ୍ୱୟ ଉକ୍ତ ବ୍ୟାଗକୁ ଫିଙ୍ଗି ଦେଇଥିଲେ। ଫଳରେ ପୋଲିସ ଲୁଟ୍ ଜିନିଷ ଓ ଟଙ୍କା ଜବତ କରିପାରିନାହିଁ। ଏ ସମ୍ପର୍କରେ ପ୍ରତିମାରାଣୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୫/୨୧) ରୁଜୁ କରିଛି।

### ୨ ବଖରା ଜଳିଗଲା

ଖୁଣ୍ଟୁଣୀ, ୨୬।୧୧(ଡି.ଏନ.ଏ.)- ଆଠଗଡ଼ ବ୍ଲକ ଅଧୀନ କୋତର ଶବର ସାହିରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷ୍ମୀ ଦେହୁରୀଙ୍କ ୨ ବଖରା ଜଳିଯାଇଛି। ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସ୍ଥାନୀୟ ଆର୍‌ଆଇ ମନୋଜ ସାହୁ ବିପନ୍ନ ମହିଳାଙ୍କୁ ପଲିଥିନ ଦେବା ସହ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ସରକାରୀ ସହାୟତା ମିଳିବ ବୋଲି ଆରଆଇ କହିଛନ୍ତି।

### ବୀରେନ ମିତ୍ରଙ୍କ ଜୟନ୍ତୀ ପାଳିତ

କଟକ ଅଫିସ, ୨୬।୧୧- ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଜୟନ୍ତୀ ମିଶନ ରୋଡସ୍ଥିତ ମିତ୍ରଙ୍କ ପ୍ରତିମୂର୍ତ୍ତିଠାରେ ପାଳନ କରାଯାଇଛି। ସଂଘର କର୍ମକର୍ତ୍ତାମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗାପ୍ରସାଦ ଛାଟୋଇ, ଶ୍ରୀନିବାସ ରେଡ୍ଡୀ, ଦୀପ୍ତିରଞ୍ଜନ ପଟ୍ଟନାୟକ, ସୁବାସ ପ୍ରଧାନ, ମନୁ ଛଟୋଇ ଉପସ୍ଥିତ ଥିଲେ।

### ଶ୍ରୀଜୀଉଙ୍କ ପାଇଁ ପଠାଗଲା ପୋଢୁଆଁ ଭାର

ନିଆଳି,୨୬।୧୧(ଡି.ଏନ୍.ଏ.)- ପ୍ରଥମାଷ୍ଟମୀରେ ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥ ପୋଢୁଆଁ ହେବେ। ଏଥିପାଇଁ ଶ୍ରୀଜୀଉଙ୍କ ମାମୁଁଘର ନିଆଳି ମାଧବାନନ୍ଦଜୀଉ ମନ୍ଦିରରୁ ଶୁକ୍ରବାର ସକାଳେ ସୁସଜ୍ଜିତ ରଥରେ ପୋଢୁଆଁ ଭାର ଶ୍ରୀମନ୍ଦିର ପଠାଯାଇଥିଲା। ଏହି ଭାରରେ ଖଣ୍ଡୁଆପାଟବସ୍ତ୍ର, ବିରି, ଚାଉଳ, ନଡ଼ିଆ, ଘିଅ, ଗୁଡ, ବିଭିନ୍ନ ପ୍ରକାର ଫଳ, ଫୁଲ, ତୁଳସୀ ଓ ପାନ ଆଦି ରହିଛି। ସେଠାରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇ ପୋଢୁଆଁ କରାଯିବ ବୋଲି ମାଧବାନନ୍ଦଜୀଉ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ମାଧବାନନ୍ଦଜୀଉ ମନ୍ଦିର ପରିଚାଳନା ଟ୍ରଷ୍ଟି ଯୋଗେନ୍ଦ୍ର ଦାସ, ତ୍ରିଲୋଚନ ପୁଷ୍ପାଳକ, ନ୍ୟାୟବ୍ରତ ରାଉତ, ପୀତାମ୍ବର ରାଉତ, ଡଲି ରାଉତ, ମଧୁସ୍ମିତା ମଲ୍ଲିକ, ଡା. ଅଧିରାଜ ପରିଡା ପ୍ରମୁଖ ଯୋଗଦେଇଥିଲେ।

# ଭୁବନେଶ୍ୱରରେ ପାର୍କ ପରିଚାଳନା ପାଇଁ ନୂଆ ରଣନୀତି

- ବିଡିଏର ୯ ପାର୍କ ବିଏମ୍‌ସିକୁ ହସ୍ତାନ୍ତର
- କଲୋନୀ ପାର୍କ ସଂଖ୍ୟା ୭୧କୁ ବୃଦ୍ଧି
- ପିପିପି ମୋଡ୍‌ରେ ହେବ ପରିଚାଳନା

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)



ଭୁବନେଶ୍ୱରରେ ପାର୍କର ସୁପରିଚାଳନା ପାଇଁ ସହରାଞ୍ଚଳ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ରଣନୀତି ଆପଣାଇଛନ୍ତି। ପାର୍କଗୁଡ଼ିକର ଆୟତନ ଅନୁସାରେ ଏହାର ଶ୍ରେଣୀଭୁକ୍ତ କରାଯାଇଛି। ଏହି ଅନୁସାରେ ଅଧ ଏକରରୁ କମ୍ ପରିସୀମା ଥିବା ପାର୍କଗୁଡ଼ିକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଏବଂ ଏହାଠାରୁ ଅଧିକ ପରିସୀମା ଥିବା ପାର୍କଗୁଡ଼ିକ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ତତ୍ତ୍ୱାବଧାନରେ ରଖାଯିବ। ଏନେଇ ବିଏମ୍‌ସିର କମିଶନର ତଥା ବିଡିଏର ଉପାଧ୍ୟକ୍ଷ ସଞ୍ଜୟ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ବିଡିଏ ଅଧୀନରେ ଥିବା ୯ଟି ପାର୍କ ବିଏମ୍‌ସିକୁ ହସ୍ତାନ୍ତର କରାଯାଇଛି। ଫଳରେ ବିଏମ୍‌ସି ତତ୍ତ୍ୱାବଧାନରେ ପୂର୍ବରୁ ୬୨ଟି କଲୋନୀ ପାର୍କ ରହିଥିବାବେଳେ ଏବେ ୭୧କୁ ବୃଦ୍ଧି ପାଇଛି। ବିଏମ୍‌ସି ତତ୍ତ୍ୱାବଧାନରେ ପୂର୍ବରୁ ରହିଥିବା ୬୨ କଲୋନୀ ପାର୍କ ମଧ୍ୟରୁ ୨୯ ପାର୍କ ନର୍ଥ ଜୋନ୍‌ରେ, ୧୯ ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ଏବଂ ୧୪ ଦକ୍ଷିଣ-ପୂର୍ବ ଜୋନ୍‌ରେ ରହିଛି। ଏଗୁଡ଼ିକର ପରିଚାଳନା ଗୋଷ୍ଠୀଭିତ୍ତିକ କରାଯାଇ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନର୍‌ସିପ୍ ବା ପିପିପି ମୋଡ୍‌ରେ ସଫଳତା ଲାଭ କରିଛି। ୨୨ଟି ପାର୍କ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପରିଚାଳନାରେ ରହିଥିବାବେଳେ ଏଥିରୁ ୧୮ ପାର୍କ ଅବାସିକ କଲ୍ୟାଣ ସଂଘ ବା ଆର୍‌ଡବ୍ଲ୍ୟୁଏ ମାଧ୍ୟମରେ ପରିଚାଳନା କରାଯାଉଛି। ମାସିକ ପରିଚାଳନା ପାଇଁ ପାର୍କ ପିଛା ସମ୍ପୃକ୍ତ ସଂସ୍ଥାଙ୍କୁ ୧୦ହଜାର ଟଙ୍କା ଲେଖାଏ ଦିଆଯାଉଛି। ଏହି ଅର୍ଥରେ ପାର୍କ ଖୋଲିବା ଓ ବନ୍ଦ କରିବା, ପରିଷ୍କାର ପରିଚ୍ଛନ୍ନ ରଖିବା, ମାଟି କୋଡ଼ାଖୋସା, ଗଛ ଲଗାଇବା, ଜୀବାଣୁନାଶକ ବା କୀଟନାଶକ ପକାଇବା, ଘାସ, ଲଟା ଇତ୍ୟାଦି କାଟିବା ଆଦି କରାଯାଉଛି। ଅନ୍ୟ ମୁଖ୍ୟ ମରାମତି ଓ ପରିଚାଳନା ବିଏମ୍‌ସି ଉପରେ ନ୍ୟସ୍ତ ରହିଛି। ବିଏମ୍‌ସି ଅଧୀନରେ ଥିବା ପାର୍କ ମଧ୍ୟରୁ ୩୬ଟିର ବିକାଶ ଅମୃତ ଯୋଜନା ଅଧୀନରେ କରାଯାଇଛି। ଏବେ ପାର୍କ ସଂଖ୍ୟା ୭୧କୁ ବୃଦ୍ଧି ପାଇଥିବାବେଳେ ପିପିପି ମୋଡ୍‌ରେ ଏସବୁର ପରିଚାଳନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ବୋଲି ବିଏମ୍‌ସିର ଏନ୍‌ଭାଇରନ୍‌ମେଣ୍ଟେ ଅଫିସର ବସନ୍ତ କୁମାର ମଲ୍ଲିକ ଏବଂ ଉଦ୍ୟାନ କୃଷି ଏକ୍ସପର୍ଟ ଗିରିଜା ଭୂଷଣ ଶତପଥୀ କହିଛନ୍ତି। ଅନ୍ୟପକ୍ଷରେ ସହରର ୫୨ଟି ବଡ଼ ପାର୍କର ପରିଚାଳନା ବିଡିଏ ଦ୍ୱାରା କରାଯାଉଛି ଏବଂ ଆଉ ୪ଟି ପାର୍କ ନିର୍ମାଣଧୀନ ରହିଛି ବୋଲି ବିଡିଏର ଉଦ୍ୟାନ କୃଷି ମୁଖ୍ୟ ଅଶୋକାନନ୍ଦ ଧର କହିଛନ୍ତି।



କଟକ ଶହୀଦ ଭବନରେ ଶୁକ୍ରବାର ଅନୁଷ୍ଠିତ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# 'ଜଟିଳତାକୁ ଆନନ୍ଦରେ ପରିବର୍ତ୍ତିତ କରିଥାଏ ନୃତ୍ୟ'

## ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

କଟକ ଅଫିସ,୨୬।୧୧

ସ୍ରଷ୍ଟା ହେଉଛନ୍ତି ନର୍ତ୍ତକ ଓ ସୃଷ୍ଟି ହେଉଛି ନୃତ୍ୟ । ନର୍ତ୍ତକ ଓ ନୃତ୍ୟ, ସ୍ରଷ୍ଟା ଓ ସୃଷ୍ଟି ପରସ୍ପରଠାରୁ କେବେହେଲେ ଅଲଗା ହୋଇପାରିବେ ନାହିଁ। ନୃତ୍ୟଦ୍ୱାରା ମାନବୀୟ ଚେତନା ବ୍ରହ୍ମାଣ୍ଡୀୟ ଚେତନା ସହ ମିଳନ ହୋଇଥାଏ। ଜୟଦେବଙ୍କ ଗୀତଗୋବିନ୍ଦ, କାଳି ଦାଶଙ୍କ କୁମାର ସମ୍ଭବ କିମ୍ବା ବେଦବ୍ୟାସଙ୍କ ଦ୍ୱାରା ରଚିତ ଭାଗବତର ଗୋପୀ ଗୀତରେ ଏହାର ଅନୁଭବ କରିହେବ। ସେଥିପାଇଁ ଗୀତ ବିଚାର, ଭାବନାକୁ ନିୟନ୍ତ୍ରିତ କରିବା ସହ ଶୁଦ୍ଧତା ପ୍ରଦାନ କରିଥାଏ। ଜୀବନରେ ଥିବା ଜଟିଳତା, ସମସ୍ୟା, ପରାଜୟ, ବାଧାବିଘ୍ନକୁ ନୃତ୍ୟ ଆନନ୍ଦରେ ପରିବର୍ତ୍ତିତ କରିଥାଏ ବୋଲି ଶୁକ୍ରବାର କଟକ ସହିଦ ଭବନରେ ଆୟୋଜିତ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ରାଜ୍ୟପାଳ ଗଣେଶୀ ଲାଲ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ନୃତ୍ୟଶିଳ୍ପୀ ଗୁରୁ ମୀରା ଦାସଙ୍କ ଆହ୍ୱାନରେ ଏହି ଉତ୍ସବ ୨୪ ବର୍ଷ ଧରି ପାଳିତ ହୋଇଆସୁଛି। ଚଳିତ ବର୍ଷ ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନ ପକ୍ଷରୁ ରଜତ ଜୟନ୍ତୀ ସମାରୋହ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ଜଗନ୍ନାଥ ମଙ୍ଗଳମ୍ ଓ ଝିନ୍‌ଝୋଟି ପଲ୍ଲବୀ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ଗୁଞ୍ଜନର କୁନି କଳାକାରମାନେ ଦର୍ଶକଙ୍କୁ ଗୁରୁବନ୍ଦନା ଭେଟି ଦେଇଥିଲେ । ଉତ୍ସବରେ ଗୁଞ୍ଜନର ସମ୍ପାଦକ ମୀରା ଦାସ, ସଭାପତି ଗାୟତ୍ରୀ ଦାସ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।



ନୃତ୍ୟଗୁରୁ ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ କରୁଛନ୍ତି।

### ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ ଜବତ, ୨ ଗିରଫ

ଖୁଣ୍ଟୁଣୀ, ୨୬।୧୧(ଡି.ଏନ.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ନୂଆପଟଣା ଗ୍ରାମ ଅନନ୍ତ ବାସୁଦେବ ମଠ ଓ ଗ୍ରାମର ଜଣେ କାଠ ବେପାରୀଙ୍କ ଘରେ ଶୁକ୍ରବାର ବନ ବିଭାଗ ଚଡାଉ କରି ମୂଲ୍ୟବାନ ଶାଗୁଆନ, ଶାଳ, କୁସୁମ ଆଦି କାଠ ଜବତ କରିଛି। ଏହି ଘଟଣାରେ ଉକ୍ତ ମଠ ଅଧିକାରୀ ନାରାୟଣ ପଣ୍ଡା ଓ ନୂଆପଟଣା ଗ୍ରାମର ଦୀପକ ବେହେରାଙ୍କୁ ଗିରଫ କରାଯାଇଛି। ଜବତ କାଠର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର କହିଛନ୍ତି।

### ସାମାଜିକ କର୍ମୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଫୁଲନଖରା,୨୬।୧୧(ଡି.ଏନ.ଏ.)- ବାଲିଅନ୍ତା ଥାନା ଅନ୍ତର୍ଗତ ନଖରା ଗ୍ରାମର ମୁରବି ତଥା ସାମାଜିକ କର୍ମୀ ମାଗୁଣି ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶୁକ୍ରବାର ତାଙ୍କ ବାସଭବନରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ କର୍ପୋରେଟର ଅକ୍ଷୟ ଲେଙ୍କା, ପୂର୍ବତନ ସରପଞ୍ଚ ନଳିନୀ ସ୍ୱାଇଁ, ସାମାଜିକ କର୍ମୀ ଗଣେଶ ପ୍ରସାଦ ଦାଶ, କେଦାରନାଥ ଜେନା, ଗଣେଶ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାଗୁଣିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଗୁଣିଙ୍କ ପୁଅ ଅକ୍ଷୟ ସାହୁ, ଗଜେନ୍ଦ୍ର ସାହୁ, ହେମନ୍ତ ସାହୁ, ପ୍ରଶାନ୍ତ ସାହୁ, ପ୍ରକାଶ ସାହୁ, ଭାସ୍କର ସାହୁ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁବାସ



@ ଭୀମସେନ୍



@ ଅନିଲ



@ ସ୍ମରଣିକା



@ ଦୀପକ



@ ବୁଦ୍ଧନାଥ

# 'ବୀରେନ ମିତ୍ରଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହୁଅନ୍ତୁ'

କଟକ ଅଫିସ, ୨୬।୧୧

ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ୧୦୪ତମ ଜୟନ୍ତୀ ସମାରୋହ ସ୍ଥାନୀୟ ମିଶନ ରୋଡ୍‌ସ୍ଥିତ ବୀରେନ ମିତ୍ର ପାର୍କ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବୀରେନ ମିତ୍ର ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବିରେନ ମିତ୍ରଙ୍କ ଦର୍ଶନ ଅନୁଯାୟୀ ସାଧାରଣ ଲୋକଙ୍କ କଲ୍ୟାଣ ନିମନ୍ତେ ଆଇନ ତିଆରି ହୋଇଛି। ଏହାକୁ ଦୃଷ୍ଟିରେ ରଖି ସମାଜର ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତିର ସାମାଜିକ, ଅର୍ଥନୈତିକ ତଥା ସର୍ବାଙ୍ଗୀନ ବିକାଶ ରାଜନେତାମାନଙ୍କ ମୌଳିକ କର୍ତ୍ତବ୍ୟ ହେବା ବିଧେୟ। ସେହିପରି ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ମିତ୍ର ଜମିଦାର ପରିବାରରୁ ଆସିଥିଲେ ମଧ୍ୟ ଜମିଦାରୀ ପ୍ରଥାର ଉଚ୍ଛେଦ ପାଇଁ ସଂଗ୍ରାମ କରି ସଫଳତା ଲାଭ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ କହିଥିଲେ, ବୀରେନ ମିତ୍ରଙ୍କ ଜୟନ୍ତୀ ରାଜ୍ୟ ଓ ଜିଲାସ୍ତରୀୟ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଦିଚ୍ଛା ସ୍ମରଣୀୟ ହୋଇରହିବ। ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ବୀରେନ ମିତ୍ରଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହୁଅନ୍ତୁ। ଜାତୀୟ ସମ୍ବିଧାନ ଦିବସ ଅବସରରେ ସମ୍ବିଧାନର ସୁରକ୍ଷା ଓ ଅନୁପାଳନ ନିମନ୍ତେ ଅତିଥି ଏବଂ ଛାତ୍ରୀଛାତ୍ରମାନଙ୍କୁ ଜିଲାପାଳ ଚୟନୀ ଶପଥ ପାଠ କରାଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସମାଜର କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ ମହାନ୍ତି, ପୂର୍ବତନ କର୍ପୋରେଟର ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।

### ମନ୍ତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ଉଦ୍‌ଘାଟିତ

ଖୁଣ୍ଟୁଣୀ, ୨୬।୧୧(ଡି.ଏନ.ଏ.)

ଆଠଗଡ଼ ବ୍ଲକ ଡାଳଭାଗ ପଞ୍ଚାୟତର ଚମ୍ପିଆ, ଛେନାଖିଆନୂଆଗାଁ, ଭେଲେଇପଦା ଓ ଡାଳଭାଗ ଗ୍ରାମରେ ଦୀର୍ଘବର୍ଷ ଧରି ନିର୍ମିତ ହୋଇ ପଡିରହିଥିବା ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସରକାରୀ ଉନ୍ନୟନ ପ୍ରକଳ୍ପ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ବେଉରା, ଜିଲା ପରିଷଦ ସଭ୍ୟ କେଶବ ଚନ୍ଦ୍ର ଦଳେଇ, ଜାନକୀଲତା ନାଏକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜାତୀୟ ଫାର୍ମାସୀ ସପ୍ତାହ ପାଳିତ

କଟକ ଅଫିସ, ୨୬।୧୧

ସ୍ଥାନୀୟ ସାଇପର ଫାର୍ମାସୀ ଶିକ୍ଷାନୁଷ୍ଠାନ ପକ୍ଷରୁ ୭ ଦିନ ଧରି ଚାଲିଥିବା ଜାତୀୟ ଫାର୍ମାସୀ ସପ୍ତାହର ଉଦ୍‌ଯାପନ ଉତ୍ସବ ନିଜ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ବଳଙ୍କ ଅଧ୍ୟକ୍ଷତାରେ 'ଫାର୍ମାସିଷ୍ଟ ଆନ ଇଣ୍ଟିଗ୍ରାଲ ପାର୍ଟ ଅଫ ହେଲ୍‌ଥ କେୟାର' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସିଏମ୍‌ସି ଡେପୁଟି କମିଶନର ଲତାଶ୍ରୀ ବାଗ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପରିଚାଳନା କମିଟି ଅଧ୍ୟକ୍ଷା ଡ. ଲିନା ସାମନ୍ତରାୟ, ଅକ୍ଷୟ କୁମାର ବଳ, ପ୍ରଫେସର ବିଶ୍ୱଜିତ୍ ବିଶ୍ୱାଳ, ସୁବୀର ମିତ୍ର, ମୁଖ୍ୟବକ୍ତା ଭାବେ ପବିତ୍ର ମୋହନ ମହାନ୍ତି ଯୋଗଦେଇ ସ୍ୱାସ୍ଥ୍ୟସେବାରେ ଫାର୍ମାସିଷ୍ଟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୌମ୍ୟରଞ୍ଜନ ସାହୁ ସ୍ୱାଗତ ଭାଷଣ, ଜ୍ୟୋତିପ୍ରକାଶ ମିଶ୍ର ଓ ପବିତ୍ର ସାହୁ ଉତ୍ସବ ପରିଚାଳନା, ବିଶ୍ୱଜିତ୍ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ମିତାଲି ନାୟକ, ସ୍ନେହଲତା ଦାସ, ରଜନୀକାନ୍ତ ଧଳ, ରବୀନ୍ଦ୍ର ଜେନା, ଅନନ୍ତ ଜେନା, ବୁଦ୍ଧେଶ୍ୱର ଜେନାଙ୍କ ସମେତ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ଶନିବାର ପ୍ରଥମାଷ୍ଟମୀରେ ମହାପ୍ରଭୁ ପୋଢୁଆଁ ହେବେ। ଏଥିପାଇଁ ମହାପ୍ରଭୁଙ୍କ ମାମୁଘର କୁହାଯାଉଥିବା କଟକର ନିଆଳି ଶ୍ରୀମାଧବାନନ୍ଦ ଜୀଉ ମନ୍ଦିର ପକ୍ଷରୁ ଶୁକ୍ରବାର ପୁରୀରେ ଆସି ପହଞ୍ଚିଥିବା ପୋଢୁଆଁ ଭାର।



ପୁରୀସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ ପକ୍ଷରୁ ଶୁକ୍ରବାର ୬୦ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ କୁଇଜ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।



ଭାରତୀୟ ସମ୍ବିଧାନର ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ନିମାପଡ଼ା କୋର୍ଟ ପରିସରରେ ଭର୍ଚୁଆଲରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ଓ ଧାରା ୩୯(କ) ଉନ୍ମୋଚନ କରାଯାଉଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଆଠଗଡ଼, (ସ୍ୱ.ପ୍ର.): ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଆଠଗଡ଼ ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ବୀରକିଶୋର ପୁରରେ ଶୁଭମ ମେଡିକାଲ ଷ୍ଟୋରର ମାଲିକ ଅମିୟ କୁମାର ନାୟକଙ୍କୁ କଙ୍ଗଡା ସାହିର ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ। ଗୁରୁତର ଅବସ୍ଥାରେ ଅମିୟଙ୍କୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଛି।



## ସଂକ୍ଷେପରେ

### କାରଖାନା କର୍ତ୍ତୃପକ୍ଷ, କର୍ମଚାରୀ ସୁସମ୍ପର୍କ ରଖି କାର୍ଯ୍ୟ କରନ୍ତୁ

ଚୌଦ୍ୱାର,୨୬।୧୧(ଡି.ଏନ୍.ଏ.): ଚୌଦ୍ୱାରସ୍ଥିତ ଇମ୍ଫା ଶିଳ୍ପଗୋଷ୍ଠୀର ୬୦ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ କାରଖାନା ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଆର୍ଥିକ ଅଧିକାରୀ ପ୍ରେମ୍ ଖଣ୍ଡେଲୱାଲ, ଉପସଭାପତି ବିନୟ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ଶିଳ୍ପଗୋଷ୍ଠୀର ପ୍ରତିଷ୍ଠାତା ଡ. ବଂଶୀଧର ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ କାରଖାନାର କର୍ମଚାରୀ ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖି କାର୍ଯ୍ୟ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ କମ୍ପାନୀରେ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିଥିବା ୧୨୯ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଇମ୍ଫାର ମାନବ ସମ୍ବଳ ପ୍ରଶାସନିକ ଅଧିକାରୀ ଜି. ସାରଦା ପ୍ରସାଦ ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେପୁଟି ଜେନେରାଲ ମ୍ୟାନେଜର ଧ୍ରୁବ ଚରଣ ରାଉତ, ଅନୀଲ ଗୋସ୍ୱାମୀ, ସୁଶାନ୍ତ ଲେଙ୍କା, ରସାନନ୍ଦ ପ୍ରଧାନ, ଅକ୍ଷୟ କର, ସନାତନ ସାମଲ, ରାଜେଶ ଦାସ, ଜୟନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୨୩୩୧ ଛାତ୍ରୀଛାତ୍ର ଦେଲେ ନବମ ବୋର୍ଡ ପରୀକ୍ଷା

ବାଙ୍କୀ,୨୬।୧୧(ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ୪୦ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ ବ୍ଲକ ଅନ୍ତର୍ଗତ ୧୬ ବିଦ୍ୟାଳୟର ୧୧୪୩ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିବାବେଳେ ୩୨ଜଣ ଅନୁପସ୍ଥିତ ଥିଲେ। ସେହିପରି ଡମପଡା ବ୍ଲକରେ ୧୧୮୮ଜଣ ପରୀକ୍ଷା ଦେଇଥିବାବେଳେ ୭୧ ଜଣ ଅନୁପସ୍ଥିତ ଥିଲେ। ବାଙ୍କୀ ଓ ଡମପଡ଼ା ଶିକ୍ଷା ବିଭାଗର ବିଇଓ ସନ୍ତୋଷ କୁମାର ସେଠୀ ଉଭୟ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ର କୋଭିଡ୍ କଟକଣାରେ କିପରି ପରୀକ୍ଷା ଦେଉଛନ୍ତି ତାହା ତନଖି କରିଥିଲେ।

### ଜାତୀୟ ଦୁଗ୍ଧ ଦିବସ ପାଳିତ

ଚୌଦ୍ୱାର,୨୬।୧୧(ଡି.ଏନ୍.ଏ.): କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଗ୍ରାହାଟ ପଞ୍ଚାୟତ କୁଜିବର ଗ୍ରାମରେ ଜାତୀୟ ଦୁଗ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ଅଧିକାରୀ ଡ. ସୁଜାତା ସେଠୀ, ଡା. ରଞ୍ଜନ କୁମାର ମହାନ୍ତ, ବିଜୟ କୁମାର ବେହେରା ଯୋଗଦେଇ ମା'ର କକ୍ଷକ୍ଷୀର ଶିଶୁ ପାଇଁ ଅମୃତ ସଦୃଶ କାର୍ଯ୍ୟ କରିଥାଏ ବୋଲି କହିଥିଲେ। ଏଥିରେ ୧୨୭ ଜଣଙ୍କୁ ଦୁଗ୍ଧର ଉପଯୋଗିତା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଶିକ୍ଷାବିତ୍ ବାସୁଦେବ ସାହୁ, ରଣଜିତ୍ ରାଉତ, ଧରିତ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱସ୍ତରୀୟ ହେଉଛି ଏସ୍‌ସିବି: ମୁଖ୍ୟମନ୍ତ୍ରୀ

**କଟକ ବଡ଼ ମେଡିକାଲର ପ୍ଲାଟିନମ ଜୁବିଲି**

■ ଗ୍ଲୋବାଲ କନ୍‌କ୍ଲେଭ କାର୍ଯ୍ୟକ୍ରମ

■ ୯୬ ଲକ୍ଷ ପରିବାର ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ

କଟକ ଅଫିସ,୨୬।୧୧

ରାଜ୍ୟର ସ୍ୱାସ୍ଥ୍ୟସେବାକୁ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ସୁଦୃଢ଼ କରାଯାଇଛି। ଏଥିପାଇଁ ରାଜ୍ୟରେ ଆରମ୍ଭ କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲୋକଙ୍କୁ ସାମିଲ କରାଯାଉଛି। ଏଥିସହ ମୋର ସ୍ୱପ୍ନ ଯେ, କୌଣସି ବ୍ୟକ୍ତି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେପରି ଅନ୍ୟ ରାଜ୍ୟକୁ ଯିବାକୁ ନ ପଡ଼େ, ସେଥିଲାଗି କଟକରେ ଥିବା ବଡ଼ ମେଡିକାଲକୁ ବିଶ୍ୱସ୍ତରୀୟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ(ଏସ୍‌ସିବି) ମହାବିଦ୍ୟାଳୟରେ ଆୟୋଜିତ ଏକ କନକ୍ଲେଭରେ ଯୋଗଦେଇ କହିଛନ୍ତି।

୭୫ ବର୍ଷର ଗୌରବମୟ ଗାଥାକୁ ସ୍ମରଣ କରି କଟକ ବଡ଼ ମେଡିକାଲ କଲେଜ ତାହାର ପ୍ଲାଟିନମ ଜୁବିଲି ପାଳନ କରୁଛି। ଏହି ଅବସରରେ ଶୁକ୍ରବାର କଲେଜ ପକ୍ଷରୁ ଏକ ଗ୍ଲୋବାଲ କନକ୍ଲେଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନକ୍ଲେଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଡ଼ିତ ହୋଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଏସ୍‌ସିବି ମେଡିକାଲ କଲେଜର ପ୍ରତିଷ୍ଠାତା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କଲେଜର ଗୌରବ ଗାଥା ଦୋହରାଇଥିଲେ। ସେ କହିଥିଲେ, ଏସ୍‌ସିବିର ଛାତ୍ରୀଛାତ୍ର ଏବେ ସାରା ବିଶ୍ୱର ବିଭିନ୍ନ ମେଡିକାଲରେ ସେବା ଯୋଗାଇ ଏସ୍‌ସିବିକୁ ଗୌରବାନ୍ୱିତ କରିଛନ୍ତି। ଏସ୍‌ସିବି ଆଲୁମନି ସାରା ବିଶ୍ୱରେ ନିଜର ନିଃସ୍ୱାର୍ଥପର ସେବା ଯୋଗାଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏସ୍‌ସିବି ଡାକ୍ତରଗଣ ରାଜ୍ୟ ତଥା ରାଜ୍ୟ ବାହାର ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଆସୁଛନ୍ତି। ସେଥିପାଇଁ ଏସ୍‌ସିବିକୁ ବିଶ୍ୱସ୍ତରୀୟ କରିବା ଦିଗରେ ଆମର ପ୍ରଚେଷ୍ଟା ଜାରି ରହିଛି। ମେଡିକାଲ କେୟାରରେ ଏସ୍‌ସିବି ଯେପରି ଦେଶରେ ଏକ ନମ୍ବର ହୋଇପାରିବ ସେଥିପ୍ରତି ଆମେ ପ୍ରୟାସ ଜାରି ରଖିବା।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟରେ ୫୦ ବର୍ଷ ପୂର୍ବରୁ ମାତ୍ର ୩ଟି ମେଡିକାଲ କଲେଜ ଥିବାବେଳେ ଏବେ ୮ଟି ରହିଛି। ଯାହା ସରକାରଙ୍କ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ କେତେ ପ୍ରୟାସ ରହିଛି ତାହା ସୂଚାଉଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏସ୍‌ସିବିର ଏକ ମେମେଣ୍ଟୋକୁ ଉଦ୍‌ଘାଟନ କରିବା ସହ ଏସ୍‌ସିବିର ସୋଭେନିରକୁ ଉନ୍ମୋଚନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ.ପାଣ୍ଡିଆନ ମଧ୍ୟ ଭର୍ଚୁଆଲରେ ଉପସ୍ଥିତ ଥିଲେ। ଉତ୍ସବରେ ଅନ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କହିଥିଲେ, ରାଜ୍ୟରେ ଜଣେ ବି ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହେବେ, ଏହା ଆମର ପ୍ରୟାସ। ତେବେ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଡା. ପ୍ରଫେସର ନିର୍ମଳ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଶା ସ୍କିଲ ଡେଭେଲପମେଣ୍ଟ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ଚୈଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ମନ୍ତ୍ରୀ ପ୍ରତାପ ଜେନା ଓ ପ୍ରିନ୍ସିପାଲ ସେକ୍ରେଟାରି ଅଶୋକ ମିଶ୍ରା ପ୍ରମୁଖ ଯୋଗଦେଇଥିଲେ।





କନ୍‌କ୍ଲେଭରେ ଭର୍ଚୁଆଲରେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ (ଉପର) ଏବଂ ମଞ୍ଚରେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

## ସମ୍ବିଧାନ ଦିବସ ପାଳିତ

କଟକ ଅଫିସ/ତିଗିରିଆ, (ଡି.ଏନ୍.ଏ.), ୨୬।୧୧

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ (ଏମ୍ଏଲ୍‌ୟୁ) ପରିସରରରେ ସମ୍ବିଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର କମଲଜିତ୍ ସିଂ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଆସିଷ୍ଟାଣ୍ଟ ପ୍ରଫେସର ସୋମେନ୍ଦ୍ର କୁମାର ଚାଟାର୍ଜୀ, ଶୀତଲ ସିଂ ଦେଓ, ଅନିମେଶ ଜେନା, ଓମ୍ ପ୍ରସାଦ ତ୍ରିପାଠୀ, ଶୁଭମ୍ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ନିଧି ଚୋୱାନ୍ ଧନ୍ୟବାଦ ଦେଇଥିଲେ।

ତିଗିରିଆ କୋର୍ଟପରିସରରେ ଶୁକ୍ରବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଭର୍ଚୁଆଲ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଦାଲତ ସମ୍ମୁଖରେ ଇଂଲିଶ୍ ଏବଂ ଓଡିଆ ଭାଷାରେ ଲେଖାଯାଇଥିବା ସମ୍ବିଧାନର ମୁଖବନ୍ଧ ଓ ୩୯ (କ) ଧାରାର ଫଳକକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଅନାବରଣ କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ରବୀନ୍ଦ୍ର ଭଟ୍ଟ ସମ୍ବିଧାନର ମହତ୍ତ୍ୱ ଓ ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସି.ଆର୍. ଦାସ ଧନ୍ୟବାଦ ଦେଇଥିଲେ। ପରେ ତିଗିରିଆ ଅଦାଲତର ବିଚାରପତି ସୁମିତ୍ରା କୁମାରୀ ଦାସଙ୍କ ଅଧ୍ୟକ୍ଷତାରେ ସମ୍ବିଧାନର ମୁଖବନ୍ଧ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇନଜୀବୀ ମଙ୍ଗଳକୃଷ୍ଣ ଦାସ, ରମେଶ ଚନ୍ଦ୍ର ମାଝି, ଶାନ୍ତନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକଙ୍କ ପ୍ରତି ଅବହେଳା ଅକ୍ଷମଣୀୟ

କଟକ ଅଫିସ, ୨୬।୧୧

ଦେଶ ସ୍ୱାଧୀନତା ପରେ ସମ୍ବିଧାନର ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ କୃଷି ଓ କୃଷକଙ୍କୁ ସୁରକ୍ଷା ଦିଆଗଲାନାହିଁ। ଏଥିସହ ପ୍ରଗତିଶୀଳ ଭୂସଂସ୍କାର ଆଇନକୁ ଆନ୍ତରିକତାର ସହ କାର୍ଯ୍ୟକାରୀ କରାଗଲାନାହିଁ। ଏବେ କର୍ପୋରେଟ ସ୍ୱାର୍ଥସାଧନ ପାଇଁ ଚାଷୀଠୁ ତାର ଜମି ଓ ବୃତ୍ତି ଛଡାଇବାର ଚକ୍ରାନ୍ତ ଚାଲିଛି। କୃଷକ ସମାଜ ଦେଶର ପ୍ରାଣ। ଏଣୁ କୃଷକଙ୍କ ପ୍ରତି ଅବହେଳା ଅକ୍ଷମଣୀୟ ବୋଲି ଗୋରାକବରସ୍ଥିତ ରବି ରାୟ ଏକାଡେମୀ ପରିସରରେ ଆୟୋଜିତ ଆଲୋଚନା ସଭାରେ ମୁଖ୍ୟ ଆଲୋଚକ ଭାବେ ଡ. ବିଶ୍ୱାବସୁ ଦାସ ଯୋଗଦେଇ କହିଥିଲେ। ଏକାଡେମୀ ପକ୍ଷରୁ ଲୋକସଭାର ପୂର୍ବତନ ବାଚସ୍ପତି ତଥା ସମାଜବାଦୀ ଜନନେତା ରବି ରାୟଙ୍କ ୯୫ତମ ଜୟନ୍ତୀ ଓ ସମ୍ବିଧାନ ଦିବସ ପାଳନ ଅବସରରେ 'କୃଷକ ବନାମ କର୍ପୋରେଟ୍' ବିଷୟରେ ଆଲୋଚନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏକାଡେମୀ ସଭାପତି ରାଜୁ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖଗେଶ୍ୱର ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ସତ୍ୟ ରାୟ, ପ୍ରଶାନ୍ତ ଦାସ, ହୁସେନରବି ଗାନ୍ଧୀ, ଲକ୍ଷ୍ମୀ ମହାନ୍ତି, ସି.ବି. ଶାସ୍ତ୍ରୀ, ଦିଗମ୍ବର ମହାପାତ୍ର, ଅକ୍ଷୟ ଦାସ, ସୁକାନ୍ତ ନାୟକ, ଧିରେନ୍ଦ୍ର ପ୍ରତାପ, ଇନ୍ଦୁଭୂଷଣ ବେହେରା, ନିରୋଦ ମହାପାତ୍ର, ପାଭେଲ ପ୍ରିୟଦର୍ଶନ, ସ୍ୱାଧୀନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ତରଞ୍ଜନ ମହାନ୍ତି ସଭା ପରିଚାଳନା ଓ କ୍ଷୀରୋଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।




କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ଲାଟିନମ୍ ଜୁବିଲି ପାଳନ ଅବସରରେ ଶୁକ୍ରବାର ଅଧକ୍ଷଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଶୋଭାଯାତ୍ରା।




କୃଷକ ଆନ୍ଦୋଳନର ଏକ ବର୍ଷ ପୂର୍ତ୍ତି ଅବସରରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ବିକ୍ଷୋଭ।

## ବିଧାୟକଙ୍କ ଦ୍ୱାରା ୧୧ ପ୍ରକଳ୍ପ ଉଦ୍‌ଘାଟିତ

ବାଙ୍କୀ,୨୬।୧୧(ସ୍ୱ.ପ୍ର.)

ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ବାଙ୍କୀ ବ୍ଲକ ଅନୁଆରୀ ପଞ୍ଚାୟତ ବୋତଲମାଠାରେ ଶୁକ୍ରବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବୋତଲମା ଗ୍ରାମକୁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ଗ୍ରାମଭାବେ ଘୋଷଣା କରାଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିବାରୁ ବିଧାୟକ ତ୍ରିପାଠୀ ବିଭାଗକୁ କୃତଜ୍ଞତା ଜଣାଇଥିଲେ। ବିଧାୟକ ପାଣ୍ଠିରୁ ୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପଞ୍ଚାୟତ କାର୍ଯ୍ୟାଳୟକୁ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ଗ୍ରାମ ଯୋଜନାରେ ବୋତଲମା ଗ୍ରାମରେ ୪୫ଲକ୍ଷ ଟଙ୍କା ବ୍ୟୟରେ ୧୦ ପ୍ରକଳ୍ପକୁ ବିଧାୟକ ଉଦ୍‌ଘାଟନ କରି ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ପ୍ରଦୀପ କୁମାର ଶତପଥୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ କଳ୍ପତରୁ ପଣ୍ଡା, ବାଙ୍କୀ ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ସାମନ୍ତ ଅତିଥିଭାବେ ଯୋଗଦେଇଥିଲେ।

## କୃଷକ ଆନ୍ଦୋଳନର ପ୍ରଥମ ବାର୍ଷିକୀରେ ଗଣଧାରଣା

କଟକ ଅଫିସ, ୨୬।୧୧

କୃଷକ ଆନ୍ଦୋଳନର ପ୍ରଥମ ବାର୍ଷିକୀ ଉପଲକ୍ଷେ ସଂଯୁକ୍ତ କୃଷକ ମୋର୍ଚ୍ଚା, ଟ୍ରେଡ୍ ୟୁନିୟନ ଓ ଗଣ ସଙ୍ଗଠନମାନଙ୍କ ମିଳିତ ମଞ୍ଚ ପକ୍ଷରୁ କଟକ କଲେଜ ଛକଠାରେ ଗଣଧାରଣା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆଇଟିୟୁ କଟକ ଜିଲା ସଭାପତି ରବି ନାରାୟଣ ମଲ୍ଲିକ ଯୋଗଦେଇ କହିଥିଲେ, ୭୦୦ରୁ ଉର୍ଦ୍ଧ୍ୱ କୃଷକଙ୍କ ପ୍ରାଣବଳୀ ପରେ କେନ୍ଦ୍ର ସରକାର ୩ଟି କୃଷି ଆଇନ ରଦ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। କୃଷି ଆଇନଗୁଡ଼ିକ ସଂସଦରେ ବିଧିବଦ୍ଧ ଭାବେ ରଦ୍ଦ କରିବା, ସର୍ବନିମ୍ନ ସହାୟକ ମୂଲ୍ୟ ଆଇନ, ବିଦ୍ୟୁତ୍ ସଂଶୋଧନ ବିଲ୍ ଓ ଶ୍ରମ କୋଡ୍ ପ୍ରତ୍ୟାହାର, ପ୍ରାଣବଳୀ ଦେଇଥିବା କୃଷକଙ୍କ ପରିବାରକୁ କ୍ଷତିପୂରଣ ଓ ନିଯୁକ୍ତି ଏବଂ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ମୂଲ୍ୟ ହ୍ରାସ କରିବାକୁ ସେ ଦାବି କରିଛନ୍ତି। ଉକ୍ତ ଦାବିଗୁଡ଼ିକ ପୂରଣ ପାଇଁ ଆସନ୍ତା ବଜେଟ୍ ଅଧିବେଶନ ସମୟରେ ହେବାକୁ ଥିବା ଦୁଇଦିନିଆ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଗଣଧାରଣାରେ ମଧୁସୂଦନ ପତି, କିଶୋର ଜେନା, ରାଜକିଶୋର ମଲ୍ଲିକ, ବିଜୟ ଭୂଷଣ ପତି, ଅଭୟ ସ୍ୱାଇଁ, ଖଗେଶ୍ୱର ସେଠୀ, ଯୁଧିଷ୍ଠିର ମହାରଣା, ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ପଣ୍ଡିତ ଚନ୍ଦ୍ରଶେଖର ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ସାଲେପୁର,୨୬।୧୧(ଡି. ଏନ୍.ଏ)

ସସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସ୍ୱର୍ଗତ ପଣ୍ଡିତ ଚନ୍ଦ୍ରଶେଖର ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ ଏଥିରେ ପୌରହିତ୍ୟ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଉମାକାନ୍ତ ପଣ୍ଡା,ପ୍ରାଧ୍ୟାପିକା ଡ.ସଙ୍ଗୀତା ମିଶ୍ର, ଡ.ପ୍ରସନ୍ନ କୁମାର ମହାପାତ୍ର , ନବକିଶୋର କର, ଅବତନ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ୨୭୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଯୁବକ ଗିରଫ

କଟକ ଅଫିସ,୨୬।୧୧

ଲାଲବାଗ ଥାନା ପୋଲିସ ଜଣେ ଆନ୍ତଃରାଜ୍ୟ ବ୍ରାଉନସୁଗାର ଚାଲାଣକାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ବିଡାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ଖ୍ରୀଷ୍ଟିଆନ ସାହିର ରାଜା ଓରଫ ଜିତେନ୍ଦ୍ର ବସ୍ତିଆ(୩୦)। ତାଙ୍କ ନିକଟରୁ ୨୭୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି।

ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ରାଜା ଜଣେ ପେସାଦାର ନିଶା ବେପାରୀ। ସେ ବ୍ରାଉନସୁଗାର ଧରି ଏକ ବାଇକ୍‌ରେ ନେତାଜୀ ସେତୁ ଦେଇ ତ୍ରିଶୁଳିଆ ପଟୁ ଆସୁଥିବା ଗୁରୁବାର ସନ୍ଧ୍ୟାରେ ଲାଲବାଗ ପୋଲିସକୁ ସୂଚନା ମିଳିଥିଲା। ପରେ ପୋଲିସ ଟିମ୍ ତୁରନ୍ତ ସେତୁ ଆରମ୍ଭରେ ଥିବା ଗାନ୍ଧୀପାର୍କ କଡରେ ସାଦା ପୋଷାକରେ ଡେରା ପକାଇଥିଲା। କିଛି ସମୟ ପରେ ରାଜା ସେହି ରାସ୍ତା ଅତିକ୍ରମ କରୁଥିଲାବେଳେ ପୋଲିସ ଟିମ୍ ତାଙ୍କୁ କାବୁ କରି ଯାଞ୍ଚ କରିବାରୁ ବ୍ରାଉନସୁଗାର ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୨୭ ଲକ୍ଷ ଟଙ୍କା ହେବ। ଏହାପରେ ରାଜାଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାରୁ ସେ ସବୁ କଥା ମାନିଯାଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ. ୨୯୯/୨୧) ରୁଜୁ ହୋଇଛି। ରାଜା ଦୀର୍ଘଦିନ ଧରି ଏହି କାରବାରରେ ସମ୍ପୃକ୍ତ ଥିଲେ। ବାଲେଶ୍ୱର ଓ ଜଳେଶ୍ୱରରେ ଥିବା ବଡ଼ ନିଶା ବ୍ୟବସାୟୀଙ୍କ ସହିତ ତାଙ୍କର ସମ୍ପର୍କ ରହିଛି। ସେମାନଙ୍କଠାରୁ ବ୍ରାଉନସୁଗାର ଆଣି କଟକ, ଭୁବନେଶ୍ୱର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଆଦି ଅଞ୍ଚଳର ଖୁଚୁରା ବେପାରୀଙ୍କୁ ଯୋଗାଉଥିଲେ। ଏହାଛଡା ବାହାର ରାଜ୍ୟକୁ ମଧ୍ୟ ବ୍ରାଉନ୍‌ସୁଗାର ଚାଲାଣ କରୁଥିବା ତଦନ୍ତରୁ ଜଣାପଡ଼ିଛି।

## ନାଗରିକଙ୍କ ମତଦାନ ଦ୍ୱାରା ରାଷ୍ଟ୍ରର ବିକାଶ ହେବ

■ ଭୋଟର ସଚେତନତା କାର୍ଯ୍ୟକ୍ରମ

■ ଅନ୍‌ଲାଇନରେ ପଞ୍ଜୀକୃତ କରନ୍ତୁ ଛାତ୍ରୀ

କଟକ ଅଫିସ, ୨୬।୧୧

ନାଗରିକଙ୍କ ସୁଚିନ୍ତିତ ମତଦାନ ଦ୍ୱାରା ରାଷ୍ଟ୍ରର ବିକାଶ ଓ ସମାଜର ପ୍ରଗତୀ ତ୍ୱରାନ୍ୱିତ ହେବ। ଏଣୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଭୋଟର ଭୋଟଦାନ କରିବା ଉଚିତ। ଏଥିପାଇଁ ସମୟ ଅନୁସାରେ ଛାତ୍ରୀମାନେ ଅନ୍‌ଲାଇନରେ ନାମ ପଞ୍ଜୀକୃତ କରିବାକୁ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍.ଏସ୍. ଅଡିଟୋରିୟମରେ ଆୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ଅନନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କଟକ ମ୍ୟୁନିସିପାଲ କର୍ପୋରେଶନର ମିଳିତ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବିତା ରାୟ, ଅମୀୟ କୁମାର ପଣ୍ଡା ଓ ଅଜୟ କୁମାର ମହାନ୍ତି ଯୋଗଦେଇ ସମ୍ବିଧାନକୁ ସମ୍ମାନ ଦେଇ ଛାତ୍ରୀମାନେ ଯୋଗ୍ୟ ମତଦାତା ହେବା ସହ ସୁସ୍ଥ ଗଣତନ୍ତ୍ର ଗଠନ ଦିଗରେ ସହଯୋଗ କରିବାକୁ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଯୋଗମାୟା ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ।




ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଅଭିନେତ୍ରୀ କଙ୍ଗନାଙ୍କ ଅପମାନ ସୂଚକ ମନ୍ତବ୍ୟ ପ୍ରତିବାଦରେ ଅଖିଳ ଭାରତୀୟ ସ୍ୱତନ୍ତ୍ର ସେନାନୀ ଓ ଉତ୍ତରାଧିକାରୀ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଭାରତ ସ୍କାଉଟ୍ସ ଓ ଗାଇଡ୍ସ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ।







୨୬ ନଭେମ୍ବର କୃଷକ ଆନ୍ଦୋଳନ ଓ ଶ୍ରମିକ ଧର୍ମଘଟର ଏକବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ କୃଷକ-ଶ୍ରମିକଙ୍କ ବିକ୍ଷୋଭ ଶୋଭାଯାତ୍ରା। ଏଆଇଏସ୍ଏଫ୍ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।